ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 31/2025 Page 14 | ₹ 7.00

୫୧ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 276 | ମୂଲ୍ୟ₹୭/-

୯୦ ବର୍ଷର ଖିମ୍‌ଜୀ ପରମ୍ପରା
ଏବେ ଅନୁଗୁଳରେ

# ମହାନଦୀ ଜଳ ବିବାଦ: ଫିଟିପାରେ ସମାଧାନ ବାଟ

ଛତିଶଗଡ଼ର ଅମରକଣ୍ଟକ ମାଳଭୂମିରୁ ବାହାରି ବଙ୍ଗୋପସାଗରେ ମିଶିଥିବା ମହାନଦୀ ଓଡ଼ିଶାର ଜୀବନରେଖା। ମହାନଦୀ ୮୫୧ କି.ମି. ଲମ୍ବର ହୋଇଥିବାବେଳେ ଏଥିରୁ ୪୯୪ କି.ମି. ଓଡ଼ିଶାରେ ପ୍ରବାହିତ। ନଦୀ ଜଳ ବଣ୍ଟନ ପାଇଁ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ କୌଣସି ଆନୁଷ୍ଠାନିକ ଚୁକ୍ତି ହୋଇ ନ ଥିବାରୁ ଏହାକୁ ନେଇ ଦୀର୍ଘ ବର୍ଷ ଧରି ଦୁଇ ପଡ଼ୋଶୀ ମୁହାଁମୁହିଁ ହୋଇଆସୁଛନ୍ତି। ଛତିଶଗଡ଼ ଉପରମୁଣ୍ଡରେ ବ୍ୟାରେଜ ଓ ସେତୁ ନିର୍ମାଣକରି ଅଣମୌସୁମୀ ଋତୁରେ ଜଳ ପ୍ରବାହକୁ ଅଟକାଉଥିବାରୁ ଏହି ଆନ୍ତଃ ଜଳ ବିବାଦ ଲାଗିରହିଛି। ୨୦୨୪ରେ ଓଡ଼ିଶାରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଛତିଶଗଡ଼ର ଭାଜପା ସରକାର ସହ ଆଲୋଚନା ଜରିଆରେ ସମାଧାନ ବାଟ ଫିଟିବା ନେଇ ଆଶା କରାଯାଉଥିଲା। ୨୦୨୫ ଅଗଷ୍ଟ ୨ରେ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆପୋସ ଆଲୋଚନା ଜରିଆରେ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି ଲାଗି ଧାର୍ଯ୍ୟ କରିଥିଲେ। ଏହି କ୍ରମରେ ଶନିବାର ନୂଆଦିଲ୍ଲୀରେ ଉଭୟ ରାଜ୍ୟ ସମାଧାନ ପାଇଁ ଅଗ୍ରସର ହୋଇଛନ୍ତି। ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟ ଶାସନ ସଚିବ ପାରସ୍ପରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହମତି ପ୍ରକାଶ ପାଇଛି। ତଦନୁସାରେ ସେପ୍ଟେମ୍ବରରେ ବୈଷୟିକ କମିଟି ବୈଠକ ବସିବ। ଭାବେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦ ନେଇ ଦୀର୍ଘଦିନ ହେବ ଟ୍ରିବ୍ୟୁନାଲରେ ମାମଲା ଚାଲିଛି। ଗତ ୨ ତାରିଖରେ ଏନେଇ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଛତିଶଗଡ଼ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏ.କେ. ଗାଙ୍ଗୁଲି ପୃଥକ୍ ପୃଥକ୍ ଭାବେ କହିଥିଲେ, ଏହି ପ୍ରସଙ୍ଗରେ ଆପୋସ ଆଲୋଚନା ବିଷୟ ବିଚାରାଧୀନ ରହିଛି। ଏହାପରେ ଏହି ମାମଲା ଶୁଣାଣି କରିବାକୁ ସେପ୍ଟେମ୍ବର ୬ କୁ ସମୟ ଘୁଞ୍ଚାଯାଇଥିଲା। ଆପୋସ ସମାଧାନ ଲାଗି ଖଣ୍ଡପୀଠ ସମୟ ଦେଇଥିବା ବେଳେ ଆସନ୍ତା ଶୁଣାଣି ବେଳେ ଉଭୟ ରାଜ୍ୟ କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କହିଥିଲେ। ଆସନ୍ତା ଶୁଣାଣି ସମୟରେ ଉଭୟ ରାଜ୍ୟର ସଚିବମାନେ ଉପସ୍ଥିତ ରହି ଆପୋସ ଆଲୋଚନା କେତେବାଟ ଯାଇଛି ସେନେଇ ତଥ୍ୟ ରଖିବେ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।




## ଦିଲ୍ଲୀରେ ଓଡ଼ିଶା-ଛତିଶଗଡ଼ ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)**

ମହାନଦୀ ଜଳବିବାଦ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସମେତ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ମହାନଦୀ ଜଳ ବିବାଦ ଉପରେ ଆଲୋଚନା କରିଛନ୍ତି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ଉଭୟ ରାଜ୍ୟର ବୈଷୟିକ କମିଟି ସେପ୍ଟେମ୍ବରର ପ୍ରତ୍ୟେକ ସପ୍ତାହରେ ଥରେ ଲେଖା ବସି ଯେଉଁ ଗୁରୁତର ସମସ୍ୟା ରହିଛି ତାକୁ ଚିହ୍ନଟକରି ତା'ର ସମାଧାନ କରିବେ। ଏହି କମିଟି ମହାନଦୀ ଜଳ ଆବଣ୍ଟନ ନେଇ ଆଲୋଚନା ସହ ଏକ ବ୍ୟବସ୍ଥିତ ଢାଞ୍ଚା ପ୍ରସ୍ତୁତ କରିବେ। ସଦ୍ୟ ଘଟଣାକ୍ରମ ସାମ୍ନାକୁ ଆସିବାପରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ରିଜ୍ ନିର୍ମାଣକୁ ନେଇ ଲାଗି ରହିଥିବା ଆନ୍ତଃ ରାଜ୍ୟ ବିବାଦର ସମାଧାନ ବାଟ ଫିଟିବା ଆଶା କରାଯାଉଛି।

ଉଭୟ ରାଜ୍ୟର ବୈଷୟିକ କମିଟିର ଆଲୋଚନାରୁ କ'ଣ ଫଳ ବାହାରିଲା ଏବଂ ସେନେଇ ଆଗକୁ ବଢ଼ିବାର କିପ୍ରକାର ରାସ୍ତା ଫିଟିଛି ସେ ସମ୍ପର୍କରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସହ ଜଳ ସମ୍ପଦ ବିଭାଗର ସଚିବମାନେ ଆସନ୍ତା ଅକ୍ଟୋବରରେ ଆଉ ଥରେ ଏକ ବୈଠକକରି ସେସବୁ ବିଷୟରେ ଚର୍ଚ୍ଚା କରିବେ। ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ ବସିବା ପରେ ଆସନ୍ତା ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁବିଧା ଦେଖି ଆଲୋଚନା କରିପାରନ୍ତି। ଏହି ଅବସରରେ କାମଗୁଡ଼ିକର ତଦାରଖ କରି ମହାନଦୀ ଜଳ ବିବାଦକୁ ନେଇ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ

## ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ

**ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)**

କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିପାରନ୍ତି। ଓଡ଼ିଶା ଗସ୍ତରେ ଆସି ରାହୁଲ ରୋଡ୍ ଶୋ, ପଦଯାତ୍ରା ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ପ୍ରାକୃତିକ ସମ୍ପଦ ଭରା ଓଡ଼ିଶା ଗରିବ କାହିଁକି ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ହେଲେ ନିର୍ଦ୍ଦିଷ୍ଟ ଭାବେ ରାହୁଲଙ୍କ କାର୍ଯ୍ୟକ୍ରମ କେବେ ହେବ ସେନେଇ ସବିଶେଷ ସୂଚନା ଆସି ନ ଥିବା ଜଣାପଡିଛି। ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ରାହୁଲଙ୍କ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ। ସୂଚନାଯୋଗ୍ୟ, ରାହୁଲ ଗତ ଜୁଲାଇ ୧୧ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ବରମୁଣ୍ଡା ପଡ଼ିଆଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା। ରାହୁଲ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ଥାନୀୟ ସରକାରଙ୍କୁ ଟାର୍ଗେଟ କରିବା ସହ ଦଳ ଭିତରେ ସମସ୍ତଙ୍କୁ ଏକତ୍ରିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଆଦାନୀଙ୍କ ଯୋଗୁ ରଥ ଗଢ଼ିବା କାର୍ଯ୍ୟକ୍ରମ ଗୋଟିଏ ଦିନ ବଢ଼ାଯାଇଥିଲା ବୋଲି ଅଭିଯୋଗ ମଧ୍ୟ କରିଥିଲେ। ତେବେ ରାହୁଲଙ୍କ ଆସନ୍ତା ଗସ୍ତ କର୍ମୀ ମହଲରେ ଆହୁରି ଉତ୍ସାହ ଭରିଦେବ ବୋଲି ବରିଷ୍ଠ ନେତାମାନେ କହିବା ଆରମ୍ଭ କରିଛନ୍ତି। ଏବେ ରାହୁଲ ବିହାରରେ ଭୋଟ ଅଧିକାର ଯାତ୍ରା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଅନ୍ୟପଟେ ଗତ ନିର୍ବାଚନରେ ଭାଜପା ଭୋଟ ଚୋରି କରି ସରକାର ଗଢ଼ିବାରେ ସଫଳ ହୋଇଥିବା ରାହୁଲ ଅଭିଯୋଗ କରି ଆସୁଛନ୍ତି। ଯେହେତୁ ଓଡ଼ିଶାରେ ମଧ୍ୟ ଗତ ନିର୍ବାଚନରେ ଭୋଟ ଚୋରି ହୋଇଥିବା ଅଭିଯୋଗ ହୋଇଛି ତେଣୁ ରାହୁଲ ସେହି ପ୍ରସଙ୍ଗ ଉଠାଇ ରୋଡ୍ ଶୋ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଏସ୍‌ଟି, ଏସ୍‌ସି ମାମଲାର ତଦନ୍ତ କରିପାରିବେ ଇନ୍ସପେକ୍ଟର, ଏସ୍‌ଆଇ

**ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)**

ରାଜ୍ୟରେ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରଙ୍କ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନେ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ନିର୍ଯାତନା ନିବାରଣ ଆଇନ ବଳରେ ରୁଜୁ ମାମଲାର ତଦନ୍ତ କରିପାରିବେ। ଏହା ସହ ଏଭଳି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଏବଂ ସ୍ୱତନ୍ତ୍ର ଅଦାଲତରେ ମାମଲା ଦାଖଲ ମଧ୍ୟ କରିପାରିବେ। ପୂର୍ବରୁ ଏପରି ମାମଲାରେ ତଦନ୍ତ କରିବା ଲାଗି ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ କ୍ଷମତା ଦିଆଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏଥିରେ ପରିବର୍ତ୍ତନ ଆଣିଛି। ଏନେଇ ଶନିବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଅନୁସୂଚିତ ଜାତି ଏବଂ ଜନଜାତି( ନିର୍ଯାତନା ନିବାରଣ) ଆଇନ ୧୯୮୯ର ପରିବର୍ତ୍ତନକୁ ସୁଦୃଢ଼ କରିବା ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି, ପୋଲିସ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଗିରଫ, ତଦନ୍ତ ଏବଂ ମାମଲା ରୁଜୁ କରିବାର କ୍ଷମତା ଦିଆଯାଉଛି। ପୂର୍ବରୁ ଏହି କ୍ଷମତା କେବଳ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ରଖାଯାଇଥିଲା।

ଶୁଭ ଉଦ୍‌ଘାଟନ
ଆଜି, ଦିବା ୧୨ ଘଟିକା
HDFC ବ୍ୟାଙ୍କ ପାଖ,
ଶଙ୍କର ସିନେମା ରୋଡ଼
ଶୁଭାରମ୍ଭ ଅଫର୍
FLAT ୫୦% ରିହାତି* ସୁନା ଗହଣାର ଗଢା ମଜୁରିରେ
UP TO ୨୦% ରିହାତି* ହୀରା ଉପରେ
*T&C Apply
ଓଡ଼ିଶାର ୧୦ତମ ଶୋରୁମ୍
୬୦୦୦ ବର୍ଗଫୁଟ୍ ବ୍ୟାପୀ
ଅନୁଗୁଳର ସର୍ବବୃହତ ଗହଣା ଶୋରୁମ୍
90 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange Of Old Gold | Fair Price Policy | Free Insurance On Diamonds | Tested And Certified Diamonds | Safe Gold Purchase Scheme | Lifetime Buyback Guarantee
ଅନୁଗୁଳ: ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପାଖ, ଶଙ୍କର ସିନେମା ରୋଡ୍ ଭୁବନେଶ୍ୱର: ୬୨୧, ସହୀଦ ନଗର, ଜନପଥ । ୩୦୯, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର । ୫୫୧/୧୮୧୫, ସାମନ୍ତରାପୁର ୪୦୮୯, ସୌଭାଗ୍ୟ ନଗର ବ୍ରହ୍ମପୁର: ଭେଙ୍କଟ ରାଜୁ ଆର୍କେଡ, ସନୋ ବଜାର କଟକ: ୫୫୮/୮୩୪,କ୍ୟାଣ୍ଟନମେଣ୍ଟ ରୋଡ୍ ଝାରସୁଗୁଡ଼ା: ସରବହାଲ ରୋଡ, ମାରୱାଡ଼ିପଡ଼ା ପୁରୀ: ପୋଲିସ ଲାଇନ୍ ସାମ୍ନା, ଭିଆଇପି ରୋଡ୍ ରାଉରକେଲା: କେସର ଭବନ, ମେନ୍ ରୋଡ୍ ଯାଜପୁର ରୋଡ୍ (ଶୀଘ୍ର ଖୋଲିବ)
ଖିମଜୀ® ଜୁଏଲର୍ସ ସିନ୍ସ ୧୯୩୬

## ସଂକ୍ଷେପରେ

### ଇଣ୍ଡୋନେସିଆ ଆଞ୍ଚଳିକ ସଂସଦ ଭବନରେ ନିଆଁ ଲଗାଇଲେ ବିକ୍ଷୋଭକାରୀ: ୩ ମୃତ

ଜାକର୍ତ୍ତା,୩୦।୮

ଇଣ୍ଡୋନେସିଆରେ ବିକ୍ଷୋଭକାରୀମାନେ ଏକ ଆଞ୍ଚଳିକ ପାର୍ଲାମେଣ୍ଟ ଭବନରେ ନିଆଁ ଲଗାଇଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଆହତ ହୋଇଛନ୍ତି। ଦେଶବ୍ୟାପୀ ବିକ୍ଷୋଭ ଜୋର୍‌ଦାର ହୋଇଥିବାବେଳେ ରାଷ୍ଟ୍ରପତି ପ୍ରାବୋୟୋ ସୁବିଆନ୍ତୋଙ୍କ ସରକାର ପ୍ରଥମ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛି। ଦକ୍ଷିଣ ସୁଲାୱେସି ପ୍ରଦେଶ ରାଜଧାନୀ ମାକାସାରଠାରେ ଥିବା ପାର୍ଲାମେଣ୍ଟ ବିଲ୍ଡିଂରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭକାରୀ ନିଆଁ ଲଗାଇଥିଲେ। ଜଳୁଥିବା ବିଲ୍ଡିଂ ମଧ୍ୟରେ ରହିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏମ୍‌ପିମାନଙ୍କ ବେତନକୁ ନେଇ ଚଳିତ ସପ୍ତାହରେ ରାଜଧାନୀ ଜାକର୍ତ୍ତାରେ ବିକ୍ଷୋଭ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୋଲିସ ଗାଡ଼ି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବାରୁ ତାହା ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ବହୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ବଣ୍ଡୁଙ୍ଗ୍ ଏବଂ ଯୋଗ୍ୟକର୍ତ୍ତା ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ୟୁକ୍ରେନ୍‌ର ପୂର୍ବତନ ସ୍ପିକରଙ୍କୁ ଗୁଳିକରି ହତ୍ୟା


ଆଣ୍ଡ୍ରି ପାରୁବୀ

ନୂଆଦିଲ୍ଲୀ,୩୦।୮

ୟୁକ୍ରେନ୍‌ର ଆଇନ ପ୍ରଣେତା ତଥା ପାର୍ଲାମେଣ୍ଟର ପୂର୍ବତନ ସ୍ପିକର ଆଣ୍ଡ୍ରି ପାରୁବୀଙ୍କୁ ଶନିବାର ଲ୍ଭିବ୍ ସହରରେ ଗୁଳିକରି ହତ୍ୟା କରାଯାଇଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କ ମୃତ୍ୟୁ ଖବରକୁ ସ୍ପଷ୍ଟ କରିଛନ୍ତି। ୨୦୧୦ ଦଶକରେ ପାରୁବୀ ୟୁକ୍ରେନ୍ ପାର୍ଲାମେଣ୍ଟରେ ସ୍ପିକର ଭାବେ କାର୍ଯ୍ୟ କରିଥିଲେ। ହତ୍ୟାକାଣ୍ଡର ପୂର୍ଣ୍ଣ ତଦନ୍ତ କରାଯିବ ବୋଲି ଜେଲେନ୍‌ସ୍କି ପ୍ରତିଶ୍ରୁତି ଦେଇଛନ୍ତି। ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ପାଇଁ ସବୁ ଆବଶ୍ୟକ ବଳ ଓ ବ୍ୟବସ୍ଥାକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି।

### ସ୍କୁଲ ଶୌଚାଳୟରେ ଶିଶୁ ଜନ୍ମକଲେ ୯ମ ଶ୍ରେଣୀ ଛାତ୍ରୀ

ବେଙ୍ଗାଲୁରୁ, ୩୦।୮

କର୍ନାଟକର ୟାଦ୍‌ଗୀର ଜିଲା ଶାହପୁର ବ୍ଲକ୍‌ସ୍ଥିତ ଏକ ସରକାରୀ ଆବାସିକ ସ୍କୁଲରେ ଗୁରୁବାର ଜଣେ ୧୭ ବର୍ଷୀୟା ୯ମ ଶ୍ରେଣୀ ଛାତ୍ରୀ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଉଭୟ ଛାତ୍ରୀ ଏବଂ ନବଜାତକଙ୍କ ଅବସ୍ଥା ସ୍ଥିର ଥିବା ପୋଲିସ ସୂଚନା ଦେଇଛି। ଶାହପୁର ସରକାରୀ ହସ୍ପିଟାଲରେ ଉଭୟଙ୍କର ଚିକିତ୍ସା ଜାରି ରହିଛି। ଏହି ମାମଲାକୁ ନେଇ ରିପୋର୍ଟ ପ୍ରଦାନ କରିବାକୁ କର୍ନାଟକ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୯ ମାସ ତଳେ ପୀଡ଼ିତାଙ୍କୁ ଜଣେ ଅଜଣା ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ଗର୍ଭବତୀ ହୋଇଥିଲେ।

ଦିଲ୍ଲୀରେ ଆଜି



ଦିଲ୍ଲୀର ସଦର ବଜାରଠାରେ ଶନିବାର ନ୍ୟାଶନାଲ ଅକାଳୀ ଦଳ ପକ୍ଷରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

# ଟ୍ରମ୍ପଙ୍କ ଟାରିଫ୍ ବେଆଇନ: ଆମେରିକା କୋର୍ଟ

ୱାଶିଂଟନ,୩୦।୮

ଆମେରିକାର ଏକ ଫେଡେରାଲ ଅପିଲ୍ସ କୋର୍ଟ ଶୁକ୍ରବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତିକୁ ଏକ ବଡ଼ ଆଇନଗତ ଝଟକା ଦେଇଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି। ବିଶ୍ୱର ପ୍ରାୟତଃ ପ୍ରତ୍ୟେକ ଦେଶ ଉପରେ ଟାରିଫ୍ ଲଗାଇବାର ଆଇନଗତ ଅଧିକାର ଟ୍ରମ୍ପଙ୍କର ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବାବେଳେ ଅକ୍ଟୋବର ୧୪ ପର୍ଯ୍ୟନ୍ତ କୋର୍ଟ ଟାରିଫ୍ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି। ଏଥିସହିତ ସୁପ୍ରିମକୋର୍ଟରେ ଅପିଲ୍ କରିବା ପାଇଁ ଅଦାଲତ ଟ୍ରମ୍ପ ପ୍ରଶାସନକୁ ସୁଯୋଗ ଦେଇଛନ୍ତି।

ଚାଇନା, ମେକ୍ସିକୋ ଏବଂ କାନାଡା ସମେତ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇ ରାଷ୍ଟ୍ରପତି ତାଙ୍କ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା ଆଇନ(ଆଇଇଇପିଏ)ର ଦୁରୁପଯୋଗ କରିଥିବା ଫେଡେରାଲ ସର୍କିଟ୍ କୋର୍ଟ ଅଫ୍ ଅପିଲ୍ସ କହିଛନ୍ତି। ବିଭିନ୍ନ ଦେଶ ଉପରେ କଟକଣା ଲଗାଇବା ଓ ସମ୍ପତ୍ତି ଜବତ ପାଇଁ ବ୍ୟବହୃତ ହୋଇ ଆସୁଥିବା ଏହି ଆଇନ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତିଙ୍କୁ


ଡୋନାଲ୍ଡ ଟ୍ରମ୍ପ

କ୍ଷମତା ଦେଇନାହିଁ। ନିୟନ୍ତ୍ରଣ କରିବା କ୍ଷମତା ଏବଂ ଟିକସ ଲଗାଇବା କ୍ଷମତା ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଥିବା କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଟାରିଫ୍ ଲଗାଇବା କ୍ଷମତା କଂଗ୍ରେସ ପାଖରେ ରହିଛି, ରାଷ୍ଟ୍ରପତିଙ୍କ ପାଖରେ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

କୋର୍ଟଙ୍କ ରାୟକୁ ଟ୍ରମ୍ପ କଡ଼ା ସମାଲୋଚନା କରିଛନ୍ତି। ଏହା ଦେଶ ପାଇଁ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ବୋଲି ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସେ ଅତ୍ୟନ୍ତ ପକ୍ଷପାତପୂର୍ଣ୍ଣ ଅପିଲ୍ସ କୋର୍ଟକୁ ନିନ୍ଦା କରିବା ସହ ସବୁ ଟାରିଫ୍ କାର୍ଯ୍ୟକାରୀ ରହିଥିବା କହିଛନ୍ତି। ଅପିଲ୍ସ କୋର୍ଟ ବିରୋଧରେ ସେ ସର୍ବୋଚ୍ଚ ଅଦାଲତକୁ ଯିବେ ବୋଲି କହିଛନ୍ତି। ଆମେ ଆମେରିକାକୁ ଲାଭବାନ କରାଇବା, ପୁନର୍ବାର ଧନୀ, ଶକ୍ତିଶାଳୀ ଓ କ୍ଷମତାଶାଳୀ କରାଇବା ପାଇଁ ଏହାର ବ୍ୟବହାର କରିବୁ ବୋଲି ଟ୍ରମ୍ପ ଲେଖିଛନ୍ତି।

ଯଦି ଟାରିଫ୍‌କୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦିଅନ୍ତି, ତେବେ ଆମେରିକା ରାଜକୋଷକୁ ବହୁ ବିଲିୟନ ଡଲାର ହରାଇବାକୁ ପଡ଼ିବ ବୋଲି ପ୍ରଶାସନ ଆଶଙ୍କା କରୁଛି। ଜୁଲାଇ ସୁଦ୍ଧା ଟାରିଫ୍‌ରୁ ୧୫୯ ବିଲିୟନ ଡଲାର ରାଜସ୍ୱ ସଂଗୃହୀତ ହୋଇଛି, ଯାହାକି ଆଶାତୀତ। ଯଦି କୋର୍ଟ ଏହାକୁ ଖାରଜ କରିଦିଅନ୍ତି, ତେବେ ଉକ୍ତ ଅର୍ଥକୁ ଫେରାଇବାକୁ ପ୍ରଶାସନ ବାଧ ହେବ ବୋଲି ନ୍ୟାୟ ବିଭାଗ ସତର୍କ କରାଇଥିଲା। ଯଦି ଟାରିଫ୍‌କୁ ଖାରଜ କରିଦିଆଯାଏ, ତେବେ ଅନେକ ଲକ୍ଷଙ୍କୁ ନିଯୁକ୍ତି ହରାଇବାକୁ ପଡ଼ିବ, ଆମେରିକୀୟମାନେ ସେମାନଙ୍କ କଷ୍ଟ ଉପାର୍ଜିତ ସଞ୍ଚୟ ହରାଇବେ ଏବଂ ଏପରିକି ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ ବୋଲି ସଲିସିଟର ଜେନେରାଲ ଡି, ଜନ୍ ସୌଏର ଏବଂ ଆସିଷ୍ଟାଣ୍ଟ ଆର୍ଟର୍ନି ଜେନେରାଲ ବ୍ରେଟ୍ଟ ଶୁମେଟ୍ ଅଟାଲତଙ୍କ ଏକ ପତ୍ର ଜରିଆରେ କହିଛନ୍ତି। ଟାରିଫ୍‌କୁ ଖାରଜ କରାଗଲେ ସର୍ବନାଶକାରୀ ସଙ୍କଟ ସୃଷ୍ଟି ହେବ ବୋଲି ସେମାନେ ସତର୍କ କରାଇଛନ୍ତି।

## ମୂଲ୍ୟବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ

ଦରଦାମ୍ କମାଇବା ସହ ଆମେରିକାକୁ ପୁଣିଥରେ ସୁଲଭ କରାଇବାର ପ୍ରତିଶ୍ରୁତି ଦେଇ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିଥିଲେ। ଏବେ ତାଙ୍କର ଟାରିଫ୍ ଏବଂ ଟିକସ ନୀତିର ପ୍ରଭାବ ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ବିଦ୍ୟୁତ୍ ପର୍ଯ୍ୟନ୍ତ ସବୁକିଛିର ଦର ବଢ଼ାଇ ଦେଇଛି। ଏବାବଦରେ ଆମେରିକୀୟ ପରିବାରଗୁଡ଼ିକୁ ବହୁ ଶହ ଡଲାର ବ୍ୟୟ କରିବାକୁପଡୁଛି। ଏହିଧାରା ଆଗକୁଆହୁରି ଖରାପ ହେବ ଏବଂ ନିମ୍ନ ତଥା ମଧ୍ୟମ ଆୟକାରୀ ପରିବାରଗୁଡ଼ିକ ଉପରେ ସର୍ବାଧିକ ଆର୍ଥିକ ବୋଝ ପଡ଼ିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

୨୦୨୪ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ବେଳେ ଟ୍ରମ୍ପ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସହ ଆମେରିକୀୟ ପରିବାରଗୁଡ଼ିକ ପାଇଁ ସାମଗ୍ରୀଗୁଡ଼ିକ ସୁଲଭ କରାଇବେ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ସେ ଜିତିବା ପରେ ପ୍ରଥମ ଦିନରୁ ଦରଦାମ୍ କମାଇବେ ବୋଲି ୨୦୨୪ ଅଗଷ୍ଟରେ ଏକ ରାଲିରେ ଘୋଷଣା କରିଥିଲେ। କିନ୍ତୁ ଏବେ ତାଙ୍କ ଟାରିଫ୍ ଓ ଟିକସ ନୀତି ଆମେରିକୀୟ ସାମଗ୍ରୀଗୁଡ଼ିକୁ ଏତେ ମହଙ୍ଗା କରିଦେଇଛି, ଯାହା ଲୋକଙ୍କ କିଣିବା ବାହାରେ। ତେଜରାତି ସାମଗ୍ରୀ ଓ ବିଦ୍ୟୁତ୍ ଦର ଜାନୁଆରୀରୁ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ଅନେକ ଲକ୍ଷ ଆମେରିକୀୟ ଅତ୍ୟଧିକ ଆର୍ଥିକ ଚାପର ସମ୍ମୁଖୀନ ହୋଇଛନ୍ତି। ଆମଦାନୀ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ସେଗୁଡ଼ିକୁ ମହଙ୍ଗା କରିଦେଇଛି। ସେହିପରି ଜୁଲାଇରୁ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆଇନ' ବଜାର ଅସ୍ଥିରତାର ଅନ୍ୟତମ କାରଣ ହୋଇଛି।

### ଆତଙ୍କବାଦୀ ବାଗୁ ଖାନ୍‌ଙ୍କୁ ଏନ୍‌କାଉଣ୍ଟର

ଶ୍ରୀନଗର, ୩୦।୮(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଥିବା ବାଗୁ ଖାନ୍‌କୁ ଶନିବାର ସୁରକ୍ଷାବଳ ଏନ୍‌କାଉଣ୍ଟର କରିଛି। ସେ ଆତଙ୍କବାଦୀଙ୍କ ମଧ୍ୟରେ ସମନ୍ଦର ଚାଚା ଏବଂ ହ୍ୟୁମାନ୍ ଜିପିଏସ୍ ନାମରେ ପରିଚିତ ଥିଲେ। ଜମ୍ମୁ-କଶ୍ମୀରର ଗୁରେଜ୍ ସେକ୍ଟରର ନୌଶାରା ନାର୍ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ବାଗୁଙ୍କର ମୃତ୍ୟୁ ହୋଇଛି। ତାଙ୍କ ସହ ଆଉଜଣେ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଭାରତରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପଛରେ ବାଗୁ ସବୁଠାରୁ ବଡ଼ ମାଷ୍ଟରମାଇଣ୍ଡ ଥିଲେ। ସେ ଆତଙ୍କବାଦୀଙ୍କ ୧୦୦ରୁ ଅଧିକ ଅନୁପ୍ରବେଶ ପ୍ରୟାସକୁ ସଫଳ କରାଇଥିଲେ। ଦୁର୍ଗମ ପାହାଡ଼ିଆ ଅଞ୍ଚଳ, ଜଙ୍ଗଲ ଏବଂ ବିଭିନ୍ନ ଗୁପ୍ତ ରାସ୍ତା ଉପରେ ତାଙ୍କର ଜ୍ଞାନ ଥିଲା। ଏହି କାରଣରୁ ବିଭିନ୍ନ ଆତଙ୍କବାଦୀ ସଙ୍ଗଠନ ମଧ୍ୟରେ ସେ ହ୍ୟୁମାନଜିପିଏସ୍ ନାମରେ ପରିଚିତ ଥିଲେ।

### ଇସ୍ରାଏଲ୍ ଆକ୍ରମଣରେ ହୁଟି ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ


ଅହମଦ ଅଲ୍-ରହାୱି

ସାନା,୩୦।୮

ୟେମେନ୍‌ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ସାନାର ହୁଟି ନେତୃତ୍ୱାଧୀନ ସରକାରର ପ୍ରଧାନମନ୍ତ୍ରୀ ଅହମଦ ଅଲ୍-ରହାୱିଙ୍କ ମୃତ୍ୟୁ ଘଟିଛି। ପ୍ରଧାନମନ୍ତ୍ରୀ ଅଲ୍-ରହାୱିଙ୍କ ସମେତ ଅନ୍ୟ କେତେଜଣ ମନ୍ତ୍ରୀ ମଧ୍ୟ ନିହତ ହୋଇଛନ୍ତି। ସରକାରଙ୍କ ବର୍ଷକର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗୁରୁବାର ଏକ କର୍ମଶାଳାରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନେ ଯୋଗ ଦେଇଥିବାବେଳେ ଆକ୍ରମଣ ହୋଇଥିଲା। ଅଲ୍-ରହାୱି ୨୦୨୪ ଅଗଷ୍ଟରୁ ହୁଟି ନିୟନ୍ତ୍ରିତ ସରକାରରେ ପ୍ରଧାନମନ୍ତ୍ରୀ ଥିଲେ। ସାନା ଅଞ୍ଚଳରେ ଥିବା ହୁଟି ଆତଙ୍କବାଦୀ ଶାସନର ସାମରିକ ସ୍ଥଳକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ପାଲେଷ୍ଟାଇନଙ୍କର ସବୁଠୁ ବଡ଼ ସମର୍ଥକ ହୁଟି ଗତ କିଛି ମାସ ମଧ୍ୟରେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଅନେକ ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲେ।

## ମଣିମହେଶ ଯାତ୍ରାରେ ୧୦ ମୃତ, ୮ ନିଖୋଜ

ଚଣ୍ଡିଗଡ଼,୩୦।୮

ହିମାଚଳପ୍ରଦେଶର ଭରମୌରରେ ଚାଲିଥିବା ମଣିମହେଶ ଯାତ୍ରାରେ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଓ ହଠାତ୍ ବନ୍ୟା କାରଣରୁ ସୋମବାର ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଛି। ଭରମୌର ଅଞ୍ଚଳରେ ଫସିରହିଥିବା ୬,୦୦୦ ଶ୍ରଦ୍ଧାଳୁଙ୍କୁ ନିରାପଦରେ ସହ ଉଦ୍ଧାର କରାଯାଇ ନୁରପୁର ଏବଂ ପଠାନକୋଟ୍‌କୁ ନିଆଯାଇଛି। ପୋଙ୍ଗ୍ ଡ୍ୟାମ୍‌ର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଧର୍ମଶାଳା ଏବଂ ମାକ୍‌ଲିଓଡଗଞ୍ଜରେ ବନ୍ୟା ଆଶଙ୍କା ଦେଖାଦେଇଛି। ଭୂସ୍ଖଳନ ଯୋଗୁ କିରଟପୁର-ମନାଲି ଜାତୀୟ ରାଜପଥ ଅବରୋଧ ରହିଛି। ଉଦ୍ଧାର କାର୍ଯ୍ୟରେ ପୋଲିସ, ହୋମଗାର୍ଡ, ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ୍, ସ୍ଥାନୀୟ ବାସିନ୍ଦା ଓ ସିଭିଲ୍ ଅଫିସରମାନେ ସାମିଲ ହୋଇଛନ୍ତି। କାଲସୁଇନ୍‌ରେ ଫସିରହିଥିବା ତୀର୍ଥଯାତ୍ରୀମାନଙ୍କୁ ୩୯ଟି ବସ୍ ଓ ୨୫ ଟ୍ୟାକ୍ସି ସହାୟତାରେ ଚାମ୍ବା ଏବଂ ନୁରପୁରକୁ ନିଆଯାଇଛି। ଅନ୍ୟମାନଙ୍କୁ ସ୍ଥାନାନ୍ତର ପାଇଁ ଅଧିକ ୪୦ଟି ବସ୍ ବ୍ୟବସ୍ଥା ହୋଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାସ୍ତାଘାଟ ଧୋଇଯାଇ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଆକାଶମାର୍ଗରୁ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ୭ ବର୍ଷ ପରେ ଚାଇନାରେ ମୋଦି

### ଜିନ୍‌ପିଙ୍ଗଙ୍କ ସହ ଆଲୋଚନା ଉପରେ ସମସ୍ତଙ୍କ ନଜର

ଟିଆନଜିନ୍,୩୦।୮(ପି.ଟି.)

ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଚାଇନାରେ ପହଞ୍ଚିଛନ୍ତି। ୱାଶିଂଟନର ଟାରିଫ୍ ନୀତିକୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ମୋଦିଙ୍କ ବେଜିଂ ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ରବିବାର ମୋଦିଙ୍କ ଆଲୋଚନା କାର୍ଯ୍ୟକ୍ରମ ଥିବାବେଳେ ଏହା ଉପରେ ସାରା ବିଶ୍ୱ ନଜର ରଖିଛି।

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀ ରବିବାର ଓ ସୋମବାର ଅନୁଷ୍ଠିତ ହେବାକୁ ଥିବାବେଳେ ମୋଦି ସେଥିରେ ଯୋଗଦେବା ପାଇଁ ଚାଇନାରେ ପହଞ୍ଚିଛନ୍ତି। ରବିବାର ଜିନ୍‌ପିଙ୍ଗଙ୍କ ସହ ତାଙ୍କର ଆଲୋଚନାରେ ଦୁଇଦେଶର ଅର୍ଥନୈତିକ ସମ୍ପର୍କ, ଭାରତ ଓ ଚାଇନା ସମ୍ପର୍କକୁ ଅଧିକ ସ୍ୱାଭାବିକ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ ହୋଇପାରେ। ଏସ୍‌ସିଓ ସମିଟ୍ ଅବସରରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଅନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଆଶା କରାଯାଉଛି। ଜାପାନ ଗସ୍ତ ଅବସରରେ ନୂଆଦିଲ୍ଲୀ ଓ ଟୋକିଓ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସେକ୍ଟରରେ ସହଯୋଗ ବଢ଼ାଇବା ପାଇଁ ସଂକଳ୍ପ ନେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ମୋଦି ବୁଲେଟ୍ ଟ୍ରେନ୍‌ରେ ସେଣ୍ଡାଇ ଗସ୍ତ କରିଥିଲେ। ସେଠାରେ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ସେ ବୁଲି ଦେଖିଥିଲେ।


ଚାଇନାର ଟିଆନଜିନ୍‌ରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ହୋଟେଲରେ ପ୍ରବାସୀ ଭାରତୀୟ ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

## ଫୁରସତ୍

### ପ୍ରେମିକଙ୍କୁ ବିବାହ ପାଇଁ ଘର ଛାଡ଼ିଲେ, ଆଉ ଜଣଙ୍କୁ ବାହାହୋଇ ଫେରିଲେ

ଇନ୍ଦୋର

୨୦୦୭ରେ ରିଲିଜ୍ ହୋଇଥିବା ଅଭିନେତା ଶାହିଦ୍ କପୁର ଓ ଅଭିନେତ୍ରୀ କରୀନା କପୁରଙ୍କ 'ଜବ୍ ୱି ମେଟ୍' ଫିଲ୍ମର କାହାଣୀ ପରି ଏକ ଅନୁରୂପ ଘଟଣା ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି। ସ୍ଥାନୀୟ ଏମ୍ଆଇଜିନିବାସୀ ତଥା ବିବିଏ ଶେଷବର୍ଷ ଛାତ୍ରୀ ଶ୍ରଦ୍ଧା ତିୱାରୀ ନିଜ ପ୍ରେମିକ ସାର୍ଥକଙ୍କୁ ବିବାହ କରିବା ପାଇଁ ଗତ ସପ୍ତାହରେ ଘର ଛାଡ଼ି ପଳାଇଥିଲେ। ତେବେ ଶୁକ୍ରବାର ସେ ଅନ୍ୟ ଜଣଙ୍କର ସ୍ତ୍ରୀ ହୋଇ ତାଙ୍କ ଘରକୁ ଫେରିଛନ୍ତି।

ଗତ ଅଗଷ୍ଟ ୨୩ରେ ସାର୍ଥକଙ୍କୁ ବିବାହ କରିବା ପାଇଁ ଶ୍ୱେତା ଘର ଛାଡ଼ିଥିଲେ। ଶ୍ୱେତା ଇନ୍ଦୋର ରେଲଷ୍ଟେଶନରେ ପହଞ୍ଚିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ସାର୍ଥକ ସେଠାକୁ ଆସି ନ ଥିଲେ ଏବଂ ଶ୍ରଦ୍ଧାଙ୍କୁ ବିବାହ କରିବେ ନାହିଁ ବୋଲି ସେ ଫୋନ୍‌ରେ ଜଣାଇଦେଇଥିଲେ। ଏହା ଶ୍ରଦ୍ଧାଙ୍କ ପାଇଁ ହୃଦୟବିଦାରକ ଥିଲା। ହଠାତ୍ କିଛି ବୁଝି ନ ପାରି ସେ ଏକ ଟ୍ରେନ୍ ଧରି ରତ୍ଲାମ ପଳାଇଯାଇଥିଲେ। ସେତେବେଳେ ସେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ଥିଲେ। ରତ୍ଲାମ ରେଲଷ୍ଟେଶନଠାରେ ଇନ୍ଦୋରର ଏକ କଲେଜରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନ୍ କରନ୍‌ଦୀପଙ୍କ ସହ ତାଙ୍କର ଭେଟ ହୋଇଥିଲା। ଶ୍ୱେତାଙ୍କୁ ଏକୁଟିଆ ବସିଥିବାର ଦେଖି କରନ୍‌ଦୀପ ତାଙ୍କ ସହ କଥା ହୋଇଥିଲେ। ଶ୍ୱେତା ନିଜ ବିଷୟରେ


କରନ୍‌ଦୀପଙ୍କ ସହ ଶ୍ରଦ୍ଧା।

ସବୁକଥା କରନ୍‌ଦୀପଙ୍କୁ କହିଥିଲେ। କରନ୍‌ଦୀପ ତାଙ୍କୁ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ବିବାହ କରିବା ପାଇଁ ସେ ଘର ଛାଡ଼ିଛନ୍ତି। ତେଣୁ ବିନା ବିବାହରେ ସେ ଘରକୁ ଫେରିବେ ନାହିଁ ବୋଲି ଶ୍ରଦ୍ଧା କହିଥିଲେ। ପରିସ୍ଥିତିକୁ ଦେଖି କରନ୍‌ଦୀପ ଶ୍ରଦ୍ଧାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ସେ ଗ୍ରହଣ କରିଥିଲେ। ସେଠାରୁ ଉଭୟେ ମାହେଶ୍ୱର ଯାଇଥିଲେ ଏବଂ ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଥିଲେ। ଶୁକ୍ରବାର କରନ୍‌ଦୀପଙ୍କ ସହ ଶ୍ରଦ୍ଧା ନିଜ ଘରକୁ ଫେରିଥିଲେ। ଶ୍ରଦ୍ଧାଙ୍କୁ ସାର୍ଥକଙ୍କ ବଦଳରେ କରନ୍‌ଦୀପଙ୍କ ସହ ଦେଖି ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘଟଣାକୁ ନେଇ ଇନ୍ଦୋର ପୋଲିସ ଶ୍ରଦ୍ଧାଙ୍କ ବୟାନ ରେକର୍ଡ କରିଛି। ଉଭୟଙ୍କୁ ପଚରାଉଚରା କରାଯାଉଛି ବୋଲି ଇନ୍ଦୋର ଅତିରିକ୍ତ ଡିସିପି ରାଜେଶ ଦଣ୍ଡୋତିଆ କହିଛନ୍ତି।

### ଚାଇନାର ପିଏଚ୍.ଡି. ଗାଁ

ବେଜିଂ

ଦକ୍ଷିଣ-ପୂର୍ବ ଚାଇନାର ଫୁଜିଆନ୍ ପ୍ରଦେଶ ଅନ୍ତର୍ଗତ ନାନନ୍ ସହର ଉପକଣ୍ଠରେ ଥିବା ପେଙ୍ଗ୍‌ଡାଓ ଗ୍ରାମ ସ୍ଥାନୀୟ ଅଞ୍ଚଳରେ ପିଏଚ୍.ଡି. ଗ୍ରାମ ଭାବେ ଖୁବ୍ ଲୋକପ୍ରିୟ। ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମରୁ ମୋଟ ୩୩ ଜଣ ବିଭିନ୍ନ ଘରୋଇ ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଇନାର ସିଂଘୁଆ ବିଶ୍ୱବିଦ୍ୟାଳୟ, ହଂକଂ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍‌ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ପାଇଁ ଗ୍ରାମର ଏକ ପ୍ରମୁଖ କୋଠାରେ ଏହି ପିଏଚ୍.ଡି. ଡିଗ୍ରୀଧାରୀ ଏବଂ ସେମାନଙ୍କ ସ୍କୁଲର ନାମକୁ ଲେଖା ଯାଇଛି। ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ଏହି ଗାଁରେ ସମ୍ପ୍ରତି ପ୍ରାୟ ୬ ହଜାର ଲୋକ ରହୁଛନ୍ତି। ଐତିହାସିକ ଭାବରେ ସୀମିତ ଚାଷଜମି ଯୋଗୁ ପୂର୍ବରୁ ଏହି ଗାଁର ଲୋକଙ୍କୁ ଦାରିଦ୍ର୍ୟ ସହ ସଂଘର୍ଷ କରିବାକୁ ପଡୁଥିଲା। ଏଥିରୁ ମୁକୁଳିବା ପାଇଁ ଗ୍ରାମବାସୀ ପିଢ଼ି ପରେ ପିଢ଼ି ଧରି ଶିକ୍ଷାକୁ ପ୍ରାଥମିକତା ଦେଇ ଆସୁଛନ୍ତି।



ସ୍ଥାନୀୟ ଗୁଓ ପରିବାର ଶିକ୍ଷା ପାଣ୍ଠିର ନିର୍ଦ୍ଦେଶକ ଗୁଓ ଡୋଙ୍ଗ୍ୟୁ କହିଛନ୍ତି, ପେଙ୍ଗ୍‌ଡାଓ ଗାଁରେ ଶିକ୍ଷାକୁ ଗୁରୁତ୍ୱ ଦେବାର ଏକ ଦୀର୍ଘକାଳୀନ ପରମ୍ପରା ରହି ଆସିଛି। ଅଭିଭାବକମାନେ ପ୍ରାରମ୍ଭରୁ ସେମାନଙ୍କ ପିଲାଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଥାନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ | Bhubaneswar, Sunday, August 31/2025 | ପୃଷ୍ଠା-୧




**ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା**

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ମହିଳା ପ୍ରଶଂସକ ରାଜେଶ୍ୱରୀ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି।

୦୨

୧୨

**ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ**

ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବାଦଲଫଟା ବର୍ଷା, ଭୂସ୍ଖଳନ: ୧୧ ମୃତ

**ଶ୍ରୀନଗର, ୩୦।୮ (ପି.ଟି.)**

ଜମ୍ମୁ-କଶ୍ମୀରରେ ଶନିବାର ବାଦଲ ଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି। ରାମବନ୍ ଜିଲାରେ ବାଦଲ ଫଟା ବର୍ଷା ପ୍ରଭାବରେ ଆସିଥିବା ବନ୍ୟାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ରହିଛନ୍ତି। ସେହିପରି ପଡ଼ୋଶୀ ରେଆସି ଜିଲାର ବଦର ଗ୍ରାମରେ ଭୂସ୍ଖଳନ ଘଟିବାରୁ ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ହୋଇଛି।

ଶନିବାର ସକାଳେ ରାମବନ ଜିଲାର ରାଜଗଡ଼ ଅଞ୍ଚଳରେ ବାଦଲଫଟା ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଉକ୍ତ ଅଞ୍ଚଳରେ ଭୂସ୍ଖଳନ ହେବା ସହ ଅଚାନକ ବନ୍ୟା ଆସିଥିଲା। ଫଳରେ ଉକ୍ତ ଅଞ୍ଚଳରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ପୋଲିସ ପକ୍ଷରୁ ରେସ୍କ୍ୟୁ ଏବଂ ସର୍ଚ୍ଚ ଅପରେଶନ ଜାରି ରହିଛି। ଭଗ୍ନାବଶେଷ ତଳେ ଫସିରହିଥିବା ବ୍ୟକ୍ତିମାନଙ୍କୁ ଖୋଜିବା ପ୍ରକ୍ରିୟା ଚାଲିଛି। ସେହିପରି ଲଗାଣ ବର୍ଷା ପ୍ରଭାବରେ ରେଆସି ଜିଲାର ମାହୋରସ୍ଥିତ ବଦର ଗ୍ରାମରେ ଭୂସ୍ଖଳନ ଘଟିଛି। ଭୂସ୍ଖଳନ ପ୍ରଭାବରେ ଗ୍ରାମର ଗୋଟିଏ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘର ମଧ୍ୟରେ ଥିବା ନାଜିର ଅହମଦ, ତାଙ୍କ ସ୍ତ୍ରୀ ୱାଜିରା ବେଗମ ଓ ତାଙ୍କର ୫ ପିଲାଙ୍କର ମୃତ୍ୟୁ ଘଟିଛି। ସେଠାରେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଉଭୟ ଘଟଣାକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୋକ ପ୍ରକଟ କରିଛନ୍ତି। ବନ୍ୟା ଏବଂ ଭୂସ୍ଖଳନ ପାଇଁ ବିପଦପୂର୍ଣ୍ଣ ଥିବା ଅଞ୍ଚଳରୁ ସ୍ଥାନୀୟ ବାସିନ୍ଦାଙ୍କୁ ଠିକ୍ ସମୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରେ ପ୍ରଭାବିତ ପରିବାରକୁ ରିଲିଫ୍ ସହାୟତା ପ୍ରଦାନ କରିବାକୁ ସେ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ସପ୍ତାହ ମଧ୍ୟରେ ଜମ୍ମୁ-କଶ୍ମୀରରେ ଏକାଧିକ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଘଟଣା ଦେଖିବାକୁ ମିଳିଛି। ☞ପୃଷ୍ଠା-୨



ଜମ୍ମୁ-କଶ୍ମୀର ରାମବନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

## କଶ୍ମୀରରେ ପ୍ରକୃତିର କୋପ

## ଆସୁଛି ଆଉ ୨ ଲଘୁଚାପ

**ଭୁବନେଶ୍ୱର,୩୦।୮ (ଅନୁରାଧା ମହାରଣା)**

ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ଏବଂ ଆଉ କିଛି ସ୍ଥାନରେ ଖରା ଓ ଗୁଳୁଗୁଳି ସହ ହାଲୁକା ବର୍ଷା ହୋଇଛି। ଆଗକୁ ବଙ୍ଗୋପସାଗରରେ ଆଉ ୨ଟି ଲଘୁଚାପ ସୃଷ୍ଟିହେବା ସମ୍ଭାବନା ଥିବାରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟିହେବ। ଏହା ପ୍ରଭାବରେ ରବିବାରଠାରୁ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ସ୍ଥିତି ନେଇ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ପ୍ରବଳ ବର୍ଷା ନେଇ କେତେକ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟିହେବା ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

**ଆଜିର ସମ୍ପାଦକୀୟ**

**ବନ୍ଧୁତ୍ୱର ପତନ**






**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା01.09.2025ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09001/11/0012/2526

DSPL-241





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ରାଜ୍ୟସ୍ତରୀୟ
# ସ୍ୱାୟତ୍ତ ଶାସନ ଦିବସ ସମାରୋହ

୩୧ ଅଗଷ୍ଟ ୨୦୨୫



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ

- ଆମ ବସ୍ ପାଇଁ ହ୍ୱାଟସ୍ ଆପ୍ ଆଧାରିତ ଟିକେଟ୍ ବୁକିଂର ଶୁଭାରମ୍ଭ ଏବଂ ଡିଜିଟାଲ୍ ଟିକେଟ୍ କ୍ରେତାଙ୍କୁ ରିହାତି ପ୍ରଦାନ
- ଜାତୀୟ ଏକକ ଗମନାଗମନ କାର୍ଡର ଲୋକାର୍ପଣ
- ଡିଜିଟାଲ୍ ପାସ୍ ବ୍ୟବସ୍ଥାର ଅନ୍ୟ ସହରକୁ ସମ୍ପ୍ରସାରଣ
- ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ **'ସହଯୋଗ'** ଅଭିଯାନ
- ସମାବେଶୀ ସହର ଗଠନ ନିମନ୍ତେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହ ବୁଝାମଣା
- ସହର ସାଥି କଲ୍ ସେଣ୍ଟର ଏବଂ ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସିୟୁଜି ନମ୍ବର ବଣ୍ଟନ

- ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମଚାରୀ ଓ ଶ୍ରେଷ୍ଠ ପୌର ସଂସ୍ଥାକୁ ପୁରସ୍କାର ପ୍ରଦାନ
- ସୁଲଭ ଆବାସ ବଣ୍ଟନ ଏବଂ ପିଏମ୍ ଆବାସରେ ଗୃହ ପ୍ରବେଶ
- **'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'**ର ଲୋଗୋ ଉନ୍ମୋଚନ
- ୪୩ ବହୁମୁଖୀ ଭବନର ଲୋକାର୍ପଣ
- **'ଅମୃତ'** ଏବଂ **'ସୁଜଳ'** ଅଧୀନରେ ଜଳ ଯୋଗାଣ ସମ୍ପର୍କିତ ସଚେତନତା ଅଭିଯାନର ଶୁଭାରମ୍ଭ
- ଭୁବନେଶ୍ୱର ମହାନଗର ନିଗମ - ହ୍ୱାଟସ୍ ଆପ୍ ବଟ୍ ସେବାର ଶୁଭାରମ୍ଭ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR-13001/13/0017/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ବିଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ସହୋତ୍ସବ ୨୦୨୫, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ ଟା।
- ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ଓ ଆଲୋଚନାଚକ୍ର, ସ୍ଥାନ: ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନକାରାତ୍ମକ ବିରୋଧରେ ଭାରତର ୧୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରେମୀୟମ୍, ସମୟ: ଅପରାହ୍ନ ୪ଟା।

## କଟକ

- ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନିଗମ କାର୍ଯ୍ୟାଳୟ ପରିସର, ଚୌଧୁରୀବଜାର, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ଡିଆଇ ଓଡିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ଏସ୍‌ସିବି ସେଣ୍ଟ୍ରାଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସମାଜ ପକ୍ଷରୁ ଚିଠି ପାଞ୍ଜାଳିର ଆଲୋଚନାଚକ୍ର, ସ୍ଥାନ: ଓଇୟା ସମ୍ମିଳନୀ କକ୍ଷ, ଖପୁରିଆ, ସମୟ: ସନ୍ଧ୍ୟା ୬ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ : ସନ୍ଧ୍ୟା ୬ଟା ୩୦।
- କଟକ ଦହିବରା-ଆଳୁଦମ୍‌ର ଜନକ ରଘୁନାଥ ସାସମଲଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ସ୍ଥାନ: ମ୍ୟୁନିସିପାଲିଟି କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଓଡିଶା ପତ୍ରକାର ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦେଭୋଗ ଶ୍ରୀ ହରିଚରଣ ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀ ଶିବାନୀ ସ୍ମୃତି ସମାରୋହ, ସ୍ଥାନ: ବରି ରୋଡ଼, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।।
- ଏଫଏମୟୁ ରେ ଜାତୀୟ କ୍ରୀଡା ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସଭା, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଭତ୍ତା ବଣ୍ଟନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ବ୍ଲକରେ ବନ୍ୟା ଦୁର୍ଦ୍ଦଶାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଧାମନଗର ପ୍ରେସ୍ କ୍ଲବ୍ ପରିସର, ସମୟ: ଅପରାହ୍ନ ୩ଟା।
- ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
-

## କେନ୍ଦୁଝର

- ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଯୋଡ଼ା ପୌର ପାଳିକା କାର୍ଯ୍ୟାଳୟ, ସମୟ: ପ୍ରାତଃ ୪ ଟା ୩୦।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ପରିସର, ସମୟ: ସକାଳ ୭ଟା।
- ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉଦଳା ସନ୍ଧାନୀ ଗୃହ ସଭାମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅକ୍ସଫୋର୍ଡ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଇଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ଶ୍ରୀ ଅମେଶ୍ୱର ମହାଦେବ ମନ୍ଦିର କମିଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: କୁକୁଡ଼ା ଖଣ୍ଡି ବ୍ଲକ୍, ଆମ୍ବଗଡ଼, ସମୟ: ସକାଳ ୯ଟା ୩୦।
- ଆସିକା ଏନ୍‌ଏସି ପକ୍ଷରୁ ସ୍ୱୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି ଅଫିସ୍ କାର୍ଯ୍ୟାଳୟ, ଅପରାହ୍ନ ୩ ଟା ।

## ଗଜପତି

- କ୍ରୀଡା ଦିବସ ଉପଲକ୍ଷେ ସାଇକେଲ ରାଲି, ସ୍ଥାନ: ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ୟାଲେସ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦।

## ଢେଙ୍କାନାଳ

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସମୂହ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସକାଳ ୮ଟା।
- ମୀନାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ, ସ୍ଥାନ: ଢେଙ୍କାନାଳ ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ରାଇଜିଂଷ୍ଟାର କ୍ଲବ ପକ୍ଷରୁ ପ୍ରସାଦ ସେବନ ସମାରୋହ, ସ୍ଥାନ: ଢେଙ୍କାନାଳ ଶିବ ମଣ୍ଡପ ସନ୍ନିକଟ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ୟୁଥ୍ କ୍ଲବର ଷ୍ଟାର ନାଇଟ୍ ଉଦ୍‌ଯାପନ ସମାରୋହ, ସ୍ଥାନ: ଢେଙ୍କାନାଳ ଖମାରସାହି, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଫିଟନେସ୍ ସଚେତନତା ମିନି ମାରାଥନ, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ, ସକାଳ ୬ ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ ଓ ପୋଷାକ ବଣ୍ଟନ, ସ୍ଥାନ: ଅନୁଗୋଳ ମ୍ୟୁନିସିପାଲିଟି ଅଫିସ ପରିସର, ସମୟ: ସକାଳ ୮ଟା ୩୦।
- ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରାଞ୍ଚଳ ପରିସର, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ : ଆଠମଲ୍ଲିକ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟା।
- ପଥପାର୍ଶ୍ୱ ଓ ସୌନ୍ଦର୍ଯ୍ୟକରଣ ଆଲୋକର ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରର ବିଭିନ୍ନ ସ୍ଥାନ, ସମୟ: ସନ୍ଧ୍ୟା ୬ଟା।
- ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସନ୍ଧ୍ୟା ୬ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ଏକାଧିକ ନୂତନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ: ସ୍ଥାନ: ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀ ରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସକାଳ ୮ଟା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଗଣେଶ ପୂଜା ଉପଲକ୍ଷେ କଟକ ଶୁଭମ୍ ସଙ୍ଗୀତ ପକ୍ଷରୁ ମେଲୋଡି, ସ୍ଥାନ– ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଦଶପଲ୍ଲା ଦୁର୍ଗାବଜାର କଲୋନୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ରଣପୁର ଏନ୍‌ଏସି କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ନବମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସାଧାରଣ ସଭା ଓ ପୁରସ୍କାର ବଣ୍ଟନ, ସ୍ଥାନ:ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ବିସର୍ଜନ ପର୍ବ, ସ୍ଥାନ: ନୟାଗଡ଼ ବଜାର ଓଡ଼ଗାଁ ରୋଡରୁ ଆରମ୍ଭ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ 'ବେଦିରେ ବସିଛି କଳା ବଦନ', ସ୍ଥାନ: ଇଟାମାଟି ପାର୍କ ଛକ ୧୭ ଫୁଟ ଗଣେଶ ମେଢ, ସମୟ: ସନ୍ଧ୍ୟା ୬ଟା।
- ତଅପୋଇ ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ; ବେଣାଗାଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ରଜତ ଜୟନ୍ତୀ ଅବସରରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର,ପଦ୍ମପୁର, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ୍, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ଗା ପୂଜା ନିମନ୍ତେ ମୃତ୍ତିକା ଆବାହନ, ସ୍ଥାନ: ମା ଭଣ୍ଡାରଘରଣୀ ମନ୍ଦିର, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଷମକଟକ ନାଗରିକ ମଞ୍ଚ ପକ୍ଷରୁ ବୈଠକ , ସ୍ଥାନ: କୃଷ୍ଣମନ୍ଦିର, ବିଷମକଟକ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- ଜିଲା କ୍ରୀଡ଼ା ସଙ୍ଘ ପକ୍ଷରୁ ସାଇକେଲ ରାଲି, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉମରକୋଟ ପୌରପରିଷଦ, ସମୟ: ସକାଳ ୭ଟା।
- ପୌରସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା୪୫ରୁ ଆରମ୍ଭ।
- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ସେମାନେ ଆସିବେ', ସ୍ଥାନ: ଉମରକୋଟ କୋଣ୍ଡାଗାଁ ରୋଡସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପ୍ରାତଃ ୫ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, କୋଟପାଡ଼, ସମୟ: ସକାଳ ୭ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ବାର୍ଷିକ ଚାରାରୋପଣ, ସ୍ଥାନ: ଏନ୍‌ଏସି ଅଫିସ ପାରାବେଡ଼ା, ଜୟପୁର, ସମୟ: ସକାଳ ୯ଟା ୩୦।
- ନୂତନ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: କୁନ୍ତରଖାଲ, ମକାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ମ୍ୟୁନିସିପାଲିଟି ଅଡିଟୋରିୟମ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ମା'ମାଉଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ,ସ୍ଥାନ:ପୋନାରଗୁଡା, ସମୟ:ପୂର୍ବାହ୍ନ ୯ ଟା।
- ସ୍ୱାୟତ୍ତଶାସନ ଦିବସ ପାଳନ, ସ୍ଥାନ: ବାଲିମେଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ବୈଦିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଢକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ସାଇକଲ ଶୋଭାଯାତ୍ରା, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୬ଟା ୩୦।
- ପଦ୍ମଶ୍ରୀ ବିନୋଦ ପଶାୟତ ଓ କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା।
- କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବାର୍ଷିକ ବୈଠକ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦର ପଞ୍ଜୀକୃତ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଓପିଟିସିଏଲ ୧୩୨/୩୩ ଗ୍ରିଡ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ରାମପୁର, ଆଗଲପୁର ବ୍ଲକ: ସମୟ ସକାଳ ୯ଟା।
- ନୂଆଁଖାଇ ଭେଟଘାଟ ଓ ୧୨୫ତମ ମନ କୀ ବାତ, ସ୍ଥାନ: ଗୁଗୁଡିଖାଲ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ।୦

## ରାଉରକେଲା

- ସେୟାର ପକ୍ଷରୁ ଜାତୀୟ କ୍ରୀଡ଼ା ସପ୍ତାହ ପାଳନ, ସ୍ଥାନ:ସେକ୍ଟର-୬ ବସ୍ତିଆ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଡିଏଫ୍‌ଆଇଆଇ ପକ୍ଷରୁ ଯୁବ ସମାବେଶ,୨ୟ ଦିବସ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆରସି କଲୋନୀ, ସମୟ: ଅପରାହ୍ନ ୪ଟା।
- ସତ୍ୟନାରାୟଣ ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ଉଦିତନଗର, ସମୟ: ସକାଳ ୭ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହା ବେଦନା କୁଆ ନ ଜାଣେ,**
**ଠକ ଠକ କରି ଠେଙ୍ଗୁଣି ହାଣେ।**

ବଳଦଟି ଯେବେ ବୁଢ଼ା ବା ହଡ଼ା ହୋଇଯାଏ ସେତେବେଳେ ସେ ଆଉ କୌଣସି କାମକୁ ପାରି ନ ଥାଏ। ନିଜ ଭାଗ୍ୟକୁ ଆଦରି ଗୋଟିଏ ଜାଗାରେ ପଡ଼ିରହିଥାଏ। ବଳଦର ଅସହାୟତାକୁ ସୁଯୋଗ ମନେକରି କାଉ ବଳଦ ପିଠିରେ ବସି ଥଣ୍ଟରେ ଖୁମ୍ପି ଚାଲିଥାଏ। ବଳଦର ଦୁର୍ବଳ ଅବସ୍ଥା କାଉକୁ ଏପରି କରିବାକୁ ସାହସ ଯୋଗାଇ ଦେଇଥାଏ। ପରୋକ୍ଷରେ ବଳବୀର୍ଯ୍ୟ ହରାଇ ବସିଥିବା ମଣିଷର ଯନ୍ତ୍ରଣା ଅନ୍ୟକୁ ସେତେଟା ଉପଲବ୍ଧି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହଳଦୀ ମାଖମଖି,**
**ନରଣଗଡ଼ ପାରିହେଲେ କୁଟୁମ୍ବ ଦେଖାଦେଖି।**

ଆଗକାଳେ ରେଳ ଗାଡ଼ି ଚାଲୁ ନ ଥିବା ଯୋଗୁ ବାଲେଶ୍ୱରରୁ ଲୋକେ ଚାଲି ଚାଲି କଲିକତା ଯାଉଥିଲେ ଏବଂ ଯାତ୍ରା ସମୟରେ ନରଣଗଡ଼ଠାରେ ଡକାୟତଙ୍କ ହାବୁଡ଼େ ପଡ଼ି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିଲେ। ପରୋକ୍ଷରେ ବିପଦପୂର୍ଣ୍ଣ ସ୍ଥାନରୁ ସକୁଶଳେ ଘରକୁ ଫେରିବା ନେଇ ଆଶା ରଖିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବାଦଲଫଟା ...

ଗତ ୧୪ରେ କିସ୍ତୱାର ଜିଲାର ଦୂରବର୍ତ୍ତୀ ଚେସୋଟି ଗ୍ରାମରେ ବାଦଲଫଟା ବର୍ଷା ପ୍ରଭାବରେ ଭୂସ୍ଖଳନ ଓ ବନ୍ୟା ଆସି ୬୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୩୨ ଜଣ ଲୋକ ଏବେ ମଧ୍ୟ ନିଖୋଜ ରହିଛନ୍ତି ଏବଂ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ଗତ ୨୬ରେ ବାଦଲଫଟା ବର୍ଷା ପ୍ରଭାବରେ ବୈଷ୍ଣୋଦେବୀ ମନ୍ଦିରକୁ ଯାଉଥିବା ରାସ୍ତାରେ ଭୂସ୍ଖଳନ ଘଟି ୩୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୩ ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ଅଧିକାଂଶ ତୀର୍ଥଯାତ୍ରୀ ଥିଲେ। ଏବେ ମଧ୍ୟ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ଜଣେ ମହିଳା ପ୍ରଶଂସକ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି। ଏହି ପ୍ରଶଂସକ ଜଣକ ଆନ୍ଧ୍ରପ୍ରଦେଶର ଅଦୋନୀ ନିବାସୀ ରାଜେଶ୍ୱରୀ ହୋଇଥିବା ବେଳେ ସେ ଅଦୋନୀରୁ ସାଇକେଲ ଚଳାଇ ହାଇଦ୍ରାବାଦସ୍ଥିତ ଚିରଞ୍ଜୀବୀଙ୍କ ଘରେ ଶୁକ୍ରବାର ପହଞ୍ଚିଥିଲେ। ଏହି ସମୟରେ ରାସ୍ତାରେ ତାଙ୍କୁ ଶାରୀରିକ କଷ୍ଟ ସହ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣା ସମ୍ପର୍କରେ ଜାଣି ଚିରଞ୍ଜୀବୀ ସମୟ ନଷ୍ଟ ନ କରି ରାଜେଶ୍ୱରୀଙ୍କୁ ଭେଟିଥିଲେ। ନିଜ ପସନ୍ଦର ମେଗା ଷ୍ଟାର୍‌ଙ୍କୁ ଭେଟି ରାଜେଶ୍ୱରୀ ଭାବ ପ୍ରବଣ ହୋଇ ପଡ଼ିଥିଲେ। ଏହି ଅବସରରେ ରାଜେଶ୍ୱରୀ ଚିରଞ୍ଜୀବୀଙ୍କୁ ରାଖୀ ପିନ୍ଧାଇଥିଲେ। ସେହିପରି ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଏକ ପାରମ୍ପରିକ ଶାଢ଼ି ଉପହାରରେ ଦେଇଥିଲେ। ରାଜେଶ୍ୱରୀଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ସେ ବହନ କରିବେ ବୋଲି ଏହି ଅବସରରେ ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଜଣାଇଥିଲେ।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଅବସ୍ଥାନ କରିବା କଷ୍ଟକର ହୋଇପାରେ। ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ସମସ୍ୟାର ସମ୍ମୁଖୀନ ହେବେ। ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ସମ୍ପର୍କରେ ଚିନ୍ତା କରି ମନକୁ ବିଷାକ୍ତ କରିପାରନ୍ତି। କୃତ୍ତିକା ନକ୍ଷତ୍ର ମଉଜିଆ କଥା କହି ବନ୍ଧୁମାନଙ୍କୁ ଆପ୍ୟାୟିତ କରିପାରନ୍ତି।

**ବୃଷ** – ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁଙ୍କ ସମ୍ପର୍କୀୟଙ୍କ ଦୁଶ୍ଚିନ୍ତାରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ଦୁଃଖ ଭୁଲିଯିବେ। ମନରେ ଘାରି ହେଉଥିବା ଘଟଣା ସମାଧାନ ସକାଶେ ପରିବାରରୁ ସମର୍ଥନ ପାଇବେ ନାହିଁ। ମୃଗଶିରା ନକ୍ଷତ୍ର ସକାଶେ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

**ମିଥୁନ** – ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ ଓ ବନ୍ଧୁ ସମ୍ପର୍କ ସୃଷ୍ଟିରେ ସହାୟକ ହେବ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହଯୋଗ ନେଇ ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ମାନସିକ ଦ୍ୱନ୍ଦ୍ୱ ହେତୁ କୌଣସି ନିଷ୍ପତ୍ତି ନେବାରେ ପଛେଇ ଯାଇପାରନ୍ତି।

**କର୍କଟ** – ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ହେବନାହିଁ। ପୁଷ୍ୟା ନକ୍ଷତ୍ର ସକାଶେ କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଆଜି ଶତ୍ରୁମାନଙ୍କ କ୍ରୁରତାର ପ୍ରଭାବ ଆପଣଙ୍କର କିଛି କ୍ଷତି କରିପାରିବ ନାହିଁ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ ଏବଂ ପଦସ୍ଥ ବ୍ୟକ୍ତିଙ୍କ ସୌହାର୍ଦ୍ଦ୍ୟ ଲାଭ କରିବେ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ବାଧା ଉପୁଜିପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ଗାଳି ଶୁଣିପାରନ୍ତି। ମଘା ନକ୍ଷତ୍ର ପରିବାରର କୌଣସି ବ୍ୟତିକ୍ରମ କଥା ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି।

**କନ୍ୟା** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ଖାମଖିଆଲ କାର୍ଯ୍ୟପଦ୍ଧତି ଫଳରେ କାମ ବିଶୃଙ୍ଖଳିତ ହୋଇପାରେ। ଆଜି ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜି ହସ୍ତା ନକ୍ଷତ୍ର ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** – ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଗୃହକୁ ମୂଲ୍ୟବାନ୍ ପଦାର୍ଥ ଆଣିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ। ସ୍ୱାତୀ ନକ୍ଷତ୍ର ପାଇଁ ଆଜିର ଯାତ୍ରା, ବ୍ୟବସାୟ ଏବଂ ବିବାଦୀୟ ପରିସ୍ଥିତିରେ କୌଣସି ଅସୁବିଧା ରହିବ ନାହିଁ।

**ବିଛା** – ବନ୍ଧୁଙ୍କ ଜରିଆରେ ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବେ। ପରୋକ୍ଷ ଶତ୍ରୁତାରୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ଅନୁରାଧାର ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ। ବିଗତ ଦିନର ଘଟଣାକୁ କେନ୍ଦ୍ର କରି କର୍ମକ୍ଷେତ୍ରରେ ଅଘଟଣ ଆଶଙ୍କା କରି ବିବ୍ରତ ହୋଇପାରନ୍ତି।

**ଧନୁ** – ପୂର୍ବାଷାଢ଼ା ନକ୍ଷତ୍ରର ସତର୍କତାର ଅଭାବରୁ ଧନହାନିର ଆଶଙ୍କା ଦେଖାଦେବ। ଜମା ପଡୁନଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ଭିତରକୁ ଟାଣି ହୋଇଯିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କଷ୍ଟକର ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମକର** – ଶ୍ରବଣା ନକ୍ଷତ୍ର ସକାଶେ ଚେଷ୍ଟା କରୁଥିବା କାମ ଆଶାନୁରୂପ ହେବାରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, କାରିଗରି, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ପାରିବାରିକ ଅସ୍ଥିରତାରୁ ଶାନ୍ତି ବ୍ୟାହତ ହେବ।

**କୁମ୍ଭ** – ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ କୌଣସି ଘଟଣା ବିବ୍ରତ କରିପାରେ। ଯାତ୍ରା, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି।

**ମୀନ** – କାର୍ଯ୍ୟ ସାଧନ ସକାଶେ ପ୍ରତ୍ୟେକ ଦିଗରୁ ସାହାଯ୍ୟର ସୁଅ ବହିବ। ଉତ୍ତରଭାଦ୍ର ନକ୍ଷତ୍ରର ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ପ୍ରତିଷ୍ଠାନ, ନୂତନ ଯୋଜନା, ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ଥଗିତ କାର୍ଯ୍ୟ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ଅଗଷ୍ଟ ୩୧ ତାରିଖ, ରବିବାର, ସ୍ୱାୟତ୍ତ ଶାସନ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ, ଦୁର୍ଗାଶୟନ, ଶ୍ରୀସୁଦର୍ଶନ ଚକ୍ରରାଜଙ୍କ ଯମେଶ୍ୱରଙ୍କ ନିକଟକୁ ଯାତ୍ରା, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ, ଖୁଦୁରୁକୁଣୀ ଓଷା ଚତୁର୍ଥ ପାଳି, ରାଶିନକ୍ଷତ୍ର-ଅନୁରାଧା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୯ ମଧ୍ୟେ ରାହୁକାଳ।




# ନୂଆକୋଟରେ ମାଈ ହାତୀର ମୃତ୍ୟୁ

ସାତମାଇଲ,୩୦।୮(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ନୂଆକୋଟ ଜଙ୍ଗଲରେ ଶନିବାର ଏକ ମାଈ ହାତୀର ମୃତଦେହ ଠାବ କରାଯାଇଛି। ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଜଙ୍ଗଲ ଭିତରେ ହାତୀଟି ମରିପଡ଼ିଥିବା ସକାଳୁ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପରେ ଖବରପାଇ ବନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ ହେଁ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜାଣିପାରି ନାହାନ୍ତି। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଧିକାରୀ ବ୍ୟବଚ୍ଛେଦ କରିବା ପରେ ମୃତ ହାତୀକୁ ସେଠାରେ ପୋତିଦିଆଯାଇଛି।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷା ନୀତି ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଦି ସମେତ ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି।

# ଏନ୍‌ଟିପିସି ଆଉ କୋଇଲାଖଣି ପରିଚାଳନା କରିବ ନାହିଁ

## ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ୭,୭୩୫ କୋଟି ଟଙ୍କାର ଖଣି

ଭୁବନେଶ୍ୱର, ୩୦।୮
(ରବିନାରାୟଣ ଜେନା)

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ହାତରେ ଥିବା ୭ଟି କୋଇଲା ଖଣିର ପରିଚାଳନା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଗଠିତ ହୋଇଥିବା ନୂତନ ସହାୟକ କମ୍ପାନୀ ଏନ୍‌ଟିପିସି ମାଇନିଂ ଲିମିଟେଡ୍ (ଏନ୍‌ଏମ୍‌ଏଲ୍)କୁ ଦେବ। କମ୍ପାନୀର ହସ୍ତାନ୍ତର ପ୍ରସ୍ତାବକୁ ଏନ୍‌ଟିପିସି ବୋର୍ଡ ଗତ ଗୁରୁବାର ଅନୁମୋଦନ କରିଛି। ଫଳରେ ହସ୍ତାନ୍ତର ପ୍ରକ୍ରିୟା ଏବେ ଜୋରଦାର ଆରମ୍ଭ ହୋଇଛି। ଏହି ହସ୍ତାନ୍ତର ପ୍ରକ୍ରିୟାରେ ପ୍ରାୟ ୭,୭୩୫ କୋଟି ଟଙ୍କାର ଖଣି ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ବୋଲି ଜଣାପଡ଼ିଛି।

ଏନ୍‌ଟିପିସିରୁ ଉପଲବ୍ଧ ତଥ୍ୟ ଅନୁସାରେ ଏହି କେନ୍ଦ୍ର ସରକାରୀ ସଂସ୍ଥା ଓଡ଼ିଶାର ଡୁଲଙ୍ଗା କୋଇଲାଖଣି, ଝାଡ଼ଖଣ୍ଡର ପକ୍ରି-ବରବାଡି ସହିତ ସମୁଦାୟ ୫ଟି ଏବଂ ଛତିଶଗଡ଼ର ତଲାଇପାଲିକୁ ମିଶାଇ ଏପରି ଭାବେ ୭ଟି କୋଇଲାଖଣିକୁ ପରିଚାଳନା କରୁଛି। ଏନ୍‌ଟିପିସିର ପ୍ରାୟ ୮୫ଟି କୋଇଲା-ଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ୨୨ରୁ ଅଧିକ କେନ୍ଦ୍ରକୁ ନିଜସ୍ୱ କୋଇଲା ଖଣିରୁ କୋଇଲା ମିଳୁଛି। ଏଥିପାଇଁ ଏହିସବୁ ବିଦ୍ୟୁତ୍‌କେନ୍ଦ୍ରଗୁଡ଼ିକ ଏନ୍‌ଟିପିସିର ଅନ୍ୟ ତାପଜ କେନ୍ଦ୍ରଗୁଡ଼ିକଠାରୁ ୟୁନିଟ ପିଛା ପ୍ରାୟ ୧ ଟଙ୍କା କମ୍ ମୂଲ୍ୟରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ସେଥିପାଇଁ ସୁନ୍ଦରଗଡ଼ର ଏନ୍‌ଟିପିସି-ଦର୍ଲିପାଲି ବିଦ୍ୟୁତ୍‌କେନ୍ଦ୍ରରୁ ଓଡ଼ିଶାକୁ ୮୦୦ ମେଗାୱାଟ ଶସ୍ତା ବିଦ୍ୟୁତ୍ ମିଳୁଛି। ପ୍ରକାଶଥାଉ କି, ଏନ୍‌ଟିପିସିର ନିଜସ୍ୱ ୭ଟି କୋଇଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୭୧ ନିୟୁତ ଟନ୍ ଥିବାବେଳେ ୫ଟି କୋଇଲାଖଣିରୁ ବାର୍ଷିକ ୪୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରୁଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ବୋର୍ଡ ଏହାର ୫୧% ସହାୟକ କମ୍ପାନୀ ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲି. (ଓସିପିଏଲ )କୁ ଏହାସହିତ ମିଶ୍ରଣ କରିବା ପ୍ରସ୍ତାବକୁ ଗ୍ରହଣ କରିଛି। ଯେହେତୁ ଓସିପିଏଲ୍‌ରେ ରାଜ୍ୟ ସରକାରଙ୍କ ୪୯% ଅଂଶଧନ ଅଛି ତେଣୁ ଓପିଜିସି ବୋର୍ଡ ରାଜ୍ୟ ସରକାରଙ୍କୁ ଅପେକ୍ଷା କରିଛି। ସରକାରଙ୍କ ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ବର୍ତ୍ତମାନ ପରିସ୍ଥିତିରେ ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ ପ୍ରସ୍ତାବ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଅଟେ। କାରଣ ଓସିପିଏଲ୍‌କୁ ଏବେ ଓଡ଼ିଶାରେ ପ୍ରଥମଥର ପାଇଁ ବ୍ୟବସାୟିକ କୋଇଲାଖଣି ସୁନ୍ଦରଗଡ଼ର ଟାଙ୍ଗର ମିଳିଛି। ଏହି କୋଇଲାଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୧୬ ନିୟୁତ ଟନ୍। ଯେହେତୁ ଓସିପିଏଲ୍ ଏହାର ମନୋହରପୁର କୋଇଲାଖଣିରୁ ସୁରୁଖୁରୁରେ ଗତ ୬ବର୍ଷ ହେଲା କୋଇଲା ଉତ୍ପାଦନ କରି ଓପିଜିସିର ଆବଶ୍ୟକତା ପୂରଣ କରୁଛି ଓ ଏଥିରେ ସିଦ୍ଧହସ୍ତ ହୋଇଛି, ତେଣୁ ମିଶ୍ରଣ ପ୍ରସ୍ତାବ ରାଜ୍ୟ ପାଇଁ କ୍ଷତିକାରକ ହେବ। ଓସିପିଏଲ୍ ବ୍ୟବସାୟିକ କୋଇଲାଖଣି ପରିଚାଳନା କଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହେବ। ଓସିପିଏଲ୍‌ରୁ ପ୍ରାପ୍ତ ସୂଚନା ଅନୁସାରେ ୨୦୨୩-୨୪ରେ ଓସିପିଏଲ୍ ୧୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ଚଳିତବର୍ଷ ପାଇଁ ୧୬ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ସେହିପରି ଓସିପିଏଲ୍-ଓପିଜିସି ମିଶ୍ରଣ ପଛରେ ଥିବା ବଡ଼ ଯୁକ୍ତିଟି ହେଉଛି ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଆଉ ଭରଣା କରିବାକୁ ପଡ଼ିବ ନାହି, ଫଳରେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ହ୍ରାସ ଘଟିବ ଓ ସେଥିପାଇଁ ଓଡ଼ିଶାର ୧କୋଟି ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ।

ବାସ୍ତବ କଥା ହେଉଛି, ଏପର୍ଯ୍ୟନ୍ତ ଯେଉଁ ସେସ୍ ଭରଣା ହୋଇଛି ତାହାକୁ ଆଉ କେନ୍ଦ୍ର ସରକାର ଫେରସ୍ତ କରିବା ଆଶା ରଖିବା ଠିକ ନୁହେଁ। ଜିଏସ୍‌ଟି କ୍ଷତିପୂରଣ ସେସ୍ ଆଦାୟ ଅବଧି ଆସନ୍ତା ମାର୍ଚ୍ଚ ୨୦୨୬ରେ ସମାପ୍ତ ହୋଇଯିବ। ଅର୍ଥାତ୍ କୋଇଲା-ଭିତ୍ତିକ ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକ ପାଇଁ ଆବଣ୍ଟନ ହୋଇଥିବା କୋଇଲାଖଣି ଏପ୍ରିଲ ୨୦୨୬ରୁ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବେନାହିଁ। ଟନ୍ ପିଛା ଜିଏସ୍‌ଟି କ୍ଷତିପୂରଣ ସେସ୍ ୪୦୦ ଟଙ୍କା ୨୦୧୭ ମସିହାରୁ ପ୍ରଣୀତ ହୋଇ କେନ୍ଦ୍ର ସରକାର ଆଦାୟ କରି ଆସୁଛନ୍ତି; ଯାହାର ପୂର୍ଣ୍ଣଚ୍ଛେଦ ଆସନ୍ତା ମାର୍ଚ୍ଚ ୨୦୨୬ରେ ପଡ଼ିବ।

ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଓଡ଼ିଶା ସରକାରଙ୍କ ମଡେଲ ଏନ୍‌ଟିପିସି ଆପଣାଇଛି। ତେଣୁ ଏନ୍‌ଟିପିସି ବୋର୍ଡ ଓସିପିଏଲ୍ ଭଳି ଏନ୍‌ଏମ୍‌ଏଲ୍ କମ୍ପାନୀ ଗଠନ କରି କୋଇଲାଖଣି ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି।

# ୫ରୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ

ଭୁବନେଶ୍ୱର, ୩୦।୮
(ସୌମ୍ୟରଞ୍ଜନ ରାଉତ)



ମହୋତ୍ସବ ସମ୍ପର୍କରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ଏ ସମ୍ପର୍କରେ ସୂଚନା ଦେଉଛନ୍ତି।

**୬ଜଣ ପାଇବେ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'**

ସୃଜନ ଗୁରୁ କେଳୁଚରଣ ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହେବ। ଏଥିସହ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଥିଏଟର ପ୍ରଦର୍ଶନୀ କରାଯିବ। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ୬ଜଣ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପାଇବେ। ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଏବଂ ଓଡ଼ିଶୀ ଗାୟକ ଆଲେଖ ଚନ୍ଦ୍ର ସାମଲଙ୍କୁ 'ସାଲିମାର୍ସ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ' ପ୍ରଦାନ କରାଯିବ। ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ଦିଆଯିବ। ସେହିପରି ୪୦ ବର୍ଷରୁ କମ୍ ବର୍ଗରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶତାବ୍ଦୀ ମଲ୍ଲିକ୍ ଓ ଓଡ଼ିଶୀ ସଙ୍ଗୀତ ପାଇଁ ମୁରଲୀଧର ସ୍ୱାଇଁଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର ଯୁବ ପୁରସ୍କାର'ରେ ସମ୍ମାନିତ କରାଯିବ। ୧୫ହଜାର ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ରଘୁନାଥ ଦାସ ଓ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ କରାଯିବ ଓ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଦିଆଯିବ।

ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଓ ପ୍ରୀତିଶା ମହାପାତ୍ର ଓଡ଼ିଶୀନୃତ୍ୟ ପରିବେଷଣରୁ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିମ୍ବାବତୀ ଦେବୀ ଓ ତାଙ୍କ ଗ୍ରୁପ୍ ନର୍ତ୍ତନାଳୟ ଦ୍ୱାରା ମଣିପୁରୀ ଗ୍ରୁପ୍ ନୃତ୍ୟ ଏବଂ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟିକ୍ ସଙ୍ଗୀତରେ ପ୍ରତିଷ୍ଠିତ ଶିଳ୍ପୀମାନେ ମଧ୍ୟ ପରିବେଷଣ କରିବେ। ଖୟାଲ, ଠୁମରି, ଦାଦ୍ରା, ଭଜନ, କନ୍ନଡ଼ ଡାସ ସାହିତ୍ୟ, ବଚନ ସାହିତ୍ୟ ଏବଂ କନ୍ନଡ଼ ଭାବଗୀତି, ଭାରତନାଟ୍ୟମ୍, ଦଶମହାବିଦ୍ୟା, ରାମ ଭଜନ, ଥିଏଟର୍ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଅନୁଷ୍ଠାନ ପକ୍ଷରୁ ଦୁର୍ଯ୍ୟୋଧନକୁ ନେଇ ପ୍ରିମିୟର ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମହୋତ୍ସବର ମିଡିଆ ପାର୍ଟନର ରହିଛି ବୋଲି ଶନିବାର ଖବରଦାତା ସମ୍ମିଳନୀରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ସୂଚନା ଦେବା ସହ ପୋଷ୍ଟର ଉନ୍ମୋଚନ କରିଛନ୍ତି।

# ଇଟାମାଟିରେ କାଉ ମଡ଼କ

## ୫ ଦିନରେ ମଲେଣି ୮୫ରୁ ଊର୍ଦ୍ଧ୍ୱ କାଉ

ନୟାଗଡ଼,୩୦।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟିରେ କାଉ ମଡ଼କ ଦେଖିବାକୁ ମିଳିଛି। ଆପେ ଆପେ କାଉ ମରି ତଳେ ଖସୁଛନ୍ତି। ଇଟାମାଟିର ପ୍ରଧାନସାହି, ତନ୍ତିସାହି, ପାଇକସାହି, ଦେଉଳସାହି, ଇଟାମାଟି ବଜାର, ପଞ୍ଚାୟତ ପଡିଆ, ପଞ୍ଚାୟତ ସାହି, ମେଡିକାଲ ପଡିଆରେ ୫ଦିନରେ ୮୫ରୁ ଊର୍ଦ୍ଧ୍ୱ କାଉ ମରିଲେଣି। କାଉ ମଡକକୁ ଦେଖି ଅନେକ ଏହାକୁ ବାର୍ଡ ଫ୍ଲୁର ଲକ୍ଷଣ ବୋଲି କହୁଛନ୍ତି। ହେଲେ ପ୍ରାଣୀ ବିଭାଗ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବସନ୍ତ କୁମାର ବେହେରା କୁହନ୍ତି, ଆମେ ଜାଣି ନ ଥିଲୁ। ଏ ଦିଗରେ ତଦନ୍ତ କରି ତ୍ୱରିତ ପଦକ୍ଷେପ ନେବୁ।



# 'ଏସ୍‌ସି, ଏସ୍‌ଟିଙ୍କ କଲ୍ୟାଣ ଦେଶ ପ୍ରଗତିର ମାପକାଠି'



ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ଅନ୍ୟମାନେ।

**ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧକ୍ଷଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

## ଅବହେଳିତ ବର୍ଗଙ୍କ ପାଇଁ କାମ କରିବାକୁ ଆହ୍ୱାନ ଦେଲେ ଓମ୍ ବିର୍ଲା

ଭୁବନେଶ୍ୱର,୩୦।୮(ବନ୍ଦନା ସେଠୀ)

ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ। ଏହା ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଲୋକସେବା ଭବନରେ ଚାଲିଥିବା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟି ଅଧକ୍ଷଙ୍କ ଜାତୀୟ ସମ୍ମିଳନୀର ଶନିବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସେ କହିଲେ, ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଙ୍ଗ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ। ସେମାନଙ୍କ କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରା ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବରେ ଆମର ପ୍ରଗତିର ମାପକାଠି। ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହିତ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହିତ ଅବହେଳିତ ବର୍ଗଙ୍କ ଲାଗି କାମ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାରକରି ଦେଶ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାରେ ଏହି ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ସେ ମତ ରଖିଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ କହିଲେ, କେବଳ କାଗଜରେ ନୀତି ନ ପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ଲୋକଙ୍କ ପାଖକୁ ସରଳ ଭାବେ ସେବା ପହଞ୍ଚାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗ ହେବ ବୋଲି ମତ ରଖିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ଲୋକ ସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅମୃତ କାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ଜରୁରୀ ବୋଲି କହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବତାରଣା କରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉପଲବ୍ଧ ବଜେଟର ଶତପ୍ରତିଶତ ବିନିଯୋଗ ପାଇଁ ବଦ୍ଧପରିକର ହେବା ପାଇଁ କହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଜାତୀୟ ସମ୍ମିଳନୀ କେନ୍ଦ୍ରିତ ଥିଲା।

DSPL-243





**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୩୧ ଅଗଷ୍ଟ ୨୦୨୫

**ପ୍ରକଳ୍ପ ଉଦ୍‌ଘାଟନ**

**୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ | **୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ | **ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି

- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ** , ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

**ଭିତ୍ତିପ୍ରସ୍ତର ସ୍ଥାପନ**

**ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫ | **ୱାର୍ଡ ଅଫିସ,** ୱାର୍ଡ ନଂ- ୩

**ଶ୍ରୀ ଚଞ୍ଚଳ ରାଣା** ଭା.ପ୍ର.ସେ, **ଆୟୁକ୍ତ,** ବିଏମ୍‌ସି
**ଶ୍ରୀମତୀ ମଞ୍ଜୁଲତା କହଁର**, **ଡେପୁଟି ମେୟର,** ବିଏମ୍‌ସି
**ଶ୍ରୀମତୀ ସୁଲୋଚନା ଦାସ**, **ମେୟର,** ବିଏମ୍‌ସି
**ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ/ଅଧକ୍ଷା ଏବଂ କର୍ପୋରେଟର ବୃନ୍ଦ**

ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0244/2526

ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା। ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ ପଡୁଛି– ଏହା ଆମେ ଆହୁରି ଅଧିକ ପରିମାଣରେ ମଧ ଦେଖିପାରିବା। –ଶ୍ରୀଅରବିନ୍ଦ

# ବନ୍ଧୁତ୍ୱର ପତନ



ଆକାର ପଟେଲ

ଗୋଟିଏ ସମସ୍ୟା ସମାଧାନ କରିବାକୁ ହେଲେ ଆମକୁ ପ୍ରଥମେ ସମସ୍ୟାଟି ରହିଛି ବୋଲି ସ୍ୱୀକାର କରିବାକୁ ହେବ। ଯଦି ସମସ୍ୟାକୁ ସ୍ୱୀକାର କରିବା ନାହିଁ ତେବେ ତାହାକୁ ସମାଧାନ କରିହେବ ନାହିଁ। ଏହାକୁ ମଧ ଠିକ୍ କରିପାରିବା ନାହିଁ। ପ୍ରଥମ ପଦକ୍ଷେପ ହେଉଛି ସମସ୍ୟା ରହିଛି ବୋଲି ଗ୍ରହଣ କରିବା ପରେ ହିଁ ତାହାର ସମାଧାନ ଲାଗି ଆଗକୁ ବଢ଼ିବାକୁ ହେବ। ଆଜି ଆମେ ଯେଉଁ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଯାଉଛୁ ତାହା ହେଉଛି ଏକ ପ୍ରକାର ବ୍ୟକ୍ତିଗତ କୂଟନୀତି, ଯାହା ଆମେ ୨୦୧୪ ପରଠାରୁ ଦେଖିବାକୁ ପାଇଛୁ। ଏହା ବିଶେଷକରି ପାରସ୍ପରିକ ଆଲୋଚନା ଏବଂ ସହାନୁଭୂତି ପ୍ରଦର୍ଶନ, ଅତିଥିଙ୍କ ସମ୍ମାନାର୍ଥେ ଭବ୍ୟ କାର୍ଯ୍ୟକ୍ରମ ଭଳି ବିଷୟଗୁଡ଼ିକରେ କେନ୍ଦ୍ରିତ ରହେ ଏବଂ ଏହିସବୁ କାର୍ଯ୍ୟ ଦ୍ୱାରା ସୃଷ୍ଟି ହେଉଥିବା 'ବନ୍ଧୁତ୍ୱ' ସମସ୍ୟା ସମାଧାନରେ ସାହାଯ୍ୟ କରିବ ବୋଲି ଧାରଣା ରହିଛି। ଆମେ ଏହି ବିଷୟ ଆଲୋଚନା କରିବାର କାରଣ ହେଉଛି ଭାରତ ସରକାର ଏବେ ନିଜ ପାଇଁ ବିଶ୍ୱରେ ଏକ ସ୍ଥାନ ପାଇବାକୁ ସଂଗ୍ରାମ କରିଛି। ଦେଶଗୁଡ଼ିକ ନିଜକୁ ମିତ୍ର ବୋଲି ଭାବୁଥିଲେ ମଧ ଯଦି ସହଯୋଗୀ ନୁହନ୍ତି, ତେବେ ସେମାନଙ୍କୁ ବିନା କାରଣରେ ଦଣ୍ଡିତ କରାଯାଇଛି। ଏହା ଯୋଗୁ ଗତ କିଛିଦିନ ହେଲା ଦେଖିବାକୁ ମିଳିଛି ଯେ, ଦେଶଗୁଡ଼ିକ ଶତ୍ରୁ ନ ହେଲେ ବି ପ୍ରତିଦ୍ୱନ୍ଦ୍ୱୀ ପାଲଟିଯାଇଛନ୍ତି। ଏହା ହିଁ ହେଉଛି ସମସ୍ୟା। ଏହି ସରକାରଙ୍କ ପାଇଁ ଏହାର ସମାଧାନ ସହଜ ନୁହେଁ, କାରଣ ଜଣେ ବ୍ୟକ୍ତିଙ୍କ କ୍ଷମତା ଉପରେ ଏହାର ସଫଳତା ନିର୍ଭର କରେ। ହେଲେ ବୁଝିବାକୁ ହେବ ଯେ, ଯାହା ବିଶ୍ୱାସ କରାଯାଉଥିଲା ଏହି ଅସାଧାରଣ କ୍ଷମତା ସେଭଳି କାମ କରିନାହିଁ। କିନ୍ତୁ ଏହା ଉପରେ ଅଯାଚିତ ଭାବେ ମତଦେବା ଜଣେ ସ୍ତମ୍ଭକାରଙ୍କ କାମ ଏବଂ ସଙ୍କଟ ସମୟରେ ବିଶେଷକରି ଆମେ ମିଳିତ ଭାବେ କଠିନ ପରିଶ୍ରମ କରିବା ଦରକାର। ସମସ୍ୟାର ମୂଳରେ ରହିଛି ଗୋଟିଏ ସରଳ କଥା, ଯାହା ଏବେ ସ୍ପଷ୍ଟ ହୋଇଛି। ଆମ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ କୂଟନୀତିରେ ଏତେ ଭଲ ନୁହନ୍ତି। ବ୍ୟକ୍ତିଗତ କୂଟନୀତି କାମ କରିଛି କି ନାହିଁ ତାହା ଏଠାରେ ବଡ଼ କଥା ନୁହେଁ। କିନ୍ତୁ ପରିସ୍ଥିତିକୁ ନେଇ ଏହା ଉପଯୋଗୀ ହୋଇପାରେ। ରିଚାର୍ଡ ନିକ୍ସନ ଏବଂ ହେନେରୀ କିସିଙ୍ଗର ଆମେରିକା ସମର୍ଥନରେ ଚାଇନାକୁ ଆଣିବାକୁ ବ୍ୟବହାର କରିଥିଲେ ଏବଂ ମାଓଙ୍କୁ ସୋଭିଏଟ୍ ସହ ମେଣ୍ଟ କରିବାରୁ ବିରତ କରିଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର ଅଲି ଭୁଟ୍ଟୋ ବିଦେଶର ଉଚ୍ଚପଦସ୍ଥ ବ୍ୟକ୍ତିଙ୍କୁ ଯେତେବେଳେ ଆତିଥେୟତା ପ୍ରଦାନ କରନ୍ତି, ସେତେବେଳେ ସେ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପାଛୋଟି ଆଣିବା ସକାଶେ ବିମାନବନ୍ଦରରେ ଉପସ୍ଥିତ ହୋଇଥାନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ମନେପକାଇ ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଇକ୍‌ବାଲ ଅଖୁନ୍ଦ ଓ ଲେଖକ ରଫି ରାଜା ଲେଖିଛନ୍ତି ଯେ, ଏଥିରୁ ବେଳେବେଳେ ସକାରାତ୍ମକ ପରିଣାମ ମିଳିଛି। ତେବେ ଆମେ ଏଠି ତାହା କରୁନାହୁଁ। ଗଲୱାନ ଘାଟିରେ ଯେତେବେଳେ ସଂଘର୍ଷ ଘଟିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଉତ୍ସାହିତ କରି ଆସିଥିବା ଏକ ପାରସ୍ପରିକ ବନ୍ଧୁତ୍ୱ ତଥା ବିଶ୍ୱାସର ପତନ ଘଟିଲା। ସେପ୍ଟେମ୍ବର ୨୦୧୪ରେ ସେ ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଦର୍ଶାଇବା ଲାଗି କରିଥିଲେ– ଏହି ସମ୍ପର୍କ 'ଇଞ୍ଚ'(ଆଇଏନ୍‌ସିଏଚ୍– ଇଣ୍ଡିଆ ଓ ଚାଇନା ସୂଚିତ କରେ)ରୁ 'ମାଇଲ୍ସ' ମିଲେନିୟମ ଅଫ୍ ଏକ୍ସେପସନାଲ ସିନର୍ଜି) ଆଡ଼କୁ ଆଗଉଛି। ୨୦୧୪ରେ ଯେଉଁ ରିପୋର୍ଟ ଏହାକୁ ସାମ୍ନାକୁ ଆଣିଥିଲା ତାହାର ଶେଷ ପାରାରେ ଉଲ୍ଲେଖ ରହିଥିଲା, ''ଲେହର ସ୍ଥାନୀୟ ଅଧିକାରୀମାନେ ଦାବି କରିଛନ୍ତି ଯେ, ଚାଇନାର ଲୋକେ ସରକାରୀ ଗାଡ଼ିରେ ଲଦାଖର ଡେମଚୋକର ଏକ ଅଞ୍ଚଳରେ ପ୍ରବେଶ କରିଥିଲେ ଏବଂ ସେଠାରେ ଏକ ଜଳସେଚନ ପ୍ରକଳ୍ପରେ କାମ କରୁଥିବା ଲୋକଙ୍କୁ ବାଧା ଦେଉଥିଲେ। ବିବାଦୀୟ ସୀମାକୁ ନେଇ ମୋଦି ଏବଂ ଶି'ଙ୍କ ମଧ୍ୟରେ ଆଲୋଚନା ହେବା ଦରକାର।''

୨୦୨୦ରେ ଗଲୱାନରେ ସଂଘର୍ଷ ଘଟିବା ପୂର୍ବରୁ ମୋଦି ୧୮ ଥର ଶି'ଙ୍କୁ ଭେଟିଥିଲେ। କିନ୍ତୁ ସୀମା ବିବାଦ ସମ୍ପର୍କରେ ଆଲୋଚନା କରି ନ ଥିଲେ। ଏହା ଆମ ବିଫଳତା ଥିଲା। ଶେଷରେ ତାଙ୍କ ପଦକ୍ଷେପଗୁଡ଼ିକର ପ୍ରତିକ୍ରିୟା ମଧ ବ୍ୟକ୍ତିଗତ ଥିଲା। ଗଲୱାନ ସଂଘର୍ଷ ପରେ ଏଯାବତ୍ ଶି'ଙ୍କୁ ସାକ୍ଷାତ କରିବା ପାଇଁ ମୋଦି ଚାହିଁ ନାହାନ୍ତି। ଏବେ ଟ୍ରମ୍ପ କାହିଁକି ଭାରତକୁ ନିର୍ଯାତନା ଦେଇଛନ୍ତି ସେ ବିଷୟରେ ଆମ କୂଟନୀତିଜ୍ଞମାନେ ନିଶ୍ଚିତ ନୁହନ୍ତି। ଅତୀତରେ ଏକ ଉଦାହରଣ ଦେଖିବା। ଟ୍ରମ୍ପଙ୍କ ପ୍ରଥମ ପାଳିରେ ଇରାନଠାରୁ ତେଲ କିଣିବା ବନ୍ଦ କରିବା ପାଇଁ ସେ ଭାରତ ଉପରେ ଚାପ ପକାଇଥିଲେ। ଆମେ ଅଭିଯୋଗ କରିଥିଲୁ, ଆମ ରିଫାଇନେରିଗୁଡ଼ିକ ଇରାନ ଅଶୋଧିତ ତେଲ ପାଇଁ ଠିକ୍। ତେବେ ଇରାନ ଉପରେ ଟ୍ରମ୍ପ ପ୍ରଶାସନର ଅପରେଶନକୁ ନେଇ ଜାତିସଂଘର କୌଣସି କଟକଣା ନ ଥିଲେ ମଧ ପରେ ଆମେ ଟ୍ରମ୍ପଙ୍କ କଥା ମାନିନେଲୁ।

ଟାରିଫ୍‌କୁ ନେଇ ଟ୍ରମ୍ପ କାହିଁକି ଆମ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ସହଜରେ ବୁଝି ହେଉଛି। ଦେଖିବାକୁ ଗଲେ ଭାରତ–ପାକିସ୍ତାନ ଯୁଦ୍ଧ ସମାପ୍ତ କରିବାରେ ତାଙ୍କ ଭୂମିକାକୁ ଭାରତ ଗ୍ରହଣ କରି ନ ଥିବାରୁ ସେ ଏଭଳି ପଦକ୍ଷେପ ନେଇନାହାନ୍ତି। ଉତ୍ପୀଡ଼କ ସବୁବେଳେ ସମସ୍ତଙ୍କ ସହ ଲଢ଼େଇ କରିବାକୁ ଚାହେଁନାହିଁ। ସେ ସାଧାରଣରେ ନିଜକୁ ଏକ ସ୍ୱତନ୍ତ୍ର ଭାବେ ଉପସ୍ଥାପିତ କରେ ଏବଂ ଅନ୍ୟମାନେ ବିନା ଯୁଦ୍ଧରେ ତା' ଆଜ୍ଞା ପାଳନ କରନ୍ତୁ ବୋଲି ଚାହେଁ। ଏବେ ବିଶ୍ୱ ସାମ୍ନାରେ ତାହା ହିଁ ଘଟିଛି। ହ୍ୟୁଷ୍ଟନ ଓ ଅହମଦାବାଦରେ ଟ୍ରମ୍ପଙ୍କ ପାଇଁ ବିଶାଳ ରାଲି ଆମକୁ ଏହି ଉତ୍ପୀଡ଼ନରୁ ରକ୍ଷା କରିପାରିଲା ନାହିଁ। କାରଣ ଟ୍ରମ୍ପ ଜଣେ ସ୍ୱାର୍ଥପର ଉତ୍ପୀଡ଼କ। ସେ ଆରମ୍ଭରୁ ଶେଷଯାଏ ତାଙ୍କ ସ୍ୱାର୍ଥ ଦେଖନ୍ତି। ତାହା ହିଁ ତାଙ୍କ ଚରିତ୍ର। ଏହା ଆମର ତ୍ରୁଟି ଯେ, ଟ୍ରମ୍ପଙ୍କ ସହ ଆମର ତଥାକଥିତ ନିବିଡ଼ତା ଥିବା ସତ୍ତ୍ୱେ ଶି'ଙ୍କ କ୍ଷେତ୍ରରେ ଯାହା ଘଟିଥିଲା ତାହାକୁ ଆମେ ବୁଝିପାରିଲୁ ନାହିଁ। ସେତେବେଳେ ଆମେ ଯାହାଥିଲୁ ଏବେ ସେହି ସ୍ତରରେ ରହିଛୁ ବୋଲି ଯଦି ଆମେ ବୁଝିଥାଆନ୍ତୁ ତେବେ ଆମେ ଏହାକୁ ସୁଧାରି ନେଇଥାଆନ୍ତୁ। କିନ୍ତୁ ରେକର୍ଡକୁ ଦେଖିଲେ, ଆମେ ୨୦୧୪ରୁ ଆପଣାଇଥିବା ଧାରାକୁ ଜାରି ରଖିଛୁ ଓ ଆଗକୁ ଏହାକୁ ଆପଣାଇବାର ଅଧିକ ସମ୍ଭାବନା ରହିଛି।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| | 2 | | | | 4 | | 8 | 3 |
| | | 6 | | | | | | 7 |
| | | | | 5 | | | | 6 |
| | | 3 | | | | | | |
| | 4 | 7 | | | 3 | 8 | | 1 |
| 6 | | | 7 | | | 9 | | |
| 2 | 3 | | 6 | 8 | | 7 | | |
| 7 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 7 | 2 | 8 | 4 | 1 | 9 | 5 |
| 9 | 4 | 8 | 3 | 1 | 5 | 2 | 6 | 7 |
| 1 | 5 | 2 | 6 | 9 | 7 | 4 | 8 | 3 |
| 7 | 8 | 5 | 9 | 4 | 6 | 3 | 2 | 1 |
| 4 | 1 | 9 | 8 | 3 | 2 | 7 | 5 | 6 |
| 3 | 2 | 6 | 5 | 7 | 1 | 9 | 4 | 8 |
| 8 | 6 | 3 | 7 | 2 | 9 | 5 | 1 | 4 |
| 5 | 9 | 4 | 1 | 6 | 3 | 8 | 7 | 2 |
| 2 | 7 | 1 | 4 | 5 | 8 | 6 | 3 | 9 |

ଗତକାଲିର ଉତ୍ତର

# କୁଢ଼ିଆ କରେକି କ୍ଷେତର ଜୟଗାନ



ଡ. ସାରଦା ପ୍ରସାଦ କର

ବାସି ଆଣରେ ସୋରିଷ ତେଲ, ପିଆଜ, ଭୃଙ୍ଗରାଜ ପତ୍ର ପକା ଚକୁଳି ତୁଳନାରେ ପିଜା–ବର୍ଗର ବେଶି ସ୍ୱାସ୍ଥ୍ୟକର ବୋଲି କେହି ଛାତିରେ ହାତ ରଖି କହିପାରିବେନି। ତଥାପି ଭିଡ଼ ଲାଗିଛି। ସେବା କ୍ଷେତ୍ରକୁ ବିଦେଶୀ କମ୍ପାନୀ ଦୌଡ଼ି ଆସୁଛନ୍ତି। ଜମାଟୋ, ସ୍ୱିଗୀ, ଇଟ୍ କ୍ଲବ, କେଏଫ୍‌ସି କମ୍ପାନୀଙ୍କ ଦୋକାନ ଆଡ଼କୁ ତୀର ଚିହ୍ନ ମାରି ଚିହ୍ନେଇ ଦେବାଦିନରୁ କାହା ଘରକୁ ରୁଟି ପିଠା ଖଣ୍ଡେ ମାଗିବାକୁ କୁଆ ଯାଉନି। ବିଦେଶୀ ବିତରକ ଡିଏଚ୍‌ଏଲ୍, ଫେଡ୍ ଏକ୍ସ, ୟୁପିଏସ୍ ପରି ଖାଦ୍ୟ ବଣ୍ଟାଳି ଘରକୁ ଆସୁଛନ୍ତି। ବିଦେଶୀ ଅତିଥିଙ୍କୁ ଘରେ ବସେଇ ମନମୋହନ ସିଂହଙ୍କ ବଜାରୀକରଣ ପ୍ରଭାବ କହି ଆମ ହାଣ୍ଡିଶାଳ ତାତି କମେଇ ସାରିଲେଣି।

ଧୂପକାଠି, ସାବୁନ, ଜିଲେଟ ଖିଅର ବ୍ଲେଡ, ପାଣ୍ଟିନ, ହେଡ୍ ଆଣ୍ଡ ସୋଲଡର ଶାମ୍ପୁ, ଭିକ୍ସ, ଓରାଲ–ବି ଦାନ୍ତ ମଞ୍ଜନ ତଥା ବ୍ରଶ ଆଦି ଆମେରିକାର ପ୍ରୋକ୍ଟର ଆଣ୍ଡ ଗେମଲ ନାମରେ ଭାରତୀୟ ସାମଗ୍ରୀକୁ ତା' ନିଜ ମାଟିରେ ଚିତପଟାଙ୍ଗ କରିଛି। ଗହମ, ବାର୍ଲି, କ୍ଷୀର ପ୍ରସ୍ତୁତ ୧୮୭୩ରୁ ବ୍ରିଟିଶର ହର୍ଲିକ୍ସକୁ ଆମେ ସ୍ୱାସ୍ଥ୍ୟ ଅନୁକୂଳ ଖାଦ୍ୟ ହିସାବରେ ତାଲିକାଭୁକ୍ତ କରିଛୁ। ଖଦି ଉତ୍ପାଦନରେ ଆମେ ଆଗୁଆ। ଉକ୍ତ ଶିଳ୍ପରେ ସାମିଲ କାରିଗର ଆୟରେ ପଛୁଆ। ଖଦି ବୋର୍ଡ ଜରିଆରେ ବର୍ଷସାରା ରିହାତି ଦେଖେଇ ବିକ୍ରି ବଢ଼େଇବାକୁ ଚାହୁଁଥିବା ସରକାର ଏବେ ଆମ୍ବାସାଡର ନିଯୁକ୍ତ କରି ବେପାର ଆଶାୟୀ। ଉତ୍ପାଦକ କି ବିକ୍ରେତା ଜିଏସ୍‌ଟି ମୁକ୍ତ। ହେଲେ ହଜାରେ ଟଙ୍କାର ବସ୍ତ୍ରଟେ କିଣିଲେ ଗରାଖ ଉପରେ ରାଜ୍ୟ ଜିଏସ୍‌ଟି ୬ ପ୍ରତିଶତ ଆଉ କେନ୍ଦ୍ର ଜିଏସ୍‌ଟି ୬ ପ୍ରତିଶତ। ସରକାର କହିବେ ମୁଁ ପରା ରିହାତି ଦଉଛି, ପାର୍ବଣ ଋତୁରେ ଦଶ ପ୍ରତିଶତ ଅଧିକ। ଦକ୍ଷିଣକୋରିଆ, ଜାପାନ, ଫ୍ରାନ୍ସ, ୟୁରୋପରୁ ଆମଦାନୀ ଉଲ୍ ଖଦି, ସିଲ୍କ ଖଦି, ମୁସଲିନ ଖଦି ଆମ ଦେଶର ବଡ଼ବଡ଼ିଆଙ୍କ ଦେହ ମଣ୍ଡନ କରୁଥିବା ବେଳେ ସାଧାରଣଙ୍କୁ ସପ୍ତାହକୁ ଦୁଇଦିନ ପ୍ରାନ୍ତୀୟ ପ୍ରସ୍ତୁତ ଖଦି ପିନ୍ଧିବା ନିବେଦନ କରିବା କେତେ ଯଥାର୍ଥ? 'ମହତେ ଯାହା ଆଚରିବେ ଜଗତ ସେ ପଥେ ଗମିବେ' ନ୍ୟାୟରେ ଗୁଣୀଜନ ପରା ଆମକୁ ଲକ୍ଷେହୀରା ରୂପଜୀବୀ ପଛରେ ଗମିବା ଶିଖେଇଲେ। କେଏଫ୍‌ସି, କିଟ୍‌କାଟ୍, ନେସକେଫ, ମ୍ୟାଗି, ଡାନନ, ମଞ୍ଜୋଲ୍‌ସ ଆଦି ଲକ୍ଷେହୀରାଙ୍କ କୋଠରି ପ୍ରବେଶ କଲାପରେ ଯାହା ନଉଛ ନିଅ ଆମକ ସୁଖ ଦିଅ।

ଉତ୍ସାହିତ ହୋଇ ଗଣତନ୍ତ୍ର ଦିବସରେ ସରକାର କହିଦେଲେ ଯେ ଦେଶର ଚାଷୀ ପାଇଁ ସାର ମହଜୁଦ ଅଛି। ସତକଥା ହେଲା ବିହନ ଆଉ ସାରର ଘୋର ଅଭାବ। କାନାଡ଼ା(ପଟାସ), ମରକ୍କୋ(ଫସ୍‌ଫେଟ), ରୁଷିଆ(ନାଇଟ୍ରୋଜେନ, ପଟାସ), କ୍ୱାତାର (ୟୁରିଆ), ୟୁଏଇ (ନାଇଟ୍ରୋଜେନ) ସାର ଦେଲେ ଦେଶ ଶସ୍ୟଶ୍ୟାମଳା ହବ। ଆମେ ଦେଶରେ ଉତ୍ପାଦନ ନ କରି ଗୋଦାମ ଖୋଲି ବିଦେଶାଗତକୁ ଅନେଇଛୁ। ଉତ୍ପାଦନକ୍ଷମ ତାଳଚେର ଫସ୍‌ଫେଟ କାରଖାନାକୁ ନ ଚଳାଇ ଚାଷୀଙ୍କୁ କହୁଛୁ ସାର ଅଭାବ ନାହିଁ। ଆମ ବିଷ ପ୍ରଭାବୀ ନ ହେବାରୁ କୀଟନାଶକ ଆସିବ ଭିଏତ୍‌ନାମ, ୟୁଏଇ, ଆମେରିକାରୁ। ଅଷ୍ଟ୍ରେଲିଆ, ଚିଲି, ଆମେରିକା, ଥାଇଲାଣ୍ଡ, ଦକ୍ଷିଣକୋରିଆ, ଚାଇନା, ଜାପାନ, ଜର୍ମାନୀରୁ ହାଇବ୍ରିଡ ବିହନ ଆଣୁଛୁ, ପୁଣି ଆମେରିକା, ଚାଇନା, ଜାପାନ, ଇଟାଲୀରୁ ଟ୍ରାକ୍ଟର ଯନ୍ତ୍ରାଂଶ ଆଣୁଛୁ। ମିଛିମିଛିକା ଅନ୍ନଦାତା କିନ୍ତୁ ବଡ଼ ଲାଭ ଖାଉଥିବା ଚାଷୀ(କାର୍ଗିଲ ଇଙ୍କ୍, ଲୁଇସ ଡ୍ରିଫ୍‌ସ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ), ତା' ଥଇଥାନ ଆକାଉଣ୍ଟକୁ ଶହ ଶହ କୋଟି ଟଙ୍କା ଆଉ ମାଗଣା ଜମି ଦିଆଯାଉଛି। ତେବେ ସେ ଚରୁଥିବା ଯାଏ 'ଜୟ ସରକାର' ବୋଲି କହୁଥିବ।

ଓଡ଼ିଶାରୁ ବେଲ, ପଣସ ଆଉ ତାଳସଜ ଦୁବାଇ ମାର୍କେଟରେ ଡେଉଁଛି। ଭୁବନେଶ୍ୱର ମାର୍କେଟରେ ତାଳସଜ ଖୋସା ଗୋଟାକ ଦଶଟଙ୍କା। ଆମ ଦେଶୀ ବାଡ଼ି ଫଳକୁ ବିଦେଶକୁ ବାଟ କଢ଼େଇ ସରକାର ଭଲ ଦୁଇ ପଇସା ପାଇଲେ। ରପ୍ତାନି କଲାବାଲା ପାଣ୍ଠି ପାଇ ସେଠ୍ ହେଲା, ହେଲେ ଯାହା ବାଡ଼ିର ତାଳସଜ ସେ ସେଠ୍ ହୋଇପାରିଲା କି? ବିଶ୍ୱର ବୃହତ୍ତମ ମଣ୍ଡି ଭାରତ ହବାରେ ମଧ୍ୟମ ମାନର ଖାଇ ହେଲାଭଳି ଚାଉଳ କିଲୋ ପ୍ରତି ଷାଠିଏ ଟଙ୍କା, ଡାଲି କିଲୋ ପ୍ରତି ଦେଢ଼ ଶହ। କଫି ବୋର୍ଡ ଅଫ୍ ଇଣ୍ଡିଆଙ୍କ କହିବାନୁସାରେ ବର୍ଷ ୨୦୨୨ରୁ ଶହେ ଅଠରଟି ଦେଶକୁ କଫି ରପ୍ତାନି ଅନୁମତି ପ୍ରାପ୍ତ ହୋଇଛି। ଭଲ ଖବର ହେଲା ଓଡ଼ିଶାର କୋରାପୁଟ ଜିଲାରେ ଏବେ ଉଚ୍ଚ ମାନର କଫି ଉତ୍ପାଦନ ହୋଇ ମଧ୍ୟପ୍ରାଚ୍ୟ ଓ ୟୁରୋପୀୟ ବଜାରରେ ବିଦେଶୀଙ୍କ ରସନା ତୃପ୍ତି କରାଉଛି।



ଦେଶୀ ଲୋକଙ୍କ ପାଟି ଗନ୍ଧିଆ। ଉତ୍ପାଦନ ବଢ଼ିଲେ ଯେ ଲୋକେ ଟିକେ ଶସ୍ତାରେ ପାଟି ସୁଆଦ କରିବେ ଏ କଥା ଆମ ଦେଶରେ ମିଛ। ସରକାରଙ୍କଠାରୁ ୫୦୦ ଏକର ଜାଗା ଲିଜ ନେଇ କଫି ଚାଷ କରିବାକୁ ଯିଏ ଆଗ୍ରହ ଦେଖେଇବ ସେ ସେହିଭଳି ନନ୍ଦସୁତ କହ୍ନେଇଟିଏ ହୋଇ ଜନ୍ମ ହୋଇଥିବ।

କଶ୍ମୀର, ହିମାଚଳ ସେଓ ବିଦେଶ ମାଟିରେ ଆଞ୍ଚୁ ଜମେଇଲା ବେଳେ କଷି, ପାଣିଚିଆ, ବରଫ ବାଡିଆ ଆମ ବଜାରରେ ଲହଡି ଖାଉଛନ୍ତି। ଉତ୍ପାଦନ ବଳିବା ଆଖିକୁ ଦିଶୁଛି। ଆଉ ଦର ମଧ ସେହି ଅନୁପାତରେ ବଢ଼ିଛି। ଅର୍ଥନୀତିର ପରିଭାଷାରେ, ମୁଦ୍ରାସ୍ଫୀତି ଜାଗାରେ ଅପସ୍ଫୀତି ଅଧିକ କ୍ରିୟାଶୀଳ। କିଛି ଲୋକଙ୍କ କିଣାକିଣି ମନୋରଞ୍ଜନରେ ଆଉ ଥୋକେ ଦେଖିକି ଖୁସି। କୋରାପୁଟର କଫି, ନୟାଗଡ଼ର ମାଣ୍ଡିଆ ଆଉ କନ୍ଧମାଳ ହଳଦୀ ଚାଷରୁ ମାତ୍ର ଜଣେ ଭାଗ୍ୟବାନ ଚାଷୀ ଅନେକଙ୍କ ପାଇଁ ଉଦାହରଣ, ବାକି ସରକାରଙ୍କ ଉତ୍ସାହ ଦୁଇଗୁଣ। ଆଜି ଆମେରିକା ଆମ ଦ୍ରବ୍ୟକୁ ଟ୍ୟାକ୍ସ ଆଳରେ ନା କହିବାରେ ସରକାର ନୂଆ ଜାଗା ଖୋଜିଲେଣି। କମ୍ ମିଳୁପଛେ ବାହାରେ ଦେଲେ ବୈଦେଶିକ ମୁଦ୍ରା ବଢ଼ିବ, ଦେଶରେ ସାମାନ୍ୟ ଶସ୍ତାରେ ଦେଲେ ଲୋକଙ୍କ ପାଟିରେ ଲାଗିଯିବ। ଅର୍ଥନୀତିର ବିକଳ ଚିତ୍ର ଏଭଳି ଯେ ଅସମାନତା ରହିଲେ ଯାଇ ସରକାରଙ୍କ କବାଟ ବାଡ଼େଇ କିଛି ଲୋକ ହାତ ପାତିବେ ଆଉ ସରକାର ଦାତା ହେବେ। ଗୋଦରେଜ ଆଗ୍ରୋଭେଟ ପାମ ତେଲ, ପଶୁ ଖାଦ୍ୟ ଓ ଖାଦ୍ୟ ସୁରକ୍ଷା ନାମରେ ହଜାର ହଜାର ହେକ୍ଟର ବିଲ ମାଗଣା କବଜା କରି ଶୂନ୍ୟ ଟ୍ୟାକ୍ସର ସୁବିଧାରେ ଅୟସ କରୁଛି। ପୁଞ୍ଜିପତି କୃଷକ ହେଲେ ସେ କ'ଣ 'ଜୟ କିଷାନ' ତୁଣ୍ଡରେ ଧରିବ?

ଲୁଚାଛପା ଅର୍ଥନୀତିର ଖେଳ ଭିତରେ ଆମେ ଟ୍ରିଲିଅନ ଅର୍ଥ ବ୍ୟବସ୍ଥାରେ ବିଶ୍ୱ ବୀର କହି ଆପଣା ଲୋକ ବିରୋଧରେ ଲଢ଼ି ଲହୁ ଲୁହାଣ। ତୁମ ବାଡ଼ିର ଆମ୍ବ ଆଉ ମୋ ବାଡ଼ିର ଆମ୍ବଡା ବିନିମୟରୁ ଖାଲି ସାମାଜିକ ସଦ୍ଭାବନା ବଢ଼େନି ପେଟବି ପୂରେ। ଅନ୍ୟଥା ମାନ୍ଦାବସ୍ଥାରୁ 'ଟ୍ରେଡ୍ ଡେଫିସିଟ' ବା ଅଭାବୀ ବାଣିଜ୍ୟର ଅସମାନତା ବଢ଼େ। ସେହି ଅଭାବୀ ବାଣିଜ୍ୟକୁ ଆଳକରି ଆମେରିକାର ଟାରିଫ ଛାଟ କୋଏମ୍ବାଟୁର, ତିରୁପୁରର କପଡା ସାହୁକାରଙ୍କ ପିଠା ଲାଲ କରିଲାଣି। ଦେଶୀ ଲୋକଙ୍କ ପାଇଁ ସିନ୍ଥେଟିକ ଆଉ ହାତବୁଣା କପଡ଼ା ଉପରେ ଅଠର ପ୍ରତିଶତ ଜିଏସ୍‌ଟି ଲଗେଇ ବିଦେଶକୁ ସୁଲଭ ଯୋଗାଣ, ଆଜି ଗୋଟେ ମାନ୍ଦାବସ୍ଥାରୁ ଆମେ କ'ଣ ଶିଖିଲେ? ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ମଧ ଦେଶୀ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଆଣିବା ଜରୁରୀ, ଉତ୍ପାଦନ ମନସ୍କ ହେବା ମୌଳିକ ଦାୟିତ୍ୱ। ବିଲ ମୁଣ୍ଡକୁ ଯାଇ ମାଟି ଚୋଟେ ହାଣି ନ ଥିବା ଲୋକ ଯଦି ମାଗଣା ପାଇ କୁଢ଼ିଆ ହେଲା ତେବେ ସେ କାହିଁକି 'ସରକାର କୀ ଜୟ' ନ କହି କ୍ଷେତର ଜୟଗାନ କରିବ!

ଡାକବଙ୍ଗଳା ଛକ, ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

# ସୁଯୋଗ ଓ ସର୍ବନିମ୍ନତାର ସଙ୍ଗମ



ଡ. ସନ୍ତୋଷ କୁମାର ବିଶ୍ୱାଳ

ସୁଜଳ– ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ (ନଗର ଜଳ ଯୋଗାଣ) ଓଡ଼ିଶାରେ ପୁରୀ ପରି ସହରଗୁଡ଼ିକୁ ଲକ୍ଷ୍ୟ କରି ଶତ ପ୍ରତିଶତ ଟ୍ୟାପ୍ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପ୍ରୟାସରତ। ପୁରୀ ଦେଶର ପ୍ରଥମ ସହର, ଯେଉଁଠାରେ ଏହାକୁ ସାଧିତ କରାଯାଇଛି, ଯାହା ଲୋକଙ୍କ ସ୍ୱାସ୍ଥ୍ୟର ସୁଧାର ଏବଂ ପ୍ଲାଷ୍ଟିକ ବ୍ୟବହାର କମାଇବାରେ ସାହାଯ୍ୟ କରୁଛି। ଓଡ଼ିଶା ମିଲେଟ ମିଶନ ଉତ୍ତମ ପୋଷଣ, ଜଳବାୟୁ ସହିଷ୍ଣୁ କୃଷି ପ୍ରଣାଳୀ ଓ ଆଦିବାସୀ ଚାଷୀଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରୁଛି। ବିପଦ ପ୍ରସ୍ତୁତିରେ ଓଡ଼ିଶା ପୂର୍ବ ସତର୍କତାମୂଳକ ସ୍ଥାନାନ୍ତରଣ ଏବଂ ସମୁଦାୟ ନେତୃତ୍ୱଭିତ୍ତିକ ଉଦ୍ଧାରଣ ପ୍ରଣାଳୀ ମାଧ୍ୟମରେ ହଜାର ହଜାର ପ୍ରାଣ ରକ୍ଷା କରି ୟୁ.ଏନ୍. ଦ୍ୱାରା ଅଭିନନ୍ଦିତ ବିଶ୍ୱସ୍ତରୀୟ ବିପଦ ପ୍ରବନ୍ଧନର ଆଦର୍ଶ ହୋଇଛି।

ଓଡ଼ିଶା ଭଳି ଅନ୍ୟ ରାଜ୍ୟରେ ମଧ ଏହିପରି କିଛି ଉଦାହରଣ ମିଳେ। ତାମିଲନାଡୁର ଔରୋଭିଲ୍ରେ ସ୍ଥାପିତ ଇକୋ ଫେମ ସଂସ୍ଥା ଜୈବିକ ବସ୍ତ୍ର, ମାସିକ ନାପ୍‌କିନ ଉତ୍ପାଦନ କରୁଛି, ଯାହା ପରିବେଶ ସହଯୋଗୀ, ଶସ୍ତା ଓ ଦୀର୍ଘକାଳୀନ। ଆନ୍ଧ୍ରପ୍ରଦେଶର ଆଦିବାସୀ ଚାଷୀମାନଙ୍କ ଉଦ୍ୟମରୁ ଆରମ୍ଭ ହୋଇଥିବା ଏକ ଜୈବିକ କଫି ବ୍ରାଣ୍ଡ 'ଆରକୁ କଫି', ଯେଉଁଥିରେ ସେମାନେ ଜୈବିକ କଫି ଚାଷ କରି ମଧ୍ୟସ୍ଥଙ୍କର ଶୋଷଣରୁ ମୁକ୍ତି ପାଇଛନ୍ତି। ରାଜସ୍ଥାନର ତିଲୋନିଆ ଅଞ୍ଚଳର ବେୟାରଫୁଟ କଲେଜ, ଗ୍ରାମୀଣ ମହିଳା ଏବଂ ଅନେକ ଅର୍ଦ୍ଧଶିକ୍ଷିତଙ୍କୁ ମଧ ସୌର ଇଞ୍ଜିନିୟର, ସ୍ୱାସ୍ଥ୍ୟକର୍ମୀ ବା ଶିଳ୍ପୀ ଭାବରେ ପ୍ରଶିକ୍ଷଣ ଦେଉଛି। ଏହି ଉଦ୍ୟମଗୁଡ଼ିକ ବିପଦ ସମୟରେ ସର୍ବନିମ୍ନ ଚେତନା ଅନୁସରଣ କରି ସ୍ୱଳ୍ପ ସାଧନରେ ଦ୍ରୁତ, କ୍ଷମତାଶୀଳ ଓ ଖର୍ଚ୍ଚକ୍ଷମ ଉତ୍ପାଦନ ମାଧ୍ୟମରେ ଅପୂର୍ବ ପ୍ରତିଯୋଗିତାତ୍ମକ ସୁଯୋଗ ସୃଷ୍ଟି କରିଛି।

ଜଣେ ସର୍ବନିମ୍ନବାଦୀ ହେବାର ଅନ୍ୱେଷଣ ଏବେ ଏକ କଳ୍ପନା ନୁହେଁ। ଆଜିର ଓଡ଼ିଶା ଓ ଭାରତରେ ଯେଉଁଠାରେ ଲୋକ ମାନସିକତା ଉପଭୋକ୍ତାବାଦ, ଡିଜିଟାଲ ପରିପୂର୍ଣ୍ଣତା ଓ ନିରନ୍ତର ଅନୁସନ୍ଧାନ ଦ୍ୱାରା ପରିଚାଳିତ, ସେଠି ସର୍ବନିମ୍ନବାଦ ଏକ ବ୍ୟାବହାରିକ ବିକଳ୍ପ । ସର୍ବନିମ୍ନବାଦତାକୁ ଅଭାବ, କଠୋରତା କିମ୍ବା ପ୍ରତ୍ୟାଖ୍ୟାନ ଭାବରେ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି। ତଥାପି ଆମେ ଭାରତୀୟ ପରିପ୍ରେକ୍ଷିତରେ ଏହା କେବଳ ପଶ୍ଚିମ ଦେଶରୁ ଆସିଥିବା ଜୀବନଶୈଳୀ ନୁହେଁ, ଏହା ଧନୀମାନଙ୍କ ଏକ ବିଶେଷାଧିକାର ନୁହେଁ। ଏହା ବିପଦ ମାଧ୍ୟମରେ ଉଦ୍ଭବିତ, ଧୈର୍ଯ୍ୟ ମାଧ୍ୟମରେ ବିକଶିତ ଏବଂ ଲାଭ ଭାବେ ପରିଣତ ଏକ ସାମୂହିକ ପରମ୍ପରା।

ଓଡ଼ିଶାରେ ସର୍ବନିମ୍ନତାକୁ କେବେ ବି ଶୂନ୍ୟତା ବିଷୟରେ ନଥିଲା, ଏହା ସଦା ଜୀବନର ଏକ ପ୍ରଣାଳୀ ରହିଛି। ପିଢ଼ି ପିଢ଼ି ଧରି ଭାରତୀୟ ପରିବାରଗୁଡ଼ିକ ନିଜ ସାଧନ ସମ୍ପତ୍ତିରେ ସୀମିତ ରହି ବଞ୍ଚିଛନ୍ତି। ଅଭାବରେ ଲୋକମାନେ ସାଧନକୁ ସମ୍ପ୍ରସାରିତ କରିବାକୁ ଏବଂ ସୃଜନଶୀଳ ଉପାୟ ମାଧ୍ୟମରେ ପ୍ରତିଷ୍ଠା କରିଥିଲେ। ପ୍ରତିକୂଳତା, ସୁବିଧା ଓ ସର୍ବନିମ୍ନତାର (ମିନିମାଲିଜିମ) ସଂଧିସ୍ଥଳକୁ ଖୋଜିବା ନୂଆ ଦୃଷ୍ଟିକୋଣ ଦେଇଥାଏ। ବିପଦ କେବଳ ଏକ ପରିସ୍ଥିତି ନୁହେଁ, ଏହା ଏକ ଶିକ୍ଷକ। ବିପଦ ଜୀବନକୁ ଆବଶ୍ୟକତାମୂଳକ ମୂଳଭିତ୍ତିରେ ବଂଚିବାକୁ ଶିଖାଏ। ପ୍ରତିକୂଳ ପରିସ୍ଥିତିରେ ଘଟୁଥିବା ସର୍ବନିମ୍ନବାଦର ଉଦ୍ଭବ କେବଳ ବଞ୍ଚିତ ହେବା ବିଷୟରେ ନୁହେଁ, ବରଂ ଏହା ସ୍ପଷ୍ଟତା ଆଣିଥାଏ। ଯେତେବେଳେ ଲୋକମାନେ ନିଜକୁ ପ୍ରାଥମିକତାରେ ସୀମିତ କରନ୍ତି, ସେମାନେ କେବଳ ବଞ୍ଚୁନାହିଁ ବରଂ ସମୃଦ୍ଧ ହେଉଛନ୍ତି, ତାହା ହେଉଛି ନୂତନ ଗ୍ରହଣ।



ଉପନିଷଦରେ ପ୍ରାଚୀନ ଗ୍ରନ୍ଥରୁ ଆରମ୍ଭ କରି ଗାନ୍ଧୀବାଦୀ ଚିନ୍ତାଧାରା ପର୍ଯ୍ୟନ୍ତ ଓଡ଼ିଶା ସମେତ ଭାରତର ଦାର୍ଶନିକ ପରମ୍ପରା ସହିତ ମଧ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି। ବାସ୍ତବରେ ସହରୀୟ ମଧ୍ୟବର୍ଗୀୟ ଭାରତୀୟମାନେ ବର୍ତ୍ତମାନ ଏକ ଭିନ୍ନ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି। ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ସଙ୍କଟ ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡ। ସହରୀୟ ପ୍ରସଙ୍ଗରେ ସର୍ବନିମ୍ନବାଦ ଅର୍ଥ ଅଧିକ ପୋଷାକରୁ ମୁକ୍ତି, ସ୍କ୍ରିନ ସମୟ କମାଇବା ଏବଂ ଉପରେ ମାନସିକ ସୁସ୍ଥତାକୁ ଉନ୍ନତ କରିବା।

ଏହା ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତି ପାଇଁ ଏକ ଅନୁକୂଳତା। ତଥାପି ଏହା ଏକ ଭିନ୍ନ ପ୍ରକାରର। ଅଧିକନ୍ତୁ, ଅତି ଉପଭୋକ୍ତା ଯୁଗରେ ଏକ ସର୍ବନିମ୍ନବାଦୀ ହେବାର ଲାଭ ହେଉଛି ଉନ୍ନତ ଯାନ, ସୁସ୍ଥ ସମ୍ପର୍କ ଏବଂ ପୁନଃ ସଂଯୋଜିତ ସଂସ୍ଥା। ଓଡ଼ିଶାର ଦାର୍ଶନିକ ପରମ୍ପରା ସହିତ ମଧ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି। ଉପନିଷଦରେ ପ୍ରାଚୀନ ସନ୍ଦର୍ଭ ଠାରୁ ଆରମ୍ଭ କରି ଗାନ୍ଧୀଙ୍କ ଦ୍ୱାରା ଧାରଣ କରାଯାଇଥିବା ଆଦର୍ଶ ପର୍ଯ୍ୟନ୍ତ ସରଳତା, ସଂଯମ ଏବଂ ଅଧ୍ୟୟନରତ ଉପଭୋଗର ମୂଳ ନୀତିଗୁଡ଼ିକ ପ୍ରମୁଖତା ବାଣ୍ଟିଥିଲା। ଅବଶ୍ୟ ଭାରତର ସହରାଞ୍ଚଳ ମଧ୍ୟମବର୍ଗ ବର୍ତ୍ତମାନ ଏକ ବିକଳ୍ପ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି। ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ଅସୁବିଧା ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡସ୍। ଭାରତୀୟ ମହାନଗର ଏବଂ ସର୍ବନିମ୍ନତାର ଏବେ ପୋଷାକ ସଫା କରିବା, ସ୍କ୍ରିନ ସମୟ କମ କରିବା ଏବଂ ଭୌତିକ ପ୍ରଦର୍ଶନୀ ଅପେକ୍ଷା ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା।

ପରିବେଶ ସଙ୍କଟ ମଧ ଏକ ଉଦାହରଣ ପ୍ରଦାନ କରେ ଯେ, କିପରି ଏକ ମିତବ୍ୟୟିତା ଭିତ୍ତିକ ସର୍ବନିମ୍ନବାଦ ଭାରତକୁ ଏକ ସମ୍ପତ୍ତି ଭାବରେ ଅବସ୍ଥାପିତ କରେ। ଏହା ଆମକୁ ସେମାନଙ୍କର ଉପଭୋଗ ଅଭ୍ୟାସ ଉପରେ ପୁନଃ ବିଚାର କରିବାକୁ ପ୍ରେରିତ କରେ। ପରିଶେଷରେ ସର୍ବନିମ୍ନବାଦ, ପ୍ରତିକୂଳତା ଏବଂ ଏକ ସୁବିଧା ଓଡ଼ିଶାର ବର୍ଣ୍ଣନା ଚାରିପାଖରେ ଏକତ୍ର ହୁଏ। ଓଡ଼ିଶା ପାଇଁ ପରିସ୍ଥିତି ହେଉଛି ଏକ ଐତିହାସିକ ବାସ୍ତବତା, ତାହା ଉପନିବେଶବାଦର ଉତ୍ତୋଳନ, କ୍ରମାଗତ ଦାରିଦ୍ର୍ୟ କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ମାଧ୍ୟମରେ ହେଉ। ସର୍ବନିମ୍ନବାଦ ହେଉଛି ସାଂସ୍କୃତିକ, ସମ୍ପ୍ରଦାୟ ଏବଂ ପାରିବାରିକ ସ୍ତରରେ ସର୍ବନିମ୍ନତାର ହେଉଛି ଅନୁକୂଳନର ଏକ ପ୍ରକାର।

ଓଡ଼ିଶା ପାଇଁ ଏବଂ ସମଗ୍ର ଭାରତ ଲାଗି ଏବେ ପ୍ରଶ୍ନ ହେଉଛି ଯେ ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ବିଭ୍ରାନ୍ତି ଏବଂ ଅସମାନତା ଭଳି ସମସାମୟିକ ପ୍ରତିକୂଳ ପରିସ୍ଥିତିରେ ଏହା ଏହି ମିନି ମାଲିଜିମର ଐତିହ୍ୟକୁ ଉପଯୋଗ କରିପାରିବ କି? ଯଦି ସର୍ବନିମ୍ନବାଦକୁ ଗରିବଙ୍କ ଦାରିଦ୍ର୍ୟ ଆବଶ୍ୟକତା କିମ୍ବା ଏକ ଧନୀ ସୁବିଧାରେ ପରିଣତ କରାଯାଏ, ତେବେ ଏହା ନଷ୍ଟ ହୋଇଯିବ। ଯଦି ଏହାକୁ ଏକ ସାମୂହିକ ନୀତିରେ ରୂପାନ୍ତରିତ କରାଯାଇପାରିବ, ତେବେ ଏହା ଭାରତର ଅଭିବୃଦ୍ଧିକୁ ସମାନତା ସହିତ ପ୍ରଯୁକ୍ତିବିଦ୍ୟା, ମାନବତା ଏବଂ ବ୍ୟବହାରକୁ ସ୍ଥାୟିତ୍ୱ ସହିତ ଉପଭୋଗ କରିବାର ଭାରତର କ୍ଷମତାକୁ ମୁକ୍ତ କରିବା ପାଇଁ ଏହା ଏକ ପ୍ରକୃତ ଲାଭ ହୋଇପାରେ।

ସହଯୋଗୀ ପ୍ରାଧ୍ୟାପକ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ: ୮୩୩୧୮୧୪୫୮୨

## ଏଇ ଭାରତରେ

ମ୍ୟାନଗ୍ରୋଭ(ହେନ୍ତାଳବଣ)ର ସୁରକ୍ଷାରେ ଉପକୂଳର ରକ୍ଷା ହେବା ସହ ଜୈବ ବିବିଧତାର ସଂରକ୍ଷଣ ହୋଇଥାଏ। ଏହି ସିଦ୍ଧାନ୍ତକୁ ଭଲ ଭାବେ ବୁଝିଛନ୍ତି କେରଳ କନ୍ନୁର ଜିଲାର ୫୮ ବର୍ଷୀୟ କଣ୍ଡଲ ରଞ୍ଜନ। ସେ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି। ଏହାରି ଭିତରୁ ସମୟ ବାହାର କରି ସେ ଗଛ ଲଗାଇ ଜୈବ ବିବିଧତାର ସୁରକ୍ଷା କରୁଛନ୍ତି। କଣ୍ଡଲ ହେଉଛି ମାଲାୟାଲମ ଶବ୍ଦ। ଏହାର ଅର୍ଥ ହେଉଛି ମ୍ୟାନ୍‌ଗ୍ରୋଭ। ତାଙ୍କ ନାମର ଯଥାର୍ଥତା ଦର୍ଶାଇଛନ୍ତି। ପାଖାୟାଣ୍ଡି ନଦୀ ତଟରେ ମ୍ୟାନଗ୍ରୋଭର ସୁରକ୍ଷାରେ ଲାଗିବା ସହ ମ୍ୟାନ୍‌ଗ୍ରୋଭ ଗଛ ଲଗାଉଛନ୍ତି। କେବଳ ଏତିକି ନୁହେଁ, ସେ ତାଙ୍କ ଘରେ ଏକ ନର୍ସରି କରିଛନ୍ତି, ଯେଉଁଠି ବିଭିନ୍ନ କିସମର ୨୫ ହଜାର ଚାରାଗଛ ଅଛି। ଏବେ ସୁଦ୍ଧା ସେ ଦେଢ଼ ଲକ୍ଷ ଗଛ ଲଗାଇ ସାରିଲେଣି। ଧାନଚାଷ କରିବା ପାଇଁ ସ୍ଥାନୀୟ ଲୋକମାନେ ମ୍ୟାନଗ୍ରୋଭକୁ ବେଶି ନଷ୍ଟ କରୁଥିବାରୁ ତାହାକୁ ବନ୍ଦ କରିବା ପାଇଁ ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ସେ ଏହି କାର୍ଯ୍ୟରେ ଅନେକଙ୍କୁ ନିଯୁକ୍ତ କରିବା ସହ ଚାରା ଗଛ ମଧ ବଣ୍ଟନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୭୬

- ଦେଶର ଇତିହାସରେ ପ୍ରଥମକରି କେନ୍ଦ୍ର ସରକାର ୧୭ ନିୟୁତ ଟନ୍‌ର ବଳକା ଖାଦ୍ୟଶସ୍ୟ ମହଜୁଦ କରି ରଖିପାରିଛନ୍ତି।
- ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ସାହାଯ୍ୟରେ ରାଜ୍ୟରେ ଗ୍ରୀଡ୍ ସବ୍‌ଷ୍ଟେସନମାନ ସ୍ଥାପନ କରି ଶକ୍ତି ସଞ୍ଚାଳନ ଲାଇନ ପ୍ରତିଷ୍ଠା କରିବାକୁ ୪୦ କୋଟି ଟଙ୍କା ବ୍ୟୟରେ ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ।
- ରାଜ୍ୟର ହାଇସ୍କୁଲଗୁଡ଼ିକରେ ୧୪୦ଟି ପାଠ୍ୟପୁସ୍ତକ ବ୍ୟାଙ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ ଲକ୍ଷ ୬୮ ହଜାର ଟଙ୍କା ମଞ୍ଜୁର।

## ଚିରନ୍ତନୀ

ସେ ଫୁଲ ଫୁଟଇ କେଉଁ ଦେଶେ ହେ
ଆକୁଳ ଭୁବନ ତା'ର ବେଶେ ଯେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ–ବାସନାରାଶି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଖେ ହେ!

–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର ପରିଚୟ ଦେବାର ସମୟ

ମହାଶୟ,
ଭାରତର ୧୪୦ କୋଟି ଜନତାଙ୍କ ଭରଣପୋଷଣରେ ଆମେରିକା ଉପରେ କେହି ନିର୍ଭରଶୀଳ ନୁହନ୍ତି। ଭାରତର ପ୍ରଗତିପଥରେ ଆମେରିକାର ଶୁଳ୍କ ପ୍ରତିବନ୍ଧକ ନୁହେଁ ବୋଲି ଦେଖାଇବାକୁ ହେବ। ଆମ୍ଭମାନଙ୍କୁ ବିଶେଷତଃ କୃଷି ଓ ଖଣିଜ ସମ୍ପଦକୁ ବିନିଯୋଗ କରି ଶିଳ୍ପ ପ୍ରତିଷ୍ଠାନକୁ ଯଥାସମ୍ଭବ ସମୃଦ୍ଧ କରାଇବା ନିମନ୍ତେ ଆନ୍ତରିକତା ସହ ପ୍ରୟାସ କରାଯାଉ। ସାମରିକ ଦୃଷ୍ଟିକୋଣରୁ ପ୍ରତିରକ୍ଷା ବିଭାଗ ଉନ୍ନତମାନର ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଇବା ଦିଗରେ ଚେଷ୍ଟା କଲେ ବିଦେଶୀ ଶତ୍ରୁମାନେ ଭାରତ ଉପରେ କଦାପି ଲୋଲୁପଦୃଷ୍ଟି ପକାଇବାକୁ ସାହସ କରିପାରିବେ ନାହିଁ। ସଂକ୍ଷେପରେ କହିବାକୁ ହେଲେ, ଆମେରିକା ଲଗାଇଥିବା ଅତ୍ୟଧିକ ତାରିଫ ବା ଶୁଳ୍କ ପ୍ରକୃତପକ୍ଷରେ ଭାରତକୁ ଆତ୍ମନିର୍ଭରଶୀଳ କରାଇବାକୁ ବାଟ ଦେଖାଇଛି ବୋଲି ଅସ୍ୱୀକାର କରିହେବ ନାହିଁ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ କୃଷ୍ଣା



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶରଥପୁରରେ ସୁଧୁରୁଛି ବନ୍ୟା ସ୍ଥିତି



କଂଗ୍ରେସ ପକ୍ଷରୁ ବନ୍ୟାବିପନ୍ନ ପରିବାରଙ୍କୁ ରିଲିଫ ପ୍ରଦାନ କରାଯାଉଛି।



ଜିଲା ପ୍ରଶାସନ ପକ୍ଷରୁ ବନ୍ୟାରେ ଘର ଭାଙ୍ଗିଥିବା ପରିବାରକୁ ଜରିପାଲ ଯୋଗାଇ ଦିଆଯାଉଛି।

- ନଷ୍ଟ ହୋଇଗଲା ଧାନ ଫସଲ
- ଭାଙ୍ଗିଯାଇଥିବା ଘର ସର୍ଭେ ଆରମ୍ଭ

ଦଶରଥପୁର,୩୦।୮(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ସ୍ଥିତି ସୁଧୁରିବାରେ ଲାଗିଛି। ବ୍ଲକର କସପା ଓ ମଲ୍ଲିକାପୁର ଅଞ୍ଚଳକୁ ବାଦଦେଲେ ଅନ୍ୟ ସବୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୋଗାଯୋଗ ସ୍ୱାଭାବିକ ହୋଇଛି। ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରଙ୍କୁ ରିଲିଫ ଓ ଜରିପାଲ ଯୋଗାଇ ଦିଆଯାଉଛି। ରାଜସ୍ୱ ବିଭାଗ ପକ୍ଷରୁ ବନ୍ୟାରେ ଭାଙ୍ଗି ଯାଇଥିବା ଘର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି। ଏବେ ମଧ୍ୟ ଅଧିକାଂଶ ନଳକୂପରେ ବାଲି ଓ ମାଟି ପଶି ଅଚଳ ହୋଇପଡିଛି। ଶୁକ୍ରବାର ସନ୍ଧ୍ୟାରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। କେତେକ ସ୍ଥାନରେ ସାପ ବାହାରିବା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଆବଶ୍ୟକ ସ୍ଥଳେ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ସହାୟତା ନିଆଯାଉଛି।

ସେହିପରି ଚଳିତ ବନ୍ୟା ସମେତ କସପା ପଞ୍ଚାୟତର ଘାଇ ଯୋଗୁ ବ୍ଲକର ଖରିଫ ଧାନ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ରୁଆ ହୋଇଥିବା ଧାନ କ୍ଷେତ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ବନ୍ୟାରେ ବ୍ଲକର କସପା, ମଲ୍ଲିକାପୁର, ତରପଦା, କନିକାପଡ଼ା, ଛଚିଣା, ମଙ୍ଗଳପୁର, ଶୁଶୁଆ, ଦୁଦୁରାଅଣ୍ଡା, ଦଉପୁର, ନିଜାମପୁର, କମାରଡିହ, କୟାଁ, ଖାନନଗର, ଥାଲକୁଡି, ପାଲଟପୁର, ଜାଫରପୁର, ବିରିପଟା, ଜୟନ୍ତରା, କଟିକଟା ପଞ୍ଚାୟତର ପ୍ରାୟ ୫ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଧାନ ଚାଷ ଉଜୁଡ଼ିଯାଇଛି। ଏବେ ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ। ବନ୍ୟାର ୬ ଦିନ ପରେ ମଧ୍ୟ କୟାଁ, କମାରଡ଼ିହି, ଖାନନଗର, ନିଜାମପୁର ଓ ଥାଲକୁଡି ଆଦି ପଞ୍ଚାୟତର ଚାଷ ଜମିରେ ୨/ ୩ଫୁଟ ଉଚ୍ଚ ତାର ବନ୍ୟା ଜଳ ପ୍ରବାହିତ ହେଉଛି। ଉଜୁଡି ଯାଇଥିବା ଧାନ ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ଦାବି କରିଛନ୍ତି।



ବନ୍ୟାପାଣିରେ ଚାଷଜମି ବୁଡ଼ିରହିଛି।

ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ତରଫରୁ ପ୍ରଥମ ପର୍ଯ୍ୟାୟରେ ୫୪.୨ମେଟ୍ରିକ ଟନ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବାବେଳେ ୨ୟ ଏବଂ ୩ୟ ପର୍ଯ୍ୟାୟରେ ୫୭.୨ ମେଟ୍ରିକ ଟନ ଲେଖାଏ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

ଶନିବାର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ନେତୃତ୍ୱରେ କୟାଁ ପଞ୍ଚାୟତର ଧରମପୁର, ଗହିରାପାଳ ଓ କୟାଁ ଗ୍ରାମରେ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ଭରତ ଚନ୍ଦ୍ର ପରିଡା, ଲିପିକା ମଲିକ, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ରନାରାୟଣ ଦାସ, ଶେଖର ସମ୍ପିତ ଧଳ, ଅନନ୍ତ ଦାସ, ବିମଳ ମଲିକ, ଯୁବରାଜ ମଲିକ, ଉମେଶ ଜେନା, ଅଜିତ ମହାନ୍ତି, ଅଜୟ ନାୟକ, ପ୍ରବୋଧ ନାୟକ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରିଲିଫ୍ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

## ବନ୍ୟାରେ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

ଯାଜପୁରଟାଉନ,୩୦।୮(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। ୨୯ ତାରିଖ ସୂଚନା ଅନୁଯାୟୀ ବିଞ୍ଝାରପୁର, ଦଶରଥପୁର ଓ ଯାଜପୁର ବ୍ଲକର ୧୮ ପଞ୍ଚାୟତ ୫୨ ଗ୍ରାମର ୩୭, ୩୫୮ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏଥିରେ ବିଞ୍ଝାରପୁରରେ ୧୬୫, ଦଶରଥପୁର ବ୍ଲକରେ ୨୫,୩୦୪ ଓ ଯାଜପୁର ବ୍ଲକରେ ୧୧,୮୮୯ ରହିଛନ୍ତି। ଜିଲାରେ ସମୁଦାୟ ୩୨ଟି ଗ୍ରାମ ଜଳବନ୍ଦୀ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସହାୟତା କାର୍ଯ୍ୟ ଜାରି ରହିଛି। ବନ୍ୟାପୀଡ଼ିତ ଅଞ୍ଚଳରେ ପାଣି ବିଶୁଦ୍ଧିକରଣ ପାଇଁ ବ୍ଲିଚିଂ ପାଉଡର, ଫିନାଇଲ, ହାଲାଜେନ୍ ଟାବ୍‌ଲେଟ ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଯାଇଛି। ଜିଲା ୱୟାର ହାଉସରେ ୪,୭୨୫ କିଲୋ ବ୍ଲିଚିଂ ପାଉଡର, ୧,୪୫୧ ଲିଟର ଫିନାଇଲ, ୯୩,୦୦୦ ହାଲାଜୋନ୍ ଟାବ୍‌ଲେଟ, ୬୮୫ ସାପ କାମୁଡା ଔଷଧ ମହଜୁଦ ରଖାଯାଇଛି। ଦଶରଥପୁରର ୧୯୮ ଓ ଯାଜପୁରର ୫୧ଟି କୂଅ ସହ ମୋଟ ୨୪୯ କୂଅ ପ୍ରଭାବିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୯୯ଟି କୂଅରେ ପାଣି ବିଶୁଦ୍ଧିକରଣ କାମ ସମାପ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୧୧ଟି ମେଡିକାଲ୍ ରିଲିଫ୍ ସେଣ୍ଟର ଖୋଲାଯାଇଛି। ବିଞ୍ଝାରପୁରରେ ୧ ମେଡିକାଲ୍ ଟିମ୍, ଦଶରଥପୁରରେ ୨ଟି, ଯାଜପୁରରେ ୧ଟି ମେଡିକାଲ୍ ଟିମ୍ ସହାୟତା କାର୍ଯ୍ୟରେ ଲାଗିଛନ୍ତି। ବିଞ୍ଝାରପୁର, ଦଶରଥପୁର ଓ ଯାଜପୁର ବ୍ଲକ୍‌ରେ ସମୁଦାୟ ୧୦,୩୭୧ ଓଆରଏସ, ୨୪,୪୭୫ ହାଲୋଜେନ ଟାବଲେଟ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୦୯ଟି ଚର୍ମରୋଗ କେସ୍ ଚିହ୍ନଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ ଓ ସୁରକ୍ଷିତ ରହିବା ପାଇଁ କୁହାଯିବା ସହ ସରକାରୀ ସହାୟତାକୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

**ପୌରପରିଷଦ କାର୍ଯ୍ୟାଳୟ, ଗୁଣପୁର**
**ସ୍ୱାୟତ୍ତ ଶାସନ ଦିବସ**
୩୧ ଅଗଷ୍ଟ ୨୦୨୫


ମହାଶୟା/ମହାଶୟ,

ଆସନ୍ତା ତା.୩୧.୦୮.୨୦୨୫ରିଖ ରବିବାର ଦିନ ଗୁଣପୁର ପୌରପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ - ୨୦୨୫" ପାଳନ ହେବାକୁ ଯାଉଅଛି। ଏହି ଅବସରରେ ପୌରପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ। ପୌରପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ।


**ବାର୍ତ୍ତା**

୧. "ମା'ଙ୍କ ପାଇଁ ଗଛଟିଏ" - ଆସନ୍ତୁ ଗଛ ଲଗାଇବା, ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା।
୨. ଗୃହର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ।
୩. ଗୃହପାଳିତ ପଶୁ ଯଥା : ଗାଈଗୋରୁ, ଘୁଷୁରି, କୁକୁରଗୁଡିକୁ ସହର ମଧରାସ୍ତାକୁ ଛାଡନ୍ତୁ ନାହିଁ।
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୫. ଘରର ଲାଟ୍ରିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସ୍‌ପୁଲ୍ ଗାଡିକୁ ବ୍ୟବହାର କରନ୍ତୁ।

।। ଶ୍ରଦ୍ଧାର ସହ ।।
ଆପଣଙ୍କ ଗୁଣମୁଗ୍ଧ



ଶ୍ରୀମତୀ ମମତା ଗୌଡ଼
ଅଧକ୍ଷା
ପୌରପରିଷଦ, ଗୁଣପୁର



ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ
ଉପାଧକ୍ଷ
ପୌରପରିଷଦ, ଗୁଣପୁର



ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଗୁଣପୁର

ପୌରପରିଷଦର ସମସ୍ତ ପାରିଷଦବୃନ୍ଦ

## ଖୁବ୍‌ଶୀଘ୍ର ପିହୁ ସନ୍ଧାନ ମିଳିବ: ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା

ଯାଜପୁର ଟାଉନ,୩୦।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଖୁବ୍‌ଶୀଘ୍ର ନିଖୋଜ ପିହୁଙ୍କ ସନ୍ଧାନ ମିଳିବ ବୋଲି ଶନିବାର ଯାଜପୁର ଜିଲା ଗସ୍ତରେ ଆସିଥିବା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏ ସମ୍ପର୍କରେ ଆଇନମନ୍ତ୍ରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପିହୁ ନିଖୋଜ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଳ୍ପ ଦିନ ମଧ୍ୟରେ ସମସ୍ତେ ଖୁସି ଖବର ପାଇବେ। ସେହିପରି ରାଜ୍ୟରେ ନିଖୋଜ ହୋଇଥିବା ଶିଶୁଙ୍କୁ ଠାବକରିବା ନିମନ୍ତେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଏଥିପ୍ରତି ଯତ୍ନବାନ ଅଛି। ରାଜ୍ୟ ସରକାରଙ୍କ ସହିତ ସଦାସର୍ବଦା ଘଟଣା ସମ୍ପର୍କରେ ଆଲୋଚନା କରାଯାଉଛି ବୋଲି ଅଧକ୍ଷା ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗଦେବାକୁ ଅଧକ୍ଷା ଆସିଥିବାବେଳେ ପିହୁଙ୍କ ମା'ମୋନାଲିସା ନାୟକଙ୍କୁ ଯାଇ ଭେଟିଛନ୍ତି। ଯାଜପୁର ଜିଲା ବିଞ୍ଝାପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ମୋନାଲିସାଙ୍କ ଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିବାବେଳେ ୨୦୨୦ ଅଗଷ୍ଟ ୯ରେ ନିଖୋଜ ହୋଇ ଯାଇଥିଲେ।

## ବୁଡ଼ିଯାଇଥିବା ବାର୍ଜରେ ବାଜି ବୋଟ୍ ଫାଟିଲା

**ମାଛଧରା ବନ୍ଦର ପୋତାଶ୍ରୟରେ ଅଘଟଣ**

ପାରାଦୀପ, ୩୦।୮ (ଶରତ ରାଉତ) ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟ ମଧ୍ୟରେ ଶନିବାର ଦୁର୍ଘଟଣା ଘଟି ଏକ ମାଛଧରା ବୋଟ୍ କ୍ଷତିଗ୍ରସ୍ତ ହୋଇଛି। ପୋତାଶ୍ରୟର ୪ନଂ. ବର୍ଥ ପାଖରେ ପାଣି ଭିତରେ ବୁଡି ରହିଥିବା ଏକ ପୁରୁଣା ବାର୍ଜରେ ବୋଟ୍‌ଟି ଧକ୍କା ହୋଇଛି। ଫଳରେ ଏହା ଫାଟିଯାଇ ପାଣିରେ ବୁଡ଼ିବାକୁ ଲାଗିଥିଲା। କର୍ମଚାରୀମାନେ ତୁରନ୍ତ ପ୍ଲାଷ୍ଟିକ୍ ଡ୍ରମ୍ ବାନ୍ଧି କ୍ଷତିଗ୍ରସ୍ତ ବୋଟ୍‌କୁ ଆଉ ଏକ ବୋଟ୍ ଜରିଆରେ ନିକଟସ୍ଥ ମହାନଦୀ ବାଲିଚର ପାଖକୁ ନେଇ ରଖିଛନ୍ତି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ବୋଟ୍‌ର ନାମ ଅଭିରାମ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୨ ବର୍ଷ ତଳେ ନେହେରୁ ବଙ୍ଗଳା ମହାନଦୀ ପାଖରେ ଏହି ପୋତାଶ୍ରୟ ଖନନ କରାଯାଇଥିଲା। ସେତେବେଳେ ଖନନ କାର୍ଯ୍ୟବେଳେ ନିୟୋଜିତ ବାର୍ଜ ସେଠାରେ ବୁଡ଼ିଯାଇଥିଲା ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା) ସମ୍ପାଦକ ଅରବିନ୍ଦ ସ୍ୱାଇଁ କୁହନ୍ତି। ସେହି ପୁରୁଣା ବାର୍ଜ ଏବେ ବିପଦରେ ପଡ଼ିଛି।




ବୁଡ଼ିଯାଇଥିବା ବାର୍ଜରେ ବାଜି ବୋଟ୍

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ, ଉପନଗରପାଳ, ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ
ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା

**ବ୍ରହ୍ମପୁର ମହାନଗର ନିଗମ**

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ:**

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବାଚୋପା, ବାସିଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପ୍‌ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନିବର୍ଷରେ ଥରେ ସଫାକରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାଶଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲ୍‌କୋନୀ/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥର୍‌ମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମାହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ.ବିବେକ୍ ରେଡ୍ଡୀ, ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ
ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୫" ଓ ନିଖିଳ ଭାରତ ସ୍ୱାୟତ୍ତ ଦିବସ ୨୦୨୫ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ। ଏହି ଅବସରରେ ପୌର ପରିଷଦ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କମନା କରୁଛି। ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।



ଶ୍ରୀମତୀ ଲିକା ସାହୁ, ପୌରାଧକ୍ଷା, ପୌରସଂସ୍ଥା, ବଲାଙ୍ଗିର
ଗାୟତ୍ରୀ ଭୋଇ, ଉପ-ପୌରାଧକ୍ଷା, ପୌରସଂସ୍ଥା, ବଲାଙ୍ଗିର

- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମେମାନେ ବଦ୍ଧପରିକର।

Executive Officer
Balangir Municipality

# ଛୁଆଁଅଛୁଆଁ ଭେଦଭାବ: ଶିକ୍ଷକ ନିଲମ୍ବିତ

**ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ଫେରାଇଦେବା ଘଟଣାରେ କାର୍ଯ୍ୟାନୁଷ୍ଠାନ**

ନୟାଗଡ଼/ନୂଆଗାଁ,୩୦।୮
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)




ଛୁଆଁଅଛୁଆଁ ଭେଦଭାବ ରଖି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବନ୍ଧାଭୂଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୁଧି ସାହୁ ନିଲମ୍ବିତ ହୋଇଛନ୍ତି । ଏନେଇ ଶନିବାର ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୧୯୮/୩୦।୮।୨୦୨୫ରେ ନିଲମ୍ବନ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ନ କରି ଫେରାଇ ଦେବା ଘଟଣାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ନିଲମ୍ବନକୁ ଏଡାଇବା ପାଇଁ ଘଟଣାର ସମାଧାନ ନିମନ୍ତେ ଛାତ୍ରୀ ଓ ତାଙ୍କ ଅଭିଭାବକଙ୍କ ଉପରେ ଚାପ ପଡ଼ିଆସୁଥିଲା। ଏପରିକି ଶିକ୍ଷକ ଦୋଷୀ ନୁହନ୍ତି, ବୋଲି ଏକ କାଗଜରେ ଛାତ୍ରୀ ଓ ତାଙ୍କ ବାପାଙ୍କଠାରୁ ଶନିବାର ତରବରିଆ ଭାବେ ଲେଖା ସହ ଦସ୍ତଖତ ନିଆଯାଇଥିଲା। ହେଲେ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଛାତ୍ରୀଙ୍କ ବାପା ପ୍ରତିବାଦ ଉଠାଇବା ପରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ ବୁଧବାର ଗଣେଶ ପୂଜାରେ ଅନୁସୂଚିତ ଜାତିର ଜଣେ ଛାତ୍ରୀଙ୍କ ଭୋଗକୁ ବନ୍ଧାଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଫେରାଇ ଦେଇଥିଲେ। ଆଧୁନିକ ଯୁଗରେ ଶିକ୍ଷକଙ୍କ ଛୁଆଁଅଛୁଆଁ ଭେଦଭାବ ରଖି ଭୋଗ ଫେରାଇ ଦେବା ଘଟଣାକୁ ନେଇ ସମାଲୋଚନା କରାଯାଇଥିଲା। ଏପରି କି ଘଟଣା ସମ୍ପର୍କରେ କେବଳ ଧରିତ୍ରୀରେ ଗତ ୨୮ ଓ ୨୯ ତାରିଖ ଖବର ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ଭୋଗ ଫେରାଇ ଦେବା ଘଟଣା ପ୍ରଚାର ହେବାପରେ ଘଟଣାକୁ ରଫାଦଫା ପାଇଁ ପ୍ରଚେଷ୍ଟା ହୋଇଥିଲା। ଏପରିକି ଦୁଇଥର ସଭା କରାଯାଇ ଘଟଣା ଯେପରି ଆଗକୁ ନବଢ଼େ ଓ ବିଦ୍ୟାଳୟ ବଦନାମର ବୋଝ ଯେପରି ନ ନିଏ ସେଥିପାଇଁ ପଦକ୍ଷେପ ନିଆଯାଇଥିଲା। ଶିକ୍ଷକଙ୍କ ନାମରେ ଆସିଥିବା ଅଭିଯୋଗ ମିଥ୍ୟା ପ୍ରମାଣିତ କରିବା ପାଇଁ କିଛି ଲୋକ ପ୍ରତିନିଧିଙ୍କ ପକ୍ଷରୁ ପ୍ରଚେଷ୍ଟା କରାଯାଇଥିଲା। ଶିକ୍ଷକ ମୋତେ ମନା କରିନାହାନ୍ତି, ଛାତ୍ରୀଛାତ୍ରମାନେ ମନା କରିବାରୁ ମୁଁ ଘରକୁ ଭୋଗ ନେଇ ପଳାଇ ଆସିଥିଲି ବୋଲି ସମ୍ପୃକ୍ତ ଛାତ୍ରୀଙ୍କଠାରୁ ଶନିବାର ଲେଖା ନିଆଯାଇଥିଲା। ଅପରପକ୍ଷେ ଛାତ୍ରୀଙ୍କ ବାପାଙ୍କୁ ବିଦ୍ୟାଳୟକୁ ଡକାଇ ଇମୋଶନାଲ ବ୍ଲାକ୍‌ମେଲିଂ କରାଯିବା ସହ ତମେ ନ ଚାହିଁଲେ ଚାକିରି ଚାଲିଯିବ, ହଇରାଣ ହୋଇଯିବୁ କହି ଅନୁରୂପ ଭାବେ ଲେଖାନେବାକୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଝିଅ କଥାରେ ଏକମତ ବୋଲି ଶେଷରେ ଛାତ୍ରୀଙ୍କ ବାପାଙ୍କଠାରୁ ମଧ୍ୟ ଲେଖା ନେବାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସଫଳ ହୋଇଥିଲେ। ତେବେ ଛାତ୍ରୀଙ୍କ ବାପା ଦସ୍ତଖତ ଦେଇଥିଲେ ହେଁ ଝିଅର ଅପମାନକୁ ଭୁଲିପାରି ନ ଥିଲେ। ଶନିବାର ସେ ପୁଣି ଗଣମାଧ୍ୟମ ସମ୍ମୁଖରେ ନିଜର କ୍ଷୋଭ ପ୍ରକାଶ କରି କିପରି ଇମୋଶନାଲ ବ୍ଲାକ୍‌ମେଲିଂର ଶିକାର ହୋଇଥିଲେ ସେନେଇ କହିବା ସହ ଝିଅ ପାଇଁ ନ୍ୟାୟ ମାଗିଥିଲେ। ଏପରିକି ଝିଅକୁ ନ୍ୟାୟ ନ ମିଳିଲେ ଚୁପ୍ ନ ରହି ଆଗକୁ ଆନ୍ଦୋଳନ କରିବାକୁ ଦର୍ଶାଇ ଗଣମାଧ୍ୟମର ସହଯୋଗ ମାଗିଥିଲେ। ଘଟଣା ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଶନିବାର ଯୋଗାଯୋଗ କରାଯାଇଥିଲା। ଅଭିଯୋଗକାରୀ ତାଙ୍କୁ ଦେଖା କରିବାକୁ ଜିଲା ଶିକ୍ଷା ଅଧିକାରୀ କହିଥିଲେ। ତେବେ କିଛି ସମୟ ପରେ ଜିଲା ଶିକ୍ଷା ଅଧିକାରୀଙ୍କ ବିବୃତି ବଦଳି ଯାଇଥିଲା। ତଦନ୍ତ ପରେ ଶିକ୍ଷକ ନିଲମ୍ବିତ ହୋଇଥିବା ସେ ଧରିତ୍ରୀଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ତଦନ୍ତ କରାଯାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

## ଚୋରି ମାମଲାରେ ଦୁଇ ଗିରଫ

ଗୋପାଳପୁର,୩୦।୮
(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟ ଓ ବିଭିନ୍ନ ସ୍ଥାନରୁ ଚୋରି କରିବା ଅଭିଯୋଗରେ ଶନିବାର ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ପୁରୁଣା ଗୋଳାବନ୍ଧର ବି.ଯଶବନ୍ତ ରାଓ ଏବଂ ଏସ.ଭରତ ବୋଲି ପୋଲିସ କହିଛି। ଗତ ୨୭ ତାରିଖ ରାତିରେ ଏହି ଥାନା ଅଧୀନ ଭଞ୍ଜବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଗ୍ରୀଲ ତାଲା ଭାଙ୍ଗି କେତେ ଜଣ ଦୁର୍ବୃତ୍ତ କମ୍ପ୍ୟୁଟର ୟୁପିଏସ୍, ପିଲାଙ୍କ ଚକଲେଟ ଭର୍ତ୍ତି ଡବା ଏବଂ ଏଟିଏମ କାର୍ଡ ଚୋରି କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣା ସ୍ଥଳରୁ ଭଙ୍ଗା ତାଲା ଓ ଲୁହା ଗଡି ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୟୁପିଏସ, ଏଟିଏମ କାର୍ଡ ସହ ୪୧୫ ଟଙ୍କା ଜବତ କରି ପୋଲିସ ନଂ. ୩୦୩/୨୫ରେ ମାମଲା ରୁଜୁ କର ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଉଭୟଙ୍କ ସମ୍ପୃକ୍ତି ଥିବା ଜାଣି ସେମାନଙ୍କୁ ଗିରଫ କରାଯାଇଥିଲା। ମାଣ୍ଡିଆପଲ୍ଲୀ ଛକ ନିକଟରୁ ଏକ ବାଇକ (ନଂ ଓ ଆର ୦୭ ୟୁ ୯୧୪୮) ଚୋରି କରି ବ୍ରହ୍ମପୁର ମେଡିକାଲ ପଛପଟେ ରଖିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ପରେ ପୋଲିସ ଏହି ବାଇକ୍‌କୁ ଜବତ କରିଥିଲା। ସେହିପରି ମୋନର୍କ ଛକ ନିକଟରେ ଥିବା ଏକ ଘରୁ ସିସି କ୍ୟାମେରାର ହାର୍ଡଡିସ୍କ ସହ ୧୭ ଶହ ୩୨ ଟଙ୍କା ଚୋରି କରିଥିବା ପ୍ରକାଶ କରିଥିଲେ।

## କଲେଜରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ଭାପୁର, ୩୦।୮ ( ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ଟିକିରିପଡ଼ା ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୨ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ କଲେଜ ତରଫରୁ ଫତେଗଡ଼ ଥାନାକୁ ଫୋନ କରି ଜଣାଇ ଦିଆଯାଇଥିଲା। ଫତେଗଡ଼ ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ବିଶ୍ୱାଳ, ଏଏସ୍ଆଇ ଭାବଗ୍ରାହୀ ମଲ୍ଲିକ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଗଣ୍ଡଗୋଳକାରୀ ଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗଣ୍ଡଗୋଳ କରୁଥିବା ଛାତ୍ରମାନଙ୍କର ଅଭିଭାବକ ଓ ଛାତ୍ରମାନଙ୍କୁ ଥାନାକୁ ଡକାଇ ଆଲୋଚନା ପରେ ଆପୋସ ସମାଧାନ ହୋଇଥିବା ସୂଚନା ମିଳିଛି। କିଛି ଦିନ ତଳେ ପଠାଣି ସାମନ୍ତ ମହାବିଦ୍ୟାଳୟରେ ଛାତ୍ର ଓ ଅଣଛାତ୍ରମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପୋଲିସ ଉପସ୍ଥିତିରେ ସମାଧାନ ହୋଇଥିଲ। ୨୦୨୧ରେ ଭାପୁର ଆଞ୍ଚଳିକ କଲେଜରେ ମଧ୍ୟ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଥିଲା ଏବଂ ପୋଲିସ ଉପସ୍ଥିତିରେ ସମାଧାନ ହୋଇଥିଲା। କଲେଜକୁ ଅଣଛାତ୍ର ଓ ଅସାମାଜିକ ଯୁବକଙ୍କ ପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସମ୍ମିଳନୀ

ରଣପୁର, ୩୦।୮ (ସୁକାନ୍ତ କିଶୋର ଡାକୁଆ)

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୪ର୍ଥ ନୟାଗଡ଼ ଜିଲା ସମ୍ମିଳନୀ ରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ରଘୁ ଦିବାକର ଭବନରେ ସମ୍ମିଳନୀର ପତାକାକୁ ସଂଗଠନର ସଭାନେତ୍ରୀ ବୈଜୟନ୍ତୀ ମିଶ୍ର ଉତ୍ତୋଳନ କରିବାପରେ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ କ୍ଷେତମଜଦୁର ୟୁନିୟନର ରାଜ୍ୟ ସହସମ୍ପାଦକ ସାଥୀ ନିତ୍ୟାନନ୍ଦ ପରିଡ଼ା ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ଜ୍ୟୋତିପ୍ରଭା ଜେନା ଚିଠା ରିପୋର୍ଟ ଉପସ୍ଥାପନ କରିବାପରେ, ରିପୋର୍ଟ ଉପରେ ୭ ଜଣ ସାଥୀ ଆଲୋଚନା କରିଥିଲେ। ଆଗାମୀ ବର୍ଷ ପାଇଁ ଏକ ୯ ଜଣିଆ କମିଟିର ସଭାନେତ୍ରୀ ଭାବେ ବୈଜୟନ୍ତୀ ମିଶ୍ର, ସମ୍ପାଦିକା ଜ୍ୟୋତିପ୍ରଭା ଜେନା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ ରାଜ୍ୟ ନେତ୍ରୀ ମିନତି ପାଣିଗ୍ରାହୀ, ସ୍ୱାଧୀନତାର ୭୮ ବର୍ଷ ପରେ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହିଳାମାନେ ବେଶି ନିର୍ଯାତିତା, ଓଡ଼ିଶାରେ ଦିନକୁ ୧୬ଟି ନାରୀ ନିର୍ଯାତନା ଘଟଣା ଘଟୁଛି। ଉଭୟ ସରକାର ନୀରବଦ୍ରଷ୍ଟା ସାଜିଥିବାବେଳେ ଦରଦାମ ବୃଦ୍ଧିର ପ୍ରଭାବ ମହିଳାମାନଙ୍କର ରୋଷେଇ ଶାଳରେ ପଡ଼ିଛି। ଏହିସବୁ ସମସ୍ୟା ଉପରେ ଆଗାମୀ ଦିନରେ ମହିଳାମାନଙ୍କୁ ସଂଗଠିତ କରି ବ୍ୟାପକ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୭ ଓ ୮ ଭୁବନେଶ୍ୱରଠାରେ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

## ଓଡ଼ଗାଁ ବନାଞ୍ଚଳକୁ ପଶିଲେ ୧୦ ଟିକିଆ ହାତୀପଲ

**ବନ ବିଭାଗ, ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ**



ଓଡ଼ଗାଁ ୩୦।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ବନଖଣ୍ଡ ଗୋଚ୍ଛା ସଂରକ୍ଷିତ ଜଙ୍ଗଲ ପଞ୍ଚିରିଡ଼ା ବନାଞ୍ଚଳରୁ ଓଡ଼ଗାଁ ବନାଞ୍ଚଳ ମଧ୍ୟରେ ୧୦ ଟିକିଆ ହାତୀପଲ ପଶିଛନ୍ତି। ଏହି ସୂଚନା ପାଇବା ପରେ ଓଡ଼ଗାଁ ରେଞ୍ଜରଙ୍କ ପରାମର୍ଶକ୍ରମେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କର ଗତିବିଧି ଓ ଉପସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ହାତୀପଲ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୋଚ୍ଛା ସଂରକ୍ଷିତ ଜଙ୍ଗଲ ଓ ଖୋର୍ଦ୍ଧା ବନଖଣ୍ଡ ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ସ୍ଥାନ ମହୁଲିଆ ଅଞ୍ଚଳରେ ରହୁଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲ ତଳି ଅଞ୍ଚଳରେ ଥିବା ଫସଲ ନଷ୍ଟ କରି ପୁନର୍ବାର ଜଙ୍ଗଲ ମଧ୍ୟକୁ ଫେରି ଯାଉଛନ୍ତି। ତେବେ ହାତୀମାନଙ୍କ ଗତିବିଧି ନେଇ ଓଡ଼ଗାଁ ବନବିଭାଗ ୨୪ ଘଣ୍ଟିଆ ପହରା ବ୍ୟବସ୍ଥା ଚାଲୁ ରଖିଛି। ହାତୀମାନଙ୍କ ଚଳପ୍ରଚଳକୁ ସୁରକ୍ଷିତ କରିବା ନିମନ୍ତେ ଶନିବାର ଓଡ଼ଗାଁ ଓ ବାହାଡ଼ାଖୋଲା ସେକ୍ସନ ସହିତ ଓଡ଼ଗାଁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମଧ୍ୟରେ ବନାଞ୍ଚଳ କାର୍ଯ୍ୟାଳୟଠାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ରଖି ହାତୀମାନଙ୍କ ସୁରକ୍ଷା ନିମନ୍ତେ ହୁକିଙ୍ଗ ଚେକିଙ୍ଗ, ଯୁଗ୍ମ ପାଟ୍ରୋଲିଂ, ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷିତ ବାଡ଼ ବ୍ୟବସ୍ଥା, ବିପଦ ସଙ୍କୁଳ ଅବସ୍ଥାରେ ଥିବା ଝୁଲା ତାରକୁ ଉପରକୁ ଟାଣିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବେଆଇନ ହୁକିଂ ଜଣାପଡ଼ିଲେ ଅଭିଯୁକ୍ତଙ୍କ ଘରକୁ ବିଦ୍ୟୁତ୍ ଯୋଗାଣ ସଙ୍ଗେ ସଙ୍ଗେ ବିଚ୍ଛିନ୍ନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

## ରାସ୍ତା ନିର୍ମାଣ ଦାବିରେ ଦେଓଗାଁ ଗ୍ରାମବାସୀଙ୍କ ଅହୋରାତ୍ର ଧାରଣା ନିଷ୍ପତ୍ତି

ଓଡ଼ଗାଁ, ୩୦।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରିପଡ଼ା ପଞ୍ଚାୟତର ଦେଓଗାଁ ଗ୍ରାମବାସୀ ସେପ୍ଟେମ୍ବର ୧ ସୋମବାରଠାରୁ ଅଟକି ରହିଥିବା ଗ୍ରାମ ରାସ୍ତା ନିର୍ମାଣ କାର୍ଯ୍ୟ ହେବା ପର୍ଯ୍ୟନ୍ତ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଅହୋରାତ୍ର ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କ ସହିତ ଏସ୍‌ପି, ଟାଉନ୍ ଥାନା ଅଧିକାରୀ ଏବଂ ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମକୁ ସୂଚିତ କରାଯାଇଛି।

ସୂଚନାଥାଉ କି ରଙ୍ଗଣିପାଟଣା ଛକଠାରୁ ସୁନାମୁହିଁ ପୂର୍ତ୍ତ ବିଭାଗ ରାସ୍ତାର ଦେଓଗାଁଠାରେ ବିବାଦୀୟ ପରିସ୍ଥିତି ଯୋଗୁ କିଛି ଅଂଶ ନିର୍ମାଣ ନ ହୋଇ ପଡ଼ିରହିଛି। ୨୫ ବର୍ଷ ଧରି ପଡିରହିଥିବା ବିବାଦୀୟ ରାସ୍ତାକୁ ନକ୍ସା ଅନୁସାରେ ନିର୍ମାଣ କରିବା ନିମନ୍ତେ ଗତ ଜୁନ ମାସରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ଚିଠି କରିଥିଲେ। ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିଲାନାହିଁ।

ଇତିମଧ୍ୟରେ ଗ୍ରାମବାସୀଙ୍କ ତରଫରୁ ଜିଲାପାଳ ଏବଂ ପୂର୍ତ୍ତବିଭାଗକୁ ଏକାଧିକ ଥର ସ୍ମରଣ କରାଯିବା ସତ୍ତ୍ୱେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବାରୁ ଗ୍ରାମବାସୀ ଧାରଣାରେ ବସିବେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରାଙ୍କୁ ପଚାରିବାରେ ନକ୍ସା ଅନୁସାରେ ରାସ୍ତା ନିର୍ମାଣ ନିଷ୍ପତ୍ତି ହୋଇଥିବାବେଳେ ଅନୁଦାନ ଆସିବା ପରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ କ୍ରିଷ୍ଣା



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

**ପୌରପରିଷଦ କାର୍ଯ୍ୟାଳୟ, ଗୁଣପୁର**
**ସ୍ୱାୟତ୍ତ ଶାସନ ଦିବସ**
୩୧ ଅଗଷ୍ଟ ୨୦୨୫

ମହାଶୟା/ମହାଶୟ,
ଆସନ୍ତା ତା.୩୧.୦୮.୨୦୨୫ରିଖ ରବିବାର ଦିନ ଗୁଣପୁର ପୌରପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ - ୨୦୨୫" ପାଳନ ହେବାକୁ ଯାଉଅଛି। ଏହି ଅବସରରେ ପୌରପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ। ପୌରପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ।

**ବାର୍ତ୍ତା**

୧. "ମା'ଙ୍କ ପାଇଁ ଗଛଟିଏ" - ଆସନ୍ତୁ ଗଛ ଲଗାଇବା, ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା।
୨. ଗୃହର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ।
୩. ଗୃହପାଳିତ ପଶୁ ଯଥା : ଗାଈଗୋରୁ, ଘୁଷୁରି, କୁକୁରଗୁଡ଼ିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୫. ଘରର ଲାଟ୍ରିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସ୍‌ପୁଲ୍ ଗାଡିକୁ ବ୍ୟବହାର କରନ୍ତୁ।

।। ଶ୍ରଦ୍ଧାର ସହ ।।
ଆପଣଙ୍କ ଗୁଣମୁଗ୍ଧ



ଶ୍ରୀମତୀ ମମତା ଗୌଡ଼
ଅଧ୍ୟକ୍ଷା
ପୌରପରିଷଦ, ଗୁଣପୁର



ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ
ଉପାଧ୍ୟକ୍ଷ
ପୌରପରିଷଦ, ଗୁଣପୁର



ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଗୁଣପୁର

ପୌରପରିଷଦର ସମସ୍ତ ପାରିଷଦବୃନ୍ଦ

**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୫" ଓ ନିଖିଳ ଭାରତ ସ୍ୱାୟତ୍ତ ଦିବସ ୨୦୨୫ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ। ଏହି ଅବସରରେ ପୌର ପରିଷଦ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କମନା କରୁଛି । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରର୍ଥନା ।



ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର



ଗାୟତ୍ରୀ ଭୋଇ
ଉପ-ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର



**- ବାର୍ତ୍ତା -**

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର ।

Executive Officer
Balangir Municipality

BARIPADA MUNICIPALITY

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ**
**ବାରିପଦାବାସୀଙ୍କୁ ପୌରପାଳିକାର**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ
ଉପନଗରପାଳ,
ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ

ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ,
ବାରିପଦା ପୌରପାଳିକା

**ବ୍ରହ୍ମପୁର ମହାନଗର ନିଗମ**

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ**

**କରନ୍ତୁ:**

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବାଚୋପା, ବାସିଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପ୍‌ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନିବର୍ଷରେ ଥରେ ସଫାକରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାଶଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲ୍‌କୋନୀ/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥର୍‌ମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମାହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର,
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ.ବିବେକ୍ ରେଡ୍ଡୀ
ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ
ମେୟର
ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

# ବର୍ଷକର ଆହାର ଛଡ଼ାଇନେଲା ବନ୍ୟା



ଚାଷଜମିରେ ବନ୍ୟା ପାଣି ପଶିରହିଛି ।



ବରୀ-କଳାମାଟିଆ ରାସ୍ତାରେ ଗୃହପାଳିତ ପ୍ରାଣୀ ଚାରଣ କରୁଛନ୍ତି ।

**ବରୀ,୩୦।୮(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରନ୍ତି । ମାତ୍ର ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ତନ୍ତୀଘାଇର ଶାଖା ଦୁଧେଇ ନଦୀରେ ୨ୟ ବନ୍ୟା ଆସିବାରୁ ଏହି ଅଞ୍ଚଳର ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ପ୍ରଥମ ବନ୍ୟାଜଳ ଛାଡ଼ିବା ପରେ ଯେଉଁ ଫସଲ ରହି ଯାଇଥିଲା ଚାଷୀ ସେସବୁର ବେଉଷଣ କରିଥିଲେ । ପରବର୍ତ୍ତୀ ସମୟରେ ଦ୍ୱିତୀୟ ବନ୍ୟା ଆସି ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଚାଷ ଜମିରେ ପଶି ରହିଛି । ଫଳରେ ଧାନ ଗଛଗୁଡ଼ିକ ପଚି ନଷ୍ଟ ହୋଇଯାଇଛି । ଧାନ ଓ ପନିପରିବା ଚାଷ କରିଥିବା ଚାଷୀ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ବର୍ଷକର ଆହାରକୁ ବନ୍ୟା ଛଡ଼ାଇ ନେଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଚାଷ ଜମି ସହିତ ବିଲ ବାଡ଼ିରେ ବନ୍ୟାଜଳ ଜମି ରହିଥିବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଦେଇଛି । ଗୋରୁ ରାସ୍ତା ଉପରେ ଚାରଣ କରୁଛନ୍ତି । ପ୍ରଥମ ବନ୍ୟା ପରେ ୨୪ ନଂ. ଜୋନ ଭାଜପା ଯୁବମୋର୍ଚ୍ଚା ସଭାପତି ଅଜୟ ସାମଲଙ୍କ ନେତୃତ୍ୱରେ କର୍ମୀମାନେ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ । ଏବେ ଦ୍ୱିତୀୟ ବନ୍ୟାରେ ପୁଣି ଫସଲ ନଷ୍ଟ ହୋଇଥିବାରୁ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ନିମାଇଁ ରାୟ ଚାଷୀଙ୍କୁ କ୍ଷତିପୂରଣ ସହ ରବିଫସଲ ପାଇଁ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ତୁଳତି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଇଁ କମିଟି ଗଠିତ

**କୋରେଇ,୩୦।୮(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅଧୀନ ତୁଳତି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ଏକ କମିଟି ଗଠନ କରାଯାଇଛି । ଏନେଇ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ସାହୁ ଓ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍କୁଲ ପ୍ରତିଷ୍ଠାର ଇତିହାସ କହିବା ସହ ଏହାର ୫୦ ବର୍ଷ ପୂର୍ତ୍ତି ପାଳନ ଲାଗି ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ର ଯଯାତି କେଶରୀ ମହାପାତ୍ର, ପୂର୍ବତନ ସରପଞ୍ଚ ଅଭୟ ମହାନ୍ତି, ସମିତିସଭ୍ୟ ଶମ୍ଭୁନାଥ ଜେନା, ଆଇନଜୀବୀ କିଶୋର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ରାଉତ ଓ ଖବରଦାତା ପବିତ୍ର ମୋହନ ରାଉତରାୟ ପ୍ରମୁଖ ଜୟନ୍ତୀ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସର୍ବସମ୍ମତିକ୍ରମେ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ଅଭୟ ମହାନ୍ତି, ଉପସଭାପତି ସୀତାକାନ୍ତ କୁଅଁର, ସମ୍ପାଦକଭାବେ କିଶୋର ସେନାପତି, ସହସମ୍ପାଦକଭାବେ କିଶୋର ସାହୁ, କୋଷାଧ୍ୟକ୍ଷଭାବେ ଅଭୟ ମହାନ୍ତି ଓ ମିଡିଆ ସଂଯୋଜକ ଭାବେ ପବିତ୍ର ମୋହନ ରାଉତରାୟ ମନୋନୀତ ହୋଇଥିଲେ । ବିଦ୍ୟାଳୟର ସମସ୍ତ ପୂର୍ବତନଶିକ୍ଷକ ଉପଦେଷ୍ଟା ରହିବାକୁ ନିଷ୍ପତ୍ତି ହୋଇଥିଲା । ପରବର୍ତ୍ତୀ ବୈଠକରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସହସ୍ରାଂଶୁ ଶେଖର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ଜେନା ଓ କିରାଣି ମାଗୁଣି ଚରଣ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ବ୍ୟାସନଗର ସାହିତ୍ୟ ସଂସଦର କାର୍ଯ୍ୟକାରିଣୀ ବୈଠକ

**ଯାଜପୁରରୋଡ୍,୩୦।୮ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ପଦ୍ମନାଭ ମଲ୍ଲଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟାସନଗର ସାହିତ୍ୟ ସଂସଦର ଏକ ବୈଠକ ବ୍ୟାସନଗର ଷ୍ଟାଡିୟମରୋଡସ୍ଥିତ କ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପଦ୍ମଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସର୍ବସମ୍ମତି କ୍ରମେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ୮୫ତମ ଜନ୍ମଦିନ ଅକ୍ଟୋବର ୮ରେ ପାଳନ କରିବାକୁ ସ୍ଥିର କରାଯାଇଥିଲା । ଏହି ଉପଲକ୍ଷେ ସଂସଦର ମୁଖପତ୍ର 'ବ୍ୟାସନଗର' ପ୍ରକାଶ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବ୍ୟାସନଗରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଏକ ବିଶେଷାଙ୍କ ପ୍ରକାଶନ ପାଇଁ ସ୍ଥିର କରାଯାଇଥିଲା । ଆଗାମୀ ସେପ୍ଟେମ୍ବର ୧୫ ଭିତରେ ସଂସଦର ମୁଖ୍ୟ ପରାମର୍ଶଦାତା ପ୍ରଫେସର କୁଶଚନ୍ଦ୍ର ପ୍ରଧାନଙ୍କୁ ଲେଖା ପଠାଇବାକୁ ଅନୁରୋଧ କରାଯାଇଥିଲା । ବୈଠକରେ ସାହିତ୍ୟିକ ମଧୁସୂଦନ ମହାପାତ୍ର, କାହ୍ନୁଚରଣ ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ, ଆଇନଜୀବୀ ବ୍ରଜକିଶୋର ପତି, ଖବରଦାତା ଚିନ୍ତାମଣି ପାଢ଼ୀ, ପ୍ରଶାନ୍ତ ପାତ୍ର, ନିତ୍ୟାନନ୍ଦ ମହାଳିକ, ନିତ୍ୟାନନ୍ଦ ଦାଶଙ୍କ ସମେତ ବହୁ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଶୁଭଦର୍ଶୀ ମଲ୍ଲ ଧନ୍ୟବାଦ ଦେଇଥିଲେ ।



ବୈଠକ ଯୋଗଦେଇଥିବା ବ୍ୟାସନଗର ସାହିତ୍ୟ ସଂସଦର ସଦସ୍ୟମାନେ ।

# କାକୁଡ଼ିକୁଦ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର



ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ଅନ୍ୟମାନେ ।

**ବ୍ରହ୍ମବରଦା,୩୦।୮ (ଯଯାତି କେଶରୀ ବେହେରା):**

ଯାଜପର ବ୍ଲକ୍ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୬ଲକ୍ଷଟଙ୍କା ବ୍ୟୟ ବରାଦରେ ନୂତନ ଗୃହ ନିର୍ମାଣ ହେବ । ୨ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଧାୟକ ମଲ୍ଲିକ ପ୍ରକାଶ କରିଛନ୍ତି । ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଲେ ଝାଲପଡ଼ା, କାକୁଡ଼ିକୁଦ, ରୁଦ୍ରପୁର ଗ୍ରାମର ପ୍ରାୟ ୧୦ ହଜାର ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କୁହାଯାଇଛି ।

ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବରୀ ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ୍, ଜିଲାପରିଷଦ ସଭ୍ୟ ଦିଲୀପ ମାହାନ୍ତି, ଝାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ, ନାଏବ ସରପଞ୍ଚ ବେଣୁଧର ମୁଦୁଲି, ଏରବାଙ୍କ ସରପଞ୍ଚ ରେଖା ମଲ୍ଲିକ, ଦିଲୀପ ଜେନା, ଉତ୍କଳ ଜେନା, ଚନ୍ଦନ ବିଶ୍ୱାଳ, ନିଶିକାନ୍ତ ସାହୁ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ରଶ୍ମିତା ସାହୁ, ସମ୍ପାଦିକା ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମିଶନଶକ୍ତି ମହିଳାମାନେ ମିଶନଶକ୍ତି ଗୃହକୁ ପକ୍କା ରାସ୍ତା, ବିଦ୍ୟୁତ୍ ସଂଯୋଗ ସହ ପାଚେରି ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ ।

# ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ

**ବ୍ରହ୍ମବରଦା,୩୦।୮ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହେଉଛି । ପଞ୍ଚାୟତର ବରଦା ସାହି ମା' ମଙ୍ଗଳା ପୂଜା କମିଟିରେ ସମ୍ପାଦକ ଦୀନବନ୍ଧୁ ରାଉତ ମୁଖ୍ୟକର୍ତ୍ତାଭାବେ ପୂଜା କାର୍ଯ୍ୟ ତୁଲାଇଥିଲେ । ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ପୂଜା ମଣ୍ଡପରେ କଳସ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜା କମିଟି ସଭାପତି ଚିତ୍ତରଞ୍ଜନ ଦାସ ସହଯୋଗ କରିଥିଲେ । ଚଳିତ ବର୍ଷ ଏଠାରେ ୧୧ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି କରାଯାଇଛି । ସେହିପରି ଚାରିଗାରପୁର ପୂଜା କମିଟିରେ ସଭ୍ୟ ସୌମ୍ୟ ରଞ୍ଜନ ରାଉତ, ବେଲଗୁଡ଼ୁରେ ପୂଜା କମିଟି ସଭ୍ୟ କୁନା ସାହୁ ମୁଖ୍ୟ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇଛନ୍ତି । ସେହିପରି ବ୍ରହ୍ମବରଦା ପଞ୍ଚାୟତର ଡିଅସାହି, ଛେନାଖିଆପାଟଣା, ନୂଆକୂଳ ଆଦି ଗ୍ରାମରେ ଗଣେଶ ପୂଜା ବହୁ ଆଡମ୍ବର ସହକାରେ ପାଳିତ ହେଉଛି । ବରୀର ଯୁବନେତା ଉମେଶ ଜେନା ଆସି ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଜାନନଙ୍କ କୃପା ଲାଭ କରିଛନ୍ତି ।



ଏକ ପୂଜା ମଣ୍ଡପରେ ଭାଜପା ନେତା ଉମେଶ ଜେନା ଓ ଅନ୍ୟମାନେ ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ଦଶରଥପୁର,୩୦।୮(ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅନ୍ତର୍ଗତ କମାରଡିହି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପୋଖରୀରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତଯୁବକ କମାରଡିହି ଗ୍ରାମର ବାବାଜୀ ଚରଣ ନାୟକଙ୍କ ପୁଅ ଭାଗବତ ନାୟକ ଓରଫ୍ କାନ୍ତାରି(୪୦) ବୋଲି ଜଣାପଡ଼ିଛି । ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ପରେ ଅଗ୍ନିଶମ ବାହିନୀ ସାହାଯ୍ୟରେ ମୃତଦେହକୁ ଉଦ୍ଧାର କରାଯାଇଥିଲା ।



ଗୁରୁବାର ସନ୍ଧ୍ୟାଠାରୁ ଭାଗବତ ନିଖୋଜ ଥିଲେ । ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ପକ୍ଷରୁ ଶୁକ୍ରବାର ମଙ୍ଗଳପୁର ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା । ମୃତଦେହ ମିଳିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି । ଏନେଇ ଥାନାରେ ନଂ.୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କୁ ସ୍ୱାଗତ

**ରସୁଲପୁର,୩୦।୮(ରଞ୍ଜିତ ରାଉତ):**

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବିବତା ପାତ୍ର ଯାଜପୁର ଜିଲାକୁ ଦିନିକିଆ ଗସ୍ତରେ ଆସିବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି ଅବସରରେ ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୋପାଳପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିସହ ବ୍ଲକ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଅଧ୍ୟକ୍ଷା ପାତ୍ରଙ୍କ ସମେତ ଆୟୋଗର ଅନ୍ୟ ସଦସ୍ୟା ସୁଜାତା ନାୟକ, ମନସ୍ମିତା ଖଣ୍ଟିଆ, କସ୍ତୁରୀ ମିଶ୍ର, ଚନ୍ଦନା ଦାସଙ୍କୁ ସମ୍ମାନିତ କରାଯାଇଛି ।

ବ୍ଲକ ଅଞ୍ଚଳରେ ଶିଶୁଙ୍କ ସୁରକ୍ଷାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ବିଧିବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଅଧ୍ୟକ୍ଷା ପଚାରି ବୁଝିଛନ୍ତି । ଡାକବଙ୍ଗଳାଠାରେ ଭାଜପା ଯାଜପୁର ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସମେତ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଥିଲେ । କୁଆଖିଆଠାରେ କୋରେଇ ଭାଜପା ଶାଖା ତରଫରୁ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ମିଡିଆ ସେଲ୍ ପ୍ରତିନିଧି ପଦ୍ମଲୋଚନ ନାୟକ, ମଣ୍ଡଳ ସଭାପତି ବନୋଦ ମହାରଣା, ୩୩ନଂ ଜୋନ ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ଯୁବନେତା ଦୁଷ୍ମନ୍ତ ମଲିକ, ମୁଗୁପାଳ ସମିତିସଭ୍ୟ ନରୋତ୍ତମ ସାହୁ, ସୁବାସ ନାୟକ, ରଞ୍ଜନ ଦେଓ, ଲକ୍ଷ୍ମୀନଗର ସରପଞ୍ଚ ସର୍ବେଶ୍ୱର ସାହୁ, ହିମାଂଶୁ ବେହୁରିଆ, ଅଂଶୁମାନ କର, ପିଣ୍ଟୁ ପାତ୍ର, ସାମଜିକକର୍ମୀ ଆଲୋକ ଦାସ, ଅନିଲ ସାମନ୍ତରାୟ, ଶୁଭେନ୍ଦୁ ଦାସ, ଦିବ୍ୟଜ୍ୟୋତି ଆଇଚ, ପ୍ରଶାନ୍ତ ପରିଡା, ଶଶାଙ୍କ ଶେଖର ରାଉତ, ଉମେଶ ନାୟକଙ୍କ ସମେତ ବହୁ ଭାଜପା ନେତା ଅଧ୍ୟକ୍ଷା ଦାସ ଓ ଆୟୋଗର ଅନ୍ୟ ସଦସ୍ୟାଙ୍କୁ ସାକ୍ଷାତକରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।


# ୫୦ଲିଟର ମଦ ଜବତ, ଜଣେ ଗିରଫ

**ଯାଜପୁରରୋଡ୍,୩୦।୮ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗରସ୍ଥିତ ଡୋଳିପୁର ଅବକାରୀ ବିଭାଗ ୫୦ ଲିଟର ଦେଶୀ ମଦ ଓ ଏକ ବାଇକ୍ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଏକତାଳି ଗ୍ରାମର ଭ୍ରମର ମଲିକ । ଅବକାରୀ ବିଭାଗ ପକ୍ଷରୁ କୋରେଇ ଥାନା ଅନ୍ତର୍ଗତ ରଗଡି ଛକରେ ଅଚାନକ ଚଢ଼ାଉ କରାଯାଇଥିଲା । ଏହି ସମୟରେ ଭ୍ରମର ବାଇକ ନଂ.ଓଡି ୦୪୧୧୬୩ରେ ୫୦ଲିଟର ଦେଶୀ ମଦ ଧରି ବିକିବାକୁ ଆସୁଥିଲେ । ଏହାଦେଖି ଅବକାରୀ ବିଭାଗ କର୍ମଚାରୀ ତାଙ୍କୁ କାବୁ କରିଥିଲେ । ଏନେଇ ଅବକାରୀ କେସ ନଂ.୧୨୧/୨୦୨୫-୨୬ରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଅଧିକାରୀ ବିଭୂପ୍ରସାଦ ସାହୁ ସୂଚନା ଦେଇଛନ୍ତି । ଚଢ଼ାଉରେ ଏଏସଆଇ ରଶ୍ମିରେଖା ଜେନା, ଚଗଲା ମଲିକ ଓ ମାଳତି ମାଝୀ ସାମିଲ ହୋଇଥିଲେ ।

# ଡାକ୍ତର ବସନ୍ତ କିଶୋର ଜେନାଙ୍କ ପରଲୋକ

**ଚଣ୍ଡିଖୋଲ, ୩୦।୮(ପ୍ରଦୀପ୍ତ କୁମାର ପୃଷ୍ଟି):**



ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମର ଜଣାଶୁଣା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ବସନ୍ତ କିଶୋର ଜେନାଙ୍କ ୭୦ ବର୍ଷ ବୟସରେ ଶନିବାର ସକାଳେ ପରଲୋକ ହୋଇଯାଇଛି । ସେ କିଛି ଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ । ୧୯୫୫ରେ ନାନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କୁସୁପୁର ନନ୍ଦକିଶୋର ବିଦ୍ୟା ମନ୍ଦିରରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଡାକ୍ତର ପାଠ ପଢି ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଲୋକଙ୍କ ସେବା କରି ଆସୁଥିଲେ ।

ସେ ଭୁବନେଶ୍ୱରରେ ରହୁଥିଲେ । ଭୁବନେଶ୍ୱର ଲାଇଫ ଲାଇନ ନର୍ସିଂ ହୋମର ନିର୍ଦ୍ଦେଶକ ଥିଲେ । ତାଙ୍କ ମରଶରୀର ନିଜ ଜନ୍ମ ମାଟିରେ ଅପରାହ୍ନ ୩ଟାରେ ପହଞ୍ଚିଥିଲା । ପରେ ଏକ ଶୋଭାଯାତ୍ରାରେ ନାନପୁର, କୁସୁପୁର, ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରାଯାଇ ଥିଲା । ଏହାପରେ ଭୁବନେଶ୍ୱର ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା । ତାଙ୍କ ପୁତ୍ର ସ୍ୱହମ ଜେନା ମୁଖାଗ୍ନି ଦେଇଥିଲେ । କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ପ୍ରଫେସର ବସନ୍ତ କିଶୋର ସାହୁ, କିରଣ ଶତପଥୀ, ପ୍ରମୋଦ ଭୂୟାଁ, ଅକ୍ଷୟ ଜେନା, ଅମିୟ ବିଶ୍ୱାଳ, ଅମିୟ ସାହାଣୀ, ଅଭିମନ୍ୟୁ ବଳ ପ୍ରମୁଖ ଉପସ୍ଥିତ ରହି ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଭସାଣି ଶୋଭାଯାତ୍ରାରେ ବାଜିଲା ନାହିଁ ଡିଜେ

## ବାରଣ କଲା ପୋଲିସ

**ନୀଳଗିରି, ୩୦।୮ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ସହରରେ ଗଣେଶ ମେଢ ଭସାଣି ପାଇଁ ବିଭିନ୍ନ କମିଟି ପକ୍ଷରୁ ଗାଡ଼ିରେ ଡିଜେ ସଜାଇ ପ୍ରସ୍ତୁତି ହୋଇଥିବା ବେଳେ ଶନିବାର ମଧ୍ୟାହ୍ନରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି ତାଗିଦ କରିବା ସହ ସମସ୍ତ କମିଟିକୁ ନୀଳଗିରି ପୋଲିସ ବାରଣ କରିଥିଲେ । ନୀଳଗିରି ସହରରେ ଡିଜେ ବାଜିପାରିବ ନାହିଁ ବୋଲି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅଛି ବୋଲି ପ୍ରକାଶ କରିଥିଲେ । ଫଳରେ ସବୁ କମିଟି ଡିଜେକୁ ଆଉ ବଜାଇ ନ ଥିଲେ । ଶେଷରେ ନୀଳଗିରି ପୋଲିସର ନିର୍ଦ୍ଦେଶକୁ ସବୁ କମିଟି ମାନି ନେଇ ଦୁଇଟି ବକ୍ସ ବଜାଇ ବିସର୍ଜନ କରିଥିବା ଦେଖିବାକୁ ମିଳିଥିଲା । ପୋଲିସ କିଛି ଡିଜେ ଗାଡିକୁ ଥାନାକୁ ନେଇଥିବା ଜଣାପଡିଛି ।

# ଛାତ୍ରୀଛାତ୍ର ପାରଦର୍ଶିତା ହାସଲ କରିବାକୁ ଆହ୍ୱାନ

## ଧର୍ମଶାଳା ମହାବିଦ୍ୟାଳୟର ୪୮ତମ ସ୍ୱନକ୍ଷତ୍ର ସମାରୋହ

**ଧର୍ମଶାଳା/କାଏମା,୩୦।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ମହବିଦ୍ୟାଳୟର ୪୮ତମ ସ୍ୱନକ୍ଷତ୍ର ସମାରୋହ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ । କଲେଜର ଉନ୍ନତି ପ୍ରକଳ୍ପେ ସୁବକିଛି କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବାଲ୍ ସାହିତ୍ୟ ପୁରସ୍କରପ୍ରାପ୍ତ କବି ରାଜକିଶୋର ପାଢ଼ୀ ଯୋଗଦେଇ କହିଥିଲେ, ୧୯୭୮ ଅଗଷ୍ଟରେ ରାଜ୍ୟରେ ହାଇସ୍କୁଲ ଶିକ୍ଷକଙ୍କ ଆନ୍ଦୋଳନ ଚାଲିଥିଲା । ଶିକ୍ଷକମାନେ




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଜାରକା ଛକର ଦୁର୍ଗା ମଣ୍ଡପରେ ଏକତ୍ରିତ ହୋଇଥିଲେ । ଏହି ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ବିଶ୍ୱାଳ ଅଣଶିକ୍ଷକଙ୍କ ସହ ଆଲୋଚନା କରି କଲେଜ୍ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ଜାରକା ଉପ୍ରା ସ୍କୁଲରେ ଆଜିର ତାରିଖରେ କଲେଜ୍ ଶୁଭାରମ୍ଭ ହୋଇଥିଲା ।

ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ବସନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପିକା ସସ୍ମିତା ସାମଲ ପ୍ରଦତ୍ତ ମାନପତ୍ର ପାଠ କରିଥିଲେ । କଲେଜ୍‌ର ମୁଖପତ୍ର କସ୍ତୁରୀକୁ ଅତିଥି ଉନ୍ମୋଚନ କରିଥିଲେ । ପରୀକ୍ଷାରେ ଅଧିକ ନମ୍ବର ରଖି ପାସ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ସନ୍ତୋଷ ପଣ୍ଡା ବେଦ ପାଠ କରିଥିବାବେଳେ ଅଧ୍ୟାପକ ଅରବିନ୍ଦ ମହାନ୍ତି ସଭା ପରିଚାଳନାରେ ସହାୟତା କରିଥିଲେ । ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପ୍ରରିବେଷଣ କରାଯାଇଥିଲା । ପରେ ବିଷ୍ଣୁମୋହନ କବି ଓ ସାଥୀମାନଙ୍କ ଦ୍ୱାରା ସାଂସ୍କୃତିକ ପରିବେଷଣ କରାଯାଇଥିଲା । ଅଧ୍ୟାପିକା ଲିନା ରାୟ ଧନ୍ୟବାଦ ଦେଇଥିଲେ ।

# ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ

ରାଜନଗର, ୩୦।୮ (ଭାସ୍କର ରାଉତରାୟ)



ଭିତରକନିକା ଜାତୀୟ ଉଦ୍ୟାନରେ ପକ୍ଷୀ ଗଣନା କରାଯାଉଛି।

କେନ୍ଦ୍ରାପଡ଼ା ଜିଲାର ଭିତରକନିକାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଶନିବାରଠାରୁ ଆରମ୍ଭ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ଓଜ ବାଲିଡ଼ିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ। ପ୍ରଥମ ଦିନରେ ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆରୁ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କର ତତ୍ତ୍ୱାବଧାନରେ କନିକା ରେଞ୍ଜର ୨ଟି ଟିମ୍ ଏହି ଗଣନା ଆରମ୍ଭ କରିଛନ୍ତି। କନିକା ରେଞ୍ଜ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ଗଣନା ସମୟରେ ଉପସ୍ଥିତ ରହି କର୍ମଚାରୀମାନଙ୍କୁ କିପରି ଗଣନା କରାଯିବ, ସେ ବିଷୟରେ ବୁଝାଇଥିଲେ । ଶନିବାର ୨ଟି ଗ୍ରୁପ୍‌ରେ ୭ ଜଣ ଲେଖାଏଁ ଅଭିଜ୍ଞ ବନ କର୍ମଚାରୀମାନେ ପକ୍ଷୀଙ୍କ ଗଣନା କରିଛନ୍ତି। ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆଠାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିବାକୁ ଯାଇଥିଲେ ମଧ ବନ୍ୟା ପାଣି ଅଧିକ ଥିବାରୁ ଗଣନାକରି ନ ପାରି ଫେରି ଆସିଥିବା ଜଣାପଡ଼ିଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରେ ଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି । ଭିତରକନିକାର ମଠଆଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆ ସମେତ ବାଲିଡିଆଠାରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଓ କେତେଜଣ ପକ୍ଷୀ ଶାବକ ଅଛନ୍ତି ସେନେଇ ଟିକିନିକି ଭାବେ ଗଣନା କରୁଛନ୍ତି । ଏହି ଗଣନା ସେପ୍ଟେମ୍ବର ୧ ତାରିଖ ଯାଏଁ ଚାଲିବ ବୋଲି ସୂଚନା ମିଳିଛି।

# ନିଆରା ପରମ୍ପରା: ୧୫ ଦିନଧରି ଚାଲେ ଗଜାନନଙ୍କ ପୂଜା

ଡେରାବିଶ, ୩୦।୮ (ବେବର୍ତ୍ତା ଅଜୟ ଦାଶ)




କଟକ-ଡେରାବିଶ-ଚାନ୍ଦବାଲି ରାଜ୍ୟ ରାଜପଥର ଚଣ୍ଡିବଜାର ନିକଟରେ ପ୍ରତ୍ୟକ୍ଷ ଠାକୁରାଣୀ ମା ରାମଚଣ୍ଡୀ ଙ୍କ ବିଜେସ୍ଥଳୀ। ପ୍ରତ୍ୟହ ବହୁଶ୍ରଦ୍ଧାଳୁ ଓ ମାନସିକଧାରୀ ମା'ଙ୍କୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ସେ ହେଉଛନ୍ତି ମେଳକସାହି ଗ୍ରାମବାସୀଙ୍କ ଆରାଧ୍ୟା। ଏହି ଗ୍ରାମରେ ଏକ ନିଆରା ପରମ୍ପରା ଦୀର୍ଘ ୨୮ ବର୍ଷ ଧରି ଦେଖିବାକୁ ମିଳିଛି। ଗଣେଶ ଚତୁର୍ଥୀରେ ପ୍ରଭୁ ବିନାୟକଙ୍କୁ ମା'ଙ୍କ ପୀଠ ନିକଟରେ ଆବାହନ କରାଯାଇଥାଏ। ସମସ୍ତ ଗ୍ରାମବାସୀ ଏହି ପୂଜାରେ ସାମିଲ ହୋଇଥାନ୍ତି। ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗଜାନନଙ୍କ ପୂଜାକୁ ବେଶ୍ ଜାକଜମକର ସହ ପାଳନ କରିଥାନ୍ତି। ୧୫ ଦିନଧରି ଚାଲେ ଗଜାନନଙ୍କ ପୂଜା। ୧୫ ଦିନ ଧରି ଗ୍ରାମର ସମସ୍ତ ଜନସାଧାରଣ ସାତ୍ତ୍ୱିକ ଭୋଜନ ସହ ବିଧିବିଧାନରେ ପାଳିଥାନ୍ତି ଗଜାନନ ଙ୍କ ପୂଜା। ମା'ଙ୍କ ପୀଠରେ ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭୋଜିଭାତରେ ସାମିଲ ହୋଇଥାନ୍ତି ଗ୍ରାମର ଆବାଳବୃଦ୍ଧବନିତା। ଏହି କାର୍ଯ୍ୟକ୍ରମକୁ ରାମଚଣ୍ଡୀ ଯୁବକ ସଂଘ ପକ୍ଷରୁ ସଭାପତି ସମୀର କୁମାର ଦାସ, ସମ୍ପାଦକ ସୁରଞ୍ଜନ ବାରିକ, ତୋଫାନ ସ୍ୱାଇଁ, ବିଶ୍ୱଜିତ ରାଉତ, ପ୍ରଦ୍ୟୁମ୍ନ ରାଉତ, ସୁଜିତ କୁମାର ଦାସ, ପ୍ରକାଶ ସ୍ୱାଇଁ ଓ ବିଭୁପ୍ରସାଦ ରାଉତଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଥିବାବେଳେ ଆସନ୍ତା ୧୧ ତାରିଖ ଭସାଣି ଉତ୍ସବ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଗ୍ୟାସ ଫିଲିଂ ସମୟରେ ଅଗ୍ନିକାଣ୍ଡ: ବ୍ୟବସାୟୀ ଗୁରୁତର

ପାରାଦୀପ,୩୦।୮(ଶରତ ରାଉତ)

ଜାଲେଣି ଗ୍ୟାସ୍ ସିଲିଣ୍ଡର ଫିଲିଂ ବେଳେ ଅଗ୍ନିକାଣ୍ଡ ହେବାରୁ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ପୌର ବାଣିଜ୍ୟ ବିତାନଠାରେ ଶନିବାର ଏହି ଘଟଣା ଘଟିଛି। ଗୁରୁତର ଜଣକ ହେଲେ ସନାତନ ମେକାପ। ସେ ଗ୍ୟାସ ସିଲିଣ୍ଡର ଫିଲିଂ ବ୍ୟବସାୟ କରନ୍ତି। ଦୋକାନରେ ସେ ଉକ୍ତ କାର୍ଯ୍ୟ କରୁଥିବାବେଳେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ସେ ଫସିଯାଇଥିଲେ। ବହୁ କଷ୍ଟରେ ସନାତନ ଦୋକାନ ବାହାରକୁ ଆସିଥିଲେ ମଧ ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡି ଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବା ସହ ସନାତନଙ୍କୁ ଉଦ୍ଧାର କରି ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେଠାରେ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି। ଘଟଣା ସମ୍ପର୍କରେ ସନାତନ କୁହନ୍ତି, ନିଆଁ କିପରି ଲାଗିଲା ସେ ବିଷୟରେ ତାଙ୍କୁ ଜଣାନାହିଁ। ସେଠାରେ ଚୋରାରେ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟ ଚାଲିଥିଲା ବୋଲି ଚର୍ଚ୍ଚା ହେଉଛି।

# ସରକାରୀ ଟିମ୍‌ର ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ, ସମୀକ୍ଷା



କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀମାନେ ଶିଳ୍ପାଞ୍ଚଳ ପରିଦର୍ଶନ କରୁଛନ୍ତି।

ଡେରାବିଶ, ୩୦।୮ (ବେବର୍ତ୍ତା ଅଜୟ ଦାଶ)

ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନଉଦ୍ଧାର କାର୍ଯ୍ୟ ସରକାରୀ ସ୍ତରରେ ଆଉ ଦୁଇପାଦ ଆଗେଇଛି। ଶନିବାର କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀ ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ ସାଙ୍ଗକୁ ସମୀକ୍ଷା କରିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ଶିଳ୍ପାଞ୍ଚଳର ଉଦ୍ୟୋଗୀ ଓ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଜାତୀୟ ରାଜପଥର ବଳଭଦ୍ରପୁର ଛକଠାରେ ଜିଲାପାଳଙ୍କ ସମେତ ପଦାଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଶିଳ୍ପାଞ୍ଚଳ ପରିଦର୍ଶନ ସମୟରେ ଜିଲାପାଳଙ୍କ ସହିତ ଶିଳ୍ପ ବିଭାଗ, ଇଡ଼କୋ, ଏମ୍ଏସ୍ଏମ୍ଇ, ରାଜସ୍ୱ, ଡିଆଇସିଜିଏମ୍, ବିଦ୍ୟୁତ୍, ଜଳସେଚନ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ବିଡିଓ ନମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ୍ ଶିଳ୍ପାଞ୍ଚଳ ଭିତରେ ଚାଲି ଚାଲି ପ୍ରାୟ ୧୦ଟି କରତ କଳ ଶିଳ୍ପ ଦେଖିବା ସହିତ ଶିଳ୍ପାଞ୍ଚଳରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଶିଳ୍ପାଞ୍ଚଳର ସମସ୍ତ ଉଦ୍ୟୋଗୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ପଞ୍ଚାୟତ ନେତୃମଣ୍ଡଳୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଗତ ସପ୍ତାହରେ ଭାଜପା ରାଜ୍ୟ ମୁଖପାତ୍ର ପରିଡ଼ାଙ୍କ ନେତୃତ୍ୱରେ ଉଦ୍ୟୋଗୀମାନେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଇଡ଼କୋ ଅଧିକାରୀଙ୍କ ସମେତ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରିଥିଲେ। ଶନିବାର ଆଲୋଚନା ସମୟରେ ଉଦ୍ୟୋଗୀ ଓ ଜନସାଧାରଣଙ୍କ ତରଫରୁ ତେଜେଶ୍ୱର ପରିଡ଼ା ଇଡ଼କୋ ଦ୍ୱାରା କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ନୂତନ ବୋରିଂ ସହ ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବିଭିନ୍ନ ପ୍ରକାର ନୂତନ ଶିଳ୍ପ ପ୍ରତିଷ୍ଠା, ଶ୍ରମିକଙ୍କ ପାଇଁ ହଷ୍ଟେଲ ନିର୍ମାଣ, ସ୍ୱାସ୍ଥ୍ୟସେବା, ଏଟିଏମ୍, ଫାଣ୍ଡି ନିର୍ମାଣ ସମେତ ଏହି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି ଉପସ୍ଥାପନ କରିଥିଲେ। ସମସ୍ତ ବିଷୟରେ ଜିଲା ପ୍ରଶାସନ ସବୁ ବିଭାଗ ସହ ବିସ୍ତୃତ ଆଲୋଚନା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ଖୁବ୍‌ଶୀଘ୍ର ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି।

# ନରସିଂହପୁର ରାମନବମୀ ରାବଣଙ୍କ ହୃଦ୍‌ଘାତରେ ଦେହାନ୍ତ

ଡେରାବିଶ, ୩୦।୮ (ବେବର୍ତ୍ତା ଅଜୟ ଦାଶ)



ପ୍ରଣବ କୁମାର ନାୟକ

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମନିବାସୀ ତଥା ରାମନବମୀରେ ରାବଣ ଭୂମିକାରେ ଅଭିନୟ କରୁଥିବା ବିଶିଷ୍ଟ ମଞ୍ଚ କଳାକାର ପ୍ରଣବ କୁମାର ନାୟକ (୫୪)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ପ୍ରଣବ ଘରେ ବସିଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନେଉଥିବାବେଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ପ୍ରଣବ କଟକ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଚାକିରି କରିଥିବା ବେଳେ ନରସିଂହପୁର ରାମନବମୀରେ ରାବଣ ଭୂମିକାରେ ନିଖୁଣ ଅଭିନୟ କରି ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଣବଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ବିଭୁଦତ୍ତ ମୁଖାଗ୍ନି ଦେଇଛନ୍ତି।

# ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଏବଂ ଅଙ୍ଗନୱାଡି କର୍ମୀମାନେ।

ରାଜନଗର,୩୦।୮(ଭାସ୍କର ରାଉତରାଏ)

ରାଜନଗର ବ୍ଲକରେ ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ଚାଲିଥିବା ପ୍ରକଳ୍ପସ୍ତରୀୟ 'ପୋଷଣ ଭି ପଢ଼ାଇ ଭି' ଦକ୍ଷତା ବୃଦ୍ଧି ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗରସ୍ଥିତ କେସି ମଣ୍ଡପ ଓ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟ ପରିସରରେ ଏହି ତାଲିମ ଶିବିର ଚାଲିଥିଲା। ଅଗଷ୍ଟ୨୫ରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରକୁ ରାଜନଗର ବିଡିଓ ଅନିରୁଦ୍ଧ ବେହେରା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସିଡିପିଓ ଦୀପାଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବର ଚାଲିଥିଲା। ଏହି ଅବସରରେ ସିଡିପିଓ ମିଶ୍ର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ତାଲିମ ଦେଇଥିଲେ। ଏଥିସହ ସୁପରଭାଇଜର ଜ୍ୟୋତିସ୍ମିତା ଖଟୁଆ, ସମୀକ୍ଷା ଦାସ, ରଜନୀ ରାଉଳ, ସନ୍ଧ୍ୟାରାଣୀ ବେହେରା, ମିନତୀ ମିଶ୍ର, ଶୈଳପ୍ରଭା ସ୍ୱାଇଁ, ପ୍ରତିଭା ମହାନ୍ତି ପ୍ରମୁଖ ଯୋଗଦେଇ ପୋଷଣର ଗୁରୁତ୍ୱ, ସୁସ୍ଥ ଶିଶୁ, ପୋଷଣ ଆପ ୨୦, ଅତିଶୟ ପୁଷ୍ଟିହୀନ ଶିଶୁ ଓ ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁଙ୍କର କିପରି ପ୍ରତିରୋଧ କରାଯିବ ଏବଂ ଏଥିନିମନ୍ତେ ୧୦୦୦ଦିନର ଗୁରୁତ୍ୱ ପ୍ରଭୃତି ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ । ରାଜନଗର ବ୍ଲକର ଦୁଇଟି ସ୍ଥାନରେ ୨୦୦ ଜଣ ଅଙ୍ଗନୱାଡି କର୍ମୀ ତାଲିମ ନେଇଥିଲେ ପୋଷଣ ସଂଯୋଜକ ଶଶଧର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଡେରାବିଶ, ୩୦।୮ (ବେବର୍ତ୍ତା ଅଜୟ ଦାଶ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ +୩ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମୃତି ଶ୍ରାବଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲାବେଳେ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଛାତ୍ରୀ କଲ୍ୟାଣୀ ମଲ୍ଲିକ, ଗୀତାଞ୍ଜଳି, ପଲ୍ଲବୀ ପ୍ରିୟଦର୍ଶିନୀ ଓ ପ୍ରିୟଙ୍କା ମିଶ୍ର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପକ ବିମଳ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜେ ଗାଡ଼ି ଜବତ କଲା ପୋଲିସ

## ଭସାଣିରେ ବେଆଇନ ଭାବେ ଡିଜେ ବଜାଇବା ମହଙ୍ଗା ପଡ଼ିଲା

ଏରସମା, ୩୦।୮(ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ନୂଆଡ଼ିହି ପଞ୍ଚାୟତରେ ଶନିବାର ରାତିରେ ଗଣେଶ ପୂଜା ଭସାଣି ବେଳେ ବେଆଇନଭାବେ ଡିଜେ ବଜାଇବା ମହଙ୍ଗା ପଡିଛି। ଖବର ପାଇ ଏରସମା ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡିଜେ ଜବତ କରିଛି। ପ୍ରକାଶ ଯେ, ଗଣେଶ ପୂଜା ଭଷାଣି ସମୟରେ କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନର କୌଣସି ଅନୁମତି ନ ନେଇ ଉଚ୍ଚସ୍ୱରରେ ଡିଜେ ବଜାଇଥିଲେ। ଏହା ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଲୋକେ ଏହାକୁ ବିରୋଧ କରିବାରୁ ବଚସା ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଛି। ଖବରପାଇ ପୋଲିସ ପହଞ୍ଚିବା ବେଳକୁ ଘଟଣାସ୍ଥଳରୁ ଡିଜେ ଚାଳକ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ ଉକ୍ତ ଡିଜେ ଗାଡି ଜବତ କରିବା ସହ ଥାନାରେ ମାମଲା (ନଂ.୨୯୨/୨୫)ରେ ରୁଜୁ କରିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରେମଜୀତ ଦାସ କହିଛନ୍ତି।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା



ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ଆଗରେ ପ୍ରତିବାଦ କରୁଛନ୍ତି।

ମାର୍ଶାଘାଇ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଉଥିବା ପ୍ରତିବାଦ କରି ମାର୍ଶାଘାଇ ବ୍ଲକ୍ ଅନ୍ତେଇ ପଞ୍ଚାୟତ ଅନ୍ତର୍ଗତ ବାଲିଘାଇ ବଜ୍ରସୁନା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଶନବାର ବିଦ୍ୟାଳୟ ଫାଟକରେତାଲାପକାଇଧାରଣାଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀରେ ୧୨୨ ଜଣ ଛାତ୍ରୀଛାତ୍ର ପଢ଼ିଥାନ୍ତି। ଏଠାରେ ୫ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନରେ ନିୟୋଜିତ ଥିଲା ବେଳେ ସେଥିରୁ ଜଣେ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ରହିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନ ଶିକ୍ଷକଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଅସୁସ୍ଥ ଅଛନ୍ତି। ଅବଶିଷ୍ଟ ୩ ଜଣଙ୍କ ମଧ୍ୟରୁ ଶିକ୍ଷକ ପତିତପାବନ ଦାସଙ୍କୁ ନିକଟସ୍ଥ ରାମଚନ୍ଦ୍ରପୁର ବିଦ୍ୟାଳୟକୁ ବଦଳି କରାଯାଇଛି। ଫଳରେ ଶିକ୍ଷାଦାନ ବ୍ୟାହତ ହେଉଛି। ଏନେଇ ସକାଳୁ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଉକ୍ତ କ୍ଲଷ୍ଟରର ସିଆର୍‌ସିସି ପର୍ଶୁରାମ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୧୫ ଦିନରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

# ମଧ୍ୟାହ୍ନଭୋଜନ ରୋଷେଇ ନ ହୋଇ ପୋର୍ଟାଲରେ ତଥ୍ୟ ପ୍ରଦାନ

## ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ


■ ୪୦ ପିଲାରୁ ବିଦ୍ୟାଳୟକୁ ଆସିଛନ୍ତି ମାତ୍ର ୩ ଜଣ

ନାଉଗାଁ,୩୦।୮(ସୁଧା ବେହୁରା)




ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତରେ ରହିଛି ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ଜଣ ପିଲା ପାଠ ପଢୁଛନ୍ତି। ମାତ୍ର ଶନିବାର ବିଦ୍ୟାଳୟରେ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କେବଳ ୩ ଜଣ ପିଲା ଉପସ୍ଥିତ ଥିଲେ। ପିଲାମାନେ ଶ୍ରେଣୀ ଗୃହରେ ବସିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଚୌକି ଉପରେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଉପସ୍ଥାନ ଖାତାରେ ୮ ଜଣ ପିଲାଙ୍କ ନାମ ଲେଖାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାରଙ୍କ ତରଫରୁ ବିଦ୍ୟାଳୟରେ ପୋଷଣ ଯୋଜନା ମାଧ୍ୟମରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ବିଦ୍ୟାଳୟରେ କେତେଜଣ ପିଲା ଉପସ୍ଥିତ ରହିଛନ୍ତି ଓ କେତେ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯିବ ସେସଂକ୍ରାନ୍ତରେ ସମସ୍ତ ତଥ୍ୟ ପୋଷଣ ପୋର୍ଟାଲରେ ପ୍ରଦାନ କରାଯିବ ପାଇଁ ସରକାରୀ ନିୟମ ରହିଛି। ଉକ୍ତ ବିଦ୍ୟାଳୟରେ ମାତ୍ର ୩ ଜଣ ପିଲା ରହିଥିବାବେଳେ ପୋଷଣ ପୋର୍ଟାଲରେ ୩୨ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇଥିବା ନେଇ ଉଲ୍ଲେଖ କରାଯାଇଛି। ଏନେଇ ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ବିଦ୍ୟାଳୟ ନେଇଥିବାବେଳେ ପାଚିକା ଓ ସହାୟିକାଙ୍କର ଦେଖା ନ ଥିଲା। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାନ ଯାଇ ତଥ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନ ଭୋଜନକୁ ଠିକ୍ ଭାବେ ପରିଚାଳନା ସହ ଖାଦ୍ୟ ପ୍ରସ୍ତୁତି କିଭଳି କରାଯାଉଛି ତାହା ଯାଞ୍ଚ କରିବା ପାଇଁ ବିଦ୍ୟାଳୟସ୍ତରରେ ଅବିଭାବକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ତଦନ୍ତ କରିବା ପାଇଁ କ୍ଲଷ୍ଟରସ୍ତରରେ ସିଆର୍‌ସିସିମାନଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ବିଦ୍ୟାଳୟଗୁଡ଼ିକୁ ଠିକ୍ ଭାବେ ପରିଦର୍ଶନ କରାଯାଉ ନ ଥିବାରୁ ଶିକ୍ଷୟିତ୍ରୀ,ଶିକ୍ଷକମାନେ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏ ବିଷୟରେ କ୍ଲଷ୍ଟରର ସିଆର୍‌ସିସି ଗଙ୍ଗାଧର ବିଶ୍ୱାଳଙ୍କୁ ପଚାରିବାରେ, ବ୍ଲକ ଶିକ୍ଷାଧିକାରୀ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ କଥା ହୋଇଛି ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



PMP Status

Select Other Date

Reported School List

| Sl | School | Student Present | PMP Served/Reason |
|---|---|---|---|
| 22 | HAREKRUSHNA UPPER PRY. SCHOOL | 15 | 15 |
| 23 | KAMALALOCHAN H.S., SUDUKANTHI | 20 | 20 |
| 24 | KANTUNIA NODAL HIGH SCHOOL | 56 | 56 |
| 25 | MADHUPUR PRY SCHOOL | 28 | 28 |
| 26 | MUNDALO PRY.SCHOOL | 15 | 15 |
| 27 | NALANGA PRY. SCHOOL | 32 | 32 |
| 28 | NANDAKISHORE H.S., DAHIPAL | 10 | 10 |
| 29 | NANDIGRAM UPPER PRY. SCHOOL | 82 | 82 |
| 30 | NUAGAN PANCHAYAT H.S., NUAGAN | 18 | 18 |
| 31 | OSAKANA UPPER PRY. SCHOOL | 54 | 54 |
| 32 | PANCHAYAT BANIPITHA GOVT UPS,JAMUDANDA | 52 | 52 |

Naugaon, Schools : 45, Date :2025-08-30

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଆସିକା,୩୦।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରେ ଶନିବାର ସକାଳେ ଗ୍ରାମ ପୋଖରୀରେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଶୁଭମ୍ ଡାକୁଆ (୭) । ତାଙ୍କ ଘର ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମରେ । ତେବେ ସେ ନିଜ ଅଜା ଘରେ ରହି ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିଲେ । ଗ୍ରାମ ପୋଖରୀକୁ ସ୍ନାନ ଶୌଚ ଲାଗି ଯାଇଥିଲା ବେଳେ ପୋଖରୀର ଗଭୀର ଜଳରେ ବୁଡ଼ିଯାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଆସିକା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ ଜବତ କରିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରିଛି । ଘଟଣା ସମ୍ପର୍କରେ ଆସିକା ଥାନାରେ ୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା କୁଳମଣି ସେଠୀ ସୂଚନା ଦେଇଛନ୍ତି ।

### ମଧୁବୈଶ୍ୟ ସମାଜର ସମ୍ମିଳନୀ

ଦିଗପହଣ୍ଡି,୩୦।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଶ୍ରୀଗୁପ୍ତେଶ୍ୱର ଶୈବପୀଠ ପରିସରରେ ବଡ଼ଖେମୁଣ୍ଡି ତାଲୁକା ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସଭାପତି ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ସୁଧାକର ସାହୁ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଏହାପରେ ମଧୁବୈଶ୍ୟ ସମାଜର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା । ଏହାସହ ସାଙ୍ଗଠନିକ ଏକତା ବଜାୟ ରଖିବାକୁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ମଧୁବୈଶ୍ୟ ସମାଜ ପକ୍ଷରୁ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସାଙ୍ଗଠନିକ ସମାଜର ଉପସଭାପତି ହରେକୃଷ୍ଣ ସାହୁ, କୋଷାଧ୍ୟକ୍ଷ ସିମାଞ୍ଚଳ ସାହୁ, ସହସମ୍ପାଦକ ଦୀପକ ସାହୁ, ବରିଷ୍ଠ ଉପଦେଷ୍ଟା କୋରା ସାହୁ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଚନ୍ଦନ ସାହୁ, ବଳରାମ ସାସମଲ, ସନ୍ତୋଷ ସାହୁ, ନିଳାଞ୍ଚଳ ସାହୁ, ବିଶିକେଶନ ସାହୁଙ୍କ ସମେତ ଯୁବକ ସଂଘର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ ।

### ମୃତକଙ୍କ ପରିବାରକୁ ରେଡକ୍ରସ୍‌ରୁ ସହାୟତା

ଚିକିଟି, ୩୦।୮ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମର ପୀତାମ୍ବର ସେଠୀଙ୍କ ଗତ ମେ ୨୮ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଶନିବାର ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ଚିକିଟି ତହସିଲଦାର ବିଶ୍ୱ ରଞ୍ଜନ କହଁର ଉକ୍ତ ଗ୍ରାମରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଗତ ମେ ୨୮ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପଲ୍ଲି ଗ୍ରାମ ନିକଟରେ ବସ ଧକ୍କାରେ ପୀତାମ୍ବରଙ୍କ ମୃତ୍ୟୁ ହୋଇଥିଲା । ପୀତାମ୍ବର ବାଇକ୍ ଯୋଗେ ବ୍ରହ୍ମପୁରରେ କାମସାରି ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ଡିଗ୍ରୀ କଲେଜରେ ଭିତ୍ତିପ୍ରସ୍ତର, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଜଗନ୍ନାଥ ପ୍ରସାଦ,୩୦।୮ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜଗନ୍ନାଥ ପ୍ରସାଦ ବ୍ଲକ ଆଞ୍ଚଳିକ ଡିଗ୍ରୀ କଲେଜ ବୈଦେହୀଶ ସାଂସ୍କୃତିକ ମଣ୍ଡପ ଠାରେ ଶନିବାର ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିଲେ । ଡିଗ୍ରୀ କଲେଜ ଅଧ୍ୟକ୍ଷ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, କନ୍ଧମାଳ ଏମ୍‌ପି ପ୍ରତିନିଧି ମହେନ୍ଦ୍ର ପଣ୍ଡା, ଥାନାଧିକାରୀ ପ୍ରମୋଦ ଲେଙ୍କା, ଘୁମୁସର ଜିଲା ସଭାପତି ନୀଳମାଧବ ପାତ୍ର, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ମଞ୍ଚାସୀନ ଥିଲେ । ବିଧାୟକ ନାୟକ ପ୍ରଥମେ ଡିଗ୍ରୀ କଲେଜର ୧ କୋଟି ୯୯ ଲକ୍ଷ ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ ଓ ପରୀକ୍ଷାଗାରର ଭୂମିପୂଜା ଓ ଭିତ୍ତିପ୍ରସ୍ତର ସ୍ଥାପନ, ନୂତନ ଇ-ଲାଇବ୍ରେରୀ, କ୍ରୀଡା, ବିଶ୍ରାମାଗାର ଓ ମହିଳା ଶୌଚାଳୟର ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ପ୍ରମୋଦ ଚୌଧୁରୀ ମାନପତ୍ର ପାଠ କରିଥିଲେ । ଅଧ୍ୟାପକ ନିରଞ୍ଜନ ଶତପଥୀ ଅତିଥିଙ୍କୁ ସ୍ୱାଗତ କରିଥିଲେ । ରଘୁନାଥ ପାଣି, ବିଭୂତି ଭୂଷଣ ପ୍ରଧାନ, ସରୋଜ ନାୟକ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ପଞ୍ଚାନନ ପୋଲାଇ, ସୁଚରିତା କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଲହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ସୁନିତା ବିଶୋଇ ଧନ୍ୟବାଦ ଦେଇଥିଲେ ।

# ଗୋଦାମରେ ସ୍ୱତନ୍ତ୍ର ଟିମ୍‌ର ଚଢ଼ାଉ

ଧରାକୋଟ,୩୦।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାପାଳ ଓ ଜିଲା କୃଷିଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ସ୍କ୍ୱାର୍ଡ ଟିମ୍ ବିଭିନ୍ନ ବେସରକାରୀ ସାର ବିକ୍ରୟ କେନ୍ଦ୍ର ଓ ସେବା ସମବାୟ ସମିତି ଗୁଡ଼ିକରେ ଚଢ଼ାଉ କରିଛନ୍ତି । ଏହି ଟିମ୍‌ରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକ୍ କୃଷିଅଧିକାରୀ ବିଶ୍ୱନାଥ ବେହେରା, ସହକାରୀ କୃଷି ଅଧିକାରୀ ଅନିଲ ବେହେରା ପୋଲିସ ସହାୟତାରେ ଡଉ ଗାଁ ସ୍ଥିତ ଜୁଆରି ଅଗ୍ରୋ, ଭଣ୍ଡାରିବସା ସ୍ଥିତ ସତ୍ୟସାଇ ଫର୍ଟିଲାଇଜର ଏବଂ ସମବାୟ ସମିତି ଗୁଡ଼ିକର କାଗଜ ପତ୍ର ଯାଞ୍ଚ କରିବା ସହ ସାର ଗୋଦାମ ଗୁଡ଼ିକର ତନଖି କରିଥିଲେ । ୟୁରିଆ ସାରର କଳାବଜାରୀ ରୋକିବାକୁ ଟିମ୍ ତରଫରୁ ଏପରି ଚଢ଼ାଉ କରାଯାଇଥିବା ବେଳେ ଗଚ୍ଛିତ ସାରକୁ ଚଢ଼ା ଦରରେ ନ ବିକ୍ରୀ କରିବା ପାଇଁ ବ୍ଲକ୍ କୃଷି ଅଧିକାରୀ ସମସ୍ତଙ୍କୁ ତାଗିଦ କରିବା ସହ ନିୟମ ଖିଲାପ କାରିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଏନ୍‌ଏସି ଇଲେଭେନ୍ ଫାଇନାଲ ବିଜୟୀ

**ସ୍ୱାୟତ୍ତ ଶାସନ ଦିବସ କ୍ରିକେଟ ମ୍ୟାଚ୍**

ଜି.ଉଦୟଗିରି,୩୦।୮ (ଚିନ୍ମୟ କୁମାର ସେଠୀ)

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କନ୍ଧମାଳ ଜିଲା ଜି.ଉଦୟଗିରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ୨ ଦିନ ଧରି ଚାଲିଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶୁକ୍ରବାର ଦିନ ଖେଳରେ ବିଜୟ ଲାଭ କରିଥିବା ୨ଦଳ ଏନ୍‌ଏସି ଇଲେଭେନ ଓ ବ୍ଲକ ଏକାଦଶ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏନ୍‌ଏସି ଇଲେଭେନ ଦଳର ଅଧିନାୟକ ରଞ୍ଜନ କୁମାର ସାହୁ ଟସ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ବ୍ଲକ ଏକାଦଶ ଦଳର ବୋଲିଂ ଓ ଫିଲଡ଼ିଂ ଯୋଗୁ ଏନ୍‌ଏସି ଇଲେଭେନ ଦଳ ୧୨ ଓଭର ବ୍ୟାଟିଂ କରି ମାତ୍ର ୮୧ ରନ୍ କରିବାରେ ସକ୍ଷମ ହୋଇଥିଲେ । ଏଇଇ ଅସିତ୍ ସେଠୀଙ୍କ ନେତୃତ୍ୱରେ ଖେଳୁଥିବା ବ୍ଲକ ଏକାଦଶ ଦଳ ବିଜୟ ପାଇଁ ଆବଶ୍ୟକ ୮୨ ରନ୍ ଲକ୍ଷ୍ୟରେ ବ୍ୟାଟିଂ କରି ୬ ୱିକେଟ ହରାଇ ୫୩ କରିବାକୁ ସକ୍ଷମ ହୋଇଥିଲେ । ଏନ୍‌ଏସି ଇଲେଭେନ ଦଳର ମାପଚୁପ ବୋଲିଂ ଓ ଫିଲଡ଼ିଂ ଫଳରେ ୨୯ ରନରେ ଫାଇନାଲ୍ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲେ । ଏନ୍‌ଏସି ଇଲେଭେନ ଦଳର ସୁନ୍ଦରା ସୋରେନ ୩ ୱିକେଟ ନେଇ ମ୍ୟାନ୍ ଅଫ ଦ ମ୍ୟାଚ ହୋଇଥିବା ବେଳେ ଉପାଧ୍ୟକ୍ଷ ସନ୍ତୋଷ ବାଘ ମ୍ୟାନ୍ ଅଫ ଦ ସିରିଜ୍ ହୋଇଥିବା ସୂଚନା ମିଳିଛି ।

# ବଢୁଛି ନକଲି ସାମଗ୍ରୀ କାରବାର, ନୀରବ ପ୍ରଶାସନ

ପାରଳାଖେମୁଣ୍ଡି, ୩୦।୮ (ଗିରିଧାରୀ ପରିଚ୍ଛା)

ରାଜ୍ୟର ବ୍ରହ୍ମପୁର କଟକ, ଭୁବନେଶ୍ୱର, ରାଉରକେଲା ଅଞ୍ଚଳରେ ନକଲି ସାମଗ୍ରୀ ନିର୍ମାଣ ହେଉଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି । ଏହା ଜାରି ନ ପାରି ଲୋକେ ବ୍ୟବହାର ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ଏହା ସ୍ୱାସ୍ଥ୍ୟପ୍ରତି ହାନିକାରକ । ଗଜପତି ଜିଲାର ବିଭିନ୍ନ ଅଞ୍ଚଳକୁ ଏହି ନକଲି ସାମଗ୍ରୀ ଅନେକ ପରିମାଣରେ ପହଞ୍ଚୁଛି । ଯୋଗାଣ ବିଭାଗର ଗୋଇନ୍ଦା ସଂସ୍ଥା ଏହାକୁ ରୋକିବାରେ ବିଫଳ ହେଉଛି । ପାରଳାଖେମୁଣ୍ଡି ବଜାରରେ ଅନେକ ଛୋଟବଡ ହୋଲସେଲ ବ୍ୟବସାୟୀ ରହିଛନ୍ତି । ସେମାନେ ନକଲି କିମ୍ବା ଦୁଇ ନମ୍ବର ସାମଗ୍ରୀ ଖୁଚୁରା ବ୍ୟବସାୟୀମାନଙ୍କ ନିକଟକୁ ପଠାଉଥିବା ଅଭିଯୋଗ ରହିଛି । ନାମୀଦାମୀ କମ୍ପାନୀର ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମାଗ୍ରୀର ଦୁଇ ନମ୍ବର ଅବା ନକଲି ସାମଗ୍ରୀ ସ୍ଥାନୀୟ ଅଞ୍ଚଳରେ ଥିବା ହୋଟେଲ, ଫାଷ୍ଟଫୁଡ ସେଣ୍ଟର୍, ଚା' ଦୋକାନ ସହ ଅନ୍ୟ କେତେକ ଦୋକାନରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ହୋଲସେଲ ବ୍ୟବସାୟୀଙ୍କଠାରେ ଟମାଟୋ ସସ୍‌ଠାରୁ ଆରମ୍ଭ କରି ଖାଇବା ତେଲ, ଗୁଟଖା, ଘିଅ ଓ ମସଲା ଇତ୍ୟାଦି ଦୁଇ ନକଲି ସାମଗ୍ରୀ ବିକ୍ରୟ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛଇ । ବଜାରରେ କିଷାନ କମ୍ପାନୀର ଟମାଟୋ ସସ୍ ଲିଟର ପିଛା ୯୦ରୁ ୧୦୦ ଟଙ୍କାରେ ବିକ୍ରୟ ହେଉଥିବା ବେଳେ ନକଲି ଟମାଟୋ ସସ୍ ମାତ୍ର ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି । ଫଳରେ ଖୁଚୁରା ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ନକଲି ସାମଗ୍ରୀ ନେଇ ବିକ୍ରି କରୁଛନ୍ତି । ଅନେକ ସମୟରେ ଗଜପତି ପୋଲିସ ନକଲି ଗୁଟ୍‌ଖା ବ୍ୟବସାୟରେ ସମ୍ପୃକ୍ତ ଥିବା ବ୍ୟବସାୟୀଙ୍କୁ ଗିରଫ କରୁଛି । ମାତ୍ର ଅସାଧୁ ବ୍ୟବସାୟୀମାନେ ଏହାକୁ ଗୁରୁତ୍ୱ ଦେଇ ଅଧିକ ଲାଭ ଆଶାରେ ନକଲି ଗୁଟ୍‌ଖା ବ୍ୟବସାୟ ଜାରି ରଖୁଛନ୍ତି । ସୁଜି, ଡାଲି ଆଦି ସାମଗ୍ରୀ ବଜାରରେ ଦୁଇଟି ଦରରେ ବିକ୍ରୟ ହେଉଛି । ଏହି ସାମଗ୍ରୀଗୁଡିକୁ ନକଲି କିମ୍ବା ଅସଲି ବୋଲି ଚିହ୍ନିବା କଷ୍ଟକର । ଯେକେଣସି ଦୋକାନରେ ଏସବୁ ସାମଗ୍ରୀ କିଣିଲେ ବ୍ୟବସାୟୀ ଜିଏସ୍‌ଟି ବିଲ ନ ଦେବାକୁ ଏକ ଚିଠାରେ ଦର ଲେଖିଦେଇ ଦାୟିତ୍ୱ ତୁଟାଇ ଦେଇଥାନ୍ତି । ଅନ୍ୟପକ୍ଷରେ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଦୁବାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଚିକିଟି, ୩୦।୮ (ପ୍ରକାଶ ଚନ୍ଦ୍ର ସାହୁ)–

ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ପାର୍ସମ୍ବା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଡେଙ୍ଗୁ ଜ୍ୱରରେ ମୃତ୍ୟୁ ଘଟିଛି । ସେ ହେଉଛନ୍ତି ସତ୍ୟ ନାରାୟଣ ଦାଶ । ଗତ ତିନି ମାସ ତଳେ ପରିବାର ପ୍ରତିପୋଷଣ ପାଇଁ ସତ୍ୟ ଦୁବାଇ ଯାଇ ସେଠାରେ ଏକ ଘରୋଇ କମ୍ପାନୀ କାମ କରୁଥିଲେ । ଗତ ଏକ ସପ୍ତାହ ତଳେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ତାଙ୍କୁ କମ୍ପାନୀ ଦୁବାଇସ୍ଥିତ ଏକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟଙ୍କ ମୃତ୍ୟୁ ହୋଇଛି । ସେ ମା'ବାପାଙ୍କ ଏକମାତ୍ର ପୁଅ ଥିଲେ । ତାଙ୍କ ବାପା ପକ୍ଷାଘାତରେ ୪ ବର୍ଷ ଧରି ପୀଡିତ ରହିଛନ୍ତି । ରବିବାର ଦୁବାଇରୁ ତାଙ୍କ ଗାଁ ପାର୍ସମ୍ବାରେ ମୃତଦେହ ପହଞ୍ଚିବ ବୋଲି ଜଣାପଡିଛି ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ଭାଜପା ଓବିସି ମୋର୍ଚ୍ଚା

ମୋହନା, ୩୦।୮ (ମନ୍ମଥ ମିଶ୍ର)

ପଛୁଆ ବର୍ଗକୁ ଶିକ୍ଷାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟ ସରକାର ଲାଗୁ କରିଥିବାରୁ ଗଜପତି ଜିଲା ଭାଜପା ଓବିସି ମୋର୍ଚ୍ଚା କର୍ମକର୍ତ୍ତା ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ମୋହନା ମଣ୍ଡଳ ସଭାପତି ନୀଳାଞ୍ଚଳ ସାହୁ ଏବଂ ଭାଜପାର ଅନ୍ୟ ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ । ଏହି ସଂରକ୍ଷଣ ବ୍ୟବସ୍ଥା ଯୋଗୁ ୫୪ ପ୍ରତିଷତ ପଛୁଆ ବର୍ଗ ଲୋକ ଉପକୃତ ହେବେ ବୋଲି ସେମାନେ କହିଛନ୍ତି ।

# ବ୍ଲକସ୍ତରୀୟ ଗୁରୁଦିବସ ପ୍ରସ୍ତୁତି ବୈଠକ



ରମ୍ଭା,୩୦।୮ (ବନବାସୀ ସେଠୀ)

ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରମ୍ଭା ଗୁରୁ ପୂଜନ କମିଟି ଆବାହକ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ଆହ୍ୱାନ କ୍ରମେ ରମ୍ଭା ଅଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକରେ ବରିଷ୍ଠ ପ୍ରଧାନ ଶିକ୍ଷକ ଯୋଗୀନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ । ଗଞ୍ଜାମ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ସେପ୍ଟେମ୍ବର ୫ ତାରିଖ ଶୁକ୍ରବାର ରମ୍ଭା ଗାୟତ୍ରୀ ଶକ୍ତି ପୀଠରେ ବ୍ଲକସ୍ତରୀୟ ଗୁରୁଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଥିବାରୁ ଗୁରୁ ପରମ୍ପରାର ଏହି ମହାନ କାର୍ଯ୍ୟକ୍ରମକୁ ସଫଳ ଆୟୋଜନ ନିମନ୍ତେ ଆଲୋଚନା କରାଯାଇଥିଲା । ଏଥିରେ ଅତ୍ୟାବଶକୀୟ ଆନୁସଙ୍ଗିକ ବିଧି ବ୍ୟବସ୍ଥା ତଥା ସମ୍ବଳ ରାଶି ସଂଗ୍ରହ, ପଞ୍ଜିକରଣ, ସ୍ୱାଗତ ସତ୍କାର, ଗୁରୁ ପୂଜନ, ମଞ୍ଚ ସାଜସଜ୍ଜା, ଶାନ୍ତି ଶୃଙ୍ଖଳା, ଆତିଥେୟତା, ପ୍ରସାଦସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଔପଚାରିକ ଦାୟିତ୍ୱ ଆଦି ବଣ୍ଟନ କରାଯାଇଥିଲା । ଗଞ୍ଜାମ ବ୍ଲକ୍ ପ୍ରାଥମିକ ଶିକ୍ଷକ (ପିଷ୍ଟା)ର କୋଷାଧ୍ୟକ୍ଷ ଜୟକୃଷ୍ଣ ତ୍ରିପାଠୀ, ମିଳିତ ଶିକ୍ଷକ ସଂଘର ବରିଷ୍ଠ ସଦସ୍ୟ ତଥା ପ୍ରଧାନ ଶିକ୍ଷକ ପ୍ରଦୀପ ଭୁକ୍ତା, ପ୍ରଭାକର ନାହାକ, ମହାଦେବ ମଲିକ, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ରମ୍ଭା ଅଞ୍ଚଳର ଶିକ୍ଷକ ସୁଦର୍ଶନ ତ୍ରିପାଠୀ, ସୁକାନ୍ତ ନାୟକ, ନିରଞ୍ଜନ ବେହେରା, ରଙ୍କନିଧି ନାୟକ, ରତିକାନ୍ତ ବେହେରା, ସିମାଞ୍ଚଳ ପାଣି, ବସନ୍ତ ବେହେରା, ଦିଲିପ ପ୍ରଧାନ, ଅଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସଭାକାର୍ଯ୍ୟ ଶେଷରେ ଶିକ୍ଷକ ଶେଷଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସବ୍‌ଜୋନ୍‌ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା



ବୁଗୁଡା,୩୦।୮ (କାଳିଚରଣ ଦାଶ)

ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ବୁଗୁଡା ଏବଂ ବାଲିପଦର ସବ୍‌ଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବୁଗୁଡ଼ା ବ୍ଲକ୍ ସ୍କୁଲ ସ୍ପୋର୍ଟସ ଏଶୋସିଏଶନ୍ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପିପୁଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳି ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନକେତନ ବେହେରା ଯୋଗଦେଇ କ୍ରୀଡା ପ୍ରତିଯୋଗିଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ଏହି ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କବାଡି, ଖୋ-ଖୋ, ଦୌଡ, ଲଙ୍ଗ୍ ଜମ୍ପ, ହାଇ ଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା ଗୁଡିକୁ ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ସମେତ ବିଭିନ୍ନ ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରଣବ ମହନ୍ତ, ଲଳିତ ମୋହନ ସ୍ୱାଇଁ, ବିନୋଦ ବେହେରା, ଭଞ୍ଜ କିଶୋର ଗୌଡ଼, ଲିଙ୍ଗରାଜ ବାରିକ, ଲକ୍ଷ୍ମଣ ବେହେରା, ଅମୀୟ ରଞ୍ଜନ ଭୂୟାଁ ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ଡିଏଲ୍‌ଏସ୍‌ଏ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୩୦।୮ (ଗିରିଧାରୀ ପରିଚ୍ଛା)

ଜିଲା ଆଇନ ସେବା ପ୍ରାଧିକାରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଗଜପତି ଜିଲା କାଶୀନଗର ବ୍ଲକରେ ଶନିବାର କାଶୀନଗର ବାରାଣସୀ ସରକାରୀ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିବା ସହିତ ସେମାନଙ୍କ ଦୈନନ୍ଦିନ ଜୀବନରେ ଆଇନର ଗୁରୁତ୍ୱକୁ ସେମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ବିମଳ ରାଉଳ ଅଧକ୍ଷତା କରି ଛାତ୍ରୀଛାତ୍ରଙ୍କୁ ବିଧିର ମୂଳ ଅବଧାରଣା, ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଜି. ଚିଟିବାବୁ, ଏବିଇଓ ନର୍ମଦା ଦାସ, ଶିକ୍ଷକ ଆର. ଦିଲୀପ କୁମାର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ମା' ବୁଢ଼ୀ ଠାକୁରାଣୀ ଯାତ୍ରା କମିଟି ଗଠିତ



ଦିଗପହଣ୍ଡି,୩୦।୮ (ଅଶେଷ ନାଥ ମିଶ୍ର)–

ଦିଗପହଣ୍ଡି ସହରର ଆରାଧ୍ୟା ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ପରିଚାଳନା ପାଇଁ ଏକ କମିଟି ଗଠିତ ହୋଇଛି । ମନ୍ଦିର ପ୍ରାଙ୍ଗଣରେ ଶିବ ଶଙ୍କର ମହାଳ୍କୁଡଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଆଇନଜୀବୀ ବିକାଶ ପଶୁପାଳକଙ୍କୁ ସର୍ବସମ୍ମତି କ୍ରମେ କମିଟିର ସଭାପତି ମନୋନୀତ କରାଯାଇଥିଲା । ଏ. ସୁଶାନ୍ତ ଉପସଭାପତି, ବିଚିତ୍ରାନନ୍ଦ ପଟ୍ଟନାୟକ ସମ୍ପାଦକ, କାଉନସିଲର ଦୀପକ ମିଶ୍ର ସହସମ୍ପାଦକ, ଆଶିଷ ପଟ୍ଟନାୟକ କୋଷାଧ୍ୟକ୍ଷ, କେ. ରାଜେନ୍ଦ୍ର ସହକୋଷାଧ୍ୟକ୍ଷ ଏବଂ ସତ୍ୟ ନାରାୟଣ ଦାଶଙ୍କୁ ପରିମଳ ବ୍ୟବସ୍ଥା ପରିଚାଳନା ମୁଖ୍ୟ ଭାବେ ମନୋନୀତ କରାଯାଇଛି । ସେହିଭଳି ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡା କମିଟିର ମୁଖ୍ୟ ଉପଦେଷ୍ଟା ଏବଂ ଓକିଲ ସଂଘ ପୂର୍ବତନ ସଭାପତି ହରପ୍ରସାଦ ରଥ ଆଇନ ପରାମର୍ଶଦାତା ରହିଛନ୍ତି । ଶିବଶଙ୍କର ମହାଳ୍କୁଡ, ଏ. ଗୋବିନ୍ଦ, କୁରେଶୁ ମହାରଣା, ପ୍ରଦୀପ ପଣ୍ଡା, କାଉନସିଲର ନୀଳମାଧବ ଗୌଡ, ସୁଶାନ୍ତ ପାତ୍ର, ରବିନ୍ଦ୍ର ମାର୍ଥା, କେ. କୁନା ଏବଂ ଦୁର୍ଗା ମେକାପଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଛି । ଯାତ୍ରା ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବ । ସେପ୍ଟେମ୍ବର ୪ରେ ମନ୍ଦିର ପରିସରରୁ ଅସ୍ଥାୟୀ ଯାତ୍ରା ପୀଠକୁ ଶୁଭଖୁଣ୍ଟି ଅଣାଯିବ ବୋଲି ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ କହିଛନ୍ତି ।

# ଆନ୍ଧ୍ରକୁ ସାର ଚୋରା ଚାଲାଣ ବେଳେ ଗାଡ଼ି ଜବତ କଲେ ଚାଷୀ

**ପ୍ରଶାସନକୁ ହସ୍ତାନ୍ତର ପରେ ଗୋଦାମରେ ଚଢ଼ାଉ ହେଲା**

ପାତ୍ରପୁର,୩୦।୮ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ଥିବା ଚାଷୀଙ୍କୁ ସାର ମିଳୁନି, ଅଥଚ ପ୍ରତ୍ୟେହ ଶହ ଶହ ବସ୍ତା ସାର ପଡୋଶୀ ଆନ୍ଧ୍ର ରାଜ୍ୟକୁ ଚଢ଼ା ଦରରେ ଚୋରାଚାଲାଣ ହେଉଛି । ଚାଷୀଙ୍କୁ ସାର ନାହିଁ କହି ଡିଲର ଆନ୍ଧ୍ରକୁ ଚୋରାଚାଲାଣ କରୁଛନ୍ତି । ୨୬୬ ଟଙ୍କାର ସାର ୬୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଏନେଇ ଖବର ପ୍ରକାଶ ପରେ ଚାଷୀ ରାସ୍ତାରେ ଜଗି ରହି ଓଡ଼ିଶାର ସାର ଆନ୍ଧ୍ରକୁ ଚୋରା ଚାଲାଣ ବେଳେ ଧରି ଏହାକୁ ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି । ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଘଟଣା ସ୍ଥଳରେ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ ଓ କୃଷି ଅଧିକାରୀ ପହଞ୍ଚି ସାର ଓ ଗାଡ଼ିକୁ ଜବତ କରିଥିଲେ । ପୂର୍ବରୁ ବାରମ୍ବାର ଚାଷୀ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିଲା । ଚାଷୀ ନିଜେ ରାସ୍ତାରେ ଜଗି ପଡୋଶୀ ଆନ୍ଧ୍ର ପ୍ରଦେଶକୁ ସାର ଚୋରା ଚାଲାଣ ବେଳେ ସାର ଗାଡ଼ିକୁ ଧରିବା ପରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କର ଓ ଟିମ୍ ପାତ୍ରପୁରସ୍ଥିତ ନେତାଜୀ ଫରଟିଲାଇଜର ନାମକ ଡିଲରଙ୍କ ସାର ଗୋଦାମ ଓ ଦୋକାନ ଉପରେ ଚଢ଼ାଉ କରିଛନ୍ତି । ଏହି ସମୟରେ ଜିଲା କୃଷି ଅଧିକାରୀ ହେମନ୍ତ ଦାସ, ଟିମ ଅଫିସର କିଶୋର ସେଠୀ, ବିଷ୍ଣୁ ପ୍ରସାଦ ବେହେରା, ପାତ୍ରପୁର ଗୋଷ୍ଠୀ କୃଷି ଅଧିକାରୀ ପ୍ରଣତି ପଣ୍ଡା, ସହାୟକ କୃଷି ଅଧିକାରୀ ଶ୍ରଦ୍ଧା ସିଂଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

### କେଶପୁରରୁ ୬୨ ବସ୍ତା ସାର ଜବତ

ଖଲ୍ଲିକୋଟ, ୩୦।୮ (ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକସ୍ଥିତ ଏକ ଘରେ ବିପୁଳ ପରିମାଣରେ ସାର ମହଜୁଦ ଥିବା ଖବର ପାଇ ଶନିବାର ପ୍ରଶାସନ ସେଠାରେ ଚଢ଼ାଉ କରିଥିଲା । ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର, କୃଷି ଅଧିକାରୀ ଓ ଖଲ୍ଲିକୋଟ ପୋଲିସ ମିଳିତ ଚଢ଼ାଉ କରି ୬୨ ବସ୍ତା ବିଭିନ୍ନ ସାର ଜବତ କରି ଅଧିକୃତ ଡିଲରଙ୍କୁ ହସ୍ତାନ୍ତର କରିଥିଲେ । ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ତହସିଲଦାର ପାତ୍ର କହିଛନ୍ତି ।

# ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଗଚ୍ଛିତ ଧାନ, ଚାଉଳ ସ୍ଥାନାନ୍ତର

**ରାଇସ୍‌ମିଲ୍‌ରେ ଘୋଟାଲା ଘଟଣା**

ପୁରୁଷୋତ୍ତମପୁର,୩୦।୮ (ସୀମାଞ୍ଚଳ ମିଶ୍ର/ ଦିଲ୍ଲୀପ ସାମଲ)


ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲା ମୁଖ୍ୟଯୋଗାଣ ଅଧିକାରୀ ଓ କର୍ମଚାରୀ ମିଲରେ ଚଢାଉ କରୁଛନ୍ତି ।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ୍ ବାଲିଆ ଗ୍ରାମରେ ମା' ତାରିଣୀ ରାଇସ୍ ମିଲ୍‌ରେ ହୋଇଥିବା ହେରଫେର ଓ ଜିଲା ମୁଖ୍ୟଯୋଗାଣ ଅଧିକାରୀଙ୍କ ଜାଲ ଡିଜିଟାଲ ଦସ୍ତଖତକୁ ନେଇ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ହେଲା ଚାଲିଥିବା ଖୋଳତାଡ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଗଚ୍ଛିତ ଧାନ, ଚାଉଳକୁ ପ୍ରତ୍ୟକ୍ଷ ଭାବେ ଭେରିଫିକେଶନ କରିବାରେ ମିଲମାଲିକ ବାରମ୍ବାର ଅସହଯୋଗ କରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ମିଲ୍ ଉପରେ ଚଢାଉ ହୋଇଛି । ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଓ ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ଯୋଗାଣ ବିଭାଗ ଓ ଅନ୍ୟ ବିଭାଗୀର ୧୬ଜଣ କର୍ମଚାରୀଙ୍କୁ ନେଇ ଗଠିତ ୨ଟି ସ୍ୱତନ୍ତ୍ର ଟିମ୍ ମିଲ ଓ ଗୋଦାମରେ ଚଢାଉ କରିଥିଲେ । ଏଥିରେ ଗଚ୍ଛିତ ଥିବା ଧାନ, ଚାଉଳର ମାନ ଯାଞ୍ଚ କରିଥିଲେ । ଏହି ଗଚ୍ଛିତ ଧାନ, ଚାଉଳ ଓ ଅଖାକୁ ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର ଓ ଖଲ୍ଲିକୋଟ ବ୍ଲକ୍‌ର ୨୦ଟି ମିଲକୁ ୭ଦିନ ମଧ୍ୟରେ ହସ୍ତାନ୍ତର କରିବାକୁ ଟିମ୍ ନିର୍ଦ୍ଦେଶ ଦେଇଥିଲେ । ଜିଲା ମୁଖ୍ୟଯୋଗାଣ ଅଧିକାରୀ ଏହାର ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ,ମା' ତାରିଣୀ ରାଇସ୍‌ମିଲ୍ ସରକାରଙ୍କୁ ବାକି ଥିବା ଧାର୍ଯ୍ୟ ପରିମାଣ ଧାନ ଓ ଚାଉଳ ଗୋଦାମରେ ଷ୍ଟକ ଅଛି କି ନାହିଁ ଯାଞ୍ଚ ବେଳେ ଅସହଯୋଗ କରିବାରୁ ଗତ ୭ ତାରିଖରେ ୨ଟି ଗୋଦାମକୁ ଜଉମୁଦ ଦେଇ ସିଲ୍ କରାଯାଇଥିଲା । ପୁଣି ୧୯ ତାରିଖରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର, ପୋଲିସ ଓ ଜିଲା ଯୋଗାଣ ଅଧିକାରୀ ତଦନ୍ତରେ ଆସିଥିଲେ ମଧ୍ୟ ମିଲରଙ୍କ ଅସହଯୋଗରୁ ଜଉମୁଦ ସିଲ୍ ଖୋଲି ପେପର ସିଲ୍ କରିଥିଲେ ।

# ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ସମ୍ପର୍କରେ ବୁଝିଲେ

## ନଗଡ଼ାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍



ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍ ମଗଡ଼ା ଶିଶୁମାନଙ୍କ ସହ କଥା ହେଉଛନ୍ତି।

**କାଳିଆପାଣି,୩୦।୮(ଅସିତ ମହାନ୍ତ):**

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ନଗଡ଼ା ଅଞ୍ଚଳ ଗସ୍ତ କରିଛନ୍ତି। ଏହି ଟିମ୍‌ରେ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ, ଚନ୍ଦନା ଦାସ ଓ କସ୍ତୁରୀ ମିଶ୍ର ସାମିଲ ହୋଇଥିଲେ। ସେମାନେ ନଗଡ଼ାରେ ପହଞ୍ଚି ସରକାରଙ୍କ ପକ୍ଷରୁ ଶିଶୁ ଅଧିକାର ପାଇଁ ଲାଗୁ ହୋଇଥିବା ବିଭିନ୍ନ ଯୋଜନା କିଭଳି ଫଳପ୍ରଦ ହେଉଛି ତାର ତଦାରଖ କରିଛନ୍ତି। ପରେ ନଗଡ଼ା ଗ୍ରାମବାସୀଙ୍କ ସହିତ ମିଶି ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟ ନେଇ ଆଲୋଚନା କରିଛନ୍ତି। ନଗଡ଼ାରେ ପରିଚାଳିତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ପରଖିବା ସହ ଶିଶୁଙ୍କ ଯତ୍ନ ଠିକ ଭାବରେ ଅଙ୍ଗନୱାଡି କର୍ମୀ ନେଉଛନ୍ତି କି ନାହିଁ, ପୋଷାକ ଠିକ ସମୟରେ ମିଳୁଛି କି ନାହିଁ ତା'ର ତଦାରଖ କରିଛନ୍ତି। ପିଲାଙ୍କୁ ଦିଆଯାଉଥିବା ଛତୁଆ ପ୍ୟାକେଟର ମାନ ଯାଞ୍ଚ କରିଛନ୍ତି। ପେଟ ପୁରା ଖାଦ୍ୟ ଦିଆଯାଉଛି କି ନାହିଁ ସେ ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଛନ୍ତି। ଅଞ୍ଚଳରେ ଥିବା ଅନ୍ୟ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କିପରି ଚାଲିଛି ସେ ସମ୍ବନ୍ଧରେ ଅଧକ୍ଷା ସିଡିପିଓଙ୍କଠାରୁ ପଚାରି ବୁଝିଛନ୍ତି। ଏହି ଟିମ୍‌ର ଗସ୍ତ କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସୁକିନ୍ଦା ବ୍ଲକ ସିଡିପିଓ ସୁଜାତା ମହାପାତ୍ର, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ସେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

**ଯାଜପୁର ସଦର,୩୦।୮(ସମର ବିଜୟ ଶରଣ):** ଯାଜପୁର ଜିଲାରେ ୨୦୨୪-୨୫ ମାଟ୍ରିକ ପରୀକ୍ଷାରେ ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର (୫୭୪) ରଖିଥିବା ଛାତ୍ରୀ ସୁଶ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା ଓ ଯାଜପୁର ନଗର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ସୌମ୍ୟଜିତ ପଣ୍ଡା(୫୭୪)ଙ୍କୁ ଉର୍ମିଳା ସାହୁ ସ୍ମାରକୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲାପାଳ ଅମ୍ବର କୁମାର କର ସେମାନଙ୍କୁ ମୋଟ୍ ୨୫୦୦ ଲେଖାଏ ଟଙ୍କା, ଟ୍ରଫି ଓ ମାନପତ୍ର ପ୍ରଦାନ କରିଛନ୍ତି।

# ଅର୍ଥ ହଡ଼ପ ଅଭିଯୋଗରେ ପୂର୍ବତନ ପିଇଓ ଗିରଫ

**କଳିଙ୍ଗନଗର,୩୦।୮ (ଶୁଭାଶିଷ ରାଉତ):**

୭ ଲକ୍ଷ ୩୫ ହଜାର ସରକାରୀ ଟଙ୍କା ହଡ଼ପ ଅଭିଯୋଗରେ ସୁକିନ୍ଦା ବ୍ଲକର ପୂର୍ବତନ ପିଇଓ ସନ୍ତୋଷ କୁମାର ଜେନାଙ୍କୁ ଦାନଗଦି ବ୍ଲକରୁ ଗିରଫ କରିଛି କଟକ ଭିଜିଲାନ୍ସ ବିଭାଗ। କେଶ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁକରି ସଂପୃକ୍ତ ପିଇଓଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

ଗତ କିଛିଦିନ ତଳେ ପୂର୍ବତନ ପିଇଓ ଜେନା ସୁକିନ୍ଦା ବ୍ଲକର ପିମ୍ପୁଡିଆ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ବୃଦ୍ଧାବୃଦ୍ଧଙ୍କ ଭତ୍ତା ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଥିଲା। ଏହି ଅଭିଯୋଗ ପରେ ସନ୍ତୋଷଙ୍କୁ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହିତ ଭିଜିଲାନ୍ସ ନିକଟରେ ଏତଲା ଦିଆଯାଇଥିଲା। ଏତଲା ଆଧାରରେ ଯାଜପୁର ଓ କଟକ ଭିଜିଲାନ୍ସର ମିଳିତ ଟିମ୍ ଆସି ସନ୍ତୋଷଙ୍କୁ ଗିରଫ କରିଥିଲେ ବୋଲି ଯାଜପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଡିଜେ ଗାଡ଼ି ଜବତ କଲା ପୋଲିସ

## ଭସାଣିରେ ବେଆଇନ ଭାବେ ଡିଜେ ବଜାଇବା ମହଙ୍ଗା ପଡ଼ିଲା

**ଏରସମା, ୩୦।୮ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ ନୂଆଡିହ ପଞ୍ଚାୟତରେ ଶନିବାର ରାତିରେ ଗଣେଶ ପୂଜା ଭସାଣି ବେଳେ ବେଆଇନଭାବେ ଡିଜେ ବଜାଇବା ମହଙ୍ଗା ପଡ଼ିଛି। ଖବର ପାଇ ଏରସମା ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡିଜେ ଜବତ କରିଛି। ପ୍ରକାଶ ଯେ, ଗଣେଶ ପୂଜା ଭଷାଣି ସମୟରେ କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନର କୌଣସି ଅନୁମତି ନ ନେଇ ଉଚ୍ଚସ୍ୱରରେ ଡିଜେ ବଜାଉଥିଲେ। ଏହା ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଲୋକେ ଏହାକୁ ବିରୋଧ କରିବାରୁ ବଚସା ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଖବରପାଇ ପୋଲିସ ପହଞ୍ଚିବା ବେଳକୁ ଘଟଣାସ୍ଥଳରୁ ଡିଜେ ଚାଳକ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ ଉକ୍ତ ଡିଜେ ଗାଡି ଜବତ କରିବା ସହ ଥାନାରେ ମାମଲା (ନଂ.୨୧୨/୨୫)ରେ ରୁଜୁ କରିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରେମଜୀତ ଦାସ କହିଛନ୍ତି।

# ସରକାରୀ ଟିମ୍‌ର ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ, ସମୀକ୍ଷା



କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀମାନେ ଶିଳ୍ପାଞ୍ଚଳ ପରିଦର୍ଶନ କରୁଛନ୍ତି।

**ଡେରାବିଶ, ୩୦।୮ (ବେବର୍ତ୍ତା ଅଜୟ ଦାଶ)**

ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ସରକାରୀ ସ୍ତରରେ ଆଉ ଦୁଇପାଦ ଆଗେଇଛି। ଶନିବାର କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀ ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ ସାଙ୍ଗକୁ ସମୀକ୍ଷା କରିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ଶିଳ୍ପାଞ୍ଚଳ ଉଦ୍ୟୋଗୀ ଓ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଜାତୀୟ ରାଜପଥରେ ବଳଭଦ୍ରପୁର ଛକଠାରେ ଜିଲାପାଳଙ୍କ ସମେତ ପଦାଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଶିଳ୍ପାଞ୍ଚଳ ପରିଦର୍ଶନ ସମୟରେ ଜିଲାପାଳଙ୍କ ସହିତ ଶିଳ୍ପ ବିଭାଗ, ଇଡ୍‌କୋ, ଏମ୍ଏସ୍ଏମ୍ଇ, ରାଜସ୍ୱ, ଓଆଇସିଏମ୍, ବିଦ୍ୟୁତ୍, ଜଳସେଚନ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ବିଡିଓ ନମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ୍ ଶିଳ୍ପାଞ୍ଚଳ ଭିତରେ ଚାଲି ଚାଲି ପ୍ରାୟ ୧୦ଟି କରତ କଳ ଶିଳ୍ପ ଦେଖିବା ସହିତ ଶିଳ୍ପାଞ୍ଚଳରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଶିଳ୍ପାଞ୍ଚଳର ସମସ୍ତ ଉଦ୍ୟୋଗୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ପଞ୍ଚାୟତ ନେତୃମଣ୍ଡଳୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଗତ ସପ୍ତାହରେ ଭାଜପା ରାଜ୍ୟ ମୁଖପାତ୍ର ପରିଡ଼ାଙ୍କ ନେତୃତ୍ୱରେ ଉଦ୍ୟୋଗୀମାନେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଇଡ୍‌କୋ ଅଧିକାରୀଙ୍କ ସମେତ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରିଥିଲେ। ଶନିବାର ଆଲୋଚନା ସମୟରେ ଉଦ୍ୟୋଗୀ ଓ ଜନସାଧାରଣଙ୍କ ତରଫରୁ ତେଜେଶ୍ୱର ପରିଡ଼ା ଇଡ୍‌କୋ ଦ୍ୱାରା କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ନୂତନ ବୋର୍ଡ଼ ସହ ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବିଭିନ୍ନ ପ୍ରକାର ନୂତନ ଶିଳ୍ପ ପ୍ରତିଷ୍ଠା, ଶ୍ରମିକଙ୍କ ପାଇଁ ହଷ୍ଟେଲ ନିର୍ମାଣ, ସ୍ୱାସ୍ଥ୍ୟସେବା, ଏଟିଏମ୍ ଫାଣ୍ଡି ନିର୍ମାଣ ସମେତ ଏହି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି ଉପସ୍ଥାପନ କରିଥିଲେ। ସମସ୍ତ ବିଷୟରେ ଜିଲାପାଳ ସବୁ ବିଭାଗ ସହ ବିସ୍ତୃତ ଆଲୋଚନା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ଖୁବଶୀଘ୍ର ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି।

# 'ଅଧିକ ଲୋକାଭିମୁଖୀ ହେବ ଏଥର ବାଲିଯାତ୍ରା'

**କଟକ,୩୦।୮(କାର୍ତ୍ତିକ ସାହୁ)**

କଟକ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ପ୍ରସ୍ତୁତି ନିମନ୍ତେ ପ୍ରାଥମିକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ପରିଚାଳିତ ବୈଠକରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରକାଶ ଯେ, ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଲୋକାଭିମୁଖୀ କରିବାକୁ ଆଲୋଚନା କରାଯାଇଥିଲା। ବାଲିଯାତ୍ରା ପରିସରକୁ ପଡ଼ିଆର ସମଗ୍ର ଅଞ୍ଚଳକୁ ଚଳଚଞ୍ଚଳ ସହ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରାଯିବ। ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ ହେବ, କଟକ-ଇନ୍-କଟକକୁ ଅଧିକ ଜନପ୍ରିୟ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଶ୍ୱେତ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପୌର ପରିଷଦ, ନୟାଗଡ଼**

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧକ୍ଷ — ଅଧକ୍ଷା
ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ
ପୌର ପରିଷଦ, ନୟାଗଡ଼

**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**

ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପାରାଦ୍ୱୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ।
୧. ଏକକ ବ୍ୟବହୃତ ପଲିଥିନ୍ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ।
୨. ମା' ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ।
୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନ ପକାଇ, ପୃଥକୀକରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡି ଓ ସ୍ୱଚ୍ଛ କର୍ମୀଙ୍କ ପ୍ରଦାନ କରନ୍ତୁ।
୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ ଅଟେ।
୫. ରାସ୍ତା, ଡ୍ରେନ୍, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ।
୬. ମ୍ୟୁନିସିପାଲିଟିର ଦେୟ ଯଥା - ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହଭଡା ଠିକ୍ ସମୟରେ ପଇଠ କରନ୍ତୁ।
ସ୍ୱଚ୍ଛତା ରଖନ୍ତୁ - ରୋଗ ହଟାନ୍ତୁ।
ନିବେଦକ
ପାରାଦ୍ୱୀପ ପୌରପାଳିକା, ପାରାଦ୍ୱୀପ

**ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ତରଫରୁ ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ବିଜ୍ଞାପିତ ଅଞ୍ଚଳ ତରଫରୁ ଆଗାମୀ ଦିନରେ ସହରବାସୀଙ୍କ ମୌଳିକ ସୁବିଧା ପ୍ରଦାନ ପାଇଁ ନିମ୍ନ ବର୍ଣ୍ଣିତ ପଦକ୍ଷେପ।**

୧. ଦଶପଲ୍ଲା ସହରବାସୀଙ୍କ ପାଇଁ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ର (MCC), ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (MRF), ମଳ ଉପଚାର କେନ୍ଦ୍ର (SeTP)ର କାର୍ଯ୍ୟକାରୀ ହୋଇଅଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ FSTP 2.0 ମାଧ୍ୟମରେ ମଳ ଉପଚାର କେନ୍ଦ୍ରର ବିଶ୍ରାମ କକ୍ଷ ତଥା ତାଲିମ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁଅଛି। ୨. ସହରର ସ୍ୱଚ୍ଛତା, ପରିମଳ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ। ୩. MSBY ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ସୁପରିଚାଳନା ଓ କର୍ମ ନିଯୁକ୍ତି ପ୍ରଦାନ। ୪. PMAY 2.0 ମାଧ୍ୟମରେ ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାର ଯୋଜନା। ୫. ୮ (ଆଠ) ଏକର ପରିମିତ ଜମିରେ ଶିଶୁ ଉଦ୍ୟାନ ଓ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ୬. ଶ୍ମଶାନ ପାଇଁ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି। ୭. ସହରର ଜଳ ଯୋଗାଣ ପାଇଁ ବୃହତ୍ତ ଯୋଜନା।

ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦାଶ, ଉପାଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଶ୍ରୀଯୁକ୍ତ ଅବିନାଶ ମହାନ୍ତି, ନିର୍ବାହୀ ଅଧିକାରୀ ଓ ସମସ୍ତ ପାରିଷଦ ବର୍ଗ
ଇଂ. ପୁନମ୍ ପ୍ରିୟଦର୍ଶିନୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
।। ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ଆପଣଙ୍କ ସେବାରେ ।।

**ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଜଗତ୍‌ସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ନିବେଦନ: • ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦର ଏକ ସେସ୍‌ପୋଲ ଗାଡ଼ି ରହିଛି, ଟୋଲ ଫ୍ରି ନଂ. ୧୪୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ୍ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ। • ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ। • ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇଭାବେ ଅବରୋଧ କରନ୍ତୁ ନାହିଁ। • ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରି ଚାଳିତ ଗାଡ଼ିରେ ଦୈନନ୍ଦିନ ଦିଅନ୍ତୁ। • କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ। • ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌରପରିଷଦରୁ ଅନୁମତି ନିଅନ୍ତୁ। • ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ। • ଅଦରକାରୀ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପ୍ରତ୍ୟେକ ଶନିବାର ଦିନ ପୌର ପରିଷଦ ଗାଡ଼ିରେ ଦିଅନ୍ତୁ। • ଛୋଟ/ବଡ଼ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌର ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। • ଜଗତ୍‌ସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ଶ୍ରୀମତୀ ସୀମା ଜେନା (ଓ.ଆର୍.ଏସ୍.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ, ଉପାଧକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧକ୍ଷା, ପୌର ପରିଷଦ, ଜଗତ୍‌ସିଂହପୁର

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

ପଟ୍ଟାମୁଣ୍ଡାଇ ପୌରପରିଷଦ ତାହାର ଅଗଣିତ ଟିକସଦାତା, ପୌରବାସୀ, ବ୍ୟବସାୟ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି।
ନିବେଦନ :-
୦୧. ପୌରପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୦୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଞ୍ଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।
୦୩. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ।
୦୪. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ।
୦୫. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ। ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନ୍‌ରେ ପୃଥକ୍ ଭାବରେ ରଖି ସ୍ୱଚ୍ଛ ସବାରି ଗାଡିକୁ ପ୍ରଦାନ କରନ୍ତୁ।
୦୬. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ।
୦୭. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ।
୦୮. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ଯଥା ଇଟା, ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୦୯. ଡଷ୍ଟବିନ୍‌କୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ।
୧୦. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ।
ଆମର ଲକ୍ଷ୍ୟ :-
• ପୌରପରିଷଦର ଅନେକ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ।
• ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଅଛି।
• ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି। ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ
ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ରା.ସେ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧକ୍ଷ, ଉପାଧକ୍ଷା ଓ ସମସ୍ତ ପାରିଷଦବୃନ୍ଦ

**ପବିତ୍ର ନିଖିଳ ଭାରତ "ସ୍ୱାୟତ୍ତ ଶାସନ ଦିବସ-୨୦୨୫" ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**

**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

ପୌରବାସୀଙ୍କୁ ନିବେଦନ- ୧."ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡିକୁ ହସ୍ତାନ୍ତର କରନ୍ତୁ। ୨. ହୋଟେଲ୍ ଓ ବହୁତଳ ପ୍ରାସାଦଗୁଡିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ। ୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡନ୍ତୁ ନାହିଁ। ୪. ରାସ୍ତା କଡରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ। ୫. ପୌରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ। ୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ। ୭. ବାହ୍ୟ ଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୮. ପଲିଥିନ ବ୍ୟବହାର କରନ୍ତୁ ନାହିଁ। ୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ। ୧୦. ଘରୋଇ ପାଇଖାନା ଗୁଡିକର ଆବର୍ଜନା ପାଣି ଡ୍ରେନକୁ ଛାଡନ୍ତୁ ନାହିଁ।

ପ୍ରଦୀପ କୁମାର ପାଢୀ, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପରିଷଦ
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ, ଅଧକ୍ଷ, ବ୍ୟାସନଗର ପୌରପରିଷଦ
ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ, ବ୍ୟାସନଗର ପୌର ପରିଷଦ

# ନାରୀ, ଶିଶୁ ନିର୍ଯାତନା ବିରୋଧରେ ଆଲୋଚନା




ଆଲୋଚନା ସଭାରେ ଭାଗନେଇଥିବା ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀମାନେ।

**ଯାଜପୁରଟାଉନ,୩୦।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ରାଜ୍ୟରେ ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା ନାରୀ, ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୋଧରେ ଯାଜପୁର ଟାଉନର ମହାବୀର ଛକ ନିକଟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ବହୁ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ ଭାଗନେଇ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ବିନୋଦ ଚନ୍ଦ୍ର ନାୟକ, କ୍ଷୀରୋଦ ବେହେରା, ଅନିଲ ମହାନ୍ତି, ଦର୍ପନାରାୟଣ ଲେଙ୍କା, ଅବସରପ୍ରାପ୍ତ ପ୍ରାଧାପକ ହରିଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାପକ ବିଷ୍ଣୁଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପୁହାଣ, ବିଜୟ ସମାଲ, ସିନଅର ଆଡ୍‌ଭୋକେଟ୍ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ମଦ-ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟ, ମୋବାଇଲ୍, ଇଣ୍ଟରନେଟ୍ ସମେତ ଗଣମାଧ୍ୟମରେ ଅଶ୍ଳୀଳତା, ନଗ୍ନତାର ବ୍ୟାପକ ପ୍ରଚାର ପ୍ରସାର ବୃଦ୍ଧି ଓ ଅପରାଧୀଙ୍କୁ ଦଣ୍ଡିତ କରା ନ ଯିବା ଅପରାଧିକ ମାନସିକତା ବୃଦ୍ଧିର ଅନ୍ୟତମ କାରଣ ବୋଲି କହିଥିଲେ। ଲେଖିକା ବୀଣାପାଣି ତ୍ରିପାଠୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଭାରେ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଯୋଗଦେଇ ଉଦ୍ୟୋକ୍ତାମାନଙ୍କ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇବା ସହ ସମସ୍ତ ସରକାର ଷଡଯନ୍ତ୍ର ମୂଳକ ଭାବେ କାହିଁକି ମାଦକ ଦ୍ରବ୍ୟ ଏବଂ ଅଶ୍ଳୀଳତାର ପ୍ରସାର ବଢ଼ାଇ ଚାଲିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଯାତନା ରୋକିବାକୁ ସମ୍ମତିକ୍ରମେ ଏକ ନାଗରିକ କମିଟି ଗଠନ କରାଯାଇଥିଲା। 'ସାମାଜିକ ସୁରକ୍ଷା କମିଟି, ଯାଜପୁର ନାମରେ ଗଠିତ ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳ ଭାବେ ଅବସରପ୍ରାପ୍ତ ଅଧକ୍ଷଙ୍କୁ ଚୟନ କରାଯାଇଥିଲା। ସଭାପତି ଭାବେ ବିଷ୍ଣୁଚରଣ ବେହେରା, ସଂପାଦକ ଭାବେ ରାଜଶ୍ରୀ ମହାନ୍ତି, ଯୁଗ ସଂପାଦକ ଭାବେ ସଂଘମିତ୍ରା ପଟ୍ଟନାୟକ ଏବଂ ଉପସଭାପତି ଭାବେ ଲେଖିକା ବିଣାପାଣି ତ୍ରିପାଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚୟନ କରାଯାଇଥିଲା। ସଭ୍ୟଭାବେ ଉପସ୍ଥିତ ଛାତ୍ରୀ, ମହିଳା ଓ ଅନ୍ୟମାନଙ୍କୁ ଚୟନ କରାଯାଇଥିଲା।

**କେନ୍ଦ୍ରାପଡ଼ା ପୌରପରିଷଦ,କେନ୍ଦ୍ରାପଡ଼ା**

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌରପରିଷଦ ତାହାର ସମସ୍ତ କରଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।
ନିବେଦନ
୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀଚାଳିତ ଅଳିଆ ଗାଡିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରିଦିଅନ୍ତୁ। ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ। ୨.ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ। ୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜନିର୍ମିତ ଚା' କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏସବୁ ବ୍ୟବହାର ନକରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ। ୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି' ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛସାଥୀ, ସୁପରଭାଇଜର, ସ୍ୱଚ୍ଛକର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବ କେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ। ୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରିନିଅନ୍ତୁ। ଯଦି ପୂର୍ବରୁ ପୌରସଂସ୍ଥାର ବିନା ଅନୁମୋଦନରେ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରିନିଅନ୍ତୁ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧକ୍ଷା
ଶ୍ରୀମତୀ ସରିତା ସାହୁ, ଅଧକ୍ଷା

# ଅଳକା କୂଳରେ ଅଳିଆଗଦା, ଜଳ ପ୍ରଦୂଷିତ

ଜଗତ୍‌ସିଂହପୁର,୩୦।୮ (ପ୍ରମୋଦ କୁମାର ନାୟକ)



ଅଳକା ନଦୀକୂଳରେ ଗଦା ହୋଇଥିବା ଅଳିଆ ଆବର୍ଜନା।

ରାଜ୍ୟ ସରକାର ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ମିଶନକୁ ଆଗେଇନେବା ପାଇଁ ଉଦ୍ୟମ କରୁଥିବା କୁହାଯାଉଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ଶରାୟକ ସହରାଞ୍ଚଳରେ ଖତ ପ୍ରକ୍ରିୟାକରଣ (ଏମ୍‌ସିସି) ଏବଂ ବର୍ଜ୍ୟବସ୍ତୁ ପରିଚାଳନା (ଏମ୍‌ଆରଏଫ୍) ପାଇଁ ପ୍ଲାଣ୍ଟ ସ୍ଥାପନ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଚାଲିଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାର ପାରାଦୀପ ପରେ ଜଗତ୍‌ସିଂହପୁର ସହରର କଲେଜ ଛକ ନିକଟରେ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଶନିବାର ଜଗତ୍‌ସିଂହପୁର ପୌରପରିଷଦର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଦେଭୋଗ ପ୍ରଧାନସାହି ନିକଟ ଅଳକା ନଦୀକୂଳରେ ଆଉ ଏକ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ୨୦୨୪ରୁ ପରିଷଦ ପକ୍ଷରୁ ଉକ୍ତ ସ୍ଥାନରେ ପ୍ରତ୍ୟହ ଟ୍ରକ୍ ବ୍ୟାପୀ ଅଳିଆ, ଆବର୍ଜନା ପକାଯାଉଥିଲା। ଏବେ ବର୍ଷାଦିନ ଚାଲିଥିବାରୁ ଏହା ଅଳକା ନଦୀରେ ମିଶି ଜଳ ପ୍ରଦୂଷଣକରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଏହା ଭିତରେ କେତେଜଣଙ୍କ ମୃତ୍ୟୁ ହୋଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଦେଭୋଗ ଗ୍ରାମର ସ୍ୱାଧୀନ ସ୍ୱାଇଁ, ଶିଶିର ପଟ୍ଟନାୟକ, ହାଡ଼ିବନ୍ଧୁ ପ୍ରଧାନ ଓ ସଞ୍ଜୀବ ସାହୁ ପ୍ରମୁଖ କହିଛନ୍ତି, କଲେଜ ଛକ ନିକଟ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ପ୍ଲାଣ୍ଟ ଯୋଗୁ ଦୁର୍ଗନ୍ଧରେ ଆଖପାଖ ଅଞ୍ଚଳରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ୨୦୨୪ ଜୁଲାଇରେ ଦେଭୋଗ ଅଞ୍ଚଳରେ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ପ୍ରକଳ୍ପ ପ୍ରତିଷ୍ଠା ନିଷ୍ପତ୍ତିକୁ ସେମାନେ ବିରୋଧ କରିଥିଲେ। କିନ୍ତୁ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଗୁରୁତ୍ୱ ଦିଆ ନ ଯିବାରୁ ବାଧ୍ୟହୋଇ ସେମାନେ ୨୦୨୪ ଜୁଲାଇ ୧୨ରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୨୦୨୫ ଜାନୁଆରୀ୨୮ରେ ନ୍ୟାୟାଳୟ ପକ୍ଷରୁ ନିଯୁକ୍ତ ୨ ଓକିଲ ଏବଂ ଅଭିଯୋଗକାରୀଙ୍କ ଓକିଲଙ୍କ ସହ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ପ୍ରକଳ୍ପ ସ୍ଥଳରେ ପହଞ୍ଚିଥିଲେ। ଦେଭୋଗ ଗ୍ରାମବାସୀ ଜନବସତି ନିକଟରେ ଏଭଳି ପ୍ରକଳ୍ପ ଉପରେ କଟକଣା ଥିବା କହିବା ସହ ମାତ୍ର ୫୦ ମିଟର ଦୂରତା ଭିତରେ କିପରି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହି ମାମଲା ବର୍ତ୍ତମାନ ବିଚାରାଧୀନ ଅଛି। କିନ୍ତୁ ପ୍ରତ୍ୟହ ଟ୍ରିପ୍ ଟ୍ରିପ୍ ଅଳିଆ, ଆବର୍ଜନା ଉକ୍ତ ସ୍ଥାନରେ ବେଆଇନ ଭାବେ ପକାଯାଉଛି। ପ୍ଲାଷ୍ଟିକ୍, କାଚ, ଟିଣ ଆଦି ବିଭିନ୍ନ ପଦାର୍ଥ ପୃଥକୀକରଣ ପାଇଁ କୌଣସି ଭିତ୍ତିଭୂମି ନିର୍ମାଣ କରାଯାଇନାହିଁ। ଏଥିଯୋଗୁ ଦେଭୋଗ, କାଳିଆବୋରା ଓ ରଘୁନାଥପୁର ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଏପରି କି ସ୍ୱାଧୀନ ସ୍ୱାଇଁଙ୍କ ସ୍ତ୍ରୀ ଶୈଳଜା ମହାପାତ୍ର (୭୨), ମିହିର ପଟ୍ଟନାୟକ(୩୬) ଓ ମୃତ୍ୟୁଞ୍ଜୟ ସାହୁ (୫୨)ଙ୍କ ମୃତ୍ୟୁ ହୋଇଯାଇଛି। ପଧାନସାହିର ଅଧିବାସୀ ସ୍ୱେଶୀର ପ୍ରାୟ ୫୦ ପରିବାର ମାତ୍ରାଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ମାମଲାର ଚୂଡ଼ାନ୍ତ ଶୁଣାଣି ପର୍ଯ୍ୟନ୍ତ ଅଳିଆ ଆବର୍ଜନା ଏହି ନଦୀପଠାରେ ପକା ନ ଯାଉ ବୋଲି ଏହି ବ୍ୟକ୍ତିମାନେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିବା ସହ ଏହାର ନକଲ ମୁଖ୍ୟମନ୍ତ୍ରୀ, ଜଗତ୍‌ସିଂହପୁର ବିଧାୟକ ଓ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଇଛନ୍ତି। ଏହା ସତ୍ତ୍ୱେ ଗୁରୁବାର ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଏହି ପ୍ଲାଣ୍ଟ ଉଦ୍‌ଘାଟନ ହେବା ଯନ୍ତ୍ରଣାଦାୟକ କଥା। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନାଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

**ଜଗତ୍‌ସିଂହପୁର ପୌର ପରିଷଦର ବେପରୁଆ କାର୍ଯ୍ୟ**

- ■ ପରିବେଶ ପ୍ରଦୂଷଣ ଯୋଗୁ ଲୋକେ ପ୍ରଭାବିତ
- ■ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ପ୍ରକଳ୍ପ ଉଦ୍‌ଘାଟନ ବେଳେ ଉଠିଲା ପ୍ରତିବାଦର ସ୍ୱର

# ପଙ୍ଖାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

କୁଜଙ୍ଗ,୩୦।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିପାଳି ଗ୍ରାମର ଜଣେ ଯୁବକ ପଙ୍ଖାରେ ଝୁଲିପଡ଼ିଥିବା ଅଭିଯୋଗ ହୋଇଛି। ସେ ହେଲେ ସୁଧାକର ବିଶ୍ୱାଳଙ୍କ ଏକମାତ୍ର ପୁଅ ସୂର୍ଯ୍ୟକାନ୍ତ ବିଶ୍ୱାଳ ଓରଫ ପାପାଲି(୨୬)। ଗ୍ରାମରେ ଅନୁଷ୍ଠିତ ଗଣେଶ ଭସାଣି ଭୋଜିଖାଇ ପାପାଲି ଘରକୁ ଫେରିଥିଲେ। ଏହି ସମୟରେ ପାପାଲିଙ୍କ ମା'ବାପା ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଉଥିଲେ। ବର୍ତ୍ତମାନ ରହୁଥିବା ଘରଠାରୁ କିଛି ମିଟର ଦୂରତାରେ ତାଙ୍କର ଥିବା ଅନ୍ୟ ଏକ ପକ୍କାଘରକୁ ପାପାଲି ଶୋଇବାକୁ ଯାଇଥିଲେ। ଉକ୍ତ ଘର ଭିତରୁ ଶବ୍ଦ ଶୁଣିବାରୁ ନିକଟରେ ରହୁଥିବା ବଡ଼ବାପାଙ୍କ ଝିଅ କବାଟ ବାଡ଼ାଇବା ସହ ଡାକ ପକାଇଥିଲେ। ପରିସ୍ଥିତି ଶୁଣି ବଡ଼ବାପାଙ୍କ ପୁଅ କବାଟ ଭାଙ୍ଗି ଦେଖିବାରୁ ପାପାଲିଙ୍କୁ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପାପାଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୭/୨୫) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ପାପାଲି ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସହକାରୀ ସବ୍‌ଇନ୍ସପେକ୍ଟର ପ୍ରମୋଦ ଉଦୟ ସିଂହ କହିଛନ୍ତି।

# କାକୁଡ଼ିକୁଦ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର



ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ଅନ୍ୟମାନେ।

ବ୍ରହ୍ମବରଦା,୩୦।୮ (ଯଯାତି କେଶରୀ ବେହେରା)

ଯାଜପୁର ବ୍ଲକ୍ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩୬ଲକ୍ଷଟଙ୍କା ବ୍ୟୟ ବରାଦରେ ନୂତନ ଗୃହ ନିର୍ମାଣ ହେବ। ୨ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଧାୟକ ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଲେ ଝାଲପଡ଼ା, କାକୁଡ଼ିକୁଦ, ରୁଦ୍ରପୁର ଗ୍ରାମର ପ୍ରାୟ ୧୦ ହଜାର ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କୁହାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବରୀ ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲାପରିଷଦ ସଭ୍ୟ ଦିଲୀପ ମାହାନ୍ତି, ଝାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ, ନାଏବ ସରପଞ୍ଚ ବେଣୁଧର ମୁଦୁଲି, ଏରବାଙ୍କ ସରପଞ୍ଚ ରେଖା ମଲ୍ଲିକ, ଦିଲୀପ ଜେନା, ଉତ୍କଳ ଜେନା, ଚନ୍ଦନ ବିଶ୍ୱାଳ, ନିଶିକାନ୍ତ ସାହୁ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ରଶ୍ମିତା ସାହୁ, ସମ୍ପାଦିକା ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିଶନଶକ୍ତି ମହିଳାମାନେ ମିଶନଶକ୍ତି ଗୃହକୁ ପକ୍କା ରାସ୍ତା, ବିଦ୍ୟୁତ୍ ସଂଯୋଗ ସହ ପାଚେରି ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ।

# ପାରାଦୀପରେ ଶିଳ୍ପ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା




ଜିଲା ପ୍ରଶାସନ ଓ ଶିଳ୍ପ ବିଭାଗର ଅଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କାପୁର ଆଲୋଚନା କରୁଛନ୍ତି।

ପାରାଦୀପ,୩୦।୮ (ଶରତ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ତରୁଣ କାପୁର ଶନିବାର ପାରାଦୀପ ବନ୍ଦର ଓ ପାରାଦୀପ ତୈଳବିଶୋଧନାଗାର ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ପାରାଦୀପ ବନ୍ଦରଠାରେ ଅଧ୍ୟକ୍ଷ ପି.ଏଲ ହାରାନ୍ଧ ତାଙ୍କୁ ସ୍ୱାଗତ କରିବା ସହ ବନ୍ଦର ପୋତାଶ୍ରୟ ମଧ୍ୟରେ ବୁଲି ଦେଖିଥିଲେ। ଏଥିସହିତ ବନ୍ଦର ଓ ଶିଳ୍ପ ସଂସ୍ଥାଗୁଡିକ ପଣ୍ୟ କାରବାର ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପାରାଦୀପ ତୈଳବିଶୋଧନାଗାର ପରିସରକୁ ଯାଇଥିଲେ। ସେଠାରେ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହାପରେ ଶିଳ୍ପ ସଂସ୍ଥା ଉପରେ କାପୁର ସମୀକ୍ଷା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ରାଜନଗର,୩୦।୮(ଭାସ୍କର ରାଉତରାଏ): ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜରୁରିକାଳୀନ ସାଙ୍ଗଠନିକ ବୈଠକ ରାଜନଗରସ୍ଥିତ ନିଗମାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି କୃପାସିନ୍ଧୁ ସାମଲଙ୍କ ସଭାପତିତ୍ୱ ଓ ସମ୍ପାଦକ ବିଜୟଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ୯ଟି ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ମହେଶ୍ୱର ରାଉତ, ଦାଶରଥି ଲେଙ୍କା, ରମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ ପ୍ରଧାନ, ବିଜୟ ବେହେରା ଓ ବଳରାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଫୁଟା ଗୁଳି ଜବତ, ଜଣେ ଗିରଫ

## ତୈଳ ବିଶୋଧନାଗାର ପ୍ରକଳ୍ପରେ ପ୍ରବେଶ ବେଳେ ଧରାପଡ଼ିଲେ

କୁଜଙ୍ଗ, ୩୦।୮ (ମନୋଜ ପ୍ରଧାନ)

ପାରାଦୀପସ୍ଥିତ ତୈଳ ବିଶୋଧନାଗାର ପ୍ରକଳ୍ପ ଅଞ୍ଚଳରେ ପ୍ରବେଶବେଳେ ଶନିବାର ଜଣେ ଶ୍ରମିକଙ୍କଠାରୁ ଅଫୁଟା ଗୁଳି ମିଳିଛି। କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଯାଞ୍ଚ କରି ଏହା ଜାଣିବା ପରେ ପୋଲିସକୁ ଖବର ଦେଇଥିଲା। ଏହାପରେ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ଦେବାଶିଷ ଦାସ। ତୈଳ ବିଶୋଧନାଗାର ପ୍ରକଳ୍ପରେ ନିୟୋଜିତ ଏକ ଠିକା କମ୍ପାନୀ ଅଧୀନରେ ସେ କାମ କରନ୍ତି। ସବୁଦିନ ପରି ଶନିବାର ଦେବାଶିଷ ସକାଳ ୮ ଟାରେ ନିଜ କର୍ମସ୍ଥଳୀ ତୈଳ ବିଶୋଧନାଗାର ପ୍ରକଳ୍ପ ଯିବା ପାଇଁ ୨ ନମ୍ବର ଫାଟକରେ ପ୍ରବେଶ ବେଳେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଯାଞ୍ଚ କରିଥିଲା। ଏହି ସମୟରେ ତାଙ୍କଠାରୁ ଏକ ଅଫୁଟା ଗୁଳି ମିଳିଥିଲା। ସଙ୍ଗେସଙ୍ଗେ ଶିଳ୍ପ ନିରାପତ୍ତା ବାହିନୀ ଦେବାଶିଷକୁ ଅଟକ ରଖି ଭୟଚାନ୍ଦପୁର ଥାନାକୁ ଖବର ଦେଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୩୮/ ୨୫) ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସମୀର କୁମାର ରାଉତ କହିଛନ୍ତି ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଦଶରଥପୁର,୩୦।୮(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅନ୍ତର୍ଗତ କମାରଡିହି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପୋଖରୀରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତଯୁବକ କମାରଡିହି ଗ୍ରାମର ବାବାଜୀ ଚରଣ ନାୟକଙ୍କ ପୁଅ ଭାଗବତ ନାୟକ ଓରଫ୍ କାନ୍ତାରି(୪୦) ବୋଲି ଜଣାପଡ଼ିଛି। ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଅଗ୍ନିଶମ ବାହିନୀ ସାହାଯ୍ୟରେ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗୁରୁବାର ସନ୍ଧ୍ୟାଠାରୁ ଭାଗବତ ନିଖୋଜ ଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ପକ୍ଷରୁ ଶୁକ୍ରବାର ମଙ୍ଗଳପୁର ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା। ମୃତଦେହ ମିଳିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବନ୍ୟାଞ୍ଚଳ ଘୋଷଣା କରିବାକୁ ଦାବି

ରାଜକନିକା,୩୦।୮ (ସଞ୍ଜୟ କୁମାର ଦାଶ)

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନକଲେ ପିସିସି ସମ୍ପାଦିକା



କଂଗ୍ରେସ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା କର୍ମୀମାନଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

କ୍ରମାଗତ ଭାବେ ତୃତୀୟ ଥର ପାଇଁ ବନ୍ୟାରେ ଉବୁଟୁବୁ ହେଉଛି ରାଜକନିକା ବ୍ଲକ୍‌ର କାଟଣାବଣିଆଁ ପଞ୍ଚାୟତ। ଏହି ପଞ୍ଚାୟତର ଜୟକୁଣ୍ଡା, ବାଜପୁର ଗାଁକୁ ଶୁକ୍ରବାର ଅପରାହ୍ନରେ କଂଗ୍ରେସ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା ଗସ୍ତକରି ପ୍ରଭାବିତମାନଙ୍କୁ ଭେଟିଛନ୍ତି। ସେହିପରି ପୂର୍ବ କନିକାର ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତ ଓ ଅନ୍ୟାନ୍ୟ ପଞ୍ଚାୟତରେ ଗତ ୨ଟି ବନ୍ୟାରେ ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କିଛି ବି ପଦକ୍ଷେପ ନିଆ ନ ଯିବା ଦୁର୍ଗତଙ୍କୁ ବ୍ୟଥିତ କରିଛି। ବାରମ୍ବାର ଧାନ ତଳି ନଷ୍ଟହେବା ପରେ ଗତ ବନ୍ୟା ପରର ଚାଷ ପାଇଁ ଅଧିକ ଦାମ୍‌ରେ ଧାନ ତଳି କିଣି ଚାଷୀମାନେ ରୋଇଥିଲେ। ସପ୍ତାହକ ପରେ ପୁନର୍ବାର ବନ୍ୟା ଯୋଗୁ ସେମାନେ ପ୍ରଭାବିତ ହୋଇଛନ୍ତି ବୋଲି ଦେବସ୍ମିତା ଅଭିଯୋଗକରି ରାଜକନିକାର ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବନ୍ୟାଞ୍ଚଳ ଘୋଷଣା କରିବାକୁ ଦାବି କରିଛନ୍ତି। ଶର୍ମାଙ୍କ ଏହି ଗସ୍ତ ସମୟରେ ବ୍ଲକ୍ କଂଗ୍ରେସ ନେତା ମଙ୍ଗୁଳି ଚରଣ ବେହେରା, କାଟଣାବଣିଆ ପଞ୍ଚାୟତର ବହୁ କର୍ମୀ ମୋଟର ସାଇକେଲରେ ତାଙ୍କୁ ନେଇ ବିଭିନ୍ନ ଗାଁରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ୍ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ବରିଷ୍ଠ କଂଗ୍ରେସ ନେତା ମାନଗୋବିନ୍ଦ ଦାସ, ଶୁଭାଶିଷ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

**ପୌର ପରିଷଦ, ନୟାଗଡ଼**

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"

ଆମ ସହର ଆମର ଗର୍ବ ଓ ଗୌରବ

ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।

"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧ୍ୟକ୍ଷ ଅଧ୍ୟକ୍ଷା

ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼

ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ

ପୌର ପରିଷଦ, ନୟାଗଡ଼

**ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଜଗତ୍‌ସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ନିବେଦନ: • ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦର ଏକ ସେସ୍‌ପୋଲ ଗାଡ଼ି ରହିଛି, ଟୋଲ ଫ୍ରି ନଂ. ୧୪୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ୍ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ। • ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ। • ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇଭାବେ ଅବରୋଧ କରନ୍ତୁ ନାହିଁ। • ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରି ଚାଳିତ ଗାଡ଼ିରେ ଦୈନନ୍ଦିନ ଦିଅନ୍ତୁ। • କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ। • ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌରପରିଷଦରୁ ଅନୁମତି ନିଅନ୍ତୁ। • ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ। • ଅଦରକାରୀ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପ୍ରତ୍ୟେକ ଶନିବାର ଦିନ ପୌର ପରିଷଦ ଗାଡ଼ିରେ ଦିଅନ୍ତୁ। • ଛୋଟ/ବଡ଼ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌର ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। • ଜଗତ୍‌ସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ଶ୍ରୀମତୀ ସୀମା ଜେନା (ଓ.ଆର୍.ଏସ୍.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ, ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ପୌର ପରିଷଦ, ଜଗତ୍‌ସିଂହପୁର

**ପବିତ୍ର ନିଖିଳ ଭାରତ "ସ୍ୱାୟତ୍ତ ଶାସନ ଦିବସ-୨୦୨୫" ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**

**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

ପୌରବାସୀଙ୍କୁ ନିବେଦନ- ୧."ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ । ୨. ହୋଟେଲ୍ ଓ ବହୁତଳ ପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ । ୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡନ୍ତୁ ନାହିଁ । ୪. ରାସ୍ତା କଡରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ । ୫. ପୌରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ । ୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ । ୭. ବାହ୍ୟ ଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୮. ପଲିଥିନ ବ୍ୟବହାର କରନ୍ତୁ ନାହିଁ । ୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ । ୧୦. ଘରୋଇ ପାଇଖାନା ଗୁଡିକର ଆବର୍ଜନା ପାଣି ଡ୍ରେନକୁ ଛାଡନ୍ତୁ ନାହିଁ ।

ପ୍ରଦୀପ କୁମାର ପାଢୀ, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପରିଷଦ
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ, ଅଧ୍ୟକ୍ଷ, ବ୍ୟାସନଗର ପୌରପରିଷଦ
ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ, ବ୍ୟାସନଗର ପୌର ପରିଷଦ

**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**

ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପାରାଦ୍ୱୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ ।

୧. ଏକକ ବ୍ୟବହୃତ ପଲିଥିନ୍ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।
୨. ମା' ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନ ପକାଇ, ପୃଥକୀକରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡ଼ି ଓ ସ୍ୱଚ୍ଛ କର୍ମୀଙ୍କ ପ୍ରଦାନ କରନ୍ତୁ ।
୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ ଅଟେ ।
୫. ରାସ୍ତା, ଡ୍ରେନ୍, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।
୬. ମ୍ୟୁନିସିପାଲିଟିର ଦେୟ ଯଥା - ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହଭଡା ଠିକ୍ ସମୟରେ ପଇଠ କରନ୍ତୁ ।

ସ୍ୱଚ୍ଛତା ରଖନ୍ତୁ - ରୋଗ ହଟାନ୍ତୁ ।

ନିବେଦକ
ପାରାଦ୍ୱୀପ ପୌରପାଳିକା, ପାରାଦ୍ୱୀପ

**ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ତରଫରୁ ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ବିଜ୍ଞାପିତ ଅଞ୍ଚଳ ତରଫରୁ ଆଗାମୀ ଦିନରେ ସହରବାସୀଙ୍କ ମୌଳିକ ସୁବିଧା ପ୍ରଦାନ ପାଇଁ ନିମ୍ନ ବର୍ଣ୍ଣିତ ପଦକ୍ଷେପ ।**

୧. ଦଶପଲ୍ଲା ସହରବାସୀଙ୍କ ପାଇଁ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ର (MCC), ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (MRF), ମଳ ଉପଚାର କେନ୍ଦ୍ର (SeTP)ର କାର୍ଯ୍ୟକାରୀ ହୋଇଅଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ FSTP 2.0 ମାଧ୍ୟମରେ ମଳ ଉପଚାର କେନ୍ଦ୍ରର ବିଶ୍ରାମ କକ୍ଷ ତଥା ତାଲିମ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁଅଛି। ୨. ସହରର ସ୍ୱଚ୍ଛତା, ପରିମଳ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ। ୩. MSBY ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ସୁପରିଚାଳନା ଓ କର୍ମ ନିଯୁକ୍ତି ପ୍ରଦାନ। ୪. PMAY 2.0 ମାଧ୍ୟମରେ ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାର ଯୋଜନା। ୫. ୮ (ଆଠ) ଏକର ପରିମିତ ଜମିରେ ଶିଶୁ ଉଦ୍ୟାନ ଓ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ୬. ଶ୍ମଶାନ ପାଇଁ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି। ୭. ସହରର ଜଳ ଯୋଗାଣ ପାଇଁ ବୃହତ୍ତ ଯୋଜନା।

ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦାଶ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଶ୍ରୀଯୁକ୍ତ ଅବିନାଶ ମହାନ୍ତି, ନିର୍ବାହୀ ଅଧିକାରୀ
ଇଂ. ପୁନମ୍ ପ୍ରିୟଦର୍ଶିନୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଓ ସମସ୍ତ ପାରିଷଦ ବର୍ଗ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

।। ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ଆପଣଙ୍କ ସେବାରେ ।।

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

ପଟ୍ଟାମୁଣ୍ଡାଇ ପୌରପରିଷଦ ତାହାର ଅଗଣିତ ଟିକସଦାତା, ପୌରବାସୀ, ବ୍ୟବସାୟ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ :-
୦୧. ପୌରପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
୦୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଞ୍ଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ ।
୦୩. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
୦୪. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
୦୫. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ । ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନ୍‌ରେ ପୃଥକ୍ ଭାବରେ ରଖି ସ୍ୱଚ୍ଛ ସବାରି ଗାଡ଼ିକୁ ପ୍ରଦାନ କରନ୍ତୁ ।
୦୬. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
୦୭. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
୦୮. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ଯଥା ଇଟା, ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
୦୯. ଡଷ୍ଟବିନ୍‌କୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
୧୦. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଷ୍ଠ ତିଆରି କରନ୍ତୁ

ଆମର ଲକ୍ଷ୍ୟ :-
- ପୌରପରିଷଦର ଅନେକ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ ।
- ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଅଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି । ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ରା.ସେ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦବୃନ୍ଦ

**କେନ୍ଦ୍ରାପଡ଼ା ପୌରପରିଷଦ,କେନ୍ଦ୍ରାପଡ଼ା**

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌରପରିଷଦ ତାହାର ସମସ୍ତ କରଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀଚାଳିତ ଅଳିଆ ଗାଡିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରିଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ । ୨.ରାସ୍ତା ଅବରୋଧ କରି ଇଟା, ଗୋଡ଼ି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ । ୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜନିର୍ମିତ ଚା' କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏସବୁ ବ୍ୟବହାର ନକରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ । ୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି' ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛସାଥୀ, ସୁପରଭାଇଜର, ସ୍ୱଚ୍ଛକର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବ କେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ । ୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରିନିଅନ୍ତୁ । ଯଦି ପୂର୍ବରୁ ପୌରସଂସ୍ଥାର ବିନା ଅନୁମୋଦନରେ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରିନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧ୍ୟକ୍ଷା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

# ଫୁଲବାଣୀ ଜେଲରେ ଏଚ୍ଆଇଭି ସଚେତନତା

ଫୁଲବାଣୀ,୩୦।୮ (ରାକେଶ କୁମାର ରାଉତ)



ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତିର ମିଳିତ ସହଯୋଗରେ ଏଚ୍ଆଇଭି ସମ୍ପର୍କିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଫୁଲବାଣୀ ଜିଲା କାରାଗାର (ଜେଲ)ରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ମହତ୍ତ୍ୱକୁ ଉପସ୍ଥାପନା ଗପ ଓ କାହାଣୀ ମାଧ୍ୟମରେ କରିବା ସହିତ ଅଧିକ ସଚେତନ ହୋଇ ସଂକ୍ରମଣକୁ କିପରି ରୋକିପାରିବେ ତାର ଉପାୟ ଜଣାଇଥିଲେ। ଏହାସହିତ ଏଚ୍ଆଇଭି ଭୁତାଣୁ ବ୍ୟାପୀବାର ୪ଟି ମାଧ୍ୟମକୁ ସମସ୍ତ ଅନ୍ତେବାସୀଙ୍କୁ ଅବଗତ କରିଥିଲେ। ଏହି ସଂକ୍ରମଣ କିପରି ୨ ଦଶନ୍ଧି ପୂର୍ବରୁ ସମାଜକୁ ଡରାଇ ଥିଲା ତାହା ମଧ୍ୟ ସୂଚନା ଦେଇଥିଲେ। ଅନୁଷ୍ଠାନ ତରଫରୁ ପ୍ରଦୀପ କୁମାର ସ୍ୱାଇଁ ଉପସ୍ଥିତ ରହି ଭୁତାଣୁ ଥରେ ସଂକ୍ରମଣ ହେଲେ କିପରି ଜଣେ ସୁସ୍ଥ ଥିବା ଲୋକକୁ ଦୁର୍ବଳ କରି ମୃତ୍ୟୁ ମୁଖକୁ ଟାଣିନିଏ ତାହା କହିଥିଲେ। ସାଧାରଣ ଜନତା କିପରି ସତର୍କ ରହି ନିଜକୁ ଏହି ଭୁତାଣୁ କବଳରୁ ବଞ୍ଚିବେ ତାହା ମଧ୍ୟ ତାଙ୍କ ବକ୍ତବ୍ୟରେ ରଖିଥିଲେ। ଏହି ଭୁତାଣୁ ସଂକ୍ରମଣ ନିଶ୍ଚିତ କରିବା ପାଇଁ ଏକ ମାତ୍ର ଉପାୟ ହେଉଛି ରକ୍ତ ପରୀକ୍ଷା। କାଉନସିଲର ସ୍ନେହଲତା ନାୟକଙ୍କ ଦ୍ୱାରା ୧୧୦ ଜଣ ଅନ୍ତେବାସୀଙ୍କ ରକ୍ତ ନମୁନା ପରୀକ୍ଷା କରି ପ୍ରକଳ୍ପ ମାଧ୍ୟମରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡିକର ଲାଭ ବିଷୟ ସୂଚନା ଦେଇଥିଲେ। ଆଲୋଚନାରେ ଏକ ଗୁରୁତ୍ୱ ପୂର୍ଣ୍ଣ ଦିଗକୁ ଦୃଷ୍ଟି ଦେଇ ବିପଦସଙ୍କୁଳ ବ୍ୟକ୍ତି ବିଶେଷଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବ୍ୟବହାରିକ ପରିବର୍ତ୍ତନ ପ୍ରତି ଅଧିକ ଧ୍ୟାନପୂର୍ବକ, ପ୍ରକଳ୍ପ ମାଧ୍ୟମରେ ଅଧିକରୁ ଅଧିକ ସଚେତନତାର ଅବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇଥିଲା। ଫୁଲବାଣୀ ଜିଲା ମୁଖ୍ୟ କାରାଗାରର ଜେଲର୍ ଲଲାଟେନ୍ଦୁ ଭୁଷଣ ଦାସ ଓ ଫାର୍ମାଶିଷ୍ଟ ହରିହର ଜେନା ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିବା ସହିତ ରକ୍ତ ପରୀକ୍ଷା କରାଇବାରେ ସହାୟତା ପ୍ରଦାନ କରିଥିଲେ।

# ରାସ୍ତାପାର୍ଶ୍ୱରେ କୁଢ଼ କୁଢ଼ ଅଳିଆକୁ ନେଇ ଅସନ୍ତୋଷ



ଖଣ୍ଡପଡ଼ା ୩୦।୮ (ଅଜୟ କୁମାର ମହାରଣା)

ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି। ଏହାସତ୍ତ୍ୱେ ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ଛକରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ପାର୍ଶ୍ୱରେ କୁଢ଼କୁଢ଼ ଅଳିଆ ଗଦା ହୋଇରହିଛି। ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱରେ ଅଦରକାରୀ ସାମଗ୍ରୀ ପକାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଉକ୍ତ ସ୍ଥାନରେ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ପ୍ରଶାସନ ଓ ବନମାଳୀପୁର ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ରାସ୍ତାପାର୍ଶ୍ୱରୁ ଅଳିଆ ହଟାଇବାକୁ ସାଧାରଣରେ ଦାବି ହେଉଛି।

# ଯୁବକ ସଂଘ ପକ୍ଷରୁ ପୌରାଣିକ ନାଟକ ମଞ୍ଚସ୍ଥ

ଫୁଲବାଣୀ,୩୦।୮ (ରାକେଶ କୁମାର ରାଉତ)



ଫୁଲବାଣୀ ପୌର ପରିଷଦ ଅନ୍ତର୍ଗତ ଶଗଡିଆ ସାହିର ମା' ଠାକୁରାଣୀ ଜନ ସଚେତନ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଅବସରରେ ପୌରାଣିକ ନାଟକ 'ସୀତା ଲୁହରେ ଜଳୁଛି ଲଙ୍କା' ବା 'ମନ୍ଥରା ଲାଗିଲା ସୁନା ସଂସାର' ମଞ୍ଚସ୍ଥ ହୋଇଛି । ଏହାକୁ ମୁଖ୍ୟ ଅତିଥିଭାବେ ଭାରତୀୟ ଜୀବନ ବୀମା ନିଗମର ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ମା' ନାରାୟଣୀ ଯାତ୍ରା ପରିଚାଳନା କମିଟି ସଭାପତି ଟୁଟୁ ସେନାପତି, ଯୁବ ବ୍ୟବସାୟୀ କାବୁଲା ସେନାପତି ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନର ସମୟରେ ପୌରାଣିକ ନାଟକ ଜନମାନସରୁ ହଜିଯାଉଥିବା ବେଳେ ଏହି ଗ୍ରାମର କଳାକାରମାନେ ପୌରାଣିକ ନାଟକ ମଞ୍ଚସ୍ଥ କରିଥିବାରୁ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମା' ଠାକୁରାଣୀ ନାଟ୍ୟ ସଂଘ ପରିଚାଳକ କୁମୁଦ ନାୟକ, ସଭାପତି ଜୟ ନାୟକ, ଅଧିକାରୀ ସୁବାଷ କହଁର, କୋଷାଧ୍ୟକ୍ଷ ପ୍ରମୋଦ ନାୟକ, ବରିଷ୍ଠ ସଦସ୍ୟ ଶେଷଦେବ ନାୟକ, ପଞ୍ଚାନନ ପୃଷ୍ଟି, ରଞ୍ଜନ ଗିରି, ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ନାଟକର ନିର୍ଦ୍ଦେଶକ ଗୋପାଳ ସେଠୀଙ୍କୁ ଅଞ୍ଚଳବାସୀ ସମ୍ମାନିତ କରିଥିଲେ।

# ଜଳିଲା ରଥସାହି ଛକରେ ହାଇମାଷ୍ଟ ଲାଇଟ

ପୁରୁଷୋତ୍ତମପୁର,୩୦।୮ (ସିମାଞ୍ଚଳ ମିଶ୍ର)

**ଧରିତ୍ରୀ ପ୍ରଭାବ**



ଛକରେ ଜଳୁଥିବା ହାଇମାଷ୍ଟ ଲାଇଟ୍।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନଏସିର ମୁଖ୍ୟ ରଥସାହି ଛକଟି ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ହେଲା ଅନ୍ଧକାରରେ ରହିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଏବେ ହାଇମାଷ୍ଟ ଲାଇଟ୍ ଲାଗିଛି। ଶନିବାର ରଥସାହି ଛକ ଆଲୋକିତ ହୋଇଛି। ସହରର ଏହି ମୁଖ୍ୟଛକଟି ଅନ୍ଧାରରେ ରହିଥିଲେ ସୁଦ୍ଧା ଏଥିପ୍ରତି ଏନସି ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ କି କୌଣସି ଜନପ୍ରତିନିଧି ଗୁରୁତ୍ୱ ଦେଉ ନ ଥିଲେ। ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏନଏସି ନୀରବ ରହୁଥିଲା। ଲୋକଙ୍କ ଏହି ସମସ୍ୟା ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏନଏସି ପ୍ରଶାସନ ତତ୍ପର ହୋଇଉଠି ହାଇମାଷ୍ଟଷ୍‌ରେ ଦୁଇ ଶହ ୱାଟ୍ କ୍ଷମତା ସମ୍ପନ୍ନ ୬ଟି ନୂଆ ଲାଇଟ ଲଗାଇଛି। ସୂଚନାଯୋଗ୍ୟ ସହରର ଏହି ସ୍ଥାନଟି ସର୍ବଦା ଜନଗହଳିପୂର୍ଣ୍ଣ ରହିଥାଏ। ଏହା ମଧ୍ୟ ଆସିକା-ହୁମ୍ମା ମୁଖ୍ୟରାସ୍ତା। ଏଠାରେ ବାରମ୍ବାର ଦୁର୍ଘଟଣା ଘଟିବାରୁ ଏହାକୁ ରୋକିବାଲାଗି ଗତ ତିନିବର୍ଷ ତଳେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ହାଇମାକ୍ସ ପୋଷ୍ଟ ନିର୍ମାଣ କରାଯାଇ ସେଥିରେ ତିନିଶହ ୱାଟ କ୍ଷମତା ସମ୍ପନ୍ନ ୬ଟି ଲାଇଟ ଲଗାଯାଇ ଆଲୋକୀକରଣ କରାଯାଇଥିଲା। ମାତ୍ର ଏହା ଖରାପହେବା ପରେ ତାହାକୁ ବଦଳାଇ ୩ ଶହ ତିନୋଟି ଓ ୨୫୦ କ୍ଷମତା ୱାଟ୍ ସମ୍ପନ୍ନ ବିଶିଷ୍ଟ ନିମ୍ନମାନର ଲାଇଟ୍ ଲଗାଯାଇଥିଲା। ସେହି ଲାଇଟଗୁଡିକ ଛଅମାସ ହେଲା ପୋଡି ନଷ୍ଟ ହୋଇଯାଇଥିଲା। ୪ ମାସରୁ ଊର୍ଦ୍ଧ୍ୱ ହେଲା ଏହି ଛକ ଅନ୍ଧକାରରେ ରହିଥିଲା। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟିବା ସହ ଲୋକେ ଅସୁବିଧାରେ ପଡୁଥିଲେ।

# ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ବାଲିଗୁଡା,୩୦।୮ (ସଞ୍ଜୟ ପାଣିଗ୍ରାହୀ)

ଆଦିବାସୀ ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷୟତ୍ର ଦିବସ ଅଧକ୍ଷ ଲକ୍ଷ୍ମଣ ପାଲଙ୍କ ସଭାପତିତ୍ୱରେ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପ୍ରଣୀତା ଦାସ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ଡା.ମଧୁସୁଦନ ମହାପାତ୍ର ଏହି ମହାବିଦ୍ୟାଳୟଟି କିଭଳି ଆରମ୍ଭ ହୋଇଥିଲା। ଏଠାର ଛାତ୍ରୀଛାତ୍ର ଏବଂ ଅଧାପକ ମାନଙ୍କ ମଧରେ କିଭଳି ସମ୍ପର୍କଥିଲା। କିଭଳି ମହାବିଦ୍ୟାଳୟ ଗଢିଉଠିଛି ସେ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଟ ଆଇନଜୀବୀ କୌଶିକ ସାହୁ, ଏସବିଆଇର ପ୍ରବନ୍ଧକ ଅକ୍ଷୟ ବେହେରା ଓ ମହାବିଦ୍ୟାଳୟର ଉପସଭାପତି ଅଧାପକ ନିଳାଞ୍ଚଳ ମହାରଣା ପ୍ରମୁଖ ମଞ୍ଚାସିନ ଥିଲେ। ଅଧାପକ ଡା.ଶୁଶାନ୍ତ ଦାସ ମହାବିଦ୍ୟାଳୟର ଇତିହାସ ଓ ଭିତ୍ତିଭୂମି ବିକାଶ ନିମନ୍ତେ କଣକଣ ଆବଶ୍ୟକ ରହିଛି ତାରି ଉପରେ କହିଥିଲେ। ଶେଷରେ ବାଣିଜ୍ୟ ବିଭାଗ ଅଧାପକ ସରୋଜ ପାଠୀ ଧନ୍ୟବାଦ ଦେଇଥିଲେ।

# ଇନ୍‌ଡୋର ଷ୍ଟାଡିୟମରେ କ୍ରୀଡ଼ାପ୍ରତିଯୋଗିତା

ଦିଗପହଣ୍ଡି,୩୦।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅବସରରେ କବାଡି, ଖୋଖୋ ଆଦି ଆୟୋଜିତ ହେବା ସହ ମେଜର ଧ୍ୟାନଚାନ୍ଦଙ୍କ ଭାରତୀୟ କ୍ରୀଡାକୁ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କ୍ରୀଡା ପ୍ରଶିକ୍ଷକ ନୀଳମାଧବ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସିନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସନ୍ଦୀପ ପାଣିଗ୍ରାହୀ ଓ ରୋଷନ ସେଠୀ ଯୋଡି ଚାମ୍ପିୟନ ହୋଇଥିବା ବେଳେ ଜି.ସନ୍ତୋଷ ଓ ସୁମନ ମହାରଣା ଯୋଡି ଉପବିଜେତା ହୋଇଥିଲେ। ଜୁନିୟର ବିଭାଗରେ ଦେବାଶିଷ ପଟ୍ଟନାୟକ ଓ ରାଧାରମଣ ଖୁଣ୍ଟିଆ ଯୋଡି ଚାମ୍ପିୟନ ଏବଂ ରିଷଭ ପଟ୍ଟନାୟକ ଓ ରୋହିତ ଜେନା ଯୋଡି ଉପବିଜେତା ହୋଇଥିଲେ। ସେହିଭଳି ବାଳିକା ଏକକ ବିଭାଗରେ ଶ୍ରୀୟା ବେହେରା ଚାମ୍ପିୟନ ଏବଂ ସୁଇଟି ସେଠୀ ଉପବିଜେତା ହୋଇଥିବା ଜଣାପଡିଛି।

# ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଓଷ୍ଟାର ଦାବିପତ୍ର

ବ୍ରହ୍ମପୁର,୩୦।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଓଷ୍ଟା ପକ୍ଷରୁ ୫ଦଫା ଦାବି ପତ୍ର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାର ମହାପାତ୍ରଙ୍କ ଜରିଆରେ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ୧୯୦ ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜର ଶିକ୍ଷକ ଏବଂ କର୍ମଚାରୀଙ୍କୁ ପେନସନ ପ୍ରଦାନ, ଶିକ୍ଷକ ଓ କର୍ମଚାରୀଙ୍କ ଅବସର ସୀମା ୬୦ରୁ ୬୨କୁ ବୃଦ୍ଧି ଆଦି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମିଳିତ ମଂଚର ଆବାହକ ବିଜୟ କୁମାର ବେହେରା, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଡଃ. ବିଜୟ ନ୍ଦ୍ର ମହାରଣା, ରାମଚନ୍ଦ୍ର ପୋଲାଇ, ପିତାମ୍ବର ପାଢ଼ୀ, କେଦାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ଓ ରାଜନୀତିରେ ସ୍ୱଚ୍ଛତା ବିନାୟକ ଆଚାର୍ଯ୍ୟଙ୍କ ଜୀବନାଦର୍ଶ ଥିଲା

ବ୍ରହ୍ମପୁର,୩୦।୮ (ସୁବାସ ଚନ୍ଦ୍ର ପାଢ଼ୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଓଡ଼ିଶାର ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷକ ଓ ନୀତି ପରାୟଣ ରାଜନେତା ରୂପେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ପରିଚିତ। ଉଭୟ ଶିକ୍ଷା ଓ ରାଜନୀତିରେ ସ୍ୱଚ୍ଛତା ତାଙ୍କ ଜୀବନାଦର୍ଶନ ଥିଲା ବୋଲି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳସଚିବ ପ୍ରଫେସର୍ ଉତ୍ତମା ଜେନା ମତବ୍ୟକ୍ତ କରିଛନ୍ତି ।ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ୧୦୭ତମ ଜୟନ୍ତୀ ପରିପ୍ରେକ୍ଷୀରେ 'ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା' ସମାରୋହ ହୋଇଥିଲା । କଲେଜ ଅଧକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗା ଏହି ସମାରୋହରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଫେସର୍ ଜେନା ବିନାୟକ ଆଚାର୍ଯ୍ୟଙ୍କୁ ଓଡ଼ିଶାର ସୁଯୋଗ୍ୟ ବରପୁତ୍ର ଭାବରେ ଚିତ୍ରଣ କରିଥିଲେ । ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ଛାତ୍ର ଜୀବନ, ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ । ଚାରି ମାସ ପାଇଁ ହେଲେ ମଧ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ରାଜନୀତିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସାଧୁତାର ପ୍ରମାଣ ଦେଇ ଯାଇଛନ୍ତି ବୋଲି ସେ କହିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝା ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ବିନାୟକ ଆଚାର୍ଯ୍ୟଙ୍କ ସଂସ୍କାରିତ ନୀତି ଓ ରାଜନୈତିକ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡକ୍ଟର୍ ଆନନ୍ଦ ସେଠୀ ବିନାୟକ ଆଚାର୍ଯ୍ୟଙ୍କ ଜୀବନର କେତେକ ଅନାଲୋଚିତ ଦିଗ ସଂପର୍କରେ ବକ୍ତବ୍ୟ ରଖିଥିଲେ। ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ସମିତି ମୁଖ୍ୟ ଅଧିକାରୀ ଡ. ଗଙ୍ଗାଧର ବେହେରା ସ୍ୱାଗତ ଭାଷଣ, ବକ୍ତୃତାମାଳା ସମିତିର ସହଯୋଗୀ ଅଧିକାରୀ ଡ. ଶିବାନୀ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ରବୀନ୍ଦ୍ର କୁମାର ପଣ୍ଡା ସମାରୋହର ସଂଯୋଜନା କରିଥିଲେ । ରାଜନୀତି ବିଜ୍ଞାନ ସହକାରୀ ପ୍ରଫେସର୍ ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ସଂଚାଳିତ ପୁରସ୍କାର ବିତରଣ ସମାରୋହରେ +୨ କଳା, ବିଜ୍ଞାନ, ବାଣିଜ୍ୟ, +୩ କଳା, ବିଜ୍ଞାନ, ବାଣିଜ୍ୟ ସ୍ରୋତର ସମସ୍ତ ବିଭାଗ ଓ ସମସ୍ତ ସ୍ନାତକୋତ୍ତର ବିଭାଗରେ ସର୍ବୋଚ୍ଚ ନମ୍ବର୍ ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବିଦ୍ୟାର୍ଥୀ, ବିଦ୍ୟାର୍ଥିନୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସେହିପରି ଆମନ୍ତ୍ରିତ ଅତିଥିମାନେ +୨, +୩ ଓ ସ୍ନାତକୋତ୍ତର ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ସଂଗୀତ, ଚିତ୍ରାଙ୍କନ, ନୃତ୍ୟ ଓ ଷ୍ଟାର୍ଟଅପ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ବକ୍ତୃତାମାଳା ସମିତିର ଅନ୍ୟତମ ସହଯୋଗୀ ଅଧିକାରୀ ଡ. ମଧୁମିତା ନାୟକ ଧନ୍ୟବାଦ ଦେଇଥିଲେ। ଡ. ଦେବରାଜ ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ, ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା, ଡ. ସୁଧାନନ୍ଦ ମହାରଣା, ଡ. ଅଶ୍ୱିନୀ କୁମାର ରାଉତ, ରତ୍ନାକର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

**ପୌର ପରିଷଦ, ନୟାଗଡ଼**

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧକ୍ଷ ଅଧକ୍ଷା
ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ
ପୌର ପରିଷଦ, ନୟାଗଡ଼

**ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଜଗତ୍‌ସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ନିବେଦନ: • ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦର ଏକ ସେସ୍‌ପୋଲ ଗାଡ଼ି ରହିଛି, ଟୋଲ ଫ୍ରି ନଂ. ୧୪୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ୍ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ। • ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ। • ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ। • ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରି ଚାଳିତ ଗାଡ଼ିରେ ଦୈନନ୍ଦିନ ଦିଅନ୍ତୁ। • କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ। • ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌରପରିଷଦରୁ ଅନୁମତି ନିଅନ୍ତୁ। • ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ। • ଅଦରକାରୀ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପ୍ରତ୍ୟେକ ଶନିବାର ଦିନ ପୌର ପରିଷଦ ଗାଡ଼ିରେ ଦିଅନ୍ତୁ। • ଛୋଟ/ବଡ଼ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର Online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌର ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। • ଜଗତ୍‌ସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ଶ୍ରୀମତୀ ସୀମା ଜେନା (ଓ.ଆର୍.ଏସ୍.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ, ଉପାଧକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌର ପରିଷଦ, ଜଗତ୍‌ସିଂହପୁର
ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧକ୍ଷା, ପୌର ପରିଷଦ, ଜଗତ୍‌ସିଂହପୁର

**ପବିତ୍ର ନିଖିଳ ଭାରତ "ସ୍ୱାୟତ୍ତ ଶାସନ ଦିବସ-୨୦୨୫" ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**

**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

ପୌରବାସୀଙ୍କୁ ନିବେଦନ- ୧."ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡିକୁ ହସ୍ତାନ୍ତର କରନ୍ତୁ । ୨. ହୋଟେଲ୍ ଓ ବହୁତଳ ପ୍ରାସାଦଗୁଡିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ । ୩. ରାସ୍ତା ଉପରେ ଗାଇ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡନ୍ତୁ ନାହିଁ । ୪. ରାସ୍ତା କଡରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ । ୫. ପୌରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ । ୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ । ୭. ବାହ୍ୟ ଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୮. ପଲିଥିନ ବ୍ୟବହାର କରନ୍ତୁ ନାହିଁ । ୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ । ୧୦. ଘରୋଇ ପାଇଖାନା ଗୁଡିକର ଆବର୍ଜନା ପାଣି ଡ୍ରେନକୁ ଛାଡନ୍ତୁ ନାହିଁ ।

ପ୍ରଦୀପ କୁମାର ପାଢୀ, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପରିଷଦ
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ, ଅଧକ୍ଷ, ବ୍ୟାସନଗର ପୌରପରିଷଦ
ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ, ବ୍ୟାସନଗର ପୌର ପରିଷଦ

**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**

ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପାରାଦ୍ୱୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ ।
୧. ଏକକ ବ୍ୟବହୃତ ପଲିଥିନ୍ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।
୨. ମା' ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନ ପକାଇ, ପୃଥକୀକରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡି ଓ ସ୍ୱଚ୍ଛ କର୍ମୀଙ୍କ ପ୍ରଦାନ କରନ୍ତୁ ।
୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ଼ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ ଅଟେ ।
୫. ରାସ୍ତା, ଡ୍ରେନ୍, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।
୬. ମ୍ୟୁନିସିପାଲିଟିର ଦେୟ ଯଥା - ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହଭଡା ଠିକ୍ ସମୟରେ ପଇଠ କରନ୍ତୁ ।
ସ୍ୱଚ୍ଛତା ରଖନ୍ତୁ - ରୋଗ ହଟାନ୍ତୁ ।
ନିବେଦକ
ପାରାଦ୍ୱୀପ ପୌରପାଳିକା, ପାରାଦ୍ୱୀପ

**ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ତରଫରୁ ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ବିଜ୍ଞାପିତ ଅଞ୍ଚଳ ତରଫରୁ ଆଗାମୀ ଦିନରେ ସହରବାସୀଙ୍କ ମୌଳିକ ସୁବିଧା ପ୍ରଦାନ ପାଇଁ ନିମ୍ନ ବର୍ଣ୍ଣିତ ପଦକ୍ଷେପ ।**

୧. ଦଶପଲ୍ଲା ସହରବାସୀଙ୍କ ପାଇଁ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ର (MCC), ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (MRF), ମଳ ଉପଚାର କେନ୍ଦ୍ର (SeTP)ର କାର୍ଯ୍ୟକାରୀ ହୋଇଅଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ FSTP 2.0 ମାଧ୍ୟମରେ ମଳ ଉପଚାର କେନ୍ଦ୍ରର ବିଶ୍ରାମ କକ୍ଷ ତଥା ତାଲିମ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁଅଛି। ୨. ସହରର ସ୍ୱଚ୍ଛତା, ପରିମଳ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ। ୩. MSBY ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ସୁପରିଚାଳନା ଓ କର୍ମ ନିଯୁକ୍ତି ପ୍ରଦାନ। ୪. PMAY 2.0 ମାଧ୍ୟମରେ ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାର ଯୋଜନା। ୫. ୮ (ଆଠ) ଏକର ପରିମିତ ଜମିରେ ଶିଶୁ ଉଦ୍ୟାନ ଓ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ୬. ଶ୍ମଶାନ ପାଇଁ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି। ୭. ସହରର ଜଳ ଯୋଗାଣ ପାଇଁ ବୃହତ୍ତ ଯୋଜନା।

ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦାଶ, ଉପାଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଶ୍ରୀଯୁକ୍ତ ଅବିନାଶ ମହାନ୍ତି, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଇଂ. ପୁନମ୍ ପ୍ରିୟଦର୍ଶିନୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ଓ ସମସ୍ତ ପାରିଷଦ ବର୍ଗ
।। ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ଆପଣଙ୍କ ସେବାରେ ।।

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

ପଟ୍ଟାମୁଣ୍ଡାଇ ପୌରପରିଷଦ ତାହାର ଅଗଣିତ ଟିକସଦାତା, ପୌରବାସୀ, ବ୍ୟବସାୟ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।
ନିବେଦନ :-
୦୧. ପୌରପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
୦୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଞ୍ଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ ।
୦୩. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
୦୪. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
୦୫. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ । ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନ୍‌ରେ ପୃଥକ୍ ଭାବରେ ରଖି ସ୍ୱଚ୍ଛ ସବାରି ଗାଡ଼ିକୁ ପ୍ରଦାନ କରନ୍ତୁ ।
୦୬. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
୦୭. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
୦୮. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ଯଥା ଇଟା, ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
୦୯. ଡଷ୍ଟବିନ୍‌କୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
୧୦. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ ।
ଆମର ଲକ୍ଷ୍ୟ :-
• ପୌରପରିଷଦର ଅନେକ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ ।
• ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଅଛି ।
• ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି । ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ
ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ରା.ସେ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧକ୍ଷ, ଉପାଧକ୍ଷା ଓ ସମସ୍ତ ପାରିଷଦବୃନ୍ଦ

**କେନ୍ଦ୍ରାପଡ଼ା ପୌରପରିଷଦ,କେନ୍ଦ୍ରାପଡ଼ା**

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌରପରିଷଦ ତାହାର ସମସ୍ତ କରଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।
ନିବେଦନ
୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀଚାଳିତ ଅଳିଆ ଗାଡିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରିଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ । ୨.ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ । ୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜନିର୍ମିତ ଚା' କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏସବୁ ବ୍ୟବହାର ନକରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ । ୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛସାଥୀ, ସୁପରଭାଇଜର, ସ୍ୱଚ୍ଛକର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବ କେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ । ୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରିନିଅନ୍ତୁ । ଯଦି ପୂର୍ବରୁ ପୌରସଂସ୍ଥାର ବିନା ଅନୁମୋଦନରେ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରିନିଅନ୍ତୁ ।
ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧକ୍ଷା
ଶ୍ରୀମତୀ ସରିତା ସାହୁ, ଅଧକ୍ଷା

# ଅଭିଯୁକ୍ତଙ୍କୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ

## ଶିଶୁକନ୍ୟା ବଳାତ୍କାର ମାମଲା

### ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା କଥା: ପୀଡ଼ିତାଙ୍କ ମା'

ସମ୍ବଲପୁର,୩୦।୮
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ୨୦୨୪ରେ ସଂଘଟିତ ଏକ ଶିଶୁକନ୍ୟା ବଳାତ୍କାର ମାମଲାରେ ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଶନିବାର ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫୫ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଝୁମୁକ ଖଡ଼ିଆପଡ଼ାର ଅନିଲ ସାମନ୍ତ(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଇପିସି ଦଫା ୩୭୬(ଏବି)ରେ ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା, ଦଫା ୫୦୬ରେ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆକ୍ଟର ଦଫା ୬ରେ ୧୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାସହ ପୀଡ଼ିତ ଶିଶୁକନ୍ୟାଙ୍କୁ କ୍ଷତିପୂରଣ ବାବଦରେ ୧୩.୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଦର୍ଲିପାଲି ଅଞ୍ଚଳର ୬ ବର୍ଷୀୟା ନାବାଳିକା ତାଙ୍କ ମା'ଙ୍କ ସହ ମାମୁଁଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ୨୦୨୪ ଏପ୍ରିଲ ୨୭ରେ ମହୁଲପାଲି ଆସିଥିଲେ। ରାତିରେ ବିବାହ ଉତ୍ସବରେ ନାଚୁଥିବା ବେଳେ ଅଭିଯୁକ୍ତ ଅନିଲ ସାମନ୍ତଙ୍କ ନଜର ଆଢୁଆଳରେ ଶିଶୁକନ୍ୟାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିଥିଲେ। ଝିଅକୁ ନ ପାଇ ତାଙ୍କ ମା' ଓ ପରିବାର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ରାତି ସାଢ଼େ ୯ଟାରେ ଅଭିଯୁକ୍ତ ଝିଅକୁ କ୍ଷତାକ୍ତ ଅବସ୍ଥାରେ ଆଣି ତାଙ୍କ ମାମୁଘର ପାଖରେ ଛାଡି ଚାଲିଯାଇଥିଲେ। ଘରକୁ ଆସି ଝିଅ ତା'ସହ ଘଟିଥିବା ସବୁକଥା କହିଥିଲା। ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଡିମ୍ସରେ ଭର୍ତ୍ତି କରିଥିଲେ। ଏପ୍ରିଲ୍ ୨୮ରେ ମହୁଲପାଲି ଥାନାରେ ଦଫା ୩୭୬(ଏବି), ୫୦୬ ଓ ୬ ପୋକ୍ସୋ ଆଇନରେ ଏକ ମାମଲା (ନଂ.୮୦/୨୪)ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ଅପରପକ୍ଷରେ ପୀଡ଼ିତ ଶିଶୁକନ୍ୟାଙ୍କ ମା' କହିଛନ୍ତି ଏପର୍ଯ୍ୟନ୍ତ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହିଁ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା ଉଚିତ ବୋଲି ସେ କହିଛନ୍ତି।

# ଗୁଜରାଟରୁ ଆଉ ଜଣେ ଅଭିଯୁକ୍ତ ଗିରଫ

## ଡ୍ରେସ୍ ଯୋଗାଇବା ଆଳରେ ବ୍ୟବସାୟୀଙ୍କୁ ଠକେଇ ଘଟଣା

ଭୁବନେଶ୍ୱର,୩୦।୮
(ସତ୍ୟଜିତ ରାଉତ)

ଡ୍ରେସ୍ ଯୋଗାଇବା ଆଳରେ ଜଣେ ମହିଳା ବ୍ୟବସାୟୀଙ୍କୁ ୧୪.୫୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଆଉ ଜଣେ ସାଇବର ଠକଙ୍କୁ ଗୁଜରାଟରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୁଜରାଟ ଜୁନାଗଡ଼ ଜିଲାର ମିଲନ ଚୌହାନ(୨୭)। ତାଙ୍କୁ ଓଡ଼ିଶା ଆଣାଯାଇ ଶନିବାର କୋର୍ଟ ଚାଲାଣ କରାଯିବାପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ୩ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇଥିବାବେଳେ ସେମାନେ ଜୁଲାଇ ୨୯ରେ ଜେଲ ଯାଇଥିଲେ।



ମିଲନ ଚୌହାନ

ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ଭୁବନେଶ୍ୱର ଜାଗମରାରେ ଏକ ଗାର୍ମେଣ୍ଟସ ଶପ୍ କରିଛନ୍ତି। ସେ କିଛି ଡ୍ରେସ୍ କିଣିବାକୁ ଜଷ୍ଟଡାଏଲ୍ ସାଇଟ୍‌ରେ ଖୋଜାଖୋଜି କରିଥିଲେ। ସେଠାରୁ ସାଇବର ଠକମାନେ ତାଙ୍କ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଗୁଜରାଟରେ ତାଙ୍କର ନାମୀଦାମୀ ଗାର୍ମେଣ୍ଟସ ଶପ୍ ରହିଥିବା କହି ଫସାଇଥିଲେ। ଏଥିସହ ଡ୍ରେସ୍ ଡିଜାଇନ୍ ଓ ଫେକ୍ ଆଇକାର୍ଡ ଆଦି ପଠାଇ ବିଶ୍ୱାସ ଜନ୍ମାଇଥିଲେ। ଅତି କମ୍ ଦାମରେ ଆକର୍ଷଣୀୟ ଡ୍ରେସ୍ ଯୋଗାଇଦେବେ ବୋଲି ଠକମାନେ ପ୍ରତିଶ୍ରୁତି ଦେଇ ଟଙ୍କା ପଠାଇବାକୁ କହିଥିଲେ। ମହିଳା ଜଣକ ୧୪ଲକ୍ଷ ୫୫ହଜାର ୪୮୦ଟଙ୍କା ପଠାଇ ଠକେଇର ଶିକାର ହୋଇଥିଲେ। ଏନେଇ ଏପ୍ରିଲ ୨୮ରେ ଏଠାରେ ସାଇବର ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ୨.୫୨ଲକ୍ଷ ଟଙ୍କା ମିଲନ୍‌ଙ୍କ ଆକାଉଣ୍ଟରେ ଜମା ହୋଇଥିବା ପୋଲିସ ଜାଣିବାକୁ ପାଇଛି।

# ଗୁପ୍ତିଘାଟରେ ବନ୍ଧୁକ ଧରି ଆତଙ୍କ: ଯୁବକ ଗିରଫ

## ସ୍ଥାନୀୟ ଲୋକେ କାବୁକରି ପୋଲିସ ଜିମା ଦେଲେ

ରାଜନଗର, ୩୦।୮
(ଭାସ୍କର ରାଉତରାଏ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟରେ ଜଣେ ଯୁବକ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଛନ୍ତି। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିଲା ଏବଂ ବଙ୍ଗଳା ଭାଷାରେ କଥା ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ନିଶା ଛାଡ଼ିବା ପରେ ତାଙ୍କ ପରିଚୟ ମିଳିପାରିଛି। ସେ ହେଲେ ପଶ୍ଚିମବଙ୍ଗ ଚବିଶପ୍ରଗଣାସ୍ଥିତ ଷଣ୍ଢଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗାଁର ମୃତ୍ୟୁଞ୍ଜୟ ମଣ୍ଡଳ (୩୦)। ମଧ୍ୟାହ୍ନ ପ୍ରାୟ



ଆତଙ୍କ ସୃଷ୍ଟି କରିଥିବା ମୃତ୍ୟୁଞ୍ଜୟ ମଣ୍ଡଳ ଲୋକେ କାବୁ କରିଛନ୍ତି।

୧୨ଟା ବେଳେ ସେ ରାଜନଗର ଥାନା ଅନ୍ତର୍ଗତ ଗୁପ୍ତିଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବହୁ କଷ୍ଟରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସରେ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉତ୍ତର ବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ପଶ୍ଚିବଙ୍ଗରୁ ମୃତ୍ୟୁଞ୍ଜୟଙ୍କ ସହ ୮ ଜଣଙ୍କୁ ଡକାଇଥିଲେ। ଏନେଇ ମୃତ୍ୟୁଞ୍ଜୟ ଗୁପ୍ତି ଆସୁଥିବାବେଳେ ବାଟରେ ବନ୍ଧୁକ ପାଇଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି।

# ରାସ୍ତାକଡ଼ରେ ଯୁବତୀଙ୍କୁ ଗଣବଳାତ୍କାର

ଉଦଳା, ୩୦।୮
(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଚାକିରି କରାଇଦେବା ବାହାନାରେ ଜଣେ ଯୁବତୀଙ୍କୁ ଡାକି ନେଇ ରାସ୍ତାକଡରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଉଦଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି କରାଇଦେବାକୁ କହି ଘରୁ ଏକ ଓମିନି ଗାଡ଼ିରେ ୨ ଜଣ ଡାକି ଆଣିଥିଲେ। ପରେ ରାସ୍ତାରୁ ଆଉ ୩ଜଣ ଉକ୍ତ ଗାଡ଼ିରେ ଚଢିଥିଲେ। ବାଙ୍ଗିରିପୋଷିରୁ ୮୦ କି.ମି. ଦୂର ଉଦଳା ଆଣି ରାସ୍ତାକଡରେ ଗାଡି ଛିଡା କରି ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଯୁବତୀଜଣକ ଚିତ୍କାର କରିବାରୁ ଯୁବକମାନେ ତାଙ୍କୁ ଗାଡି ବାହାରକୁ ଠେଲି ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲେ। ଯୁବତୀଜଣକ ଏ ସମ୍ପର୍କରେ ଘରେ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ସଫେଇ କର୍ମଚାରୀଙ୍କ ପ୍ରତି ଅବହେଳା ଅଭିଯୋଗ

## ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର,୩୦।୮
(ସତ୍ୟଜିତ ରାଉତ)

ଅତି ଅସ୍ୱାସ୍ଥ୍ୟକର ଡ୍ରେନ୍‌ରେ ପଶି ସଫା କରୁଥିବା ସଫେଇ କର୍ମଚାରୀଙ୍କ ଆଇନଗତ ଅଧିକାର ସମେତ ରାଜ୍ୟ ସରକାର ଲାଗୁ କରିଥିବା ଗରିମା ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଆସନ୍ତା ଅକ୍ଟୋବର ୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଶ୍ରମ ବିଭାଗ, ନଗର ଉନ୍ନୟନ ବିଭଗ, ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଆଦିର ମୁଖ୍ୟଙ୍କୁ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରିପୋର୍ଟ ତଲବ କରିଛନ୍ତି।

ମାନବକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ନରେନ୍ଦ୍ର ମହାନ୍ତି ଓ ଆଇନ୍‌ଜୀବୀ ବିଜୟ କୁମାର ପଣ୍ଡାଙ୍କ ପକ୍ଷରୁ ହୋଇଥିବା ପିଟିଶନ ଉପରେ ଗତ ୨୧ତାରିଖରେ ଶୁଣାଣି ହୋଇଥିଲା। ଏକ ଦୈନିକ ଇଂଲିଶ ଖବରକାଗଜରେ ସଫେଇ କର୍ମଚାରୀମାନେ କିଭଳି ଅମାନବୀୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଘଣ୍ଟାଘଣ୍ଟା ଧରି କାମ କରୁଛନ୍ତି ଓ ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟ ଯେଉଁ ଗାଇଡ୍‌ଲାଇନ ଦେଇଛନ୍ତି ତାହା ପାଳନ କରାଯାଉନାହିଁ ଓ ଏପରିକି ଗରିମା ସ୍କିମ୍‌ର ଖୋଲା ଉଲ୍ଲଂଘନ ସମ୍ପର୍କରେ ଆବେଦନକାରୀ ଅଭିଯୋଗ କରିଥିଲେ। ବିଶେଷକରି ସ୍ୱରେଜ ଲାଇନ୍, ଡ୍ରେନ୍ ସଫା କରିବାକୁ ମେଶିନ ବଦଳରେ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ମୁଖ୍ୟତଃ ନିୟୋଜିତ କରାଯାଉଛି। ସର୍ବନିମ୍ନ ମଜୁରୀ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ନାହିଁ। ଏପରି କି କର୍ମଚାରୀଙ୍କୁ ଗ୍ଲୋଭ ଓ ବୁଟ୍ ଆଦି ଭଳି ସର୍ବନିମ୍ନ ସୁରକ୍ଷା ସରଞ୍ଜାମ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା। ସବୁ ସଫେଇ କର୍ମଚାରୀଙ୍କୁ ଚିହ୍ନଟ, ଏସମ୍ପର୍କରେ ଥିବା ଆଇନ ଓ ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଏକ ସ୍ୱାଧୀନ କମିଟି ଦ୍ୱାରା ଅନୁଧ୍ୟାନ, ଆବଶ୍ୟକ ପଦକ୍ଷେପ ନେବାପାଇଁ କମିଶନଙ୍କ ହସ୍ତକ୍ଷେପ ପାଇଁ ଆବେଦନରେ ଦର୍ଶାଯାଇଥିଲା।

# ଅପରେଶନ ଗଜ: ୮ଜଣଙ୍କୁ ଗିରଫ କଲା ପଦ୍ମପୁର ପୋଲିସ

## ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର୍, ବାଇକ୍ ଜବତ

ପଦ୍ମପୁର,୩୦।୮ (ପ୍ରଦୀପ୍ତ ଦାଶ)

ଅପରେଶନ ଗଜରେ ବରଗଡ଼ ଜିଲା ପଦ୍ମପୁର ପୋଲିସ ଶନିବାର ବେଆଇନ ନିଶା କାରବାର କରିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଦ୍ମପୁରର ସରଫରାଜ ଖାଁ, ମନୋରଞ୍ଜନ ପୋଢ, ଏମ୍‌ଡି ଆସିଫ, ତନ୍ମୟ ନାଗ, ପିଣ୍ଟୁ ପଟେଲ, ହଲଦୀପାଲିର ପ୍ରଶାନ୍ତ ଦାଶ, ସୋହେଲାର ଦୁଷ୍ମନ୍ତ ନାଏକ, ବରଗଡ଼ର ରଘୁ ସାହୁ। ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର, ବାଇକ୍ ଜବତ କରାଯାଇଥିବା ନେଇ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି।



ଜବତ ସାମଗ୍ରୀ।

ପ୍ରକାଶ ଯେ, ପଦ୍ମପୁର ପୋଲିସର ଏକ ଟିମ୍ କୌଣସି ସୂତ୍ରରୁ ସୂଚନା ପାଇ ଗାଇସିଲେଟ ପଦ୍ମପୁର ରାସ୍ତାର ସପିଆଠାରେ ଏକ କାର (ଓଡି ୦୫ ଟି ୫୪ ୦୦)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ୫୦୦୦ ନିଶା ଇଞ୍ଜେକଶନ, ୭୨୦ବୋତଲ କଫ ସିରପ୍, ୧୨୦୦୦ ଟାବଲେଟ, ନଗଦ ୩୮ହଜାର ୩୭୦ଟଙ୍କା, ୭ଟି ମୋବାଇଲ ଫୋନ, ଗୋଟିଏ ହିରୋ ବାଇକ୍ (ଓଡି ୧୭ ଜେ ୫୬ ୫୮), ଗୋଟିଏ ଟିଭିଏସ୍ ଆପାଚି (ଓଡି ୧୭ ଏଏ ୭୧ ୬୫) ଜବତ ହୋଇଥିବା ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଥାନା ପୋଲିସ ଏକ (ନଂ. ୨୩୧/୨୫) ମାମଲା ରୁଜୁ କରିଛି। ଏହି ଚଢ଼ାଉରେ ଏସ୍‌ଆଇ ପ୍ରମିଳା ମରେଇ, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଲୁଟ୍

ସାତମାଇଲ,୩୦।୮(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ମହାଲୁଣ୍ଡା ପଞ୍ଚାୟତ ମହାଲୁଣ୍ଡା ଗ୍ରାମର ବ୍ୟବସାୟୀ ଗିରିଶ ସାହୁ(୫୫) ସ୍ଥାନୀୟ କୁମୁରିଶିଙ୍ଗା ସାପ୍ତାହିକ ହାଟ ସାରି ଶନିବାର ଦ୍ୱିପ୍ରହରେ ଘରକୁ ଫେରୁଥିବାବେଳେ ଲୁଟ୍‌ର ଶୀକାର ହୋଇଛନ୍ତି। ସୂଚନା ଅନୁଯାୟୀ, ଗିରିଶ ହାଟରୁ ଫେରୁଥିବାବେଳେ ହାଟ ନିକଟରେ ୩ ବାଇକ୍ ଲୁଟେରା ଗିରିଶଙ୍କୁ ଭୁଜାଲିରେ ହାଣି ଦେବାରୁ ସେ ତଳେ ଖସି ପଡ଼ିଥିଲେ। ଏହି ସମୟର ଦୁର୍ବୃତ୍ତମାନେ ଗିରିଶଙ୍କ ବ୍ୟାଗ୍ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଗିରିଶଙ୍କୁ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ଗିରିଶ ବାଲିମି ଥାନାରେ ଅଭିଯୋଗ କରିଥିଲେ। ବାଲିମି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଆଗରୁ ସେହି ସ୍ଥାନରେ ବଲିମି ପୋଲିସ ତରଫରୁ କର୍ମଚାରୀ ନିୟୋଜିତ ଥିବାବେଳେ ଏହାର ବିଶେଷ ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। ଦ୍ୱିପ୍ରହରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏଭଳି ଲୁଟ୍ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଯିବାଆସିବା କରିବାକୁ ଭୟ କଲେଣି। ତୁରନ୍ତ ଏହି ଅଞ୍ଚଳରେ ଅଧିକ ପୋଲିସ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି।

# ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍‌ଆଇ ଗିରଫ

ଜୟପୁର,୩୦।୮ (ପବନ ପାଣିଗ୍ରାହୀ)

୨୦୧୭ରେ ବିଭିନ୍ନ ଆପରାଧୀକ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତ ଆକାଶ ମହୁରିଆଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍‌ଆଇ ଶିବ ଶଙ୍କର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶିବ କଳାହାଣ୍ଡି ଜିଲାର ଏକ ଗଣେଶ ପୂଜା ବଜାରରେ ବୁଲୁଥିବା ବେଳେ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ସକାଳୁ ତାଙ୍କୁ ଜୟପୁର ଆଣିବା ପରେ ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଥିବା ଆକାଶଙ୍କୁ ପୋଲିସ ଗୋଡ଼ାଉଥିବା ବେଳେ ଗାଡ଼ିରୁ ପଡି ତାଙ୍କର ମୃତ୍ୟୁ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଏହା ପରେ ତାଙ୍କ ଭଉଣୀ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ପୂର୍ବତନ ଟାଉନ ଥାନା ଅଧିକାରୀ ତପନ ରଥ, ଏସ୍‌ଆଇ ଶିବ ଶଙ୍କର ସାହୁ, ଏସ୍‌ଆଇ ରାଜେଶ ବଳିଆର ସିଂ ଓ ଏସ୍‌ଡିପିଓ ରାଜେନ୍ଦ୍ର ସେନାପତିଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଶିବ ତଦନ୍ତକାରୀ ଅଧିକାରୀ ଥିବାରୁ ତାଙ୍କ ନାଁରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ସେହି ଦିନଠାରୁ ଶିବଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

# ଭିଜିଲାନ୍ସ କୋର୍ଟରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

## ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା

ପାରଳାଖେମୁଣ୍ଡି,୩୦।୮
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନାଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ଥ କରିଛନ୍ତି। ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକଲକ୍ଷ ଟଙ୍କା ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି। ଏଥିସହ ଚାକିରିରୁ ବହିଷ୍କାର କରିବାକୁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରାଯିବ ବୋଲି କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଖବରରୁ ଜଣାପଡିଛି, କନିଷ୍ଠଯନ୍ତ୍ରୀ ଅରୁଣ ମୟୁରଭଞ୍ଜରେ ଏସ୍‌ଏସ୍‌ଏ ବିଭାଗରେ କାର୍ଯ୍ୟରତ ଥିବା ବେଳେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ନରେନ୍ଦ୍ର ବେହେରା ଏହାର ତଦନ୍ତ କରୁଥିଲେ। ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଶାନ୍ତନୁ ଦାସ ମାମଲା ପରିଚାଳନା କରୁଥିଲେ।

# ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ

ରାସୋଳ,୩୦।୮(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା କନକା ଗ୍ରାମରେ ଏକ ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ ଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। କନକା ଗ୍ରାମର ହୃଦାନନ୍ଦ ପ୍ରଧାନ ଶୁକ୍ରବାର ସକାଳେ କାମକୁ ବାହାରି ଯାଇଥିଲେ। ଘରେ ଶିଶୁପୁତ୍ର ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ବାଡ଼ି ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ସେଠାରୁ ସେ ଫେରି ଶିଶୁପୁତ୍ରକୁ ଘରେ ପାଇ ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଶିଶୁପୁତ୍ରର ସନ୍ଧାନ ନ ପାଇବାରୁ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ରାସୋଳ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,୩୦।୮
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅଜ୍ଞନା ସ୍ୱାଇଁ ଏକ ହତ୍ୟା ମାମଲାର ବିଚାରକରି ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଶନିବାର ରାୟ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଅଶୋକ ଗୌଡ଼, ଭାଗୀରଥି ଗୌଡ଼ ଓ ବିକ୍ରମ ଗୌଡ଼। ୨୩ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଦଫା ୩୦୨/୩୪ ଆଇପିସି, ଆର୍‌ଡବ୍ଲ୍ୟୁ ୩(୧)(ଆର୍)(ଏସ୍)/୩(୨)(ଭି)(ଭିଏ) ଏସସି ଏବଂ ଏସ୍‌ଟି (ପିଓଏ) ଆକ୍ଟରେ ବିଚାରକରି ରାୟ ପ୍ରକାଶ ପାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ୨୦୨୩ ଜୁନ୍ ୯ ସକାଳ ସମୟରେ କାଶୀପୁର ବ୍ଲକର ଗଜେନ୍ଦ୍ର ନାୟକ କଶନାଦୋରା ଗ୍ରାମରେ ଥିବା ଜମିରେ ସମତଳ ହେଉଥିବା କାର୍ଯ୍ୟକୁ ତଦାରଖ ପାଇଁ ଯାଇଥିଲେ। ଜେସିବି ଦ୍ୱାରା ଅପରେଟର ରଘୁ ଝୋଡିଆ, ତାଙ୍କ ସହଯୋଗୀ ଅନନ୍ତ ମାଝି ଓ ଚୈତନ୍ୟ ମାଝି ଏହି କାର୍ଯ୍ୟ କରୁଥିଲେ। ଉକ୍ତ ସମୟରେ ଭାଗୀରଥି ଗୌଡ଼, ତାଙ୍କର ଦୁଇ ସହଯୋଗୀ ଅଶୋକ ଏବଂ ବିକ୍ରମ ସେହି ସ୍ଥାନକୁ ଆସି ଆମ ଜମି କେଉଁଠି ଅଛି ଦେଖାଇଦେ କହିବା ସହ ସେମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆ ଦ୍ୱାରା ପ୍ରଥମେ ତାଙ୍କ ଗୋଡ ଏବଂ ପରେ ବେକକୁ ଆକ୍ରମଣ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଲୋକମାନେ ପାଟି କରିବାରୁ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଜମିରେ କାର୍ଯ୍ୟ କରୁଥିବା ଲୋକମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଜେନ୍ଦ୍ରଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କ ପୁଅ ମିହିର କୁମାର ନାୟକ ଏନେଇ କାଶୀପୁର ଥାନାରେ ଅଭିଯୋଗ କରିଥିଲେ। କାଶୀପୁର ପୋଲିସ ଘଟଣାର ତଦନ୍ତକରି ୨୦୨୩ ଜୁନ୍ ୧୨ରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫକରିବା ସହ ବ୍ୟବହର ହୋଇଥିବା ୩ଟି ଟାଙ୍ଗିଆକୁ ଜବତ କରିଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ନାବାଳକଙ୍କ ବଳାତ୍କାର

ଖଣ୍ଡପଡ଼ା, ୩୦।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ଅଧୀନ ରାଣୀପଡ଼ା ଅଞ୍ଚଳର ଜଣେ ୭ ବର୍ଷର ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ୧୪ ବର୍ଷର ନାବାଳକ ଏକ ନିକାଞ୍ଚନ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିବା ନେଇ ଶୁକ୍ରବାର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ନାବାଳିକା ପରିବାର ଲୋକଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଗ୍ରାମରୁ ଉଠାଇ ନେଇ ଥାନାରେ ଅଟକ ରଖି ତଦନ୍ତ କରିଥିଲା। ଶନିବାର ତାଙ୍କୁ ଅନୁଗୋଳସ୍ଥିତ ଜୁଭେନାଇଲ ଜଷ୍ଟିସ୍ ହୋମ୍‌କୁ ପଠାଇ ଦିଆଯାଇଛି।

କଟକ ମହାନଗର ନିଗମ
ସ୍ୱାୟତ୍ତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
No. DSPL - 230
କାର୍ଯ୍ୟସୂଚୀ
ତା୩୦।୦୮।୨୦୨୫ରିଖ
ପ୍ରାତଃ ୦୯.୦୦ ଘଟିକା: ରକ୍ତଦାନ ଶିବିର, ଟାଉନହଲ, କଟକ
ତା୩୧।୦୮।୨୦୨୫ରିଖ
ପୂର୍ବାହ୍ନ ୧୦.୩୦ଘଟିକା: ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ।
ସନ୍ଧ୍ୟା ୦୫.୦୦ଘଟିକା: ସହିଦ ଭବନ, କଟକଠାରେ ସାଧାରଣ ସଭା
ମୁଖ୍ୟ ଅତିଥି: ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା
ମୁଖ୍ୟବକ୍ତା: ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ (ଲୋକସଭା), କଟକ
ସ୍ୱତନ୍ତ୍ର ଅତିଥି: ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ
ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ
ସମ୍ମାନିତ ଅତିଥି ବୃନ୍ଦ:
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ
ଇଂ. ସୋଫିଆ ଫିର୍‌ଦୋସ, ମାନ୍ୟବର ବିଧାୟିକା, ବାରବାଟୀ-କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ.), ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପୁ.ସେ.), ଡିସିପି, କମିଶନରେଟ ପୋଲିସ, କଟକ
୧. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।
ସୁଶ୍ରୀ କିରନ୍‌ଦୀପ୍ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ
ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର
ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ
OIPR-13031/13/0212/2526

GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION, JASHPUR, DISTT.: JASHPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
(First CALL)
Online tenders are invited for the following works upto 15.09.2025 (17.30 hours IST).

| System Tender No./NIT No./Dated | Name of Work | Probable Amount of Contract |
|---|---|---|
| S.T.N. 174034/N.I.T. No. 02/ SAC/2025-26 Date: 25.08.2025 | Construction of Head Work and canal & their Structure of Gurmhakona Diversion Scheme | Rs.411.70 Lakhs |
| S.T.N. 174042/NIT No. 03/ SAC/2025-26 Date: 25.08.2025 | Construction of Head Work and canal & their Structure of Semra Tank Scheme | Rs.241.73 |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from **dated 01.09.2025 at 17.31 hours (IST)** onwards.
**Note:** All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.
Sd./- Executive Engineer
Water Resources Division, Jashpur (C.G.)
For, Chief Engineer
Hasdeo Ganga Basin, W.R. Deptt., Ambikapur, Sarguja (C.G.)
G-252603083/1

# ବାଇଗୁଣିଆରେ ଗୋଷ୍ଠୀ ସଂଘର୍ଷ: ଗଉଡ଼ସାହିର ଜଣେ ଗୁରୁତର, ୧୦ ଆହତ

ନୟାଗଡ଼/ଭାପୁର,୩୦।୮
(ଲୋକନାଥ ମିଶ୍ର/ପ୍ରଭାତ ବରାଡ଼)

ନୟାଗଡ ଜିଲା ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ବାଇଗୁଣିଆ ଗାଁର ଗଉଡ଼ସାହିର ଗୋଟିଏ ଗୋଷ୍ଠୀ ଏବଂ ଦଳିତ ସାହି ଏକ ଗୋଷ୍ଠୀ ମଧ୍ୟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଉଭୟ ପକ୍ଷର ୧୦ ଜଣ ଆହତ ହୋଇଛନ୍ତି। ଗୋଷ୍ଠୀ ସଂଘର୍ଷ ପୂର୍ବରୁ ଗଉଡ଼ସାହିର ରାଜେଶ ବେହେରାଙ୍କୁ ଆକ୍ରମଣ କରାଯାଇଥିଲା। ରାଜେଶଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରାଜେଶ ଗୁରୁତର ଥିବା ଖବର ଜଣାପଡିବା ପରେ ଗାଁରେ ଉଭୟ ପକ୍ଷ ମୁହାଁମୁହିଁ ହୋଇ ସଂଘର୍ଷ ହୋଇଥିଲା। ଖବର ପାଇ ଫତେଗଡ଼ ଥାନା ପୋଲିସ ଘଟଣାର ଅନୁଧ୍ୟାନ କରୁଥିବାବେଳେ ଉଭୟ ସାହିରେ ଫୋର୍ସ ମୁତୟନ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨ ବର୍ଷ ତଳେ ଗଣେଶ ପୂଜା ଭସାଣିକୁ ନେଇ ଗଉଡ଼ସାହି ଓ ଦଳିତ ସାହିର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ପକ୍ଷକୁ ବୁଝାଶୁଝା କରାଯାଇ ସମାଧାନ କରାଯାଇଥିଲା। କିନ୍ତୁ ବିବାଦ ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ପୂର୍ବ ଶତ୍ରୁତାକୁ ନେଇ ଏବେ ପ୍ରାୟ ୪ ଦିନ ହେଲା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଦଳିତ ସାହିର କେତେଜଣ ଲୋକ ଗଉଡ଼ସାହିର ରାଜେଶଙ୍କୁ ଆକ୍ରମଣ ପରେ ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

# ନିଜ ହାତରେ ଶାସନ ବ୍ୟବସ୍ଥା

ବ୍ରିଟିଶ ଅମଳରୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ପଞ୍ଚାୟତିରାଜ ବ୍ୟବସ୍ଥାଠାରୁ ଆରମ୍ଭକରି ମହାନଗର ପର୍ଯ୍ୟନ୍ତ ସବୁଠି ଏହି ପ୍ରକ୍ରିୟା ଲାଗୁ କରାଯାଇଛି। ବିକାଶକୁ ସରଳୀକରଣ କରିବା ପାଇଁ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଦିଆଯାଇଛି। ଗଞ୍ଜାମରେ ସ୍ୱାୟତ୍ତତାର ଦୃଷ୍ଟିକୁ ଦେଖିଲେ ପ୍ରଥମେ ୧୮୬୭ରେ ବ୍ରହ୍ମପୁରକୁ ପୌରପାଳିକା ଘୋଷଣା କରାଯାଇଥିଲା। ସେତେବେଳେ ବ୍ରହ୍ମପୁରର ପରିସୀମା ଛୋଟ ଥିଲା। ଲୋକସଂଖ୍ୟା ବି କମ୍ ଥିଲା। ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଷ୍ଟ୍ରିଟ୍ ଲାଇଟରେ ଲଣ୍ଠନ ଲଗାଇ ଲୋକଙ୍କୁ ଆଲୁଅ ଯୋଗାଇ ଦିଆଯାଉଥିଲା। ରାସ୍ତାଘାଟ ସ୍ୱଚ୍ଛ ଥିଲା। ପରିମଳ ବ୍ୟବସ୍ଥା ବି ଭଲ ଥିଲା। ତେଣୁ ୧୯୩୦ରେ ବ୍ରହ୍ମପୁର ପୌରପାଳିକାକୁ ବ୍ରିଟିଶ ଶାସନ ସମୟରେ ମାଡ୍ରାସ ପ୍ରେସିଡେନ୍ସି ପକ୍ଷରୁ ପୁରସ୍କୃତ ହୋଇଥିଲା। ଦୀର୍ଘଦିନ ପରେ କିଛି ବଡ଼ ଅଞ୍ଚଳର ଲୋକସଂଖ୍ୟା ବୃଦ୍ଧିରୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗଞ୍ଜାମରେ ଏକ ମହାନଗର ନିଗମ, ଏକ ପୌରପାଳିକା ଏବଂ ୧୭ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଆଉକୁ ଆହୁରି କେତେ ଏନ୍‌ଏସି ଘୋଷଣା ବାକି ଅଛି। ବ୍ରହ୍ମପୁର ଇଂରେଜ ଅମଳର ହୋଇଥିବାବେଳେ ହିଞ୍ଜିଳିକାଟୁ ଉପରେ ବିଜେଡି ସରକାର ଅମଳରେ ପୌରପାଳିକାର ମୋହର ବାଜିଛି। ତେବେ ଦେଖିବାକୁ ଗଲେ ନିଜ ହାତରୁ ଶାସନ କ୍ଷମତା ଆସିବା ପରେ କାମ ଦେଉ ବଢ଼ିଯାଇଛି। କିନ୍ତୁ ସମସ୍ୟା ବି ବଢ଼ିଛି। ଏ ସମ୍ବନ୍ଧରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚୌଧୁରୀ କୁହନ୍ତି, ଏହା ଏକ ଭଲ ବ୍ୟବସ୍ଥା। କିନ୍ତୁ ଏହାଦ୍ୱାରା କ୍ଷମତାର ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ହେଲା କିନ୍ତୁ ପ୍ରକୃତ କ୍ଷମତା ମିଳିନାହିଁ। ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଲଦିଦେଇ କ୍ଷମତା ଅନ୍ୟ ହାତରେ ଥିଲେ ତାହା ବ୍ୟବସ୍ଥାକୁ ଚଳିଲ କରିପାରେ। ଉଦାହରଣ ସ୍ୱରୂପ, ଗୋଟିଏ ଘରେ ୨ ଜଣ ଥିବେ। ଅଞ୍ଚଳ ସଫା ରହିବ। ସେହି ଘରେ ଯଦି ୧୨ ଜଣ ହେବେ ତେବେ ନିଶ୍ଚିତ ଭାବେ ତାହା ଅସଫା ହେବ। ୧୯୩୦ରେ ବ୍ରିଟିଶ ସରକାର ବିଭିନ୍ନ ଦିଗକୁ ତର୍ଜମାକରି ବ୍ରହ୍ମପୁରକୁ ଭଲ ପୌରପାଳିକାର ମୋହର ମାରିଥିଲେ। ଏବେ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି। ସେହି ଅନୁସାରେ ଅଞ୍ଚଳ ବି ବଢ଼ିଛି। ୨୭ ୱାର୍ଡରୁ ୪୨ ହୋଇଛି। ସେହି ଅନୁସାରେ ବିକାଶ ବି ହୋଇଛି। କିନ୍ତୁ ଲୋକଙ୍କୁ ସଶକ୍ତ କରିବା ପାଇଁ ପ୍ରଣୀତ ଏହି ବ୍ୟବସ୍ଥାରେ ଏନ୍‌ଏସି ଓ ମ୍ୟୁନିସିପାଲିଟିଗୁଡ଼ିକ କେତେ ପରିମାଣରେ ସଫଳ ହୋଇଛନ୍ତି ତାହା ଆକଳନ କରିବା ମୁସ୍କିଲ। ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳଗୁଡ଼ିକରେ ଶାସନ ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ। ସେମାନେ ନିଜ ନେତା ନିଜେ ବାଛିବେ, ସିଏକି ତାଙ୍କୁ ଶାସନ କରିବ। ଲୋକଙ୍କ ପାଇଁ ଯାହା ଯାହା ଦରକାର ତାହା ଠିକ୍ ଭାବରେ ଯୋଗାଇ ଦିଆଯାଉଛି କି ନାହିଁ ତାହାକୁ ଲୋକେ ହିଁ ପରଖି ଏହି ମାପକାଠି ନିର୍ଣ୍ଣୟ କରିପାରିବେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପ୍ରଫେସର ଜୟନ୍ତ କୁମାର ପଣ୍ଡା କୁହନ୍ତି, ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ସମସ୍ତେ ସାମିଲ ହେବା ଉଚିତ। ଏହା ଗୋଷ୍ଠୀଗତ ଉନ୍ନତିରେ ସହାୟକ ହୋଇଥାଏ। ଲୋକଙ୍କୁ ସଶକ୍ତ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଲୋକଙ୍କର ପ୍ରମୁଖ ଦାୟିତ୍ୱ ରହିଛି। ଅନେକ ସ୍ଥାନରେ ଏହା ସଫଳ ହୋଇଆସୁଛି। ଜନସାଧାରଣ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଦୃଢ଼ ହେଲେ ଭବିଷ୍ୟତରେ ଏହା ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ।

**–ଅଶୋକ କୁମାର ସାହୁ**, ବ୍ରହ୍ମପୁର

# ବିକାଶ ଅପେକ୍ଷା ପ୍ରଚାର ଅଧିକ

**୧୨୦ ବର୍ଷର ବାରିପଦା ପୌରପାଳିକା**



ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ୧୨୦ ବର୍ଷରେ ପଦାର୍ପଣ କରିଛି। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ବହୁ ପଛରେ ପଡ଼ିରହିଛି। କର୍ମଚାରୀ ଅଭାବ ପାଇଁ ଅଞ୍ଚଳର ଗମନାଗମନ, ଆମୋଦ ପ୍ରମୋଦ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। ଫଳରେ ବର୍ଷାଦିନେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାକୁ ଆସିଯାଇଛି। ବାରିପଦା ସହରକୁ ସୁରକ୍ଷିତ ରଖିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଯୋଜନା ପ୍ରହସନ ପାଲଟିଛି। ଜମ୍ବୀରା ନଦୀରୁ ପାନୀୟଜଳ ଯୋଗାଣ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାକୁ ନେଇ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଉଛି। ରିଂ-ରୋଡ୍, ଆଡ଼ିବନ୍ଧ, ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ, ଟାଉନ୍ ବସ୍‌ଷ୍ଟାଣ୍ଡ ଓ ବସ୍ ଚଳାଚଳ, ସ୍ୱୟଂ ଚାଳିତ ଟ୍ରାଫିକ୍ ବ୍ୟବସ୍ଥା, ୱାର୍ଡ ସଂଖ୍ୟା ବୃଦ୍ଧି ଭଳି ଯୋଜନା ବାଟବଣା ହୋଇପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ବିକାଶର ବାର୍ତ୍ତା କେବଳ ପ୍ରଚାର ମାଧ୍ୟମରେ ସୀମିତ ରହୁଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନକାଳ ସମୟରେ ବାରିପଦା ସହରର ୨ ବର୍ଗକିମି ଆୟତନକୁ ନେଇ ୧୯୦୫, ଜୁଲାଇ ୧ରେ ପୌରପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ମହାରାଜାଙ୍କ ଦ୍ୱାରା ମନୋନୀତ ହରିଶ୍ ଚନ୍ଦ୍ର ଭଞ୍ଜଦେଓ ଥିଲେ ପ୍ରଥମ ଅଧ୍ୟକ୍ଷ ଓ ମୟୂରଭଞ୍ଜ ରାଜ୍ୟର ସରକାରୀ ଆଇନଜୀବୀ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ପ୍ରଥମ ଉପାଧ୍ୟକ୍ଷ। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା ସହ ବିଭିନ୍ନ ଦିଗରେ ପୌରପରିଷଦ ସର୍ବାଗ୍ରେ ରହିଥିଲା। ତେବେ ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇପାରୁନାହିଁ।

ଏହି ପୌରପରିଷଦ ଅଧୀନରେ ରହିଛି ୨୮ଟି ୱାର୍ଡ। ୨୦୧୧ ଜନଗଣନା ଅନୁଯାୟୀ, ପରିଷଦର ଜନସଂଖ୍ୟା ୧ଲକ୍ଷ ୧୬ହଜାର ଥିବା ବେଳେ ୧୫ ବର୍ଷ ପରେ ତାହା ଦୁଇଲକ୍ଷ ଟପିଯିବଣି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲଠାରୁ ଆରମ୍ଭକରି ଛିନ୍ତାଇ, ରାହାଜାନି ଓ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଅନୁପ୍ରବେଶକାରୀଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ତଥ୍ୟ ମ୍ୟୁନିସିପାଲିଟି ପାଖରେ ନାହିଁ। କାର୍ଯ୍ୟାଳୟରେ ୧୩୫ ପଦବୀ ମଧ୍ୟରୁ ୯୩ଟି ଫାଙ୍କା ପଡ଼ିଛି। ଟ୍ୟାକ୍ସ ଏବଂ ଦେୟ ସଂଗ୍ରହ କରୁଥିବା ୨୮ କର୍ମଚାରୀଙ୍କ ମଧ୍ୟରୁ ୨୦ଟି ପଦବୀ ଖାଲିରହିଛି। ସହରରେ ବହୁତଳ ପ୍ରାସାଦ ନିର୍ମାଣ ବଢୁଥିଲେ ହେଁ କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟ ବୃଦ୍ଧି ପ୍ରତି ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ସହରକୁ କଂକ୍ରିଟୀକରଣ କରି ଚାକଚକ୍ୟ କରିବାରେ ଲାଗିଛି। ଗମନାଗମନ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାରୁ ବର୍ଷାଦିନେ ସହରବାସୀଙ୍କ ଘରେ ବର୍ଷା ଜଳ ପ୍ରବେଶ କରୁଛି। ସେହିପରି ସଫେଇ କର୍ମଚାରୀ ପଦବୀ ୨୬ଟି ଫାଙ୍କା ପଡ଼ିଥିବାରୁ ବିଭିନ୍ନ ୱାର୍ଡରେ ଡ୍ରେନ୍ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣ ହୋଇଥିଲେ ମଧ୍ୟ ଶତପ୍ରତିଶତ ସଫଳତା ମିଳିପାରିନାହିଁ।

ପୌରପାଳିକାର ନିଜସ୍ୱ କାର୍ଯ୍ୟାଳୟଟି ୧୯୧୭ ମସିହା ରାଜରାଜୁଡ଼ା ଅମଳରେ ନିର୍ମାଣ କରାଯାଇଥିବା ବେଳେ ତାହା ଦୂରକୁ ସୁନ୍ଦର ଭାବେ ଉଭା ହୋଇଛି। ଜ୍ୟୁବିଲି ଲାଇବ୍ରେରି ଓ ବାରିପଦା କ୍ଲବ ଭଳି କେତେକ ଅନୁଷ୍ଠାନ କେବଳ ସ୍ମୃତିର ମୂକସାକ୍ଷୀ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜବରଦଖଲକାରୀଙ୍କ ପାଇଁ ପୌରପରିଷଦର ମାନଚିତ୍ର ବଦଳିଥିବା ବେଳେ ବେଆଇନ ଗୃହ, ରାସ୍ତା, ଡ୍ରେନ୍ ଓ ଦୋକାନ ଗୃହ ନିର୍ମାଣ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଗାଡ଼ିମୋଟର ଚଳାଚଳ ଓ ଦୋକାନ ବୃଦ୍ଧି ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତି ପୌରପାଳିକା ବୟସ ତୁଳନାରେ ପଛରେ ପଡ଼ିଛି। ଅସ୍ତିଆ, ଚିପଟ ଅସ୍ତିଆ, ରଘୁନାଥପୁର, ମୁର୍ଗାବାଡ଼ି ଓ ପାଲବଣି ଅଞ୍ଚଳକୁ ପୌରପରିଷଦରେ ସାମିଲ ସହିତ ୱାର୍ଡସଂଖ୍ୟା ବୃଦ୍ଧି କରାଗଲେ ସହରାଞ୍ଚଳ ବିକାଶ ଯୋଜନାରେ ଲୋକମାନେ ବିଶେଷ ଉପକୃତ ହୋଇପାରନ୍ତେ। ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ସମସ୍ତେ ଏକ୍ ହୋଇ ସହଯୋଗର ହାତ ବଢ଼ାଇଲେ ପୌରପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

**– ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପିଲ୍ଟ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତର୍ଦ୍ଧ ଆକାଉଣ୍ଟାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର
PR-89/CI/25-26



**Government of Odisha** No.B-442

**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**

E-mail ID - sectcrb_2006@yahoo.co.in
Tel/Fax - 0671-2301751/2302751

**('e'-PROCUREMENT NOTICE)**
**Bid Identification No.CCE.Ctc.(R&B) 5/2025-26**

1 The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2 No. of work : 04 Nos.
3 Nature of work : Road works
4 Class of contractor : **'B' & 'A' Class**
5 Tender paper cost : Rs. 10000/- **(online)**
6 Available of bid document in the website : **From 01.09.2025 to 17:30 Hours of 15.09.2025**
7 Date of opening of bid : **Dt. 16.09.2025 at 11.00 Hours**
8 The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

OIPR-34012/11/0042/2526
Sd./- Chief Construction Engineer
Cuttack (R&B) Circle


# ପଛରେ ପଡ଼ିଛି ରାଜ୍ୟର ପ୍ରଥମ ମ୍ୟୁନିସିପାଲିଟି

ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ାଠାରେ ୧୮୬୯ ମାର୍ଚ୍ଚ ୧୦ରେ ପ୍ରତିଷ୍ଠା ହୋଇଥିଲା। କେନ୍ଦ୍ରାପଡ଼ା କେବଳ ପ୍ରଥମ ମ୍ୟୁନିସିପାଲିଟି ନୁହେଁ, ଏହି ସହର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ ରାଜ୍ୟର ପ୍ରଥମ କେନାଲ(୧୮୬୯ ମେ' ୨୯) ଭାବେ ମାନ୍ୟତା ପାଇଛି। ସେହିପରି ମହିଳାଙ୍କୁ ଶିକ୍ଷା ଦେବା ପାଇଁ ଇଂରେଜମାନେ ଫେଜର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶିକ୍ଷାର ବିକାଶ ଲାଗି ତତ୍କାଳୀନ ସମୟରେ ପ୍ରତିଷ୍ଠା ହୋଇଥିବା ସହରର ପୁରୁଣା ବସ୍‌ଷ୍ଟାଣ୍ଡର ଡାଇମଣ୍ଡ ଜୁବିଲି ପାଠାଗାର ଏବେବି ଐତିହାସିକ ସ୍ୱାକ୍ଷର ବହନ କରୁଛି। ଆଖପାଖ ୬.୪୭ ବର୍ଗକିଲୋମିଟର ମଧ୍ୟରେ ଥିବା ୧୪ଟି ପଡ଼ା ଗ୍ରାମକୁ ନେଇ ଗଠିତ ଏହି ମ୍ୟୁନିସିପାଲିଟିରେ ୧୮୮୭ ମସିହାରେ ଲୋକାଲ ବୋର୍ଡ ଗଠନ ହୋଇଥିଲା। ଏଠାରେ ପ୍ରଥମଥର ୱାର୍ଡ କାଉନ୍‌ସିଲର ନିର୍ବାଚନ ୧୯୧୧ରେ ଅନୁଷ୍ଠିତ ହୋଇଥିଲା। ତେବେ ୧୮୮୫-୮୬ ମସିହାରେ ଏହାର ଲୋକସଂଖ୍ୟା ଥିଲା ମାତ୍ର ୧୫,୭୧୯। ସମ୍ପ୍ରତି ଏହି ମ୍ୟୁନିସିପାଲିଟି ୨୧ଟି ୱାର୍ଡରେ ପରିଣତ ହୋଇଛି। ଏଠାରେ ଏବେ ୬୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସହରର କଳେବର ମଧ ବଢୁଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରୁ ଜଜାଙ୍ଗ, ଅପରପକ୍ଷରେ ୫୩(କ) ଜାତୀୟ ରାଜପଥର ଛତାଠାରୁ ହଜାରୀ ଛକ ଯାଏ ସହର ଲମ୍ବିଗଲାଣି। ଏହାକୁ ହିସାବ ରଖିଲେ ସହରରେ ଏବେ ୧ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଉଥିଲେ ମଧ ପୌରାଞ୍ଚଳର ପରିସୀମା ବୃଦ୍ଧି ପାଉନି।




ନିକଟରେ ଏହାର ପରିସୀମା ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରର ବିକାଶ ସହିତ ୧୫୬ ବର୍ଷର ଏହି ପୌରାଞ୍ଚଳ ସବୁବେଳେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି। ଏଠାକାର ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ଅଭାବ ସହିତ ଭିତ୍ତିଭୂମି କ୍ଷେତ୍ରରେ ବହୁପଛରେ ପଡ଼ିଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସହରବାସୀଙ୍କ ସମେତ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବି ଜାରି ରହିଛି। କୃଷି ବିଶ୍ୱବିଦ୍ୟାଳୟ, ସ୍ୱରୋଜଗାର ଓ କର୍ମନିଯୁକ୍ତି ପାଇଁ ତାଲିମ୍ କେନ୍ଦ୍ର ଏଠାରେ ଅଭାବ ରହିଛି। ଆଗାମୀ ଦିନରେ ଏହି ଜିଲାରେ ବିଭିନ୍ନ ଶିଳ୍ପ ସହ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖିଲେ ସହରର ରାସ୍ତା ସମସ୍ୟା ଅଧିକ ଉତ୍କଟ ହେବ। ତିନିମୁହାଣୀ ସହରର ମୁଖ୍ୟ ଛକ ହୋଇଥିବା ବେଳେ ଏଠାରେ ସରକାରୀ ଓ ବେସରକାରୀ ଅବରୋଧ ଅଧିକ ହୋଇଛି। ଆସନ୍ତା ୫୦ ବର୍ଷର ସହର ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ସୁଲଭ ଶୌଚାଳୟ, ଆଇ ଲଭ୍ କେନ୍ଦ୍ରାପଡ଼ା, ଭେଣ୍ଡିଂ ଜୋନ୍ ଆଦି ଅପ୍ରାସଙ୍ଗିକ ହୋଇପଡ଼ିବ। ସେହିପରି ନିର୍ମାଣାଧୀନ ଗାନ୍ଧୀ ସ୍ମୃତି ପୀଠର ସ୍ଥାନାନ୍ତର ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ବାଇପାସ୍ ରାସ୍ତା ବହୁ ବିଳମ୍ବରେ ଆରମ୍ଭ ହେଉଛି। ମହାଭୋଇ ପୋଖରୀ, ଗୋବରୀ ନଦୀ ଓ କେନାଲରେ ନୌକାବିହାର, ଫୁଟ୍‌ପାଥ୍ ନିର୍ମାଣ ଓ ଆଲୋକୀକରଣ ଇତ୍ୟାଦି ସହର ପାଇଁ ଆବଶ୍ୟକ ହୋଇପଡ଼ିଛି। ସହର ମଧ୍ୟସ୍ଥ ପାର୍କକୁ ଉପଯୋଗୀ କରିବା ସହ ସହରର ସୌନ୍ଦର୍ଯ୍ୟକରଣରେ ଅପ୍ରଶସ୍ତ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି। ଏହି ସହରରେ ବହୁ ଐତିହାସିକ ସ୍ମାରକୀ ଅଛି। ସୂର୍ଯ୍ୟଘଡ଼ି, ପୁରୁଣା ବଳଦେବଜୀଉ ମନ୍ଦିରର ସୁନାକୂଅ, ବାଲାବାବା ମନ୍ଦିର ପରିସରରେ ଥିବା ରାଜାବାବାଙ୍କ ମୂର୍ତ୍ତି ପଛପଟର ସୁଡ଼ଙ୍ଗ ଆଦିକୁ ଅଧିକ ଗୁରୁତ୍ୱ ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିପାରନ୍ତା। ଏହାବ୍ୟତୀତ ଆଧାତ୍ମିକ ପର୍ଯ୍ୟଟନ ସ୍ଥଳ ପାଇଁ ଛୋଟ ଛୋଟ ଆଧାତ୍ମିକ ପ୍ରକଳ୍ପ ଆବଶ୍ୟକ। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ୱେରେଜ୍ ସିଷ୍ଟମ, ପଲିଥିନ ବ୍ୟାନ୍, ରସାବଳୀ ସହିତ ପୋଟଳି ପିଠାକୁ ଜିଲାର ମିଠା ଭାବେ ସ୍ୱୀକୃତି ଦେବା, ଶ୍ରୀବଳଦେବଜୀଉ ଓ ଅନ୍ୟ ଧାର୍ମିକ ପୀଠସ୍ଥଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହରବାସୀ ସଦାସର୍ବଦା ଆଲୋଚନା କରୁଛନ୍ତି।

**–ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/66 ତା.26.08.2025ରିଖ

1) ଟେଣ୍ଡର ସଂ. eTender-CenKUR-224-2025, ତା.18-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ତାଳଚେର - ପାରାଦୀପ ସେକ୍ସନରେ ବିଭିନ୍ନ ୟାର୍ଡରେ ୟାର୍ଡର ଉନ୍ନତି / ଅପଗ୍ରେଡେସନ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 778.70 ଲକ୍ଷ, EMD (₹) : 5,39,400.00, ଶେଷ ହେବା ଅବଧି : 18 (ଅଠର) ମାସ।

2) ଟେଣ୍ଡର ସଂ. e-Tender-CENTKUR-229-2025, ତା.20-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (P.Way)/ଅନୁଗୁଳ ଅଧିନରେ 30.09.2026ରେ ଶେଷ ହେଉଥିବା ଅବଧି ପାଇଁ କେରେଜାଙ୍ଗ ଠାରୁ ତାଳଚେର ରୋଡ଼୍ ଷ୍ଟେସନ ମଧ୍ୟରେ କି.ମି. 140.400 ଠାରୁ 169.537 ପର୍ଯ୍ୟନ୍ତ P.Way ଜୋନାଲ କାର୍ଯ୍ୟର ସମସ୍ତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 148.20 ଲକ୍ଷ, EMD (₹) : 2,24,100.00, ଶେଷ ହେବା ଅବଧି : 12 (ବାର) ମାସ।

3) ଟେଣ୍ଡର ସଂ. e-Tender-CENTKUR-230-2025, ତା.20-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ରାଜ ଆଠଗଡ଼ ଏବଂ ତାଳଚେର ଠାରେ TRD କାର୍ଯ୍ୟଶାଳା ସହିତ ମଡେଲ OHE ପାଇଁ OHE ଏବଂ PSI ଡିପୋରେ ସୁଧାର।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 170.14 ଲକ୍ଷ, EMD (₹) : 2,35,100.00, ଶେଷ ହେବା ଅବଧି : 08 (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.10.09.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼୍
PR-539/Q/25-26



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**

E-mail: eepwdbgh@gmail.com, Phone/Fax: 06646-234819

**INVITATIONS FOR BIDS (I.F.B.)**

No. B-456

**e-Procurement Notice**

**IDENTIFICATION No. IFB-SE PWD BGH No. 09 of 2025-26**

No. 4469 Dated: 22.08.2025

1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Road Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Road Work : 07 Nos.
3. Cost of Tender Paper : Rs.6,000/- & Rs.10,000/-
4. Class of Contractor : "D", "C", "B" Class & Electrical Contractor
5. Date & time of available in website & receipt of Bids : 11.00 Hrs. of 02.09.2025 to 17.00 Hrs. of 11.09.2025
6. Date of Opening of Technical Bid : 12.09.2025 at 11.30 Hrs.
7. The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8. Any corrigendum/addendum will be displayed in the website **https://tendersodisha.gov.in** only.

OIPR-34039/11/0028/2526
Sd./- Superintending Engineer
Bargarh (R&B) Division



No.D-444

GOVT. OF ODISHA

**Government of Odisha "e" Procurement Notice**

**Bid Identification No. PWDK - 11/2025-26**

**No. G2/7875 Dt. 22.08.2025**

e-mail : eepwdkeonjhar@yahoo.com

1 No. of the work : 02 Nos. of Road Work.
2 Estimated cost : **Rs.45.61 Lakh to Rs.80.69 Lakh**
3 Period of completion : **02 (Two) to 03 (Three)** Calendar Months
4 Date and Time of availability of Bid document in the portal : From 10.00 Hr **01.09.2025** to 17.00 Hr of **15.09.2025**
5 Last date / Time for receipt of bids in the portal : 17.00 Hr of **15.09.2025**
6 Date of opening of Bid from Portal : 10.30 Hr of **16.09.2025**
7 Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "http://tendersodisha.gov.in".

OIPR-34004/11/0035/2526
Sd./- Superintending Engineer,
Keonjhar (R&B) Division


ରାଜ୍ୟ ଖବର

# ଶିଶୁଭବନରେ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି

ଭୁବନେଶ୍ୱର, ୩୦।୮
(ବନ୍ଦନା ସେଠୀ)

ଶିଶୁମାନଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ କଟକର ଶିଶୁଭବନ ନାମରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ (ଏସ୍‌ଭିପିପିଜିଆଇପି)ରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ପୂର୍ବରୁ ଏଠାରେ ୪୨୨ଟି ଶଯ୍ୟା ଉପଲବ୍ଧ ଥିଲା। ତେବେ ଶନିବାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଉ ୪୨୪ଟି ଶଯ୍ୟା ମଞ୍ଜୁର କରିଛନ୍ତି। ଫଳରେ ଏଠାରେ ମୋଟ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି ପାଇଛି। ଶିଶୁଭବନରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲା ଏବଂ ପଡୋଶୀ ରାଜ୍ୟରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ପିଲାମାନଙ୍କ ଆବଶ୍ୟକତା ପୂରଣ ହୋଇପାରିବ।

**୫୯ ଅଧ୍ୟାପକ, ଡାକ୍ତର ପଦବୀ ମଞ୍ଜୁର କଲେ ରାଜ୍ୟ ସରକାର**

ସେହିପରି ରାଜ୍ୟ ସରକାର ଶିଶୁ ଭବନ ପାଇଁ ବିଭିନ୍ନ ବର୍ଗରେ ୫୯ଟି ନୂତନ ଅଧ୍ୟାପକ ଏବଂ ଡାକ୍ତର ପଦବୀକୁ ମଧ ମଞ୍ଜୁର କରିଛନ୍ତି। ଏଥିମଧ୍ୟରେ ୫ଟି ପ୍ରଫେସର ପଦବୀ ରହିଥିବାବେଳେ ୧୦ଟି ଆସୋସିଏଟ୍ ପ୍ରଫେସର, ୧୮ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୪ଟି ସିନିୟର ରେସିଡେଣ୍ଟସ୍, ୨ଟି ମେଡିକାଲ ଅଫିସର ପଦବୀ ରହିଛି। ମେଡିକାଲ ଅଫିସର ପଦବୀ ମଧ୍ୟରୁ ଗୋଟିଏ ବ୍ଲଡ୍‌ବ୍ୟାଙ୍କ ଏବଂ ଗୋଟିଏ ଡ୍ରଗ୍ ଷ୍ଟୋର୍ ପାଇଁ ରହିଥିବା ସୂଚନା ଦିଆଯାଇଛି। ଏହି ନୂତନ ମଞ୍ଜୁରୀ ଉପରେ ସନ୍ତୋଷ ପ୍ରକାଶ କରି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ୧୯୬୦ରେ ଶିଶୁଭବନ ପ୍ରତିଷ୍ଠା ହେବା ପରଠାରୁ ଏହି ସମ୍ପ୍ରସାରଣ ସର୍ବାଧିକ। ଏହା ପୂର୍ବ ଭାରତରେ ଏସ୍‌ଭିପିପିଜିଆଇପିକୁ ଏକ ଉନ୍ନତ ଏବଂ ପ୍ରମୁଖ ଶିଶୁ ଚିକିତ୍ସା ପ୍ରତିଷ୍ଠାନରେ ବିକଶିତ କରିବାରେ ସହଯୋଗ କରିବ।


## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-657** **Bid Identification No. Online Tender / 24-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 24-2025-26/ BPR | Road Works under MMSY-TRIP & SETU BANDHANA YOJANA (SBY) | 02 Nos. | From Rs.344.24 Lakhs to Rs.377.25 Lakhs | "A" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 24-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0117/2526
Sd./- Chief Construction Engineer, R.W. Circle, Berhampur



## ODISHA CONSTRUCTION CORPORATION LIMITED, BHUBANESWAR, ODISHA

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1591

**e-Procurement Notice No. 41/OCCL/2025-26 (Online)**

Online item rate tender is invited for the following works:

| Sl. No. | Name of Work | Name of Division | Bid Identification No. | Approx Value of Work | Bid Security (In Rs.) | Period of Completion (in Months) | Availability & submission of tender of tender (Online) |
|---|---|---|---|---|---|---|---|
| 1 | Renovation of Papanga Minor (C.C. Lining) from RD 1500 M to RD 8870 M for the year 2024-25 | Burla Irrigation Division | OCCL-SMP/16/2025-26 | Rs.2.30 Crore | Rs.2,30,000/- | 6 Calendar Months | From 04.09.2025, 03.30 P.M. to 24.09.2025, 05.30 P.M. |
| 2 | Renovation (C.C., Lining) of Lahanda Minor in between RD 00 M to RD 6000 M for the year 2024-25 | Burla Irrigation Division | OCCL-SMP/17/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 3 | Renovation (C.C. Lining) of Banipali Minor in between RD 00 M to RD 3962 M & Porbari Minor from RD 00 M to RD 1750 M for the year 2024-25 | Burla Irrigation Division | OCCL-SMP/18/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 4 | Construction of C.C. Lining from RD 60 M to RD 1800 M of Behera Distributary | Bargarh Irrigation Division | OCCL-SMP/19/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 5 | Improvement to Khandahata Sub-Minor | Bargarh Irrigation Division | OCCL-SMP/20/2025-26 | Rs.2.27 Crore | Rs.2,27,000/- | 6 Calendar Months | |
| 6 | Improvement to Sambalpur Ditributary in between RD 11500 M to RD 12500 M for the year 2024-25 | Sambalpur Irrigation Division | OCCL-SMP/21/2025-26 | Rs.2.31 Crore | Rs.2,31,000/- | 6 Calendar Months | |
| 7 | Improvement to Sambalpur Distributary in between RD 5650 M to RD 6700 M for the year 2024-25 | Sambalpur Irrigation Division | OCCL-SMP/22/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 8 | Improvement to Sambalpur Distributary in between RD 7445 M to RD 8610 M for the year 2024-25 | Sambalpur Irrigation Division | OCCL-SMP/23/2025-26 | Rs.2.28 Crore | Rs.2,28,000/- | 6 Calendar Months | |
| 9 | Improvement to Resham Distributary within RD 60 M to RD 7050 M | Barpalli Irrigation Division | OCCL-SMP/24/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 10 | Improvement to Rampur Distributary within RD 320 M to RD 7980 M | Barpalli Irrigation Division | OCCL-SMP/25/2025-26 | Rs.2.28 Crore | Rs.2,28,000/- | 6 Calendar Months | |

Procurement Officer : Managing Director, OCCL
Date of Opening of the Tender: 25.09.2025, 12.00 Noon onwards
Further details can be seen from the e-procurement portal: **https://www.tendersodisha.gov.in, https://odishaconstruction.com**

OIPR-34120/11/0065/2526
Sd./- Managing Director



## ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग, भवन प्रमंडल, गोड्डा।

**e-Procurement Notice**

ई–टेन्डर रेफरेन्स नं0– BCD/EE/08/Godda/2025-26 दिनांक– 29.08.2025

| | | |
|---|---|---|
| 1. | कार्य का नाम | Construction of 50 Bedded Girls Hostel, at- Volleyball Training Centre, Godda. |
| 2. | प्राक्कलित राशि (रू0) | रू0 2,69,37,700.00 (दो करोड़ उनहत्तर लाख सैंतीस हजार सात सौ) मात्र। |
| 3. | कार्य पूर्ण की अवधि | 11 (ग्यारह) माह |
| 4. | वेबसाईट पर निविदा प्रकाशन की तिथि | 18.09.2025 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 25.09.2025 11:00 बजे |
| 6. | निविदा प्रकाशित करने वाले कार्यालय का नाम एवं पता | ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग भवन प्रमंडल, गोड्डा। |
| 7. | निविदा खोलने की तिथि/समय एवं स्थान | 26.09.2025 12:00 बजे नोडल पदाधिकारी, ई–प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 8709838492 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 8285834461 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता बंद कर दिया जाता है जो उसकी संपूर्ण जवाबदेही आपकी होगी।
• अन्य किसी भी प्रकार की सूचना बदलाव **http://jharkhandtenders.gov.in** पर देखा जा सकता है।

ई–प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग,भवन प्रमंडल, गोड्डा।
PR 360784 Building(25-26)D

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶରେ ଉତ୍ପାଦନ ହେବ ଟେମ୍ପର୍ଡ ଗ୍ଲାସ୍

■ନୋଏଡ଼ାରେ ପ୍ରଥମ କାରଖାନା ଉଦ୍‌ଘାଟନ କଲେ ଅଶ୍ୱିନୀ ବୈଷ୍ଣବ
■ପ୍ରସ୍ତୁତ ହେବ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍



**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ଏଣିକି ଦେଶରେ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ନୋଏଡାରେ ଭାରତର ପ୍ରଥମ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ କାରଖାନାର ଉଦ୍‌ଘାଟନ କରିଛନ୍ତି। ଓପ୍ଟିଏମ୍ସ ଇଲେକ୍ଟ୍ରୋନିକ୍ସ ଓ ଆମେରିକାର କର୍ଣ୍ଣିଂ ଇନ୍‌କର୍ପୋରେଟେଡ୍ ମିଳିତ ଭାବେ ଏହି କାରଖାନା ସ୍ଥାପନ କରିଛନ୍ତି। ଇଞ୍ଜିନିୟର୍ଡ ବାଇ କର୍ଣ୍ଣିଂ ବ୍ରାଣ୍ଡ ଅଧୀନରେ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। ଏହି ଉତ୍ପାଦ ଦେଶୀୟ ଓ ଅନ୍ତର୍ଜାତୀୟ ବଜାରକୁ ଯୋଗାଣ କରାଯିବ। ପ୍ରାରମ୍ଭିକ ୭୦ କୋଟି ନିବେଶ ସହ ନୋଏଡାରେ ସ୍ଥାପିତ ଏହି କାରଖାନାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଯାହା କଞ୍ଚାମାଲକୁ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍‌ରେ ରୂପାନ୍ତର କରିବ। ପ୍ରଥମ ପର୍ଯ୍ୟାୟରେ ଏହା ବାର୍ଷିକ ୨୫୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ସହ ୬୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ଦ୍ୱିତୀୟ ପର୍ଯ୍ୟାୟରେ ୮୦୦ କୋଟି ଅତିରିକ୍ତ ନିବେଶ ସହ ବାର୍ଷିକ ୨୦୦୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ, ଯାହା ୪,୫୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହି କାରଖାନାରେ ସ୍କ୍ରାଇବିଂ, ଶେପିଂ, ପଲିସିଂ, ରାସାୟନିକ ଟେମ୍ପରିଂ, କୋଟିଂ, ପ୍ରିଣ୍ଟିଂ ଓ ଲାମିନେଶନ ଭଳି ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା କଡ଼ା ଗୁଣବତ୍ତା ଯାଞ୍ଚ ଅଧୀନରେ ହେବ। ଏହି ଅବସରରେ ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଭାରତ ମୋବାଇଲ ଫୋନର ପ୍ରତ୍ୟେକ ଉପାଦାନ ସହ ଚିପ୍, କଭର ଗ୍ଲାସ୍, ଲାପ୍‌ଟପ୍ ଓ ସର୍ଭର ଉପାଦାନ ଉତ୍ପାଦନ କରି ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବ। ଶୀଘ୍ର ଏକ 'ମେଡ ଇନ ଇଣ୍ଡିଆ' ଚିପ ବଜାରକୁ ଆସିବ, ଯାହା ଆତ୍ମନିର୍ଭର ଭାରତର ଦିଗରେ ଆଉ ଏକ ମାଇଲଖୁଣ୍ଟ ହେବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଗତ ୧୧ ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇ ୧୧.୫ ଲକ୍ଷ କୋଟିର ମୂଲ୍ୟରେ ପହଞ୍ଚିଛି, ଯେଉଁଥିରେ ୩ ଲକ୍ଷ କୋଟିରୁ ଅଧିକ ରପ୍ତାନି ଓ ୨୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ଓପ୍ଟିଏମସ ଇନଫ୍ରାକମ ଲିମିଟେଡ୍ର ଅଧ୍ୟକ୍ଷ ଅଶୋକ କୁମାର ଗୁପ୍ତା କହିଛନ୍ତି, ଟେମ୍ପର୍ଡ ଗ୍ଲାସ ପାଇଁ ଆମେ ଆମଦାନି ଉପରେ ନିର୍ଭରଶୀଳ ଥିଲୁ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଭାରତୀୟ ଓ ଆନ୍ତର୍ଜାତୀୟ ବଜାରକୁ ଉଚ୍ଚମାନର ଉତ୍ପାଦ ଯୋଗାଇବ। ଇଣ୍ଡିଆ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ (ଆଇସିଇଏ)ର ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୁ କହିଛନ୍ତି, ଏହି ଉତ୍ପାଦ କ୍ଷେତ୍ର କେବଳ ଦେଶୀୟ ଚାହିଦା ପୂରଣ କରିବ ନାହିଁ, ବରଂ ଭାରତକୁ ଏକ ପ୍ରମୁଖ ରପ୍ତାନିକାରୀ ଭାବେ ପ୍ରତିଷ୍ଠା କରିବ।

## ଅନୁଗୋଳରେ ଖୋଲିବ ଖିମ୍‌ଜୀ ଜୁଏଲର୍ସର ନୂଆ ଶୋ' ରୁମ୍




**ଅନୁଗୋଳ,୩୦।୮( ମାନସ ବିଶ୍ୱାଳ)**

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ୬୦୦୦ ବର୍ଗ ଫୁଟର ଶୋ'ରୁମ୍ ରବିବାର ଶୁଭାରମ୍ଭ ହେବ। ଏହି ଶୋ'ରୁମ୍ ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋ'ରୁମ୍ ଏବଂ ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋ'ରୁମ୍ ହୋଇଥିବାବେଳେ ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ରହିବେ। ଷ୍ଟୋରର ଷ୍ଟୋର୍ ଲେଆଉଟ୍ ଗ୍ରାହକଙ୍କୁ ଖିମ୍‌ଜୀ ଜୁଏଲର୍ସର ଅନନ୍ୟ କାରିଗରିକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଅନୁଗୋଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ଏବଂ ବର୍ତ୍ତମାନ ଏହା ବନ୍ଧିତ ଆକାଂକ୍ଷା ଓ ଉଦୀୟମାନ ଜୀବନଶୈଳୀର ଜିଲା। ଆମର ନୂତନ ଶୋ' ରୁମ୍ ଜରିଆରେ ଆମେ ଗ୍ରାହକମାନଙ୍କ ନିକଟରେ କେବଳ ଆମର ବିଶ୍ୱାସ ଓ କାରିଗରିର ଐତିହ୍ୟ ନୁହେଁ, ବରଂ ଡିଜାଇନ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ନୂତନ ଶୋ'ରୁମ୍ ଖୋଲିବାକୁ ଉତ୍ସବ ଭାବେ ପାଳନ କରିବା ପାଇଁ ବିଶେଷ ଉଦ୍‌ଘାଟନୀ ଅଫର୍ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍‌ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି, ଖିମଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ବର୍ତ୍ତମାନ ଅନୁଗୋଳରେ ଥିବା ଶୋ'ରୁମ୍ ସହ ଖିମ୍‌ଜୀ ଜୁଏଲର୍ସ ଘରେ ଘରେ ପରିଚିତ ହୋଇଛି।

## ଜାତୀୟସ୍ତରରେ ହାଇଟେକ୍‌କୁ ପୁରସ୍କାର




**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଅନୁଷ୍ଠିତ ଆଇଏପିଏସ୍ଏମ୍ ଜାତୀୟ ସ୍ତରୀୟ ଭିଡିଓ ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱିତୀୟ ପୁରସ୍କାର ହାସଲ କରିଛି। କମ୍ୟୁନିଟି ମେଡିସିନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ ଏବଂ ପିଜି କମ୍ୟୁନିଟି ମେଡିସିନ ବିଭାଗର ସହକାରୀ ପ୍ରଫେସର ଡ. ସୁଭାଶ୍ରୀ ଦାସଙ୍କ ନେତୃତ୍ୱରେ ଏହି ପୁରସ୍କାରପ୍ରାପ୍ତ ଭିଡିଓର ପରିକଳ୍ପନା ଏବଂ ମାର୍ଗଦର୍ଶନ କରାଯାଇଥିଲା। ବିଭାଗର ସ୍ନାତକୋତ୍ତର ଛାତ୍ରୀଛାତ୍ର ଡ. ସୋନିଆ ସାମନ୍ତରାୟ, ଡ. ଅଭିପ୍ସା ପ୍ରଧାନ, ଡ. ପ୍ରୀତୀଶ ଧଳ, ଡ. ସୁବ୍ରତ ପରିଡ଼ା, ଡ. ଦିବ୍ୟଶ୍ରୀ ସୁନନ୍ଦିନୀ ଏବଂ ଡ. ଶ୍ରୀୟଙ୍କା ପ୍ରିୟମଙ୍କ ଜୀବନ୍ତ ଅଭିନୟ କରିଥିଲେ। ଭିଡିଓଟିରେ ଅଭିନବ ଦୃଶ୍ୟ ଏବଂ ପ୍ରଭାବଶାଳୀ ବାର୍ତ୍ତା ମାଧ୍ୟମରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। କଲେଜ କର୍ତ୍ତୃପକ୍ଷ ଦଳଟିକୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଜନସ୍ୱାସ୍ଥ୍ୟ ସଚେତନତା ଦିଗରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଜାତୀୟ ସ୍ୱୀକୃତି ଏକାଡେମିକ ଉତ୍କର୍ଷ , ସୃଜନଶୀଳତା ଏବଂ ସାମାଜିକ ଦାୟିତ୍ୱ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାର ଏକ ପ୍ରମାଣ ଭାବରେ ଛିଡ଼ାହୋଇଥିବା ହାଇଟେକ୍ କର୍ତ୍ତୃପକ୍ଷ କହିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ ପ୍ରୋକ୍ୟୁରମେଣ୍ଟ ନୀତି ଲାଗୁ ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ରାଜ୍ୟର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ସରକାରୀ କ୍ରୟରେ ଅଗ୍ରାଧିକାର ଦେବା ପାଇଁ ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ମାନୁଫାକ୍ଚରିଂ ଏଣ୍ଟରପ୍ରାଇଜେସ୍, ୨୦୨୩ ରାଜ୍ୟ ମନ୍ତ୍ରିମଣ୍ଡଳର ୭୦ତମ ବୈଠକରେ ( ୨୦୨୪ ଜାନୁଆରୀ ୨୨) ଅନୁମୋଦିତ ହୋଇଛି। ତେବେ କିଛି ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଏହି ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ୨୦୨୩ ଓ ତା'ର ପରବର୍ତ୍ତୀ ସଂଶୋଧନଗୁଡ଼ିକୁ ଜିନିଷ କ୍ରୟ ସମୟରେ ପାଳନ କରୁନଥିବା ଲକ୍ଷ୍ୟ କରାଯାଇଛି। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଓ ପ୍ରାଧିକାରୀମାନଙ୍କୁ କ୍ରୟର ମାଧ୍ୟମ ନିର୍ବିଶେଷରେ ଏହି ନୀତିର ବିଧାନଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଳନ କରିବାକୁ ପୁନର୍ବାର ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ୨୦୨୪ ଜାନୁଆରୀ ୨୪ରେ ଜାରି ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ବିଧିବଦ୍ଧ ଭାବେ ଘୋଷିତ ହୋଇଛି। ଏହି ନୀତି ଅନୁଯାୟୀ, ସ୍ଥାନୀୟ ମାଇକ୍ରୋ ଓ ଛୋଟ ଉଦ୍ୟୋଗମାନଙ୍କୁ ମୂଲ୍ୟ ଅଗ୍ରାଧିକାର, କ୍ରୟ ଅଗ୍ରାଧିକାର ଏବଂ ସ୍ୱତନ୍ତ୍ର ତାଲିକାରେ ଥିବା ଜିନିଷ କେବଳ ଓଡ଼ିଶାର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗମାନଙ୍କଠାରୁ କ୍ରୟକରିବା ବାଧ୍ୟତାମୂଳକ କରାଯାଇଛି।


# Classified Everyday
0674-2580101, 9692975378




### BRIDE WANTED

ସୌମ୍ୟ, ସୁନ୍ଦର ୩୪ବର୍ଷ MBA, ଏଲ୍.ଏଲ୍.ବି. ପୁରୀ ଟାଉନରେ ଘରବାଡ଼ି ଥାଇ Lawyer ଭାବେ ଭଲ ରୋଜଗାର କରୁଥିବା ବ୍ରାହ୍ମଣ ପୁଅ ପାଇଁ ଶିକ୍ଷିତ, ସଂସ୍କାରୀ ବ୍ରାହ୍ମିନ ପାତ୍ରୀ ଦରକାର, ଶୀଘ୍ର ବିବାହ ପାଇଁ ଫଟୋ ଓ biodata ସହିତ ଯୋଗାଯୋଗ କରନ୍ତୁ- ୭୯୭୮୬୨୬୪୬୨. ଧ-୧୭୨୪

Wanted Brahmin bride for Brahmin groom, Age-39, Height - 5'8", Costing Inter, Accountant in Tata Power, Contact No-7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

### GROOM WANTED

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




### REAL ESTATE
### SALE

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। **No Broker,** ଯୋଗାଯୋଗ- **9438109040, 8144658008.** D-1802

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803

1350sqft. gharabari plot sale near Balisahi near Sidhabakul lane, Puri, 500mtr. from Puri Jagannath Temple. Contact- 9438485517, 7008942032. D-76851




Two bedroom apartment for small family at Bomikhal, Bhubaneswar with two wheeler garage : 9238574993. D-1787




Newly open health benefits SPA by expert therapist. Contact- 8280961126. D-76935

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Full body massage experience, good looking therapist @999 (bhubaneswar) 8658088274. D-1791

### AFFIDAVIT

I, JUDHISTHIR JENA, Father of No.- 15250580M, GNR (DMT) CHITTARANJAN JENA, resident of At/P.O.- Baunsagarh, Tehsil- Ranpur, Dist.- Nayagarh, State-Odisha, PIN- 752026 have changed my name and Date of Birth from JUDHISTHIR JENA, born on 12.06.1954 (Old), to DURYODHAN JENA, born on 12.06.1965 (New). The proposed new name and correct Date of Birth have been declared vide affidavit dated 05.08.2025 before the Odisha Court. D-1804

By virtue of an affidavit sworn before the Executive Magistrate, Chandbali Tahasil, Chandbali, Dist.- Bhadrak, Odisha dated 26.08.2025, I, Arjuna Das, S/o- Late Umakanta Das, Vill- Hengupati, P.O.- Hengupati, P.S.- Chandbali, Dist.- Bhadrak, PIN- 756131, Odisha declare that I have changed the name of my son from Ishtanrnna Das to Eastern Das. Henceforth, he shall be known as Eastern Das for all purposes.
Arjuna Das
D-1810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manas Kumar Panda, S/o- Late Prahallad Panda residing of At/P.O.- Paida, P.S.- Erasama, Dist.- Jagatsinghpur, PIN- 754138, Odisha declare by this affidavit No.- 3772, dtd- 26.08.2025 that now onwards I shall be known as MANAS PANDA for all future purposes. D-1813

I, B.Chandana Reddy, S/o- B.Rama Chandra Reddy, resident of Village/Post.- Jhadabai, P.S.- Kabisuryanagar, Dist.- Ganjam, PIN- 761104, Odisha declare by this affidavit No.- 544, dtd. 29.08.2025 that now onwards I shall be known as B.CHANDAN REDDY for all future purposes. D-1808

We, Khirod Kumar Sahoo and Tilottama Sahoo parents of Piyush Pritam Sahoo, At/P.O.- Dala, P.S.- Jajpur Road, Dist.- Jajpur (Odisha) 755019 do hereby declared that by virtue of Court of Executive Magistrate, Cuttack. We have corrected our names from Khirod Ku. Sahoo and Tillottama Sahoo to Khirod Kumar Sahoo and Tilottama Sahoo for all purpose. D-1807

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ରାଜ୍ୟ**

## ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ


ସ୍ଥାନୀୟ ଲୋକେ ଖୋଜାଖୋଜିରେ ସହଯୋଗ କରୁଛନ୍ତି।

**କେନ୍ଦୁଝର/ ପାଲଲହଡ଼ା, ୩୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ, ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଗର୍ଜନଖୋଲ ଜଳପ୍ରପାତରେ ଶୁକ୍ରବାର ଗାଧୋଇବା ସମୟରେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଯୁବକ ଜଣକ ହେଲେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ବାଲରାଇ ଗ୍ରାମର ଲିପୁନ ବେହେରା(୧୯)। ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନାହିଁ।

ପ୍ରକାଶ ଯେ, ଲିପୁନ ଅନ୍ୟ ୨ ବନ୍ଧୁଙ୍କ ସହ ପ୍ରାକୃତିକ ଜଙ୍ଗଲ ଘେରା ଗର୍ଜନଖୋଲ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ଲିପୁନ ଗାଧୋଇବା ସହ ଫଟୋ ଉତ୍ତୋଳନ ସମୟରେ ପାଣି ସ୍ରୋତରେ ଭାସିଯାଇଥିଲେ। ବର୍ଷା ଲାଗି ରହିଥିବାରୁ ନାଳର ପ୍ରବଳ ସ୍ରୋତରୁ ବାହାରିପାରି ନ ଥିଲେ। ଭାସିଯାଇ ତଳେ ଥିବା ଜଳାଶୟରେ ପଡ଼ିଯାଇଥିଲେ। ବନ୍ଧୁ ଓ ସ୍ଥାନୀୟ ଗ୍ରାମବାସୀ ଅନେକ ଖୋଜାଖୋଜିକରି ପାଇ ନ ଥିଲେ। ଶେଷରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କ କୌଣସି ପତ୍ତା ମିଳି ନ ଥିଲା। ଜଙ୍ଗଲାଞ୍ଚଳ ହୋଇଥିବାରୁ ଅଗ୍ନିସେବା ଦଳ ଫେରିଆସିଥିଲେ। ଅନୁଗୋଳର ପୋଲିସ ଅଧୀକ୍ଷକ ରାହୁଲ ଜୈନ କହିଛନ୍ତି, ୩ ଜଣ ଯୁବକ ଘଟଣାସ୍ଥଳକୁ ଯାଇଥିଲେ। ଗାଧୋଇବା ସମୟରେ ଜଣେ ନିଖୋଜ ଥିବା ଖବର ପାଇ ଓଡ୍ରାଫ ଏବଂ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି, ଖୋଜାଖୋଜି ସତ୍ତ୍ୱେ ପତ୍ତା ମିଳିପାରିନାହିଁ। ସନ୍ଧ୍ୟା ହୋଇଯିବାରୁ ତଲାସିରେ ବାଧାପ୍ରାପ୍ତ ହୋଇଛି। ରବିବାର ଯାଞ୍ଚ ଜାରି ରହିବ। ଅଦ୍ୟାବଧି କୌଣସି ରିପୋର୍ଟ ଥାନାରେ ହୋଇନାହିଁ।

## କାରଖାନା ଫାଟକ ଆଗରେ ମୃତଦେହ ରଖି ପ୍ରତିବାଦ

**ଯୋଡ଼ା,୩୦।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଁଶାବେଡ଼ାଠାରେ ଥିବା ଏକ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଶୁକ୍ରବାର ମାଟି ଧସି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଶନିବାର ଦବୁନାଠାରେ ଥିବା କମ୍ପାନୀର କାରଖାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଫାଟକ ଆଗରେ ମୃତଦେହ ରଖି କ୍ଷତିପୂରଣ ପ୍ରଦାନ ଦାବିରେ ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, ଉକ୍ତ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଗୁରୁବାର ପୂର୍ବାହ୍ନରେ ପଶ୍ଚିମବଙ୍ଗ ରାଜ୍ୟର ମେଦିନପୁର ଅଞ୍ଚଳର କାର୍ତ୍ତିକ ସାମନ୍ତ(୪୫)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଘଟଣା ଘଟିଥିବା ବେଳେ କମ୍ପାନୀ ପକ୍ଷରୁ ଘଟଣାଚପାଇଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଲୋକଙ୍କ ଦାବି ପରେ କମ୍ପାନୀ ମେଶିନ ଲଗାଇ ମାଟି ତଳୁ ଶ୍ରମିକଙ୍କୁ ବାହାର କରିଥିଲା। ବାମେବାରି ପୋଲିସ ପହଞ୍ଚି ମୃତଦେହ ଯୋଡ଼ାସ୍ଥିତ ଡାକ୍ତରଖାନକୁ ନେଇ ଶବଗୃହରେ ରଖିଥିଲା। ଶନିବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହକୁ କମ୍ପାନୀ ଫାଟକ ସମ୍ମୁଖରେ ରଖି ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଓ ଆର୍ଥିକ କ୍ଷତିପୂରଣ ଦାବି କରିଥିଲେ। ବାମେବାରି ଥାନାରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇଛି। କମ୍ପାନୀର ପାଇପ୍‌ଲାଇନ ଖୋଳା ସମୟରେ ଅଘଟଣ ଘଟିଥିବା ପୋଲିସ ପ୍ରକାଶ କରିଥିଲା। କମ୍ପାନୀ କର୍ପୋରେଟ ଅଧିକାରୀ ସୌମିତ୍ର ପଟ୍ଟନାୟକ କହିଛନ୍ତି, ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନେବ। ଠିକାସଂସ୍ଥା ଏନ୍‌ପ୍ରୋକନର ପ୍ରୋଜେକ୍ଟ ମ୍ୟାନେଜର ଅଭନିଶ୍ ମିଶ୍ରା କହିଛନ୍ତି, ଘଟଣା ଏକ ଦୁର୍ଭାଗ୍ୟଜନକ, ଦୁଃଖଦ ସମୟରେ ମୃତକଙ୍କ ପରିବାରକୁ ସମବେଦନା ପ୍ରଦାନ କରୁଛୁ। ଏଥିସହ ଆମେ ସମସ୍ତ ପ୍ରକ୍ରିୟାଗତ ଆବଶ୍ୟକତାକୁ ପାଳନ କରିବା ପାଇଁ ପୂର୍ଣ୍ଣ ସହଯୋଗ କରୁଛୁ।

# ଯୁବପିଢ଼ି ଓ ଡିଜିଟାଲ ଡିମେନ୍ସିଆ



**ଘରେ ପରିବାର ସଦସ୍ୟଙ୍କ ପାଖରେ ଥିବା ବେଳେ ହେଉ ଅବା କଲେଜରେ ସାଙ୍ଗସାଥୀ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ଥାଇ ସୁଦ୍ଧା ଫାଙ୍କା ସମୟ ମିଳିଲେ ଯାହା ସହିତ ଏବେ ସବୁଠୁ ଅଧିକ ସମୟ ବିତୁଛି, ତାହା ହେଉଛି ମୋବାଇଲ୍ ଫୋନ୍। ହେଲେ ଯାହାକୁ ବର୍ତ୍ତମାନ ଅଧିକାଂଶ ନିଜର ସବୁଠୁ ପ୍ରିୟ ସାଥୀ ଭାବେ ଖାଇବା, ବୁଲିବା, ପଢ଼ିବା, ଶୋଇବା ସବୁବେଳେ ପାଖରେ ରଖୁଛନ୍ତି, ତା'ର ଅଧିକ ବ୍ୟବହାର ହିଁ ସବୁଠୁ ବଡ଼ ଅସୁବିଧାର କାରଣ ସାଜୁଛି। କେବଳ ଫୋନ୍ ନୁହେଁ, ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ର ଆଡିକ୍ସନ ମଧ ଯୁବାବସ୍ଥାରେ ଅନେକଙ୍କଠାରେ ଡିଜିଟାଲ୍ ଡିମେନ୍ସିଆର କାରଣ ସାଜୁଛି...**

**ଡିଜିଟାଲ୍ ଡିମେନ୍ସିଆ ଓ ଏହାର ଲକ୍ଷଣ:** ଅତ୍ୟଧିକ ମୋବାଇଲ୍ ଫୋନ୍, ଲାପଟପ୍, କମ୍ପ୍ୟୁଟର ଆଦି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଦ୍ୱାରା ମସ୍ତିଷ୍କର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ ଏବଂ ଏକ ପ୍ରକାରର ମାନସିକ ସମସ୍ୟା ଦେଖାଦିଏ, ଯାହାକୁ ଡିଜିଟାଲ୍ ଡିମେନ୍ସିଆ କୁହାଯାଏ। ସ୍କ୍ରିନ୍‌ରେ ଅଧିକ ସମୟ ବିତାଇବା ଦ୍ୱାରା ବହୁସଂଖ୍ୟାରେ ଫଟୋ, ଭିଡିଓ, ଆପ୍ସ ଆଖିଆଗକୁ ଆସିଥାଏ, ଯାହାକୁ ଏକାସଙ୍ଗେ ମସ୍ତିଷ୍କ ମନେରଖିପାରେ ନାହିଁ ଏବଂ କନ୍‌ଫ୍ୟୁଜ୍ ହୋଇଯାଏ। ଫଳରେ ବାରମ୍ବାର ଭୁଲିବା, ପଢ଼ାରେ ହେଉ କିମ୍ବା କୌଣସି କାମରେ ଧ୍ୟାନ କେନ୍ଦ୍ରିତ ନ କରିପାରିବା, ଥକିଯିବା ଏବଂ ମାନସିକ ସ୍ଥିତି ଠିକ୍ ନ ରହିବା, ଏକାଗ୍ରତାର ଅଭାବ, ଚିଡ଼ିଚିଡ଼ା ଲାଗିବା, ବ୍ୟବହାରରେ ପରିବର୍ତ୍ତନ ଘଟିବା ଭଳି ଲକ୍ଷଣ ଦେଖାଯାଇଥାଏ। ଯୁବାବସ୍ଥାରେ ଏହା ଅଧିକ ସମୟ ଇଣ୍ଟରନେଟ୍‌ରେ ଅନ୍‌ଲାଇନ୍ ରହିବା, ଗେମ୍ ଖେଳିବା ଆଦି କାରଣରୁ ହୋଇଥାଏ।

**କେଉଁ ବୟସରେ ଅଧିକ ଦେଖାଯାଉଛି:** ଏକ ସର୍ଭେ ରିପୋର୍ଟ ମୁତାବକ ଯଦିଓ ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସବୁ ବୟସ୍କଙ୍କଠାରେ ଦେଖାଯାଉଛି, ହେଲେ ୨୦-୪୦ ବର୍ଷ ବୟସ୍କଙ୍କଠାରେ ଏହା ସର୍ବାଧିକ ଦେଖିବାକୁ ମିଳୁଛି।



**କିପରି ଦୂରେଇବେ ଏହି ସମସ୍ୟା:**

**କମାନ୍ତୁ ସ୍କ୍ରିନ୍ ଟାଇମ୍:** ଯଥାସମ୍ଭବ ନିଜର ସ୍କ୍ରିନ୍ ଟାଇମ୍ କମାନ୍ତୁ। ଏଥିପାଇଁ ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ, ନିଜ ରୁଚି ଥିବା କାର୍ଯ୍ୟ କରନ୍ତୁ, ଅଧିକରୁ ଅଧିକ ବହି ପଢ଼ନ୍ତୁ, ବୁଲାବୁଲି କରନ୍ତୁ, କିଛି ନୂଆ ଶିଖନ୍ତୁ, ଗାର୍ଡେନିଂ କରନ୍ତୁ ଦେଖିବେ ଏସବୁରେ ଧ୍ୟାନ ଦେଲେ ଉପକୃତ ହେବେ।

**ଡିଜିଟାଲ୍ ଡିଟକ୍ସ ହୋଇପାରେ ଲାଭଦାୟକ:** ଡିଜିଟାଲ୍ ଆଡିକ୍ସନ୍ ଯୋଗୁ ଅନେକେ ପରିବାର, ସାଙ୍ଗସାଥୀ କିମ୍ବା ନିଜ ଲକ୍ଷ୍ୟପଥରୁ ଦୂରେଇ ଯିବା ସହ ଡିଜିଟାଲ୍ ଡିମେନ୍ସିଆ ଭଳି ସ୍ୱାସ୍ଥ୍ୟ ସମସ୍ୟାର ବି ସମ୍ମୁଖୀନ ହେଉଛନ୍ତି। ଏମିତିରେ ନିଜକୁ ଏଥିରୁ ଦୂରେଇ ରହିବା ଲାଗି ଡିଜିଟାଲ୍ ଡିଟକ୍ସ ଉପାୟ ଆପଣେଇପାରିବେ, ଅର୍ଥାତ୍ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ଆପଣାନ୍ତୁ ପୋମୋଡୋରୋ ଟେକ୍‌ନିକ୍:** ଯଦି ପାଠପଢ଼ା କିମ୍ବା ଜବ୍ ପାଇଁ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଜରୁରୀ, ତେବେ ଡିଜିଟାଲ୍ ଡିମେନ୍ସିଆ ସମସ୍ୟା ନ ଦେଖାଦେବା ଲାଗି ପୋମୋଡୋରୋ ଟେକ୍‌ନିକ୍ ଆପଣାଇଲେ ଉପକୃତ ହେବେ। ଏହା ଫ୍ରାନ୍ସେସ୍କୋ ସିରିଲୋଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଉପାୟ ; ଯେଉଁଥିରେ ଫୋନ୍, ଲାପ୍‌ଟପ୍ ଆଦି ଗ୍ୟାଜେଟ୍‌ରେ କାମ କରିବା ବେଳେ ପ୍ରତି ୨୫ ମିନିଟ୍‌ରେ ୫ମିନିଟ୍‌ର ଶର୍ଟ ବ୍ରେକ୍ ନେବା ଏବଂ ଚାରିଥର ଏପରି କରିବା ପରେ ୨୫-୩୦ ମିନିଟ୍‌ର ଏକ ଲଙ୍ଗ୍ ବ୍ରେକ୍ ନେବା। ଏହାଦ୍ୱାରା କାମରେ ଫୋକସ୍ ଆସିଥାଏ, ବର୍ନଆଉଟ୍ ହେବା ଭଳି ସମସ୍ୟା ଦୂର ହୋଇଥାଏ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍ ବ୍ୟବହାର କରିବା କିମ୍ବା ପାଖରେ ରଖି ଶୋଇବା ବେଳେ ଆସୁଥିବା ନୋଟିଫିକେଶନ୍ ଯୋଗୁ ବାରମ୍ବାର ନିଦ ଭାଙ୍ଗିବା ଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏଭଳି କାରଣ ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ ଏହା ପ୍ରଭାବ ପକାଇଥାଏ ଏବଂ ଡିମେନ୍ସିଆ ଦେଖାଦିଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।


## ଯୁବପିଢ଼ିଙ୍କ ପାଇଁ କ୍ଷତିକାରକ ଡିଜିଟାଲ ଡିମେନ୍ସିଆ



ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସମଗ୍ର ପୃଥିବୀରେ ସବୁବର୍ଗ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ଏକ ବଡ ସମସ୍ୟା ପାଲଟିଛି। ଏଥିରେ ସ୍ମାର୍ଟଫୋନ୍ ଏବଂ ଟେକ୍ନୋଲୋଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ମାନସିକସ୍ତରରେ ନକରାତ୍ମକ ପ୍ରଭାବ ପଡିଥାଏ ଏବଂ ଅଳ୍ପ ସମୟର ସ୍ମୃତିଶକ୍ତି ହ୍ରାସ ହୋଇଥାଏ। ଏହାଦ୍ୱାରା କିଛି କଥା ମନେ ପକାଇବା, ସଠିକ୍ ଶବ୍ଦ ବାଛିବା ଅସୁବିଧା ହୋଇଥାଏ। ଏସବୁ ଡିଜିଟାଲ୍ ଗ୍ୟାଜେଟ୍ ଅଧିକ ବ୍ୟବହାର କଲେ ଧ୍ୟାନ ଦେବାର ସାମର୍ଥ୍ୟ ଏବଂ ଏକାଗ୍ରତା ବଜାୟ ରଖିବା କଷ୍ଟକର ହୋଇଥାଏ। ଏହାଥିଯୋଗୁ ନିଦ୍ରାହୀନତା, ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ଏଭଳି ମାନସିକ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଇ-ଗ୍ୟାଜେଟ୍ ବ୍ୟବହାରର ସମୟସୀମା କମ୍ କରିବା ନିହାତି ଜରୁରୀ। ଏହା ବ୍ୟତୀତ ନିୟମିତ ଯୋଗ, ବ୍ୟାୟାମ କରିବା, ବହି ପଢିବା, ନୂତନ କୌଶଳ ଶିଖିବା, ସୋସିଆଲ୍ ମିଡିଆରେ ନୁହେଁ ବରଂ ସମୟ ବାହାର କରି ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହ ସମୟ ବିତାଇବା ଆଦି କାର୍ଯ୍ୟ କରିବାଦ୍ୱାରା ଉଭୟ ଶରୀରିକ ଓ ମାନସିକସ୍ତରରେ ଫିଟ୍ ରହିପାରିବେ।

-ଡା. ଅଂଶୁମୋଚନ ସାହୁ,
ଆସୋସିଏଟ୍ ପ୍ରଫେସର,





## ଏ ସପ୍ତାହର ପ୍ରଶ୍ନ ?

୧- ଆଇବିସିଏର ଫୁଲ୍‌ଫର୍ମ ................ ?
୨- ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଇଣ୍ଟରନେଟ୍ ସମିଟ-୨୦୨୫ ............. ମିନିଷ୍ଟ୍ରି ଦ୍ୱାରା ପରିଚାଳିତ ହେଉଛି ?
୩- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?
୪- ପିଏମ୍ ସ୍ୱନିଧି ଯୋଜନା ............... ମିନିଷ୍ଟ୍ରି ଦ୍ୱାରା ଆରମ୍ଭ କରାଯାଇଛି ?
୫- ଶିକାରୀ ଦେବୀ ଅଭୟାରଣ୍ୟ ...............ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ବିହାର
୨ ଚା' ଚାଷ
୩ ଝାଡ଼ଖଣ୍ଡ
୪ କମ୍ଳନ
୫ ମଶା

## ଉତ୍ତର ଦାତା


ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର


ଶକ୍ତିପ୍ରସାଦ ସିଂ, ଭୁବନେଶ୍ୱର


ଜଗନ୍ନାଥ ଚଣ୍ଡୀ, କଳାହାଣ୍ଡି


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ବେତନଯୁକ୍ତ ଜବ୍



୧.... ନ୍ୟୁରୋସର୍ଜନ
୨.... ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର୍
୩.... ଏଆଇ/ଏମ୍ଏଲ୍ ଇଞ୍ଜିନିୟର
୪.... ଡାଟା ସାଇଣ୍ଟିଷ୍ଟ
୫.... ବ୍ଲକ୍‌ଚେନ୍ ଡେଭେଲପର୍
୬.... କର୍ପୋରେଟ୍ ଲୟର
୭.... ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର୍
୮.... ସାଇବର୍ ସିକ୍ୟୁରିଟି ସ୍ପେଶିଆଲିଟି
୯.... ଆନାସ୍ଥେସିଓଲୋଜିଷ୍ଟ
୧୦.... କ୍ଲାଉଡ୍ ଇଞ୍ଜିନିୟର

ଜାଣନ୍ତୁ ଦୁନିଆ


## ଅଙ୍ଗ୍‌କୋର ୱାଟ୍ ମନ୍ଦିର

**ଆମ ଦେଶରେ ଅନେକ ଛୋଟ ବଡ ମନ୍ଦିର ରହିଛି। ହେଲେ ଜାଣନ୍ତିକି ପୃଥିବୀର ସବୁଠାରୁ ବଡ ମନ୍ଦିର କିନ୍ତୁ ଆମ ଦେଶରେ ନୁହେଁ ବରଂ କାମ୍ବୋଡ଼ିଆଠାରେ ରହିଛି। ଯାହାର ନାମ ଅଙ୍ଗ୍‌କୋର ୱାଟ୍। ତେବେ ଏହା ସେହି ଦେଶରେ କେବେ ଓ କିଏ ନିର୍ମାଣ କରାଇଥିଲେ ଜାଣିବା ସେ ସମ୍ପର୍କରେ ...**

➔ଏହି ମନ୍ଦିର କାମ୍ବୋଡ଼ିଆର ସିମ୍ ରିପ୍ ସହରରେ ମିକାଙ୍ଗ୍ ନଦୀତଟରେ ରହିଛି। ପ୍ରାୟ ୪୦୦ ଏକର ପରିମିତ ସ୍ଥାନରେ ଏହି ଭବ୍ୟ ମନ୍ଦିର ସ୍ଥାପନ କରାଯାଇଛି। କୁହାଯାଏ, ଏହି ମନ୍ଦିର ନିର୍ମାଣ କରିବା ଲାଗି ୩୫ ବର୍ଷ ସମୟ ଲାଗିଥିବା ବେଳେ ପ୍ରାୟ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏବଂ ପ୍ରାୟ ୬,୦୦୦ ହାତୀ ନିଯୁକ୍ତ ହୋଇଥିଲେ।

➔ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ଉକ୍ତ ମନ୍ଦିରର ପ୍ରକୃତ ନାମ ବରାହ ବିଷ୍ଣୁଲୋକ କିମ୍ବା ପରମ ବିଷ୍ଣୁଲୋକ ହୋଇଥିଲେ ହେଁ ଏହା ଅଙ୍ଗ୍‌କୋର ୱାଟ୍ ନାମରେ ବିଶ୍ୱପ୍ରସିଦ୍ଧ। କାମ୍ବୋଡ଼ିଆ ଭାଷାରେ ଅଙ୍ଗ୍‌କୋର ଅର୍ଥ ସହର ଏବଂ ୱାଟ୍ ଅର୍ଥ ମନ୍ଦିର। ଅର୍ଥାତ୍ ଅଙ୍ଗ୍‌କୋର ୱାଟ୍ ହେଉଛି ମନ୍ଦିରର ସହର।

➔ଏହି ମନ୍ଦିରର ଅନେକ କାନ୍ଥରେ ରାମାୟଣ ଏବଂ ମହାଭାରତ ଆଦି ହିନ୍ଦୁ ଧର୍ମଗ୍ରନ୍ଥ ଖୋଦେଇ ହୋଇଥିବାର ମନୋରମ ଦୃଶ୍ୟ ଦେଖିବାକୁ ମିଳେ।



➔କାମ୍ବୋଡ଼ିଆରେ ପ୍ରାୟ ୨୭ ଜଣ ଭାରତୀୟ ଶାସକଙ୍କ ଶାସନ ରହିଥିଲା। ସେମାନଙ୍କ ମଧ୍ୟରେ କେତେକ ହିନ୍ଦୁ ହୋଇଥିବା ବେଳେ ଅନ୍ୟମାନେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ତେଣୁ ଏହି ମନ୍ଦିରରେ ବିଶାଳକାୟ ହିନ୍ଦୁ ଏବଂ ବୌଦ୍ଧମୂର୍ତ୍ତି ଦେଖିବାକୁ ମିଳେ।

➔ଖମେର ବାସ୍ତୁକଳାର ଶାସ୍ତ୍ରୀୟ ଶୈଳୀର ସବୁଠାରୁ ଭଲ ଉଦାହରଣ ଦେଖିବାକୁ ମିଳେ ଏହି ମନ୍ଦିରର ପ୍ରତ୍ୟେକ କଳାକୃତିରେ।

➔୧୯୮୩ ମସିହାରେ ଏହି ମନ୍ଦିରକୁ ରାଷ୍ଟ୍ରୀୟ ସମ୍ମାନ ସ୍ୱରୂପ କାମ୍ବୋଡ଼ିଆ ରାଷ୍ଟ୍ରୀୟ ପତାକାରେ ସ୍ଥାନ ଦିଆଯାଇଛି।

➔ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୧୯୯୨ରେ ଏହା ସ୍ଥାନ ପାଇଛି।



## ଅଭୁଲା ଅନୁଭୂତି

# ଛାତ୍ରଙ୍କ ଶ୍ରଦ୍ଧା ଦେଖି ଆନନ୍ଦାଶ୍ରୁ ଝରିଆସିଲା

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଶିକ୍ଷକତା ବୃତ୍ତିକୁ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ତାଙ୍କ ବ୍ୟକ୍ତିଗତ ଜନ୍ମଦିନ ପାଳନ ଉପରେ ଧ୍ୟାନ ଦେବା ଅପେକ୍ଷା ସମାଜ ଗଠନରେ ଶିକ୍ଷକମାନଙ୍କ ଅମୂଲ୍ୟ ଭୂମିକାକୁ ସ୍ୱୀକୃତି ଦେବାର ଏକ ଉପାୟ ଭାବରେ ଦେଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ, ଶିକ୍ଷକମାନେ ସମାଜର ସ୍ତମ୍ଭ ଏବଂ ଜାତୀୟ ପ୍ରଗତି ପାଇଁ ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହି ଭାବନା ତାଙ୍କ ଛାତ୍ର ଏବଂ ବନ୍ଧୁମାନେ ଅଂଶୀଦାର କରିଥିଲେ, ଯାହାଫଳରେ ଭାରତରେ ସେପ୍ଟେମ୍ବର ୫ ତାରିଖରେ ଗୁରୁ ଦିବସ ପାଳନ କରାଯାଏ। ଏହି ମହାନ୍ ବ୍ୟକ୍ତିତ୍ୱ ମୋର ପ୍ରେରଣାର ଉତ୍ସ ଥିଲେ ଏହି ଶିକ୍ଷା ବୃତ୍ତିକୁ ଆପଣେଇବା ପାଇଁ। ତା'ଛଡ଼ା 'ଶିକ୍ଷକଙ୍କ ଦାୟିତ୍ୱ କେବଳ ପାଠପଢ଼ାରେ ସୀମିତ ନ ରହି ସମ୍ପୂର୍ଣ୍ଣ ମଣିଷ ଗଢ଼ିବା ହେଉଛି ସାମାଜିକ ଭାବରେ ଏକ ଗୁରୁଦାୟିତ୍ୱ' ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଆଦର୍ଶ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଶିକ୍ଷକ ବୃତ୍ତି ପାଇଁ ମୁଁ ଆକର୍ଷିତ ହେଲି।

୨ ଅଗଷ୍ଟ, ୧୯୬୭ରେ ସ୍ୱନାମଧନ୍ୟ ରେଭେନ୍ସା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ପରୀକ୍ଷା ସରିଲା। ଦୁଇ ଦିନ ପରେ ଅର୍ଥାତ୍ ୪ ଅଗଷ୍ଟରେ ସେ ସମୟରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଉଚ୍ଚ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁରରେ ଅଧ୍ୟାପକ ଭାବରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କଲି। ଯେଉଁ ମହାବିଦ୍ୟାଳୟରେ ଦିନେ ଛାତ୍ର ଜୀବନ କଟାଇଥିଲି, ସେହିଠାରେ ଅଧ୍ୟାପକ ଚାକିରି ଆରମ୍ଭ, ଏହା ଥିଲା ମୋର ପ୍ରଥମ ସୌଭାଗ୍ୟ। ଚକ୍‌ଖଡ଼ି ଧରି ବ୍ଲାକବୋର୍ଡରେ ପାଠ ଲେଖି ପଢ଼ାଇବା ଆରମ୍ଭ କରିବା ମୁହୂର୍ତ୍ତଟି ଅବର୍ଣ୍ଣନୀୟ, କୋହ ସମ୍ଭାଳି ପାରି ନ ଥିଲି, ଆନନ୍ଦରେ ଆଖିରୁ ଲୁହ ଏବଂ ଛାତିଫୁଲା ସୀମା ବାହାରେ। ସେହି ସମୟରେ ମୋର ଗୁରୁଜନମାନଙ୍କ ଚେହେରା ମୋ ସାମ୍‌ନାରେ ଦୃଶ୍ୟମାନ ହେଉଥାଏ।



କିଛିଦିନ ପରେ ପଡ଼ିଲା ଗୁରୁଦିବସ। ଛାତ୍ରୀଛାତ୍ରମାନେ ଯେତେବେଳେ ଖୁସିରେ ପାଳନ କରୁଥିଲେ, ମୋର ୧୯୫୦-୫୫ ମସିହା ବେଳର କଥା ମନେପଡ଼ିଯାଉଥିଲା। ଗଞ୍ଜାମ ଜିଲାର ନୂଆପଡ଼ା ଗାଁରେ ପ୍ରାଇମେରୀ ସ୍କୁଲରେ ପଢୁଥିବା ବେଳେ କିପରି ଆମେ ଶିକ୍ଷକମାନଙ୍କ ପାଦ ଧୋଇ ଫୁଲ ଦେଇ ସାଷ୍ଟାଙ୍ଗ ପ୍ରଣାମ କରି ଆଶୀର୍ବାଦ ନେଉଥିଲୁ। ଯେଉଁମାନେ ମୋର ଆଦର୍ଶ ଶିକ୍ଷକ ଥିଲେ, ପ୍ରାଇମେରୀ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିବର୍ଷ ଗୁରୁ ଦିବସରେ ମୋର ପ୍ରଣାମ ଜଣାଏ। ଏବେ ପ୍ରାୟ ଆଉ କେହି ମୋର ସେଭଳି ଶିକ୍ଷକ ଜୀବିତ ନାହାନ୍ତି ; ହଁ, ହାତଗଣତି କେତେଜଣଙ୍କୁ ଛାଡ଼ି। ମୋର ଯେଉଁମାନେ ପୁରାତନ ଛାତ୍ରୀଛାତ୍ର, ଅଧିକାଂଶ ବୟସ୍କ, ବର୍ତ୍ତମାନ ସୁଦ୍ଧା ଗୁରୁ ଦିବସରେ ସ୍ମରଣ କରନ୍ତି, ଆସି ନମସ୍କାର ହୁଅନ୍ତି।

ଦିନକର ଘଟଣା। ମୁଁ ଅତିଥି ଭାବେ ଏକ ବିଶ୍ୱବିଦ୍ୟାଳୟକୁ ଯାଇଥାଏ। ସେଠାକାର କୁଳପତି ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ମୋ ପାଦ ଛୁଇଁ ନମସ୍କାର ହୋଇ ମୋ ଆଡ଼କୁ ଚାହିଁ କହିଲେ, ''ଏ ହିଁ ମୋତେ ମଣିଷ କରିଛନ୍ତି ଏବଂ ମୁଁ ଆଜି ଯାହା ହେଇଛି ତାଙ୍କରି ପାଇଁ।'' ମୁଁ ଅବାକ୍ ହୋଇ ଚାହିଁ ରହିଛି। ସମୟ ସହିତ ବୟସ ବଢ଼ିବା ଯୋଗୁ ଚେହେରା ପରିବର୍ତ୍ତନ ହୋଇଯାଇଛି। ତେଣୁ ହଠାତ୍ ଚିହ୍ନି ନ ହେଉଥିଲେ ବି ପରିଚୟ ପାଇବା ପରେ ନିଜ ଛାତ୍ରକୁ କୁଣ୍ଢେଇ ଧରି ରହିଲି, ଆଖିରୁ ଆନନ୍ଦାଶ୍ରୁ ଝରିଆସିଲା। ଜଣେ ଶିକ୍ଷକଙ୍କର ସବୁଠାରୁ ବଡ଼ ଉପଲବ୍ଧି ଜୀବନରେ ଏହାଠାରୁ କ'ଣ ଅଧିକ ଆଶା କରାଯାଇପାରେ।

ଜଣେ ସଫଳ ଶିକ୍ଷକ ହେବା ପାଇଁ ହାଇ ସ୍କୋରିଂ ଛାତ୍ରଛାତ୍ରୀ ହେବା ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ପ୍ରୟୋଜନ ହେଉଛି ଶିକ୍ଷା ବୃତ୍ତି ପାଇଁ ଶ୍ରଦ୍ଧା, ପ୍ରତିବଦ୍ଧତା, ପ୍ରତିଶ୍ରୁତିବଦ୍ଧତା ଏବଂ ଛାତ୍ରୀଛାତ୍ର ମାନଙ୍କୁ ଅନ୍ତରର ସହିତ ଭଲପାଇବା। ଶିକ୍ଷାଦାନ ସହିତ ଏକ ଭଲ ସମାଜ ଗଢ଼ିବା, ପ୍ରକୃତି, ପରିବେଶ, ପରିସଂସ୍ଥା ସଂରକ୍ଷଣ ଓ ସୁରକ୍ଷା ଜଣେ ଆଦର୍ଶ ଶିକ୍ଷକଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ମୋର ଅନୁଭବ ହୁଏ।

**- ଡ. ସୁନ୍ଦର ନାରାୟଣ ପାତ୍ର**
*ଅବସରପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ, ଓଡ଼ିଶା ଶିକ୍ଷା ସେବା*

**ଜୁନିୟର ହକି ବିଶ୍ୱକପ୍**

# ଭାରତରେ ଖେଳିବାକୁ ଆସିବ ପାକିସ୍ତାନ

**ରାଜଗିର, ୩୦।୮(ପି.ଟି.)**




ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ଲାଗି ପାକିସ୍ତାନ ଦଳ ଭାରତ ଟୁର୍ କରିବ। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଶନିବାର ସ୍ପଷ୍ଟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସାମରିକ ବିବାଦ କାରଣରୁ ବିହାରରେ ଚାଲିଥିବା ଏସିଆ କପ୍‌ରୁ ପାକିସ୍ତାନ ଓହରି ଯାଇଥିଲା। ଏଥିଯୋଗୁ ଚେନ୍ନାଇ ଓ ମଦୁରାଇରେ ହେବାକୁ ଥିବା ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଭାଗ ନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା।

ପାକିସ୍ତାନ ଦଳ ଜୁନିୟର ବିଶ୍ୱକପ୍ ପାଇଁ ଭାରତ ଆସିବ। ସେମାନେ ଶୁକ୍ରବାର ରାତିରେ ଏହା ସ୍ପଷ୍ଟ କରିଛନ୍ତି। ଏସିଆ କପ୍‌ରୁ ଓହରିବା ପରେ ସେମାନଙ୍କ ଉପଲବ୍ଧତା ସମ୍ପର୍କରେ ମୁଁ ପଚାରି ବୁଝିଥିଲି। ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ୨୪ରୁ ୨୩ ଦେଶର ଲଙ୍ଗ ଲିଷ୍ଟ ମିଳିସାରିଛି। କେବଳ ପାକିସ୍ତାନ ବାକି ଅଛି। ଆଶା କରୁଛୁ ଗୋଟିଏ କି ଦୁଇ ଦିନରେ ଏହା ଆମକୁ ମିଳିଯିବ ବୋଲି ଭୋଳାନାଥ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯେକୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ପାକିସ୍ତାନ ଆସିପାରିବ। ସରକାର ସେମାନଙ୍କ ଭିଜାକୁ ଅନୁମତି ମଧ୍ୟ ଦେଇଥିଲେ। କିନ୍ତୁ ପାକିସ୍ତାନ କାହିଁକି ଆସିଲା ନାହିଁ, ତାହା କେବଳ ସେମାନଙ୍କୁ ଜଣା। ପାକିସ୍ତାନ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ନ୍ୟୁଜିଲାଣ୍ଡ ସ୍ଥାନ ନେଇଛି। ଏ ସମ୍ପର୍କରେ ଭୋଳାନାଥ କହିଛନ୍ତି ଯେ, ଯଦି ସେମାନେ ଆମ ପୁଲରେ ରହିବେ, ତେବେ ଆମେ ସେମାନଙ୍କ ସହ କାହିଁକି ଖେଳିବୁ ନାହିଁ। ଏହା ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ। ଯଦି ପାକସ୍ତାନ ପ୍ରୋ ଲିଗ୍ ପାଇଁ ଆସିବ, ତେବେ ଆମେ ସେମାନଙ୍କ ବିପକ୍ଷରେ ଖେଳିବୁ।

## ମୁଖ୍ୟ କୋଚ୍ ପଦବୀରୁ ଓହରିଲେ ଦ୍ରାବିଡ

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୬ ପୂର୍ବରୁ ରାହୁଲ ଦ୍ରାବିଡ ମୁଖ୍ୟ କୋଚ୍ ପଦବୀରୁ ଓହରିଯିବେ ବୋଲି ରାଜସ୍ଥାନ ରୟାଲ୍ସ ତରଫରୁ ଶନିବାର ଘୋଷଣା କରାଯାଇଛି। ଏହା ପୂର୍ବରୁ ଫ୍ରାଞ୍ଚାଇଜ୍‌ରେ ଏକ ବଡ଼ ପଦବୀକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଆଇପିଏଲ ସିଜନ ୨୦୨୫ ପୂର୍ବରୁ ଦ୍ରାବିଡ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। କୌତୂହଳର କଥା ଅଧିନାୟକ ସଞ୍ଜୁ ସାମ୍‌ସନ ଫ୍ରାଞ୍ଚାଇଜ୍ ଛାଡୁଥିବା ଗୁଜବ ଶୁଣିବାକୁ ମିଳିବା ପରେ ରୟାଲ୍ସ ପକ୍ଷରୁ ଏହି ଘୋଷଣା କରାଯାଇଛି।

## ପଦକ ନିଶ୍ଚିତ କଲେ ସାତ୍ୱିକ-ଚିରାଗ




**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

**ପ୍ୟାରିସ, ୩୦।୮ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପଦକ ପକ୍କା କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ସେମାନେ ମାଲେସିଆର ଦୁଇଥର ଅଲିମ୍ପିକ ପଦକ ବିଜେତା ଆରୋନ ଚିଆ ଓ ସୋହ ଉଇ ୟିକ୍‌ଙ୍କୁ ୨୧-୧୨, ୨୧-୧୯ରେ ହରାଇ ଦେଇଛନ୍ତି। ବର୍ଷକ ପୂର୍ବେ ଏହି ଦୁଇ ଯୋଡ଼ି ପ୍ୟାରିସରେ ପରସ୍ପରକୁ ଭେଟିଥିଲେ। ସାତ୍ୱିକ-ଚିରାଗ ମ୍ୟାଚରେ ପରାଜିତ ହୋଇ ଏକ ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଥିଲେ। ୨୦୨୨ରେ ଏକ ବ୍ରୋଞ୍ଜ ପଦକ ପରେ ଏହି ଭାରତୀୟ ଯୋଡ଼ି ସେମାନଙ୍କର ଦ୍ୱିତୀୟ ପଦକ ହାସଲ କରିବାକୁ ଯାଉଛନ୍ତି।

## ଗିଲ୍, ରୋହିତ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ


ରୋହିତ ଶର୍ମା ଓ ଶୁବମନ ଗିଲ୍।

**ବେଙ୍ଗାଲୁରୁ,୩୦।୮(ପି.ଟି.)**

ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଫିଟନେସ୍ ଆସେସ୍‌ମେଣ୍ଟ ଓ ଆଗାମୀ ଏସିଆ କପ୍ ଲାଗି ପ୍ରସ୍ତୁତି କରିବା ପାଇଁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ପହଞ୍ଚିଛନ୍ତି। ଭାରତୀୟ ଦଳର ସଦସ୍ୟମାନେ ସେପ୍ଟେମ୍ବର ୪ ତାରିଖରେ ଦୁବାଇରେ ଏକତ୍ରିତ ହେବେ। ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ଓ ପେସର ମହମ୍ମଦ ସିରାଜ ସିଜନ ପୂର୍ବରୁ ଫିଟ୍‌ନେସ ଆସେସ୍‌ମେଣ୍ଟ ପାଇଁ ସିଓଇରେ ପହଞ୍ଚିଛନ୍ତି। ଫିଟ୍‌ନେସ ଟେଷ୍ଟ ରବିବାର ହୋଇପାରେ। ଟି୨୦ ଓ ଟେଷ୍ଟରୁ ଅବସର ନେଇସାରିଥିବା ରୋହିତ କେଉଁ ଭଳି ପରବର୍ତ୍ତୀ ସିଜନ ପାଇଁ ପ୍ରସ୍ତୁତ ହେଉଛନ୍ତି, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ୩୮ ବର୍ଷୀୟ ରୋହିତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍‌ରେ ଖେଳିବେ। ଏଥି ପୂର୍ବରୁ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ ତାରିଖରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ଏ' ପାଇଁ ରୋହିତ ଖେଳିପାରନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରା, ୱାଶିଂଟନ ସୁନ୍ଦର, ଯଶସ୍ୱୀ ଜୟସ୍ୱାଲ ଓ ଶାର୍ଦ୍ଦୂଳ ଠାକୁର ସିଜନ ପୂର୍ବରୁ ବାଧ୍ୟତାମୂଳକ ଫିଟନେସ ଟେଷ୍ଟ ଲାଗି ସିଓଇରେ ପହଞ୍ଚିବେ।

## ଜୋକୋଭିଚ୍, ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

**ନ୍ୟୁୟର୍କ,୩୦।୮**

**ୟୁଏସ୍ ଓପନ**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ ଟୁର୍ଣ୍ଣାମେଣ୍ଟର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚମ ସିଡ୍ ମୀରା ଆଣ୍ଡ୍ରିଭା ଓ ଦଶମ ସିଡ୍ ଏମା ନାଭାରୋ ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୭ (୪/୭), ୬-୨, ୬-୩ ସେଟ୍‌ରେ କାମେରନ ନୋରିଙ୍କୁ ହରାଇଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ପରବର୍ତ୍ତୀ ମ୍ୟାଚ୍‌ରେ ଜର୍ମାନୀର ଜାନ ଲେନାର୍ଡ ଷ୍ଟ୍ରୁଫଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଚତୁର୍ଥ ସିଡ୍ ଟେଲର ଫ୍ରିଜ ୭-୬(୭/୩), ୬-୭(୯/୧୧), ୬-୪, ୬-୪ ସେଟ୍‌ରେ ଜେରମି କିମଙ୍କୁ, ଟୋମାସ ମାକାକ ୭-୫, ୬-୩, ୬-୧ ସେଟ୍‌ରେ ଉଗୋ ବ୍ଲାନଚେଟଙ୍କୁ ଓ ଲେନାର୍ଡ ଷ୍ଟ୍ରୁଫ ୬-୪, ୬-୩, ୬-୭ (୯/୭) ସେଟ୍‌ରେ ୧୭ତମ ସିଡ୍ ଫ୍ରାନସେସ ଟିଆଫୋଙ୍କୁ ହରାଇଛନ୍ତି।



ଆରିନା ସାବାଲେଙ୍କା

ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୬-୩, ୭-୬ (୭/୨) ସିଧାସଳଖ ସେଟ୍‌ରେ ଲେଲା ଫର୍ନାଣ୍ଡେଜଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ବେଳେ ଜଣେ ଦର୍ଶକ ତାଙ୍କ ବାନ୍ଧବୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ସାବାଲେଙ୍କା ରାଉଣ୍ଡ ଅଫ୍-୧୬ରେ ସ୍ପେନର କ୍ରିଷ୍ଟିନା ବୁକସାଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଟେଲର ଟାଉନସେଣ୍ଡ ୭-୫, ୬-୨ ସେଟ୍‌ରେ ଆଣ୍ଡ୍ରିଭାଙ୍କୁ, ବାର୍ବୋରା କ୍ରେଜିସିକୋଭା ୪-୬, ୬-୪, ୬-୪ ସେଟ୍‌ରେ ନାଭାରୋଙ୍କୁ ଓ ଆନ ଲି ୭-୫, ୬-୩ ସେଟ୍‌ରେ ପ୍ରିସ୍କିଲା ହନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

## ଦଳାଚକଟା ପୀଡ଼ିତଙ୍କ ପରିବାର ପାଇଁ ୨୫ ଲକ୍ଷ

**ଆର୍‌ସିବିର ଘୋଷଣା**

**ବେଙ୍ଗାଲୁରୁ,୩୦।୮**

ଗତ ଜୁନ୍ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ପରିବାର ଲାଗି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ୨୫ ଲକ୍ଷ ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

''ଜୁନ ୪ ତାରିଖରେ ଆମ ହୃଦୟ ଭାଙ୍ଗି ଯାଇଥିଲା। ଆମେ ଆର୍‌ସିବି ପରିବାରର ୧୧ ସଦସ୍ୟଙ୍କୁ ହରାଇଥିଲୁ। ସେମାନେ ଆମର ଅଂଶ ଥିଲେ। ଆମ ସହର, ଆମ ସମ୍ପ୍ରଦାୟ ଓ ଆମ ଦଳକୁ ସ୍ୱତନ୍ତ୍ର କରୁଥିବାର ଏକ ଅଂଶ ଥିଲେ। ସେମାନଙ୍କ ଅନୁପସ୍ଥିତି ଆମ ସଭିଙ୍କ ମନରେ ପ୍ରତିଧ୍ୱନିତ ହେବ। ସେମାନେ ଯେଉଁ ଖାଲି ସ୍ଥାନ ଛାଡ଼ି ଯାଇଛନ୍ତି, ତାହାକୁ କେତେ ପରିମାଣର ଟଙ୍କା ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ଭାବେ ଏବଂ ଗଭୀର ସମ୍ମାନ ସହିତ ଆର୍‌ସିବି ପ୍ରତ୍ୟେକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେଉଛି। ଏହା କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା କରୁଣା, ଏକତା ଓ ନିରନ୍ତର ଯତ୍ନର ପ୍ରତିଶ୍ରୁତି। ଏଥିସହିତ ଏହା ଆର୍‌ସିବି କେୟାରର ଆରମ୍ଭ। ସେମାନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ଆରମ୍ଭ ହେଉଥିବା ଅର୍ଥପୂର୍ଣ୍ଣ କାର୍ଯ୍ୟ ପାଇଁ ଏହା ଏକ ଦୀର୍ଘକାଳୀନ ପ୍ରତିବଦ୍ଧତା'' ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି।

**ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠା ଦିବସ**

## ୫ କ୍ରୀଡ଼ା ଖବରଦାତା, ୧୭ ଆଥ୍‌ଲେଟ୍ ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତା ଓ ଆଥ୍‌ଲେଟମାନେ।

**ଭୁବନେଶ୍ୱର,୩୦।୮(ଅନାଦି କର)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଶନିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସିନିୟର କ୍ରୀଡ଼ା ଖବରଦାତା ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ଏସ୍ ରାଜୀବ ଗୌରବ, ମନୋରଞ୍ଜନ ଦାସ ଓ ଶୁଭଲକ୍ଷ୍ମୀ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟ ପଦକ ବିଜେତା ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଆର୍ଯ୍ୟ ବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟ ପ୍ରକାଶ ଘଡ଼େଇ, ପୁନିତ ମହନ୍ତ ଓ ଅମୈଶା ଝାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଅଲିମ୍ପିକ୍ ସଂଘ ସଭାପତି ଓ ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ଦୁଇ ଥରର ବିଶ୍ୱ କରାଟେ ଚାମ୍ପିୟନ ଅମିର ମେହେଦିଜାଦେ, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ।




## 'ଭାରତ କ୍ରୀଡ଼ା ସାମଗ୍ରୀର ନିର୍ମାଣ କେନ୍ଦ୍ର ହେବ'

**ନୂଆଦିଲ୍ଲୀ,୩୦।୮(ପି.ଟି.)**

ଭାରତ ଚଳିତବର୍ଷ ଶେଷସୁଦ୍ଧା ନିର୍ଦ୍ଦିଷ୍ଟ ଭାବେ କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ନୀତି ଆଣିବାକୁ ଯାଉଛି। ଏହା କେବଳ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବ ନାହିଁ, ବରଂ ଏହା ଭାରତକୁ ବିଶ୍ୱରେ ଅଗ୍ରଣୀ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ଭାବେ ପରିଚିତ କରାଇବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ଏହା କହିଛନ୍ତି। ବିଭିନ୍ନ କ୍ରୀଡ଼ାରେ ଆଥ୍‌ଲେଟ୍ସ ଶୀର୍ଷ ସ୍ତରର ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଦେଶରୁ ଆସୁଥିବା ଦାମୀ ସାମଗ୍ରୀ ଉପରେ ନିର୍ଭର କରୁଛନ୍ତି।

''ନଭେମ୍ବର-ଡିସେମ୍ବର ସୁଦ୍ଧା ଏକ ଯୋଜନା ଆରମ୍ଭ କରାଯିବ; ଯାହାଫଳରେ ଭାରତ ଶ୍ରେଷ୍ଠ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ହୋଇପାରିବ। ଏହା ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ସହ ଇକୋସିଷ୍ଟମକୁ ସଶକ୍ତ କରିବ ଏବଂ ଭାରତକୁ ବିଶ୍ୱରେ କ୍ରୀଡ଼ା ସାମଗ୍ରୀର ପ୍ରମୁଖ ରପ୍ତାନିକାରୀ କରିବାରେ ସାହାଯ୍ୟ କରିବ। କ୍ରୀଡ଼ା ଇକୋସିଷ୍ଟମ ଖୁବ୍ ଦ୍ରୁତଗତିରେ ଆଗକୁ ବଢୁଛି। ଆମ ଦେଶ ପାଖରେ କିଛି ବି ହାସଲ କରିବାର ଦକ୍ଷତା ରହିଛି। ଆମକୁ ଆମ ସାମ୍ନାରେ ଥିବା ଚ୍ୟାଲେଞ୍ଜକୁ ବୁଝିବାକୁ ପଡ଼ିବ। ଆଗାମୀ ଦିନରେ ଆମେ ସ୍ପୋର୍ଟ୍ସ ମେଡସିନ, କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ା ଭିତ୍ତିକ ଶିକ୍ଷା ପ୍ରସ୍ତୁତ କରିପାରିବା। ଏଥିରେ ଜିଏସ୍‌ଟି ଭଳି ଅନେକ ଚ୍ୟାଲେଞ୍ଜ ରହିଛି। ଆମକୁ ଏକ ଟାସ୍କଫୋର୍ସ ଗଠନ କରିବାକୁ ପଡ଼ିବ ଏବଂ କ୍ରୀଡ଼ା ଭିତ୍ତିଭୂମି ଲାଗି ଯୋଜନା ଓ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ବିଭିନ୍ନ ଅଂଶୀଦାର, ନୀତି ଆୟୋଗ ଓ ନିର୍ମାଣକାରୀ କମ୍ପାନୀଙ୍କ ସହ ଆଲୋଚନା ମାଧ୍ୟମରେ ନୀତି ପ୍ରସ୍ତୁତ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

## ଓଡିଏମ୍‌କୁ ହରାଇ କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୩୦।୮ (ବିଜୟ ରଣା)**

ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିସ୍ ବିଦ୍ୟାଳୟ ୩-୧ ଗୋଲ୍‌ରେ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ସୋନାରାମ ସୋରେନ, ଉପେନ୍ଦ୍ର ଆମେନ୍ତିଆ ଓ କାନୁ ମାରାଣ୍ଡି ଗୋଲ ସ୍କୋର କରିଥିବା ବେଳେ ପରାଜିତ ଦଳ ପକ୍ଷରୁ ଏକମାତ୍ର ଗୋଲ ପ୍ରୀତମ ଗୁଡୁ ସ୍କୋର କରିଥିଲେ।

ଚାମ୍ପିୟନ ଦଳ ଭାବେ କିସ୍ ଟ୍ରଫି ସହ ୫୦,୦୦୦ ଟଙ୍କା ଏବଂ ରନର ଅପ୍ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟ ଟ୍ରଫି ସହ ୩୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ୨୦ଟି ବିଦ୍ୟାଳୟକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଲୁଜର୍ସ ସେମିଫାଇନାଲିଷ୍ଟ ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ଡିଏଭି ପୋଖରୀପୁଟକୁ ୧୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ଶ୍ରେଷ୍ଠ ଗୋଲ ରକ୍ଷକ: କ୍ରିସ୍ ରାଜ (ବିକାଶ ରେସିଡେନ୍‌ସିଆଲ), ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି: ମୋହନ ମାରାଣ୍ଡି (କିସ୍), ଶ୍ରେଷ୍ଠ ଫରୱାର୍ଡ: ଆଶିଷ କୁମାର (ଓଡିଏମ୍), ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି: ଉପେନ୍ଦ୍ର ଅମାନିତିଆ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ସୋନାରାମ ସୋରେନ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଏବଂ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍.ଆର୍. ପରିଡା, ବରିଷ୍ଠ ଫୁଟ୍‌ବଲ କୋଚ୍ ଆର୍.କେ. ମଣ୍ଡଳ ଏବଂ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ଅଶୋକ ମହାନ୍ତି ଓ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଦିଲୀପ ଦାସ ପରିଚାଳନା କରିଥିଲେ।



ଅତିଥିଙ୍କ ସହିତ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ।

**ଏସିଆ କପ୍ ହକି**

## ବାଂଲାଦେଶ, ମାଲେସିଆ ବିଜୟୀ

**ରାଜଗିର୍ (ବିହାର), ୩୦।୮ (ପି.ଟି.)**

ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଶନିବାର ପୁଲ୍ 'ବି'ରେ ବାଂଲାଦେଶ ଏହାର ଦ୍ୱିତୀୟ ମ୍ୟାଚରେ ଚାଇନିଜ ତାଇପେକୁ ୮-୩ ଗୋଲ୍‌ରେ ପରାସ୍ତ କରିଛି। ବାଂଲାଦେଶ ଏହା ପୂର୍ବରୁ ମାଲେସିଆ ନିକଟରୁ ୪-୧ ଗୋଲ୍‌ରେ ହାରିଯାଇଥିଲା। ଚାଇନିଜ ତାଇପେର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଦଳ ଏହାର ପ୍ରଥମ ମ୍ୟାଚରେ କୋରିଆଠାରୁ ୭-୦ ଗୋଲରେ ପରାଜିତ ହୋଇଥିଲା। ପୁଲ୍ 'ବି'ର ଅନ୍ୟ ଏକ ମ୍ୟାଚରେ ମାଲେସିଆ ୫ଥର ଚାମ୍ପିୟନ କୋରିଆ ବିପକ୍ଷରେ ୪-୧ ଗୋଲ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ବାଂଲାଦେଶ ସେପ୍ଟେମ୍ବର ୧ରେ ଏହାର ଫାଇନାଲ ପୁଲ୍ ମ୍ୟାଚ କୋରିଆ ବିପକ୍ଷରେ ଖେଳିବାକୁ ଥିବାବେଳେ ଚାଇନିଜ ତାଇପେ ସେହିଦିନ ମାଲେସିଆ ବିପକ୍ଷରେ ଖେଳିବ।


ମାଲେସିଆ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ